# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୪ /୨୦୧୯ (୨୦ ପୃଷ୍ଠା) Bhubaneswar, Sunday, February 24/ 2019 (ଛୁଟିଦିନ ସହ) ★★★★

୪୫ଶ ଭାଗ ୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-


DADLS - 283

ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା**

ଢେଙ୍କାନାଳ ଜିଲ୍ଲାରେ ୯୫୩ କୋଟି ଟଙ୍କାର ୧୦୩ଟି ପ୍ରକଳ୍ପ ଏବଂ ଅନୁଗୋଳ ଜିଲ୍ଲାରେ ୧୧୭୯ କୋଟି ଟଙ୍କାର ୩୬ଟି ପ୍ରକଳ୍ପର

## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**୨୪ ଫେବୃଆରୀ ୨୦୧୯ • ରବିବାର**

ପଞ୍ଚୁପଡ଼ା, ଢେଙ୍କାନାଳ • ଅପରାହ୍ନ ୩.୪୫









## ଢେଙ୍କାନାଳ

### ଶୁଭ ଉଦ୍‌ଘାଟନ

- ଗନ୍ଧିଆ, ହିନ୍ଦୋଳ, କାମାକ୍ଷାନଗର, ପର୍ଜଙ୍ଗ ଏବଂ ଢେଙ୍କାନାଳ ସଦର ବ୍ଲକ୍‌ର ୧୮ଟି ଚେକ୍‌ଡ୍ୟାମ୍
- ଢେଙ୍କାନାଳ ସଦର ବ୍ଲକ୍‌ର ରଣପସି ରେଲୱେ ଓଭରବ୍ରିଜ୍
- ଗନ୍ଧିଆ, ଢେଙ୍କାନାଳ ସଦର, ହିନ୍ଦୋଳ, ଓଡ଼ାପଡ଼ା, କାମାକ୍ଷାନଗର, ଭୁବନ, ପର୍ଜଙ୍ଗ ଏବଂ କଙ୍କଡ଼ାହାଡ଼ ବ୍ଲକ୍‌ର ୧୩ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ଢେଙ୍କାନାଳ, ଭୁବନ, କାମାକ୍ଷାନଗର, କଙ୍କଡାହାଡ ବ୍ଲକ୍‌ର ୪ଟି ସଡକ ନିର୍ମାଣ ପ୍ରକଳ୍ପ
- ହିନ୍ଦୋଳ ବ୍ଲକ୍ ଖଜୁରୀଆକଟା ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- କାମାକ୍ଷାନଗର ବ୍ଲକ୍‌ର ରାମିଆଳ ନଦୀରେ ୨ଟି ସେତୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

### ଭିତ୍ତିପ୍ରସ୍ତର ସ୍ଥାପନ

- ୨୯୫୪ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦେବା ପାଇଁ ୮୧.୫୦ କୋଟି ଟଙ୍କାର ଚୁଟିଆ ଏବଂ ସରଦେଇପୁର ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ
- ବସୁଧା ଯୋଜନାରେ ଓଡ଼ାପଡ଼ା ବ୍ଲକ୍‌ର ୨୮ଟି ଗ୍ରାମପାଞ୍ଚାୟତର ୧୩୨ଟି ଗ୍ରାମ ପାଇଁ ୧୨୯ କୋଟି ୬୯ଲକ୍ଷ ଟଙ୍କାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ବସୁଧା ଯୋଜନାରେ ହିନ୍ଦୋଳ ବ୍ଲକ୍‌ର ୩୫ଟି ଗ୍ରାମପଞ୍ଚାୟତର ୧୮୫ଟି ଗ୍ରାମପାଇଁ ୧୫୯ କୋଟି ୭୧ ଲକ୍ଷ ଟଙ୍କାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ଗନ୍ଧିଆ ବ୍ଲକ୍‌ର ଅନ୍ନପୁର ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ
- ହିନ୍ଦୋଳ, କଙ୍କଡାହାଡ ଏବଂ ପର୍ଜଙ୍ଗ ବ୍ଲକ୍‌ରେ ୪ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ଗନ୍ଧିଆ, ଢେଙ୍କାନାଳ, ଭୁବନ ଏବଂ ପର୍ଜଙ୍ଗ ବ୍ଲକ୍‌ରେ ୧୪ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ୨୫୪ କୋଟି ଟଙ୍କା ବ୍ୟୟରେ ଢେଙ୍କାନାଳ ସଦର - କାମାକ୍ଷାନଗର ବ୍ଲକ୍‌ର ବ୍ରାହ୍ମଣୀ ନଦୀ ଉପରେ ୩ ଲେନ୍ ବିଶିଷ୍ଟ ହାଇଲେଭ୍‌ଲ ସେତୁ
- ଢେଙ୍କାନାଳ ସଦର, ଗନ୍ଧିଆ, ଓଡ଼ାପଡ଼ା, ହିନ୍ଦୋଳ ବ୍ଲକ୍‌ରେ ୨୦ଟି ଚେକ୍‌ଡ୍ୟାମ୍ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

## ଅନୁଗୋଳ

### ଶୁଭ ଉଦ୍‌ଘାଟନ

- ଛେଣ୍ଡିପଦା ଏବଂ ଅନୁଗୋଳ ବ୍ଲକ୍‌ର ଓଗି - ପରା - ଟାଇଁସି - ଜଗନ୍ନାଥପୁର ସଡ଼କ ପ୍ରକଳ୍ପ
- ଅନୁଗୋଳ - ଟିକରପଡା ରାସ୍ତାରେ ପୁରୁଣାକୋଟ ନାଳ ଉପରେ ନିର୍ମିତ ସେତୁ
- ଛେଣ୍ଡିପଦା ବ୍ଲକ୍‌ର ଆଉଁଳିନାଳ ଏବଂ ତାଳଚେର ବ୍ଲକ୍‌ର ସିଙ୍ଗଡ଼ା ନାଳ ହାଇଲେଭ୍‌ଲ ସେତୁ
- ଅନୁଗୋଳ, ଆଠମଲିକ, ଛେଣ୍ଡିପଦା ଏବଂ ପାଲଲହଡ଼ା ବ୍ଲକ୍‌ର ୬ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ

### ଭିତ୍ତିପ୍ରସ୍ତର ସ୍ଥାପନ

- ୫୯୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦେବା ପାଇଁ ୧୬୨.୮୦ କୋଟି ଟଙ୍କାର କାଦପଡ଼ା କୁଟେଶ୍ୱର, କୁମିହାଁ ଏବଂ ଓଲଠ ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ
- ଅନୁଗୋଳ ବ୍ଲକ୍ ଡ଼େରଜାଙ୍ଗ ମେନ୍‌କେନାଲରେ ୨ଟି ହାଇଲେଭ୍‌ଲ ସେତୁ
- ଆଠମଲିକ ବ୍ଲକ୍‌ର ଚଡ଼କାନାଳ ଏବଂ ଛେଣ୍ଡିପଦା ବ୍ଲକ୍‌ର ଆଉଁଳିନାଳରେ ୨ଟି ହାଇଲେଭ୍‌ଲ ସେତୁ
- ଅନୁଗୋଳ, କିଶୋରନଗର, ଆଠମଲିକ, ଛେଣ୍ଡିପଦା, ପାଲଲହଡା ଏବଂ ତାଳଚେର ବ୍ଲକ୍‌ରେ ୧୧ଟି ସଡକ ନିର୍ମାଣ ପ୍ରକଳ୍ପ
- ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୱାର୍ଡ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ
- ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ୩୦ ଶଯ୍ୟା ବିଶିଷ୍ଟ ମା ଓ ଶିଶୁ ଚିକିତ୍ସାକେନ୍ଦ୍ର
- ତାଳଚେ଼ର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ
- ମା' ହିଙ୍ଗୁଳା ମନ୍ଦିର ବହୁମୁଖୀ ସାଂସ୍କୃତିକ କମ୍ପ୍ଲେକ୍ସ
- ଛେଣ୍ଡିପଦା, ତାଳଚେର ଓ କଣିହା ବ୍ଲକ୍ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ତାଳଚେ଼ର ବ୍ଲକ୍‌ର ନନ୍ଦିରାଯୋର ଓ ଅନୁଗୋଳ ବ୍ଲକ୍‌ର ରୁକୁଣା ନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

**କାଳିଆ** — କୃଷି କଲେ ଉନ୍ନତ ସକଳ ଉନ୍ନତି

**ଚାଷୀ ମହାସମାବେଶ** — ଢେଙ୍କାନାଳ

କାଳିଆ ଚାଷୀ ମହାସମାବେଶରେ ଯୋଗଦାନ ଏବଂ ଉଦ୍‌ବୋଧନ

15001/13/0593/1819

ସୂଚନା ଓ ଲୋକସମ୍ପର୍କ ବିଭାଗ

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

DSPL-442

ଓଡ଼ିଶା ସରକାର

# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

# ଚାଷୀ ମହାସମାବେଶ

## ଢେଙ୍କାନାଳ

୨୪ ଫେବୃଆରୀ ୨୦୧୯, ରବିବାର



- ୧୦ ଲକ୍ଷରୁ ଅଧିକ ଭୂମିହୀନ ପରିବାରଙ୍କୁ ୧୨୫୦କୋଟି ଟଙ୍କାରୁ ଅଧିକ କାଳିଆ ସହାୟତା
- ପିଲାଙ୍କ ଉନ୍ନତ ଭବିଷ୍ୟତ ପାଇଁ କାଳିଆ ଛାତ୍ରବୃତ୍ତିର ଶୁଭାରମ୍ଭ




୨୫ ଜାନୁଆରୀ ୨୦୧୯




୨୭ ଜାନୁଆରୀ ୨୦୧୯




୩ ଫେବୃଆରୀ ୨୦୧୯




୧୫ ଫେବୃଆରୀ ୨୦୧୯




୨୧ ଫେବୃଆରୀ ୨୦୧୯

କାଳିଆ ଛାତ୍ରବୃତ୍ତି

ପିଲାଙ୍କ ଉନ୍ନତ ଭବିଷ୍ୟତ

## କାଳିଆ ଛାତ୍ରବୃତ୍ତି

ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ

kalia.co.in/scholarship

39001/13/0027/1819

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୪ /୨୦୧୯ | Bhubaneswar, Sunday, February 24/ 2019 | ପୃଷ୍ଠା-୧




## ଦୂତୀଙ୍କୁ ସ୍ୱର୍ଣ୍ଣିମ ସଫଳତା

ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାର ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ୧୭

୧୦

## ପାକିସ୍ତାନ ବିରୋଧରେ କଠୋର ବିଦ୍ୟା ବାଲାନ୍

ପାକିସ୍ତାନ ବିରୋଧରେ ଭାରତ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ୍ ପ୍ରକାଶ କରିଛନ୍ତି।








# ସବୁଜ ମିଶନକୁ ଶକ୍ତ ଧକ୍କା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

### କେନ୍ଦ୍ର ବାଧକ

- ଗ୍ରୀନ୍ ଇଣ୍ଡିଆ ମିଶନ, ଜାତୀୟ ବନୀକରଣରେ ଅଧା ଅର୍ଥ ମିଳୁନି




ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଜଙ୍ଗଲ ହ୍ରାସ ଯୋଗୁ ପ୍ରାକୃତିକ ସନ୍ତୁଳନ କ୍ରମଶଃ ବେଳ ବିଗିଡ଼ିବାରେ ଲାଗିଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ସ୍ୱଳ୍ପ ବୃଷ୍ଟିପାତ ଶସ୍ୟ ଉତ୍ପାଦନ ପାଇଁ ମହାବିପତ୍ତି ହୋଇ ଉଭାହେଲାଣି। ପରିବେଶ ପ୍ରଦୂଷଣ ରୋକିବା ଏବଂ ବନ୍ୟ ଜୀବଜନ୍ତୁଙ୍କୁ ବଞ୍ଚାଇ ରଖିବା ପାଇଁ ସବୁଜ ବଳୟ ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡିଛି। ବର୍ଦ୍ଧିତ ଜନସଂଖ୍ୟା ଯୋଗୁ ବେଳକୁ ବେଳ ଜଙ୍ଗଲ କ୍ଷୟ ହେଉଥିବାରୁ ଏହାକୁ ଭରଣା କରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ବନୀକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ଗତ ୪ ବର୍ଷ ହେବ କେନ୍ଦ୍ର ସରକାରଙ୍କ ଅନୁଦାନ ହ୍ରାସ ରାଜ୍ୟର ସବୁଜ ମିଶନକୁ ଶକ୍ତ ଧକ୍କା ଦେଇଛି।

କେନ୍ଦ୍ର ସରକାର ୮ଟି କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେଇଥିବା ବେଳେ ୨୯ଟି କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ଦେଉଥିବା ଅନୁଦାନକୁ ପ୍ରାୟ ଅଧା କାଟି ଦେଇଛନ୍ତି। ଏଥିଯୋଗୁ ରାଜ୍ୟ ଉପରେ ଆର୍ଥିକ ବୋଝ ବଢି ବଢି ଚାଲିଛି। ତେବେ ଏଥିରୁ କେନ୍ଦ୍ର ସରକାର ଜାତୀୟ ବନୀକରଣ ଯୋଜନା ଓ ଗ୍ରୀନ ଇଣ୍ଡିଆ ମିଶନ ବାଦ ପଡ଼ିନାହିଁ। ଏହି ଯୋଜନାରେ କେନ୍ଦ୍ର ସରକାର ୨୦୧୪ ପୂର୍ବରୁ ରାଜ୍ୟ ସରକାରଙ୍କୁ ଶତପ୍ରତିଶତ ଅର୍ଥ ଯୋଗାଇ ଦେଉଥିଲେ। ତେବେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାକୁ ଆସିବା ପରଠୁ ସବୁଜ ମିଶନ ଆଶା ମଉଳିବାରେ ଲାଗିଛି। ଅନୁଦାନକୁ ୧୦୦ରୁ ୬୦ ପ୍ରତିଶତକୁ ଖସାଇ ଦେବା ଦ୍ୱାରା ଏହି ଯୋଜନା ଏବେ ବାଟବଣା ହୋଇଛି। ତେବେ ଯେତିକି ଅର୍ଥ ଏହି ଯୋଜନାରେ ଯୋଗାଇ ଦେବାକୁ ଅନୁମୋଦନ କରାଯାଇଛି ତାହା ମଧ୍ୟ ମିଳୁ ନାହିଁ। ଜଙ୍ଗଲ ଓ ପରିବେଶ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ରୀନ ଇଣ୍ଡିଆ ମିଶନ ଯୋଜନାରେ କେନ୍ଦ୍ର ସରକାର ୨୦୧୫-୧୬ ଆର୍ଥିକ ବର୍ଷରେ ୬୦ ପ୍ରତିଶତ ଅଂଶ ହିସାବରେ ୩୦୩.୩୭ ଲକ୍ଷ ଟଙ୍କା ଦେବାକୁ ମଞ୍ଜୁର କରିଥିବାବେଳେ ସେଥିରୁ ମିଳିଛି ମାତ୍ର ୧୮୨.୦୨ କୋଟି। ସେହିପରି ୨୦୧୬-୧୭ରେ ୨୪୩.୭୯ ଲକ୍ଷରୁ ୧୪୬.୨୭, ୨୦୧୭-୧୮ରେ ୨୩୪.୨୬ ଲକ୍ଷରୁ ୧୪୦.୫୬ ଏବଂ ୨୦୧୮-୧୯ରେ ଅନୁମୋଦନ କରାଯାଇଥିବା ୧୫୫୨.୧୮ କୋଟି ଟଙ୍କାରୁ ରାଜ୍ୟକୁ ମିଳିଛି ମାତ୍ର ୩୩୫ କୋଟି ଟଙ୍କା। ସେହିପରି ଜାତୀୟ ବନୀକରଣ ଯୋଜନାରେ ୨୦୧୫-୧୬ରେ ରାଜ୍ୟକୁ ମଞ୍ଜୁର କରାଯାଇଥିବା ୧୭୯୨.୧୬ ଲକ୍ଷରୁ ୯୫୩.୭୪୨ ଲକ୍ଷ, ୨୦୧୬-୧୭ରେ ୫୮୩.୩୩ ଲକ୍ଷରୁ ୩୫୦ ଲକ୍ଷ, ୨୦୧୭-୧୮ରେ ୭୭୦.୪୮ ଲକ୍ଷରୁ ୪୬୧.୩୮ ଏବଂ ୨୦୧୮-୧୯ରେ ୧୬୫୮.୮୩ ଲକ୍ଷ ଟଙ୍କାରୁ ୮୧୪.୯୪ ଲକ୍ଷ ଟଙ୍କା ମିଳିଛି। ଅର୍ଥାତ୍ କେନ୍ଦ୍ର ସରକାର ମଞ୍ଜୁର କରୁଥିବା ଅନୁଦାନ ରାଶିରୁ ୫୦ ପ୍ରତିଶତରୁ କମ୍ ଅର୍ଥ ମିଳୁଛି। ଏଭଳି ହେବାର କାରଣ ସମ୍ପର୍କରେ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଭାରତ ସରକାରଙ୍କ କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରିବା ☞ପୃଷ୍ଠା-୨

- ପୁଲ୍‌ୱାମା ଆକ୍ରମଣ ନେଇ ଟ୍ରମ୍ପ୍ କହିଲେ

# ଭାରତ ନେଇପାରେ ବଡ଼ କାର୍ଯ୍ୟାନୁଷ୍ଠାନ

ୱାଶିଂଟନ,୨୩।୨(ପି.ଟି.)

- ଭାରତ-ପାକ୍ ମଧ୍ୟରେ ବିପଜ୍ଜନକ ସ୍ଥିତି
- ଆତ୍ମରକ୍ଷା ପାଇଁ ଦୃଢ଼ ବିକଳ୍ପ ଖୋଜୁଛି ଭାରତ


ଡୋନାଲ୍ଡ ଟ୍ରମ୍ପ୍

ପୁଲୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦର ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏଥିପାଇଁ ନୂଆଦିଲ୍ଲୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଥିବା ସେ ଅନୁଭବକରିପାରୁଛନ୍ତିବୋଲିଟ୍ରମ୍ପକହିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ବିରୋଧରେ ଭାରତ କେତେଗୁଡ଼ିଏ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆତଙ୍କବାଦୀଙ୍କୁ ନିଜ ମାଟିରୁ ଅନ୍ୟ ଦେଶ ବିରୋଧରେ ଆକ୍ରମଣ ପାଇଁ ସୁଯୋଗ ନ ଦେବା ଏବଂ ସହାୟତା ବନ୍ଦକରିବା ଲାଗି ଆମେରିକା ନେତୃତ୍ୱରେ ବିଶ୍ୱ ସମୁଦାୟ ଇସ୍‌ଲାମାବାଦ ଉପରେ ଚାପ ପକାଇଛନ୍ତି। ଏଥିସହିତ ପୁଲୱାମା ଆକ୍ରମଣକାରୀଙ୍କୁ କାଠଗଡ଼ାକୁ ଆଣିବା ଲାଗି ପାକିସ୍ତାନ ଉପରେ ଚାପ ପଡୁଛି। ଟ୍ରମ୍ପ କହିଛନ୍ତି ତାଙ୍କ ପ୍ରଶାସନ ☞ପୃଷ୍ଠା-୨

### ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

**ଅବିମୃଶ୍ୟକାରିତା**

### ଆଜିର ମନ୍ତବ୍ୟ

"ଆମର ଲଢ଼େଇ ଆତଙ୍କବାଦ ବିରୋଧରେ, କଶ୍ମୀରୀଙ୍କ ବିପକ୍ଷରେ ନୁହେଁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାତ୍ତ୍ୱିକ
ପରିବାରବର୍ଗ


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**LOST**

ପୁରୀ ଜିଲ୍ଲା, ସତ୍ୟବାଦୀ ତହସିଲ, ଶ୍ରୀରାମଚନ୍ଦ୍ରପୁର ମୌଜାର ଖାତା ନଂ- ୩୧, ପ୍ଲଟ ନଂ- ୧୪୫୯, ରକବା-ଏ୦.୭୮ ଡିସିମିଲ ସ୍ଥିତିବାନ ଘରବାରି ଜମିର ପଟ୍ଟା ହଜିଯାଇଛି। ଆମ୍ଭ ମିସିଙ୍ଗ ରିପୋର୍ଟ ଆଧାରରେ ପୁରୀ ସଦର ଥାନାରେ ଏସଡିଇ ନଂ- ୯/ତା ୧୫.୦୨.୨୦୧୯ ପଞ୍ଜୀକରଣ କରାଯାଇଛି। ଯଦି କେହି ଉକ୍ତ ପଟ୍ଟା ପାଇଛନ୍ତି। ତେବେ ଆମ୍ଭ ମୋ: ୮୯୦୮୮୯୪୭୭୭ରେ କିମ୍ବା ଶ୍ରୀ ଦେବାଶିଷ ରଥ, ପିତା- ସ୍ୱର୍ଗତ ମାଧବ ରଥ, ବୀରହରେକୃଷ୍ଣପୁର, ପୁରୀଙ୍କ ଠିକଣାରେ ଜଣାଇବାକୁ ଅନୁରୋଧ। ଧ-୩୪୮୯୫

**AFFIDAVIT**



Before the Executive Magistrate Parlakhemundi, Gajapati on dated 20.02.2019 I have changed my name from Zilla Sabar to Jayden Sabar, S/o- Arjuna Sabar of Village- Manikapatana, PO- Ganga Bada, Dist.- Gajapati so hereby state that I shall be known as Jayden Sabar for all purpose. Jayden Sabar.
D-11326

# ୧୩ ଫୁଟର ଅହିରାଜ ଉଦ୍ଧାର


ଉଦ୍ଧାର ହୋଇଥିବା ଅହିରାଜ।

**ଖୁଣ୍ଟା, ୨୩।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଡୁକୁରା ରେଞ୍ଜ ଅଧୀନରେ ଶନିବାର ବନ କର୍ମଚାରୀମାନେ ଏକ ୧୩ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡିଛନ୍ତି। ଡୁକୁରା ରେଞ୍ଜ ଅଧୀନ ଚନ୍ଦନ ଚଟୁରୀ ଫରେଷ୍ଟ ବିଟ୍ କାର୍ଯ୍ୟାଳୟ ନିକଟବର୍ତ୍ତୀ ଏକ ବାଉଁଶ ବୁଦାରେ ଅହିରାଜ ସାପଟି ଚଢି ଥିବାର ସ୍ଥାନୀୟ ଲୋକଙ୍କଠାରୁ ବନ କର୍ମଚାରୀ ଖବର ପାଇଥିଲେ। ପରେ ସ୍ନେକ ହେଲ୍ପ ଲାଇନ ସହାୟତାରେ ଉକ୍ତ ସାପକୁ ଉଦ୍ଧାର କରି ଶିମିଳିପାଳ ଅଭ୍ୟନ୍ତର ଅଞ୍ଚଳ ସିଲୁପାଣି ନାଳ ନିକଟରେ ଛାଡିଛନ୍ତି।

# ‘ନିର୍ବାଚନ ଜିତିବା ପାଇଁ କାମ ହିଁ ଯଥେଷ୍ଟ’

■ ‘ଜଗରନଟ୍ - ଓଡ଼ିଶା ଅନ୍ ମୁଭ୍’ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**



‘ଜଗରନଟ୍ – ଓଡ଼ିଶା ଅନ୍ ମୁଭ୍’ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ନିର୍ବାଚନ ଜିତିବା ପାଇଁ ଆମ କାମ ହିଁ ଯଥେଷ୍ଟ। ୨୦ ବର୍ଷ ମଧ୍ୟରେ ରାଜ୍ୟର ୮୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମା ରେଖା(ବିପିଏଲ୍) ଉପରକୁ ଉଠିପାରିଛନ୍ତି। ଓଡ଼ିଶା ଚାଉଳ ରପ୍ତାନିରେ ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଓଡ଼ିଶାର ଅବଦାନ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ‘ଜଗରନଟ୍ – ଓଡ଼ିଶା ଅନ୍ ମୁଭ୍’ ପୁସ୍ତକ ଉନ୍ମୋଚନ ଅବସରରେ କହିଛନ୍ତି।

ନବୀନ ଆହୁରି କହିଛନ୍ତି ଯେ, ଓଡ଼ିଶାର କୃଷକମାନେ ବିଗତ ଦଶ ବର୍ଷରେ ନିଜ ଆୟକୁ ଦୁଇଗୁଣା କରିପାରିଛନ୍ତି। ସାରା ଦେଶରେ ଭୁବନେଶ୍ୱର କେବଳ ସ୍ମାର୍ଟ ସିଟି ଭାବେ ପରିଚିତ ହୋଇ ରହିନାହିଁ, ନିକଟରେ ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ କରିବା ସହ ଦେଶର କ୍ରୀଡ଼ା ରାଜଧାନୀ ଭାବେ ପରିଗଣିତ ହୋଇଛି। ଭାରତର ଖାଦ୍ୟ ନିଗମକୁ ଓଡ଼ିଶାର ଦାନ ଅତୁଳନୀୟ। ରାଜ୍ୟରେ ଏକ ଟଙ୍କାରେ ୨୫ କି.ଗ୍ରା ଚାଉଳ ଯୋଗାଇ ଦିଆଯାଉଛି। ଏକଦା ବନ୍ୟା, ବାତ୍ୟା, ମରୁଡ଼ି ଓଡ଼ିଶାର ପରିଚୟ ଥିଲା। ହେଲେ ବର୍ତ୍ତମାନ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ ମଡେଲ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଦିବାସୀମାନଙ୍କ ଜଙ୍ଗଲ ଜମି ଅଧିକାର ନେଇ ସୁପ୍ରିମ୍‌କୋର୍ଟ ନିକଟରେ ଏକ ରାୟ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଦେଶର ଅନେକ ରାଜ୍ୟର ଆଦିବାସୀମାନଙ୍କ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ନେଇ ନବୀନଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ, ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ। ସଦାସର୍ବଦା ସେମାନଙ୍କ ସୁରକ୍ଷା ପାଇଁ ଧ୍ୟାନ ଦେଇଆସିଛି। ସେମାନଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିଆସିଛି। ଯଦି ରାୟ ଦ୍ୱାରା ରାଜ୍ୟରେ ରହୁଥିବା ଆଦିବାସୀଙ୍କ କିଛି ଅସୁବିଧା ହୁଏ, ତେବେ ଓଡ଼ିଶା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବ। ଜାତୀୟସ୍ତର ଗଣମାଧ୍ୟମ ବ୍ୟକ୍ତିତ୍ୱ ପ୍ରଭୁ ଚାୱଲାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ କିଛି ହାଲକା ପ୍ରଶ୍ନ ପଚରାଯାଇଥିଲା। ଏହା ମଧ୍ୟରେ ରହିଥିଲା ତାଙ୍କର ବ୍ୟକ୍ତିଗତ ଓ ରାଜନୈତିକ ଜୀବନ ସମ୍ପର୍କିତ କିଛି ପ୍ରଶ୍ନ। ଏଥିସହିତ ଲମ୍ବା କ୍ଷମତା ରାଜନୀତିର ପରବର୍ତ୍ତୀ ସମୟକୁ ନେଇ କିଛି ପ୍ରଶ୍ନ। ଏହି ସମସ୍ତ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବ୍ୟକ୍ତିଗତ ଜୀବନ ଏବଂ ରାଜନୈତିକ ଜୀବନ ଅଲଗା ନିଶ୍ଚିତ। ବେଳେ ବେଳେ ବ୍ୟକ୍ତିଗତ ଜୀବନ ଉପରେ ରାଜନୈତିକ ଜୀବନ ଭାରି ପଡ଼େ। ହେଲେ ଏଥିରେ ଲୋକଙ୍କ ଭଲ ହିଁ ନିହିତ ଥାଏ। ତେଣୁ କୌଣସି ଅସୁବିଧା ହୁଏ ନାହିଁ। ସେହିପରି ଏତେ ଲମ୍ବା ରାଜନୈତିକ କ୍ୟାରିୟରରେ କେବେବି ବିଶ୍ରାମ ନେବା କଥା ଭାବିନି। ଯାହା ଚାଲିଛି, ସେମିତି ସବୁ ଚାଲିଥାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ଣ୍ଣାଢ଼୍ୟ ପରିବେଶରେ ଉନ୍ମୋଚିତ ହୋଇଥିବା ପୁସ୍ତକଟିକୁ ରଚନା କରିଛନ୍ତି ରବି ଶଙ୍କର। ଏକଦା ଅନାହାର,ମରୁଡ଼ିକୁ ନେଇ ପରିଚିତ ରାଜ୍ୟ ଆଜି ଅନେକ କ୍ଷେତ୍ରରେ ଉଦାହରଣ ହୋଇପାରିଛି। ଏଥିପାଇଁ ରାଜନୈତିକ ସ୍ଥିରତା ଏବଂ ଦୃଢ଼ ନେତୃତ୍ୱ ପ୍ରମୁଖ କାରଣ। ରାଜ୍ୟର ବିକାଶକୁ ନେଇ ଏହି ପୁସ୍ତକରେ ଆଲୋଚନା କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଷମ ସପ୍ତମସ୍ଥ ଚନ୍ଦ୍ର ଓ ମଙ୍ଗଳ ହେତୁ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରି ସଫଳତା ହାସଲ କରିବେ। ନିର୍ମାଣାଧୀନ କାମଗୁଡ଼ିକ ବାଧାପ୍ରାପ୍ତ ହୋଇପାରେ। ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ରହିବ ନାହିଁ। ଆଜି ଦିନଟିରେ ପରକଥାରେ କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ବନ୍ଧୁଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଯିବା ରାସ୍ତାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଦୂରଯାତ୍ରା କରିବାକୁ ପଡ଼ିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ମିଥୁନ** ପ୍ରତୀକ୍ଷିତ ଖବରଟି ପାଇବା ପାଇଁ ଚାହିଁ ଚାହିଁ ଆଖିରୁ ପାଣି ମରିଯାଇପାରେ। ସହକର୍ମୀମାନଙ୍କର ଆଶ୍ୱାସନା ସାଙ୍ଗକୁ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ବାକି ପଡ଼ିଥିବା ବହୁତ ଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ** କର୍ମକ୍ଷେତ୍ରର ଅପୂରଣୀୟ ଆଶା ଆକସ୍ମିକ ଭାବରେ ଆଜି ପୂରଣ ହୋଇଯିବ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ନୂତନ କର୍ମସଂସ୍ଥାନ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** ମନ ଅନୁଯାୟୀ କାର୍ଯ୍ୟ ହାସଲ ହେବା ସାଙ୍ଗକୁ ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁମାନଙ୍କର ଛୋଟ ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଦେବଦର୍ଶନର ସୁଯୋଗ ମିଳିବ। ଅର୍ଥାଭାବ ସାମୟିକ ବିଚଳିତ ଭାବ ସୃଷ୍ଟି କରିବ।

**କନ୍ୟା** ଯେତେ ଚେଷ୍ଟାକଲେ ମଧ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ। ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ଦେଖି ମାନସିକ ସ୍ତରରେ ଖୁସି ହୋଇପାରନ୍ତି।

**ତୁଳା** ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅଫିସ୍‌ରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ବିଛା** ଦୀର୍ଘଦିନର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହେବାର ଆଶା ଉଜ୍ଜ୍ୱଳତର ହେବ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଗୁରୁଜନମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ଧନୁ** କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ବାରମ୍ବାର ଅନୁଭବରେ ଆସୁଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁମାନେ ଆପଣଙ୍କ ପଛରେ ଛାଇଭଳି ଲାଗି ରହିଲେ ମଧ୍ୟ କୌଣସି ଅନର୍ଥ ସୃଷ୍ଟି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିବା ସହ ବ୍ୟବସାୟକୁ ବହୁମୁଖୀ କରିବା ପାଇଁ ଚିନ୍ତା କରିପାରନ୍ତି।

**ମକର** ପରିବାର କିମ୍ବା ବନ୍ଧୁଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସି ହେବେ। କିନ୍ତୁ କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେଲେ ମଧ ସହଜ ଓ ସୁବିଧାରେ କାମ ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ। କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ** ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧି ପାଇବା କାରଣରୁ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ଆପଣଙ୍କ ପ୍ରଗତିରେ ମିତ୍ରମାନେ ଈର୍ଷାପରାୟଣ ହୋଇ ପରୋକ୍ଷ ସମାଲୋଚନା କିମ୍ବା ଅପପ୍ରଚାର କରିପାରନ୍ତି। ବିବାଦୀୟ ଘଟଣାରେ ବିଜୟୀ ହେବେ ଏବଂ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି। ବ୍ୟବସାୟିକ ସଫଳତା ମିଳିବ ଓ ଅଭିଳଷିତ ଦିଗରୁ ଅର୍ଥ ସାହାଯ୍ୟ ପାଇବେ।

ଆଜି ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ ରବିବାର, ଫେବୃୟାରୀ ୨୪ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭।୩୯ମି. ଗତେ ଘ୯।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୫ମି. ଗତେ ଘ୧୦।୩୧ମି. ମଧ୍ୟେ, ଘ୧।୨୫ମି. ଗତେ ଘ୨।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୪୭ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଭାରତ ନେଇପାରେ...

ଇସ୍‌ଲାମାବାଦକୁ ୧.୩ ବିଲିୟନ ଡଲାର ସହାୟତା ବନ୍ଦ କରିବା ସତ୍ତ୍ୱେ ଉକ୍ତ ଦେଶ ସହ ତାଙ୍କ ପ୍ରଶାସନର ଭଲ ସମ୍ପର୍କ ରହିଛି। ପୂର୍ବ ସରକାରରେ ଆମେରିକା ପ୍ରତିବର୍ଷ ପାକିସ୍ତାନକୁ ୧.୩ ବିଲିୟନ ଡଲାର ସହାୟତା ଯୋଗାଇ ଦେଉଥିଲା। ପାକିସ୍ତାନ ଜୈଶ-ଇ-ମହମ୍ମଦ ଏବଂ ଅନ୍ୟ ଆତଙ୍କବାଦୀଙ୍କୁ ସହାୟତା ବନ୍ଦକରିବା ଆବଶ୍ୟକ।

ଭାରତର ଆତ୍ମସୁରକ୍ଷା ଅଧିକାରକୁ ଆମେରିକା ସମର୍ଥନ କରେ ବୋଲି ଗତ ସପ୍ତାହରେ ଏହାର ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍‌ଟନ ତାଙ୍କ ପ୍ରତିପକ୍ଷ ଅଜିତ ଡୋଭାଲଙ୍କୁ କହିଥିଲେ। ପାକିସ୍ତାନ ମାଟିରୁ ଆତଙ୍କବାଦୀ କାର୍ଯ୍ୟ ଚଳାଇଥିବା ସଂଗଠନଗୁଡ଼ିକୁ କାବୁ କରିବା ଏବଂ ଆକ୍ରମଣକାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଭାରତ ଇସ୍‌ଲାମାବାଦକୁ କହିଥିଲା। ଉତ୍ତରକୋରିଆ ମଧ୍ୟ ଶନିବାର ପୁଲୱାମା ଆକ୍ରମଣକୁ ନିନ୍ଦା କରିଛି। ସମସ୍ତ ପ୍ରକାର ଆତଙ୍କବାଦକୁ ଉତ୍ତର କୋରିଆ ଦୃଢ଼ ବିରୋଧ କରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ବିଶ୍ୱ ସମୁଦାୟଠାରୁ ଏକପ୍ରକାର ଏକଘରିକିଆ ହୋଇପଡିଛି। ଏହାର ପଡୋଶୀ ଦେଶ ଆଫଗାନିସ୍ତାନ ଜାତିସଂଘକୁ ପତ୍ର ଲେଖି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ୨୦୧୨ରୁ ୨୦୧୭ ମଧ୍ୟରେ ପାକିସ୍ତାନ ପଟୁ ଆଫଗାନିସ୍ତାନକୁ ୨୮,୮୪୯ଟି ସେଲ୍ ମାଡ଼ କରାଯାଇଛି, ଯେଉଁଥିରେ ୮୨ ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୮ ଜାନୁୟାରୀରୁ ଇତିମଧ୍ୟରେ ପାକିସ୍ତାନ ୧୬୧ ଥର ସୀମା ଉଲ୍ଲଂଘନ କରି ୬୦୦୦ ସେଲ୍ ମାଡ଼ କରିଥିବା ଆଫଗାନିସ୍ତାନ ଅଭିଯୋଗ କରିଛି।

### କିଛି ତଥ୍ୟ

୨୦୦୫-୦୬ରେ ଭାରତ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୧ ବିଲିୟନ ଡଲାର ଥିବା ବେଳେ ଏହା ୨୦୧୭-୧୮ରେ ୮୧.୩ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି।
–ବାଣିଜ୍ୟ ମନ୍ତ୍ରଣାଳୟ

# ୯୩୧ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

**ମୁଖ୍ୟମନ୍ତ୍ରୀଙ୍କ ନରସିଂହପୁର ଗସ୍ତ**

**ନରସିଂହପୁର,୨୩।୨(ସ୍ୱ.ପ୍ର./ଡି.ଏନ.ଏ.)**

କଟକ ଜିଲାର ବଡ଼ମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀରେ ୯୩୧କୋଟିଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଓ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶନିବାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏ ସବୁ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ବଡ଼ମ୍ବା-ନରସିଂହପୁରର ସାମଗ୍ରିକ ବିକାଶ ହେଲେ ମୁଁ ବହୁତ ଖୁସି ହେବି ବୋଲି କହିଥିଲେ। ଏଥିସହିତ ସେ କହିଥିଲେ, ଚାଷୀଙ୍କ ପାଇଁ କରାଯାଇଥିବା କାଳିଆ ଯୋଜନା ଦେଶର ଶ୍ରେଷ୍ଠ ଯୋଜନା। କାଳିଆ ଛାତ୍ରବୃତ୍ତି ଚାଷୀଙ୍କ ପିଲାଙ୍କ ଉଚ୍ଚ ଶିକ୍ଷାରେ ସହାୟକ ହେବ।

ନରସିଂହପୁର ଅନନ୍ତ ନାରାୟଣ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବଡ଼ମ୍ବା-ନରସିଂହପୁରର ୭୩ଗ୍ରାମ ପଞ୍ଚାୟତକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ୨୭୩ କୋଟି ଟଙ୍କାର ପ୍ରକଳ୍ପ ଓ ୨୨୫ କୋଟି ଟଙ୍କାରେ ୧୬୨ ରାଜସ୍ୱ ଗ୍ରାମର ୨୫୦୦୦ଏକର ଚାଷଜମିକୁ ଜଳସେଚନ ପାଇଁ ମେଗା ଜଳସେଚନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସେହିପରି ୮୦ କୋଟି ବ୍ୟୟରେ ଉଭୟ ବ୍ଲକର ଜନସାଧାରଣଙ୍କୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାପାଇଁ ସ୍ଥାପନ କରାଯାଇଥିବା ନରସିଂହପୁର ମର୍ଦ୍ଦମେଖ ଗୋପପୁର ଓ ଧୋବଣୀନାଳ ବିଦ୍ୟୁତ୍ ଗ୍ରୀଡ୍‌କୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ରଜଳସେଚନ ଆଦି ବିଭାଗର ୨୧ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବଡ଼ମ୍ବା-ନରସିଂହପୁର ବ୍ଲକର ଜନସାଧାରଣଙ୍କ ପାଇଁ ୨୧୭ କୋଟି ଟଙ୍କା ବ୍ୟୟରେ ମେଗା ପାଇପ୍ ଜଳ ଯୋଗାଣ, ୧୫୦୦୦ ଏକର ଚାଷ ଜମିକୁ ୨ୟ ପର୍ଯ୍ୟାୟ ଯୋଜନାରେ ୧୫୩ କୋଟି ଟଙ୍କାର ମେଗା ଉଠାଜଳସେଚନ ପ୍ରକଳ୍ପ, ବଡ଼ମ୍ବା-ନରସିଂହପୁର ବ୍ଲକର ୫୪ଟି ଗ୍ରାମର ୩୩୪୭ ହେକ୍ଟର ଚାଷଜମିକୁ ଜଳସେଚନ ପାଇଁ ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲର ସଂଯୋଗ ବ୍ୟବସ୍ଥା, ୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନରସିଂହପୁରଠାରୁ ବାଲିପୁଟି ଓ ଚମ୍ପେଶ୍ୱରଠାରୁ କାନପୁର ଏବଂ ୫ଟି ନୂତନ ସଡ଼କ ନିର୍ମାଣ ପ୍ରକଳ୍ପ ଓ ଗୋଟିଏ ହାଇଲେଭଲ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଙ୍ଗନୱାଡି ଯୋଜନାର ଭିତ୍ତିଭୂମି ନିମନ୍ତେ ବଡ଼ମ୍ବା ବ୍ଲକର ୫୬ଟି ଓ ନରସିଂହପୁର ବ୍ଲକର ୭୧ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ସଭାମଞ୍ଚରୁ ରିମୋଟ୍ ଯୋଗେ ଶିଳାନ୍ୟାସ କରିଥିଲେ। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨ କି.ମି. ଖଟିଆରେ ବୁହାହେଲେ ରୋଗୀ

**ଚିତ୍ରକୋଣ୍ଡା,୨୩।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବଡପଦର ପଞ୍ଚାୟତ ମେଟାଗୁଡା ଗ୍ରାମରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ନ ଆସିବାରୁ ଖଟିଆରେ ବୁହାହୋଇ ଡାକ୍ତରଖାନା ଯିବାକୁ ପଡିଛି। ଉକ୍ତ ଗ୍ରାମର ସେତୁ ଖରାଙ୍କ ସ୍ତ୍ରୀ ସିଲି ଖରା(୩୬)। ପାରିବାରିକ କଳହକୁ ନେଇ ସିଲି ଶନିବାର ବିଷ ପିଇ ଦେଇଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସି ନ ଥିଲା। ପରିବାର ଲୋକେ ଏବଂ ସମ୍ପର୍କୀୟ ମିଶି ସିଲିଙ୍କୁ ୨ କିଲୋମିଟର ଖଟିଆରେ ବୋହି ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗୁରୁତର ରୋଗୀଙ୍କୁ ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ସେବା ନ ମିଳିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାରୁ...

## ସବୁଜ ମିଶନକୁ...

ସର୍ତ୍ତାବଳୀ ଜଟିଳ କରିଛନ୍ତି। ସମସ୍ତ କାଗଜପତ୍ର ଦାଖଲ କରିବା ପରେ ମଧ୍ୟ ସମ୍ପୂର୍ଣ୍ଣ ଅର୍ଥ ମିଳିବାରେ ବିଳମ୍ବ ହେଉଛି। ଏଥିଯୋଗୁ ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଯୋଜନା କାର୍ଯ୍ୟକାରୀ ହେଉ ନ ଥିବାରୁ ରାଜ୍ୟରେ ସବୁଜ ଅଞ୍ଚଳ ମଧ୍ୟ ବୃଦ୍ଧି ପାଇପାରୁନାହିଁ। କେନ୍ଦ୍ର ସରକାରଙ୍କ ଏଭଳି ମନୋଭାବ ପରିବେଶ ପାଇଁ ଅତ୍ୟନ୍ତ ମାରାତ୍ମକ ବୋଲି ପରିବେଶବିତ୍ ମତଦେଉଛନ୍ତି।

# ୧୧ ନିଲମ୍ବିତ, ୪ ଗିରଫ

**ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ବୋର୍ଡର କଡା ଆଭିମୁଖ୍ୟ**

■ ପରୀକ୍ଷାରୁ ବଞ୍ଚିତ ହେଲେ ୪ ପରୀକ୍ଷାର୍ଥୀ
■ ପ୍ରଶ୍ନପତ୍ରରେ ଲାଗିଛି ସ୍ୱତନ୍ତ୍ର ସିକ୍ୟୁରିଟି କୋଡ୍
■ ଆବଶ୍ୟକସ୍ଥଳେ ଜାରି ହେବ ୧୪୪ ଧାରା

**କଟକ ଅଫିସ/ ନୂଆପଡ଼ା ଅଫିସ, ୨୩।୨**


ଗିରଫ ଅଭିଯୁକ୍ତମାନେ।

ମାଟ୍ରିକ ପରୀକ୍ଷା ଆରମ୍ଭରୁ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ଘଟଣାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ଶୁକ୍ରବାର ୪ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୭ଜଣ ନିଲମ୍ବିତ ହୋଇଥିଲାବେଳେ ଶନିବାର ଆଉ ୪ଜଣଙ୍କୁ ନିଲମ୍ବିତ କରାଯାଇଛି। ଏମାନଙ୍କ ମଧ୍ୟରୁ ୮ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ କରଙ୍ଗାମାଳ ହାଇସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ପତି, ପରୀକ୍ଷା ନିରୀକ୍ଷକ ମୁକୁନ୍ଦ ଶବର, ହିନ୍ଦୀ ଶିକ୍ଷକ ବିଘ୍ନରାଜ ସୁପକାର ଏବଂ ଗୋପୀନାଥ ହାଇସ୍କୁଲ ଲିଟିସର୍ଗିର ସୁପରିଣ୍ଟେଣ୍ଡେଣ୍ଟ ସୁଶୀଲ କୁମାର ଜୋଷୀ ଓ ପରୀକ୍ଷା ନିରୀକ୍ଷକ ଅର୍ଜୁନଜୟ ପଣ୍ଡା। ଏମାନଙ୍କ ବିରୋଧରେ ବୋଡେନ ପୋଲିସ ଓଡିଶା ସରକାରଙ୍କ ପରୀକ୍ଷା ପରିଚାଳନା ଆଇନ ୯ ଅନୁଯାୟୀ ଦଫା ୪୧୭, ୪୦୯, ୩୪ରେ ମାମଲା (ନଂ.୨୮/୧୯) ରୁଜୁ କରିଛି। ଅନ୍ୟପକ୍ଷରେ ଯେଉଁ ୪ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା ସେମାନଙ୍କୁ ଚିହ୍ନଟ କରାଯିବା ପରେ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ସେହିପରି ୨୫ ତାରିଖରେ ହେବାକୁ ଥିବା ଦ୍ୱିତୀୟ ଭାଷା (ଇଂଲିଶ) ପରୀକ୍ଷାରେ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଥିପାଇଁ ବୋର୍ଡ ପକ୍ଷରୁ ଚେତାବନୀ ଦିଆଯାଇଛି।

ଶନିବାର ସନ୍ଧ୍ୟାରେ ବୋର୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍, ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ରହି ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଡ. ବେଗମ୍ କହିଲେ, ପ୍ରତ୍ୟେକ ପ୍ରଶ୍ନପତ୍ରରେ ସ୍ୱତନ୍ତ୍ର ସିକ୍ୟୁରିଟି କୋଡ୍ ରହିଛି। ଏଣୁ ପ୍ରଶ୍ନପତ୍ର ଭାଇରାଲ ହେବାମାତ୍ରେ ଏହା କେଉଁ ପରୀକ୍ଷା କେନ୍ଦ୍ରରୁ ହୋଇଛି ତାହା ବୋର୍ଡ କର୍ତ୍ତୃପକ୍ଷ ସହଜରେ ଜାଣିପାରିବେ। ଏହାଛଡ଼ା ଯେଉଁ ପରୀକ୍ଷା କେନ୍ଦ୍ର ନିକଟରେ ଅଧିକ ଭିଡ଼ ହେଉଛି କିମ୍ବା ତାହା ସମ୍ବେଦନଶୀଳ ସ୍ଥାନ ବୋଲି ଅନୁଭବ ହେଉଛି ସେଠାରେ ଆବଶ୍ୟକ ସ୍ଥଳେ ୧୪୪ ଧାରା ଜାରି କରିବାକୁ ଜିଲା ଶିକ୍ଷା ଅଧିକାରୀ, ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ନୂଆପଡ଼ା ଜିଲାର କରଙ୍ଗାମାଳ ହାଇସ୍କୁଲ, ଲିଟିସର୍ଗିସ୍ଥିତ ଗୋପୀନାଥ ହାଇସ୍କୁଲ, ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ ଓ କୋରାପୁଟ ଜିଲାର ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ବିଭ୍ରାଟ ହୋଇଥିବା ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଏଥିସହ ଜଗତ୍‌ସିଂହପୁର ଜିଲାର ଏକ ବିଦ୍ୟାଳୟରେ ମଧ୍ୟ ଏଭଳି ବିଶୃଙ୍ଖଳିତ କାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଛି।

ତେବେ ନିଲମ୍ବିତ ହୋଇଥିବା ଅନ୍ୟମାନେ ହେଲେ ଢେଙ୍କାନାଳ ଜିଲାର ଚିରୁଲେଇସ୍ଥିତ ସୁଦର୍ଶନ ବିଦ୍ୟାଭବନ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସାହୁ, ଶିକ୍ଷୟିତ୍ରୀ ବୈଜୟନ୍ତୀ ଶତପଥୀ, କୋରାପୁଟ ଜିଲା ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରା, ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା, ଜଗତ୍‌ସିଂହପୁର ଜିଲା ବାଲିଆ ବାପୁଜୀ ନୋଡାଲ ସ୍କୁଲ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦ ଓ ଜୁନିୟର କ୍ଲର୍କ ପ୍ରଶାନ୍ତ କୁମାର ପ୍ରଧାନ ନିଲମ୍ବନ ହୋଇଛନ୍ତି। କୋରାପୁଟ ଓ ନୂଆପଡ଼ା ଜିଲାର ଯେଉଁ ଦୁଇଟି ସ୍କୁଲରେ ପ୍ରଶ୍ନପତ୍ର ଲିକ୍ ହୋଇଛି ସେଠାରେ କେତେଜଣ ବ୍ୟକ୍ତିବିଶେଷ ଜୋରଜବରଦସ୍ତ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିଥିଲେ ବୋଲି ଅଭିଯୋଗ ମଧ୍ୟ ଉଠିଛି ବୋଲି ବୋର୍ଡ ସଭାପତି ଡ. ବେଗମ କହିଛନ୍ତି।

ଆମ ନୂଆପଡ଼ା ଜିଲା ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନାନୁସାରେ, ପ୍ରଶ୍ନପତ୍ର ଭାଇରାଲ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପି ସ୍ମିତ ପରମାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ମିଳିତ ଭାବେ ଲିଟିସର୍ଗ ଓ କରଙ୍ଗାମାଳ ସେଣ୍ଟର ଉପରେ ଚଢାଉ କରିଥିଲେ। ସେଠାରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ସ୍ପଷ୍ଟ ହେବା ପରେ ଶୁକ୍ରବାର ରାତି ପ୍ରାୟ ଗୋଟାଏବେଳେ ଅଭିଯୁକ୍ତମାନଙ୍କୁ ବୋଡେନ ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ ଗିରଫ କରିଥିଲେ। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ଯେଉଁ ଦୁଇଜଣ ଛାତ୍ରୀଙ୍କ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିଲା ସେମାନେ ମୁହଁ ଖୋଲିଛନ୍ତି। ଡ୍ୟୁଟିରେ ଥିବା ଶିକ୍ଷକମାନେ ପ୍ରଶ୍ନ-ଉତ୍ତର ପତ୍ରର ଫଟୋଚିତ୍ରକୁ ମୋବାଇଲ୍ ଫୋନ୍‌ରେ ଉତ୍ତୋଳନ କରିନେଇଥିଲେ। ଏଥିରେ ସେମାନଙ୍କର ଆଦୌ ସମ୍ପୃକ୍ତି ନାହିଁ। ତେଣୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉ ବୋଲି ଛାତ୍ରୀଦ୍ୱୟ ନିବେଦନ କରିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୪, ୨୦୧୯






# ଭୁବନେଶ୍ୱର, ମାଲକାନଗିରି ପାରଦ ୩୯ ଡିଗ୍ରୀ ଟପିଲା

## ୨୬, ୨୭ରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଫେବୃୟାରୀ ଅଧା ବେଳକୁ ସ୍ଥିତି ସଙ୍ଗିନ ହେଲାଣି। ପାରଦ ୪୦ ଡିଗ୍ରୀ ପାଖକୁ ଆସିଲାଣି। ମାର୍ଚ୍ଚ ଓ ଏପ୍ରିଲରେ ତାତି ଆହୁରି ଅସମ୍ଭାଳ ହେବ । ୩/୪ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲସିୟସ ଉପରକୁ ଉଠିଗଲାଣି। ଭୁବନେଶ୍ୱରରେ ଗତ ଦୁଇଦିନ ହେବ ପାରଦ ୩୯ ଡିଗ୍ରୀ ଉପରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଠାରେ ସକାଳ ୯ଟାରୁ ସନ୍ଧ୍ୟା ୬ଟା ଯାଏ ତାତି ଅନୁଭୂତ ହେଉଛି। ମଧ୍ୟାହ୍ନରେ ଖାଞ୍ଚି ପରିବେଶକୁ ଆହୁରି ଉତ୍ତପ୍ତ କରି ପକାଉଛି। ରାସ୍ତାଘାଟ ଏକ ପ୍ରକାର ଶୂନଶାନ ହୋଇଯାଉଛି। କେବଳ ଭୁବନେଶ୍ୱର ନୁହେଁ, ବଣ ଜଙ୍ଗଲ ଭରା ମାଲକାନଗିରିରେ ମଧ୍ୟ ପାରଦ ୪୦ ଡିଗ୍ରୀ ନିକଟକୁ ଚାଲିଯାଉଛି। ସୂଚନା ଅନୁଯାୟୀ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୯.୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ କଟକ ୩୭.୨, ଅନୁଗୋଳ ୩୬.୧, ଝାରସୁଗୁଡା ୩୫.୨, ସମ୍ବଲପୁର ୩୫, ଭବାନୀପାଟଣା ୩୭, ବଲାଙ୍ଗୀର ୩୬.୨ ଏବଂ ସୋନପୁରରେ ସର୍ବାଧିକ ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିଲାଣି। ପୁରୀରେ ସର୍ବନିମ୍ନ ତାପମାତ୍ରା ୨୪.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଚାନ୍ଦବାଲି ୨୩ ଓ ପାରାଦୀପରେ ୨୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ୨୫ ତାରିଖରେ ପାରଦ ପୁଣି ତଳମୁହାଁ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୪ ତାରିଖରୁ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ୨୬ ଓ ୨୭ ତାରିଖରେ ଉପକୂଳ ଓଡ଼ିଶାରେ ଘଡ଼ଘଡି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୪ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡା, ନୂଆପଡା, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୬ ଓ ୨୭ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ଆଜି ପିଏମ୍ କିଷାନ ଯୋଜନା ଶୁଭାରମ୍ଭ

## କୋଟିଏ ଚାଷୀଙ୍କୁ ମିଳିବ ପ୍ରଥମ ପର୍ଯ୍ୟାୟ କିସ୍ତି

ନୂଆଦିଲ୍ଲୀ,୨୩।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉତ୍ତର ପ୍ରଦେଶର ଗୋରଖପୁରଠାରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି'(ପିଏମ୍-କିଷାନ) ଯୋଜନାର ଶୁଭାରମ୍ଭ କରିବେ। ୭୫ ହଜାର କୋଟି ଟଙ୍କାର ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ରବିବାର ଉତ୍ତର ପ୍ରଦେଶ ଓ କର୍ନାଟକ ସମେତ ୧୪ ରାଜ୍ୟର ୧ କୋଟି କୃଷକଙ୍କୁ ପ୍ରଥମ କିସ୍ତି ବାବଦରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ଦିନେ ଦୁଇ ଦିନ ଭିତରେ ଆଉ ୧ କୋଟି କୃଷକଙ୍କୁ ପ୍ରଥମ କିସ୍ତି ବାବଦରେ ଉକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ପୀୟୂଷ ଗୋୟଲ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବାବେଳେ ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ କରିବା ସମୟରେ ଉକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ସାରା ଦେଶର ପ୍ରାୟ ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି ଯୋଜନାର ସୁଫଳ ପାଇପାରିବେ ବୋଲି ସେ କହିଥିଲେ। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ବଜେଟରେ ୭୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏ ମୋଟ ୬ ହଜାର ଟଙ୍କା ଚାଷୀଙ୍କୁ ସହାୟତା ଦିଆଯିବ। ୨ହେକ୍ଟର ଲେଖାଏ କୃଷି ଯୋଗ୍ୟ ଜମି ଥିବା ଚାଷୀ ଏହି ସହାୟତା ପାଇବାକୁ ହକ୍‌ଦାର ହେବେ। ତେବେ ଏଥିପାଇଁ କେନ୍ଦ୍ର ସରକାର ସର୍ତ୍ତାରୋପ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ଘୋଷଣା କରାଯାଇଥିବାରୁ ଅନ୍ତତଃପକ୍ଷେ ପ୍ରଥମ କିସ୍ତି ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ 'ଆଇସିଏଆର- ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଓମେନ୍ ଇନ୍ ଏଗ୍ରିକଲଚର'ରେ ରବିବାର ପୂର୍ବାହ୍ନ ୧୦ଟା ୩୦ରେ ଏହି ଯୋଜନା ଉଦ୍‌ଘାଟନ କରିବେ।

## ପୂର୍ବତନ କୁଳପତିଙ୍କ ପରଲୋକ



ସତ୍ୟାନନ୍ଦ ଆଚାର୍ଯ୍ୟ

ଭୁବନେଶ୍ୱର, ୨୩।୨(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସତ୍ୟାନନ୍ଦ ଆଚାର୍ଯ୍ୟ (୮୪)ଙ୍କ ଶୁକ୍ରବାର ପରଲୋକ ହୋଇଛି। ରାତି ୯ଟା ୪୫ରେ ନୟାପଲ୍ଲୀସ୍ଥିତ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଶାନ୍ତିଲତା, ପୁଅ ଶୁଭେନ୍ଦୁ ଓ ଝିଅ ସୁନିତା ଉପସ୍ଥିତ ଥିଲେ। ପ୍ରଫେସର ଆଚାର୍ଯ୍ୟ ପାଟଣା ବିଶ୍ୱବିଦ୍ୟାଳରୁ ଭୂତତ୍ତ୍ୱ ବିଜ୍ଞାନରେ ଏମ୍‌ଏସ୍‌ସି ଡିଗ୍ରୀ ଏବଂ ଆଇଆଇଟି ଖଡ଼ଗପୁରରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ୧୯୫୬ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବେ ଯୋଗଦେଇଥିବା ଆଚାର୍ଯ୍ୟ ୧୯୬୮ରେ ପ୍ରଫେସର ଭାବେ ପଦୋନ୍ନତି ପାଇଥିଲେ। ସେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିଥିଲେ।






# ୬୦ ୱେବ୍‌ସାଇଟ୍ ହ୍ୟାକ୍



- ବାଂଲାଦେଶୀ ହ୍ୟାକରଙ୍କ ହାତ ସନ୍ଦେହ
- ହୋମ୍ ପେଜ୍‌ରେ 'ମ୍ୟାଡ୍ ଟାଇଗର'ଲେଖା ରହିଛି
- ଦୁର୍ବଳ ପାସୱାର୍ଡ ଯୋଗୁ ହ୍ୟାକ୍ ହୋଇଛି:ଏଡିଜି

ଭୁବନେଶ୍ୱର,୨୩।୨ (ବ୍ୟୁରୋ)

ରାଜ୍ୟର ୬୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍ ଶନିବାର ହ୍ୟାକ୍ ହୋଇଛି। ହ୍ୟାକର ସମସ୍ତ ୱେବ୍‌ସାଇଟ୍ ହ୍ୟାକ୍ କରିବା ପରେ ହୋମ୍ ପେଜ୍‌ରେ 'ମ୍ୟାଡ୍ ଟାଇଗର' ଲେଖିଛନ୍ତି। ଏହିସବୁ ୱେବ୍‌ସାଇଟ୍ ଖୋଲିବା ମାତ୍ରେ ସେଥିରେ ମ୍ୟାଡ୍ ଟାଇଗର ଲେଖା ଆସୁଛି। ଓଡ଼ିଶା ପ୍ରଶାସନିକ ସେବା ଆସୋସିଏଶନ, ଶ୍ରୀମନ୍ଦିର ଦଇତାପତି ନିଯୋଗ ସମେତ ଏକାଧିକ ସରକାରୀ କଲେଜର ୱେବ୍‌ସାଇଟ୍ ଏବଂ ଅନେକ ସରକାରୀ ଅଫିସ ୱେବ୍‌ସାଇଟ୍ ହ୍ୟାକ୍ ହୋଇଛି। ସାଲେପୁର, ହିନ୍ଦୋଳ, ଶରଣକୂଳ କଲେଜ, ରଣପୁର ଡିଗ୍ରୀ କଲେଜ ଭଳି ଅନେକ ସରକାରୀ ଓ ବେସରକାରୀ କଲେଜ ଏହି ହ୍ୟାକ୍‌ର ଶିକାର ହୋଇଛନ୍ତି। ହ୍ୟାକର ୱେବ୍‌ସାଇଟ୍‌ରୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନେବା ସହ ଏହାର ଅପବ୍ୟବହାର କରିଥିବା ଜଣାପଡିଛି। ଓଡ଼ିଶା ବ୍ୟତୀତ ଅନ୍ୟ କେତେକ ରାଜ୍ୟର ସରକାରୀ ଓ ବେସରକାରୀ ୱେବ୍‌ସାଇଟ୍ ହ୍ୟାକ୍ ହୋଇଛି। ଏହା ପଛରେ ବାଂଲାଦେଶୀ ହ୍ୟାକରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ୱେବ୍‌ସାଇଟ୍ ହ୍ୟାକ୍ ହେବା ଘଟଣା ଜଣାପଡିବା ପରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଦୁଇଦିନ ତଳେ ପାକିସ୍ତାନର ଏକାଧିକ ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା। ଏଥିରେ ଭାରତର ସମ୍ପୃକ୍ତି ଥିବା ପାକିସ୍ତାନ ଅଭିଯୋଗ ଆଣିଥିଲା। ତେଣୁ ଭାରତରେ ଏଭଳି ହ୍ୟାକ୍ ପଛରେ ପାକିସ୍ତାନ ଓ ବାଂଲାଦେଶ ସାମିଲ ଥିବା କୁହାଯାଉଛି। ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାରୁ ନାହିଁ ନ ଥିବା ସମସ୍ୟା ଦେଖାଯାଉଛି। କେତେକ ସରକାରୀ ୱେବ୍‌ସାଇଟ୍ ହ୍ୟାକ୍ ହେବା ଜଣାପଡିବା ପରେ ସେଗୁଡ଼ିକୁ ବ୍ଲକ୍ କରି ଦିଆଯାଇଛି। ଏହାସହ ସାଇବର ଏକ୍ସପର୍ଟମାନେ ଏହାର ଯାଞ୍ଚ କରୁଛନ୍ତି। କ୍ରାଇମବ୍ରାଞ୍ଚର ସାଇବର ସେଲ୍ ମଧ୍ୟ ଏହାର ଖୋଳତାଡ଼ କରୁଛି। ଏନେଇ ସାଇବର ବିଶେଷଜ୍ଞ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଦୁର୍ବଳ ପାସୱାର୍ଡ ଯୋଗୁ ଏଭଳି ହ୍ୟାକ୍ ହେଉଛି। ନିୟମିତ ଭାବେ ୱେବ୍‌ସାଇଟ୍‌କୁ ଅପଡେଟ୍ କଲେ ଏଭଳି ହେବ ନାହିଁ। କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ୱେବ୍‌ସାଇଟ୍ ହ୍ୟାକ୍‌ରୁ ବର୍ତ୍ତିବା ପାଇଁ କ୍ରାଇମବ୍ରାଞ୍ଚ ନିକଟରେ ଏକ ସର୍କୁଲାର ଜାରି କରିଥିଲା। ନିୟମିତ ଭାବେ କମ୍ପ୍ୟୁଟର ଓ ୱେବସାଇଟ୍‌କୁ ଅପ୍‌ଡେଟ୍ କରିବା ସହ ପ୍ରତି ସପ୍ତାହରେ ପାସୱାର୍ଡ ବଦଳାଇବା କଥା। ୱେବ୍‌ସାଇଟ୍ ଦୁର୍ବଳ ଥିବାରୁ ହ୍ୟାକରମାନେ ଆକ୍ରମଣ କରୁଛନ୍ତି। ଏହି ଘଟଣାର ଅଭିଯୋଗ ହେବା ପରେ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

# ପାରାଦୀପରେ ହେବ ବିମାନବନ୍ଦର

ଭୁବନେଶ୍ୱର, ୨୩।୨(ବ୍ୟୁରୋ)- ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର। ରାଜ୍ୟରେ ହେବ ଆଉ ଏକ ବିମାନବନ୍ଦର। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଛାଡ଼ିଦେଲେ ଝାରସୁଗୁଡ଼ା ବିମାନବନ୍ଦର ମାର୍ଚ୍ଚରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଏବଂ ରାଉରକେଲା, ଉତ୍କେଳା, ଜୟପୁର ବିମାନବନ୍ଦର କିଛିମାସ ପରେ ପୂର୍ଣ୍ଣାଙ୍ଗ ରୂପ ନେବ। ଏଭଳି ସ୍ଥିତିରେ ପାରାଦୀପଠାରେ ଆଉ ଏକ ବିମାନବନ୍ଦର ହେବାକୁ ଯାଉଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ), ପାରାଦୀପ ପୋର୍ଟ ଓ ଇଣ୍ଡିଆନ୍ ଅଏଲ କର୍ପୋରେଶନର ମିଳିତ ସହଯୋଗରେ ଏହି ବିମାନବନ୍ଦର ହେବାର ଯୋଜନା ରହିଛି। ଗତମାସ ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟ ଏହାକୁ ପରିଚାଳନା କରିବାକୁ ଥିବାବେଳେ ଏଏଆଇ ବିମାନବନ୍ଦରକୁ ବୈଷୟିକ ସହାୟତା ପ୍ରଦାନ କରିବ। ଏହା ଛୋଟ ଏୟାରକ୍ରାଫ୍ଟ ପାଇଁ ଉଦ୍ଦିଷ୍ଟ ହେବ। ଏହି ବିମାନବନ୍ଦରରେ ୧୯ କିମ୍ବା ୨୯ ସିଟ୍ ବିଶିଷ୍ଟ ଏୟାରକ୍ରାଫ୍ଟ ଅବତରଣ କରିପାରିବ ବୋଲି ଏଏଆଇ ଅଧ୍ୟକ୍ଷ ଗୁରୁପ୍ରସାଦ ମହାପାତ୍ର କହିଛନ୍ତି।






# ଗହୀରମଥାରେ ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ ଆରମ୍ଭ

ରାଜନଗର, ୨୩।୨

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଶୁକ୍ରବାର ଅଲିଭରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫୦୦ ଅଲିଭରିଡ୍‌ଲେ ଅଣ୍ଡାଦେଇଥିବା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ର ସୂଚନା ଦେଇଛନ୍ତି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି। ନଭେମ୍ବର ୧ରୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭରିଡ୍‌ଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଛି। ଏହି ସମୟରେ ବହୁ ସଂଖ୍ୟାରେ ଅଲିଭରିଡ୍‌ଲେ ସମୁଦ୍ର ପଥରେ ଯୋଜନ ଯୋଜନ ପଥ ଅତିକ୍ରମକରି ଏଠାକୁ ଆସିଛନ୍ତି। ଏଥିଲାଗି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି, ଅଗରନାସୀ-୧, ନାସୀ-୨, ହବାଳିଖଟି, ବରୁଣେଇ, ସାତଭାୟା ଓ ପେଣ୍ଠ ଆଦି ବେଳାଭୂମିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ମା' କଇଁଛଙ୍କ ଭିଡ଼ ଜମିଛି। ଏସବୁ ଅଞ୍ଚଳରେ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।










ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। –ଶ୍ରୀମା



# ଅବିମୃଶ୍ୟକାରିତା



ଆକାର ପଟେଲ

ଓଲ୍ଡ ଟ୍ରାଫୋର୍ଡ, ମଞ୍ଚେଷ୍ଟରଠାରେ ଜୁନ୍ ୧୬ ତାରିଖରେ ପାକିସ୍ତାନ ସହ ଭାରତ ବିଶ୍ୱକପ୍ ଖେଳିବା ପାଇଁ ପୂର୍ବରୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ହେବ ଆମର ବିଶ୍ୱକପ୍‌ର ଚତୁର୍ଥ ମ୍ୟାଚ୍। ପ୍ରଥମ ରାଉଣ୍ଡରେ ୧୦ଟି ଦଳ ମଧ୍ୟରୁ ପ୍ରତ୍ୟେକ ଦଳ ଅନ୍ୟ ୯ଟି ଦଳ ସହ ଥରେ ଲେଖାଏ ଖେଳିବେ। ଏହାପରେ ସବୁଠୁ ବେଶି ପଏଣ୍ଟ ହାସଲ କରିଥିବା ଚାରିଗୋଟି ଦଳ ସେମିଫାଇନାଲକୁ ଯିବେ। ପାକିସ୍ତାନ ବିପକ୍ଷରେ ଖେଳିବା ପୂର୍ବରୁ ଆମକୁ ଦକ୍ଷିଣ ଆଫ୍ରିକା (ଜୁନ୍ ୫), ଅଷ୍ଟ୍ରେଲିଆ (ଜୁନ୍ ୯) ଓ ନ୍ୟୁଜିଲାଣ୍ଡ (ଜୁନ୍ ୧୩) ସହ ଖେଳିବାକୁ ପଡ଼ିବ। ପାକିସ୍ତାନ ବିପକ୍ଷରେ ଖେଳିସାରିବା ପରେ ଆମକୁ ଆଫଗାନିସ୍ତାନ, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କା ସହ ଖେଳିବାକୁ ହେବ। ତେଣୁ ଆମେ ପାକିସ୍ତାନ ସହ ଖେଳିବା ସମୟରେ ଏହା ଜାଣି ନ ଥିବୁ ଯେ, ଆମେ ସେମିଫାଇନାଲକୁ ଉନ୍ନୀତ ହେବୁ କି ନାହିଁ। କିନ୍ତୁ ଏବେ ସେ ମ୍ୟାଚ୍ ନ ଖେଳିବା ପାଇଁ ଭାରତୀୟ ଦଳ ଉପରେ ଚାପ ପଡ଼ୁଛି।

ଏହା ପୂର୍ବରୁ ଭାରତ ଥରେ ୧୯୯୯ ବିଶ୍ୱକପ୍‌ରେ ଜୁନ୍ ୮ରେ ଓଲ୍ଡ ଟ୍ରାଫୋର୍ଡଠାରେ ପାକିସ୍ତାନ ବିପକ୍ଷରେ ଖେଳିଥିଲା। ଆଝାରୁଦ୍ଦିନ ଓ ଦ୍ରାବିଡ଼ ଅର୍ଦ୍ଧଶତକ କରିବା ସହ ଭେଙ୍କଟେଶ ପ୍ରସାଦ ପାଞ୍ଚଟି ଉଇକେଟ ନେଇ ସେଥର ଭାରତକୁ ଜିତାଇଥିଲେ। ଅତୀତରେ ପାକିସ୍ତାନ ସହ ଆମେ ଛଅଥର ବିଶ୍ୱକପ୍ ଖେଳିଛୁ ଓ ସବୁଥର ଭାରତ ପାକିସ୍ତାନକୁ ହରାଇଆସିଛି। ତେବେ ଏହା ଅସାଧାରଣ କାରଣ ୱାନ୍ ଡେ ଇଣ୍ଟରନ୍ୟାଶନାଲ ବ୍ୟତୀତ ଆମର ସେମାନଙ୍କ ବିପକ୍ଷରେ ଜିତିବାର ଭଲ ରେକର୍ଡ ନାହିଁ। ପାକିସ୍ତାନ ବିପକ୍ଷରେ ଆମେ ୧୩୧ ଥର ଖେଳିଛୁ, ସେଥିରୁ ୫୪ଟି ମ୍ୟାଚ୍‌ରେ ଜିତିଛୁ ଓ ୭୩ଟି ମ୍ୟାଚ୍‌ରେ ହାରିଛୁ। ୪ଟି ମ୍ୟାଚ୍‌ରେ କୌଣସି ଫଳାଫଳ ମିଳି ନ ଥିଲା। କିନ୍ତୁ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତର ପ୍ରଦର୍ଶନ ସ୍ୱତନ୍ତ୍ର। ଯଦି ଏଥର ଆମେ ପୁଲ୍‌ୱାମା ଘଟଣା ପରିପ୍ରେକ୍ଷୀରେ ନ ଖେଳୁ, ତେବେ ପ୍ରଥମ ଥର ପାଇଁ ସେମାନେ ବିଶ୍ୱକପ୍‌ରେ ଆମ ବିପକ୍ଷରେ ପଏଣ୍ଟ ସ୍କୋର କରିବାର ସୁଯୋଗ ପାଇବେ। ବିନା ପ୍ରତିଯୋଗିତାରେ ଆମେ ସେମାନଙ୍କୁ ମାଗଣାରେ ୨ ପଏଣ୍ଟ ଦେଇ ସାହାଯ୍ୟ କରିବା ଉଚିତ ନୁହେଁ ବୋଲି ସଚିନ ତେନ୍ଦୁଲକର ଅନୁଭବ କରନ୍ତି। ସୁନୀଲ ଗାଭାସ୍କର ମଧ୍ୟ ସମାନ ମତପୋଷଣ କରନ୍ତି। ତେବେ ହରଭଜନ ସିଂ ପାକିସ୍ତାନ ସହ ଖେଳିବା ସପକ୍ଷରେ ନାହାନ୍ତି। କିନ୍ତୁ ନ ଖେଳିଲେ ସେଥିରୁ ଆମକୁ କି ଲାଭ ମିଳିବ, ତାହା ମୁଁ ବୁଝିପାରୁ ନାହିଁ।

୧୯୮୦ ଓ ୧୯୭୦ ଦଶକରେ ଅନେକ ଦେଶ ଦକ୍ଷିଣ ଆଫ୍ରିକା ସହ ଖେଳ ବର୍ଜନ କରିଥିଲେ କାରଣ ସେତେବେଳେ ଦକ୍ଷିଣ ଆଫ୍ରିକାରେ କଳା ଲୋକମାନଙ୍କୁ କୌଣସି ରାଜନୈତିକ ବା ସାମାଜିକ ଅଧିକାର ମିଳୁ ନ ଥିଲା। କିନ୍ତୁ ଭାରତ ବର୍ତ୍ତମାନ ଏକମାତ୍ର ଦେଶ ଯିଏ ପାକିସ୍ତାନ ସହ ଖେଳ ବର୍ଜନ କରିବା ପାଇଁ ଚାହୁଁଛି। ଶୁକ୍ରବାର ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ କମିଟି ଭାରତରେ ଶୁଟିଂ ପ୍ରତିଯୋଗିତାର ଅଲିମ୍ପିକ୍ ଯୋଗ୍ୟତାର ଦୁଇଟି କୋଟାକୁ ରଦ୍ଦ କରିଦେଇଛି, କାରଣ ଆମେ ପାକିସ୍ତାନୀ ଖେଳାଳିଙ୍କୁ ଭିଜା ଦେବାକୁ ମନା କରିଦେଲୁ। ଶୁଟିଂ ପ୍ରତିଯୋଗିତାର ଅଲିମ୍ପିକ୍ କୋଟା ରଦ୍ଦ କରିବା ଅର୍ଥ ୨୦୨୦ରେ ଟୋକିଓଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଉକ୍ତ ପ୍ରତିଯୋଗିତାର ବିଜେତାମାନେ ଭାଗ ନେଇପାରିବେ ନାହିଁ। ଅଲିମ୍ପିକ୍ କମିଟିର ବିବୃତି ଟିକିଏ ଜଟିଳ ହୋଇଥିବାରୁ ତାକୁ ନ୍ୟୁଜ୍ ଚାନେଲଗୁଡ଼ିକ ଠିକ୍‌ଭାବେ ଉପସ୍ଥାପନ କରିପାରି ନାହାନ୍ତି। ବିବୃତି ଅନୁସାରେ– ଏହି ପରିସ୍ଥିତି ଅଲିମ୍ପିକ ଚାର୍ଟରର ମୌଳିକ ନୀତିବିରୋଧୀ। ନିୟମ ଅନୁସାରେ ଖେଳାଳିମାନଙ୍କ ଭିତରେ କୌଣସି ପାତରଅନ୍ତର କରାଯାଇପାରିବ ନାହିଁ। ସମସ୍ତ ଅନ୍ତର୍ଜାତୀୟ କ୍ରୀଡ଼ାରେ ସବୁ ଖେଳାଳିଙ୍କୁ ଓ କ୍ରୀଡ଼ା ପ୍ରତିନିଧିମାନଙ୍କୁ ସମାନ ମର୍ଯ୍ୟାଦା ଦିଆଯିବ ଓ ସମାନ ବ୍ୟବହାର ପ୍ରଦର୍ଶନ କରାଯିବ। କ୍ରୀଡ଼ା ଆୟୋଜନକାରୀ ଦେଶ ସମସ୍ତ ପ୍ରକାର ପାତରଅନ୍ତର ଓ ରାଜନୈତିକ ହସ୍ତକ୍ଷେପରୁ ଊର୍ଦ୍ଧ୍ୱରେ ରହିବ।

ଉକ୍ତ ନିୟମକୁ ଭିତ୍ତିକରି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ଏକ୍‌ଜିକ୍ୟୁଟିଭ୍ ବୋର୍ଡ ନିଷ୍ପତ୍ତି ନେଇଛି ଯେ, ଯେପର୍ଯ୍ୟନ୍ତ ଭାରତ ଅଲିମ୍ପିକ୍ ଚାର୍ଟରର ସମସ୍ତ ନୀତିନିୟମ ପାଳନ କରିବା ପାଇଁ ପ୍ରତିଶ୍ରୁତି ନ ଦେଇଛି, ସେପର୍ଯ୍ୟନ୍ତ ଭାରତରେ ଖେଳ ଆୟୋଜନ ସମ୍ପର୍କରେ ଏହା ଭାରତୀୟ ଜାତୀୟ ଅଲିମ୍ପିକ୍ କମିଟି ଓ ଭାରତ ସରକାରଙ୍କ ସହ ସବୁ ପ୍ରକାର ଆଲୋଚନାରୁ ନିବୃତ୍ତ ରହିବ। ତେଣୁ ଭବିଷ୍ୟତରେ ଭାରତରେ କୌଣସି ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ହେବ ନାହିଁ, ଯାହା ଆମ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଆମ କ୍ରୀଡ଼ାବିତ୍‌ମାନଙ୍କ ପାଇଁ କ୍ଷତିକାରକ ହେବ। ଭାରତର ପିଲାଳିଆମିକୁ ସାରା ବିଶ୍ୱ ଉପହାସ କରିବ। କିନ୍ତୁ ଆମର ନେତୃବର୍ଗ ଓ କ୍ରୀଡ଼ା ପ୍ରଶାସନ ଏହା ଚିନ୍ତା କରିପାରୁ ନାହିଁ। ପୁଲ୍‌ୱାମା ଘଟଣା ପରିପ୍ରେକ୍ଷୀରେ ଆମେ ଏପରି ସବୁ ନିଷ୍ପତ୍ତି ନେବା ଦରକାର ଯାହା ପାକିସ୍ତାନର କ୍ଷତି କରିବ, ଆମ ନିଜର ନୁହେଁ। କିନ୍ତୁ ଗଣମାଧ୍ୟମର ଚାପରେ ଆମେ ଯେଉଁ କଠୋର ନିଷ୍ପତ୍ତି ନେଉଛୁ, ତାହା ପାକିସ୍ତାନ ବଦଳରେ ଆମର ହିଁ କ୍ଷତି କରିବାର ସମ୍ଭାବନା ରହିଛି।

ଯଦି ଆମେ ପାକିସ୍ତାନକୁ ଖେଳରୁ ବାସନ୍ଦ କରିବାକୁ ନିଷ୍ପତ୍ତି ନେଉ, ତେବେ ତାହା ଏକ ବୃହତ୍ତର ରଣନୀତିର ଅଂଶବିଶେଷ ହେବା ଉଚିତ, ଯାହାଦ୍ୱାରା ଆମର ଲକ୍ଷ୍ୟ ସାଧନ ହୋଇପାରିବ। ଅର୍ଥାତ୍ ସୀମାପାର ଆତଙ୍କବାଦ ବନ୍ଦ ହୋଇପାରିବ। କ୍ରୋଧର ବଶବର୍ତ୍ତୀ ହୋଇ ହଠାତ୍ କିଛି ନିଷ୍ପତ୍ତି ନେବା ଦ୍ୱାରା ଆମର ସେ ଲକ୍ଷ୍ୟ ସାଧନ ହୋଇପାରିବ ନାହିଁ, ବରଂ ବିଶ୍ୱକପ୍‌ରେ ଆମେ ପଏଣ୍ଟ ହରାଇବା। ମୋ ମତରେ ବିଶ୍ୱକପ୍‌ରୁ ପାକିସ୍ତାନକୁ ଆମେ ଏକାକୀ ବାସନ୍ଦ କଲେ ଆମକୁ କିଛି ଲାଭ ମିଳିବ ନାହିଁ, ଏହା ହେବ ଆମର ଅବିମୃଶ୍ୟକାରିତା।

Email: aakar.patel@gmail.com

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | 1 | C | 2 | | | | | 8 | | E |
| 2 | | | | 4 | | | | | | D | | | | 7 |
| B | | | E | | C | | | | 5 | 1 | 3 | | | |
| | | 4 | 3 | | 5 | D | 9 | 0 | | 8 | | | | |
| E | | | | 7 | | | | 4 | 6 | | A | | | |
| 6 | | 2 | | | | | A | 7 | | | 1 | | | |
| 1 | | 9 | 7 | | | | | D | | | E | | | 5 |
| 4 | B | E | 9 | | | | 3 | | | 0 | | 2 | A | 6 |
| | | | | 6 | | | | | | | | B | | 4 |
| | | | | | | | | 9 | 3 | 6 | | | | |
| | | | | 0 | 2 | 1 | | C | | | 7 | 5 | | |
| 5 | | 6 | | C | | | | | 9 | | 2 | | | 1 |
| | | 3 | 1 | | 6 | | 7 | | | | | 4 | | 8 |
| 9 | | | 5 | | | | 4 | | 1 | | | | | |
| 0 | | 7 | 4 | | D | 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଗୃହିଣୀଙ୍କ ରୋଜଗାର



ପ୍ରକାଶ ତ୍ରିପାଠୀ

ନିକଟରେ ଜଣେ ବନ୍ଧୁଙ୍କ ଝିଅ ବାହାଘର ଭୋଜିରେ ମୋର ଜଣେ ପୁରୁଣା ବନ୍ଧୁ ଦେଖାହେଲେ। ସେ ଥିଲେ ମୋ କଲେଜପଢ଼ା ବେଳର ସହପାଠୀ। ପ୍ରାୟ ୩୪ ବର୍ଷ ପରେ ଭେଟ ହୋଇଥିବାରୁ ଆମ ଉଭୟଙ୍କ ଖୁସି ଥିଲା ଅବର୍ଣ୍ଣନୀୟ। ଅନେକ ପୁରୁଣା କଥା ଓ ସ୍ମୃତି ମନେପକାଇ ଦୁଇବନ୍ଧୁ ହସୁଥିଲା ବେଳେ ବନ୍ଧୁପତ୍ନୀ ସେଠାରେ ପହଞ୍ଚିଲେ। ବନ୍ଧୁ ତାଙ୍କ ସ୍ତ୍ରୀଙ୍କୁ ମୋ ସହ ପରିଚୟ କରାଇଦେଲେ। ଉଭୟେ ଉଭୟଙ୍କ ପରିବାର ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ବି ଭୁଲି ନ ଥିଲୁ। ନିଜ ସ୍ତ୍ରୀଙ୍କ ସମ୍ପର୍କରେ କହିବାକୁ ଯାଇ ବନ୍ଧୁ ମୋତେ କହିଥିଲେ ଯେ, ତାଙ୍କ ସ୍ତ୍ରୀ କିଛି କରନ୍ତିନି। ସେ ଜଣେ ହାଉସ୍ ୱାଇଫ୍ (ଗୃହିଣୀ)। ସେ ଚାକିରି କରୁ ନ ଥିବାରୁ ତାଙ୍କର କିଛି ରୋଜଗାର ନାହିଁ। ବନ୍ଧୁଙ୍କ ଘର ଭୁବନେଶ୍ୱର। ବନ୍ଧୁ ସରକାରୀ ଚାକିରି କରୁଥିବା ହେତୁ ସେ ରାଜ୍ୟର ବିଭିନ୍ନ ସ୍ଥାନକୁ ବଦଳି ହୁଅନ୍ତି, ହେଲେ ପରିବାର ରୁହନ୍ତି ଭୁବନେଶ୍ୱରରେ। ପରିବାର କହିଲେ ସ୍ତ୍ରୀ, ଦୁଇ ପୁଅ ଓ ତାଙ୍କ ମା'ବାପା। ବନ୍ଧୁ ବାହାରେ ରହୁଥିବାରୁ ଓ କେବଳ ଛୁଟିଦିନରେ ଘରକୁ ଆସୁଥିବାରୁ ଘରର ପ୍ରାୟ ସମସ୍ତ କାର୍ଯ୍ୟ ତାଙ୍କ ସ୍ତ୍ରୀ ହିଁ ତୁଲାଇଥାନ୍ତି। ରୋଷେଇବାସ କରିବା, ପିଲାଙ୍କୁ ସ୍କୁଲ ନେବାଆଣିବା, ସନ୍ଧ୍ୟାରେ ସେମାନଙ୍କୁ ପଢ଼ାଇବା, ମାର୍କେଟ୍‌ରୁ ଘର ପାଇଁ ପରିବା, ସଉଦାପତ୍ର ଆଣିବା, ଶାଶୁଶ୍ୱଶୁରଙ୍କ ସେବା କରିବା ଓ ସର୍ବୋପରି କେହି ଅସୁସ୍ଥ ହେଲେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରିବା ଆଦି ପ୍ରତ୍ୟେକଟି କାର୍ଯ୍ୟ ତାଙ୍କ ସ୍ତ୍ରୀ କରିଥାନ୍ତି ବୋଲି ବନ୍ଧୁ ସ୍ୱୀକାର କରିଥିଲେ ମଧ୍ୟ ସ୍ତ୍ରୀ କିଛି କରନ୍ତି ନାହିଁ କି ତାଙ୍କର କିଛି ରୋଜଗାର ନାହିଁ ବୋଲି ସେ କାହିଁକି କହୁଥିଲେ, ତାହା ମୁଁ ବୁଝିପାରି ନ ଥିଲି।

ଘରକୁ ଫେରିବା ପରେ ବନ୍ଧୁଙ୍କ ସେହି ଗୋଟିଏ ବାକ୍ୟ 'ସ୍ତ୍ରୀ କିଛି କରନ୍ତିନି, ସେ ଜଣେ ହାଉସ୍ ୱାଇଫ୍' ମନକୁ ଖୁବ୍ ଆନ୍ଦୋଳିତ କରୁଥିଲା। କୌଣସି କର୍ମସଂସ୍ଥାରେ ସବୈତନିକ ସେବା ପ୍ରଦାନ କରୁ ନ ଥିବା ମହିଳାଙ୍କୁ ଗୃହିଣୀ ବା ହାଉସ୍ ୱାଇଫ୍ କହିଥାଉ। ଏହି ଗୃହିଣୀ ବା ହାଉସ୍ ୱାଇଫ୍‌ମାନେ ଘରର ସମସ୍ତ କାର୍ଯ୍ୟ କରୁଥିଲେ ବି କୌଣସି ପାରିଶ୍ରମିକ ପାଇ ନ ଥାନ୍ତି ଓ ସମସ୍ତେ ସେଥିପାଇଁ କହିଥାନ୍ତି ଯେ, ହାଉସ୍ ୱାଇଫ୍‌ଙ୍କର ରୋଜଗାର ନାହିଁ। ଗତ ଜାନୁୟାରୀରେ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ମହିଳାମାନେ ଏକଲକ୍ଷ କୋଟି ଡଲାର ମୂଲ୍ୟର ଘରୋଇ କାର୍ଯ୍ୟ କରିଥାନ୍ତି, ଯାହା ପାଇଁ ସେମାନଙ୍କୁ କୌଣସି ପାରିଶ୍ରମିକ ମିଳି ନ ଥାଏ। ଏହି ପାରିଶ୍ରମିକର ପରିମାଣ ବିଶ୍ୱର ଅନ୍ୟତମ ବୃହତ୍ ଆଇଟି କମ୍ପାନୀ 'ଆପଲ'ର ବାର୍ଷିକ ବ୍ୟବସାୟର ପ୍ରାୟ ୪୩ ଗୁଣ ହେବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଭାରତରେ ଗୃହିଣୀମାନଙ୍କ ଦ୍ୱାରା କରାଯାଉଥିବା ଏହି ଅବୈତନିକ କାର୍ଯ୍ୟର ମୂଲ୍ୟ ଦେଶର ଜିଡିପିର ଶତକଡା ୩.୧ ଭାଗ। ପୁରୁଷମାନଙ୍କ ଅପେକ୍ଷା ଦଶଗୁଣା ଅଧିକ ଅବୈତନିକ କାର୍ଯ୍ୟ ମହିଳାମାନେ ଆମ ଦେଶରେ କରିଥାନ୍ତି। ମହିଳାମାନେ ଦୈନିକ ହାରାହାରି ୩୦୧.୫ ମିନିଟ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିଲାବେଳେ ପୁରୁଷମାନେ ଦୈନିକ ହାରାହାରି ମାତ୍ର ୩୦.୫ ମିନିଟ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବାରୁ ମହିଳାମାନଙ୍କ ଗୁରୁତ୍ୱ ସହଜରେ ଉପଲବ୍ଧି କରିହୁଏ।

ଆମ ପୁରୁଷପ୍ରଧାନ ସମାଜରେ ସାଧାରଣତଃ ମହିଳାଙ୍କ ଜନ୍ମ ସେବା ପାଇଁ ବୋଲି ଏକ ଦୃଢ଼ ଧାରଣା କାହିଁ କେଉଁ ଯୁଗରୁ ଲୋକଙ୍କ ମନରେ ବସାବାନ୍ଧି ରହିଆସିଛି। ସେଥିପାଇଁ ଯେ କୌଣସି ସଂସ୍ଥାରେ ମହିଳାଟିଏ ସବୈତନିକ କାର୍ଯ୍ୟ କରୁଥିଲେ ବି ନିଜ ଘରେ ପ୍ରାୟ ସମସ୍ତ କାମ ତା' ପାଇଁ ଅପେକ୍ଷା କରି ରହିଥାଏ ଓ ଯାବତୀୟ ଘର କାମକୁ 'କିଛି କାମ ନୁହେଁ' ବୋଲି ଧରିନିଆଯାଏ। ସକାଳୁ ରାତି ଯାଏ ଘରର ସବୁ କାମ କରୁଥିଲେ ବି ସେ କାମକୁ ବିଚାରକୁ ନ ନେଇ ମହିଳା କିଛି କରୁନାହାନ୍ତି ବୋଲି ଲଘୁ ଟିପ୍ପଣୀ ଦିଆଯାଏ ଓ ସେ କାମ ପାଇଁ କୌଣସି ପାରିଶ୍ରମିକ ମିଳି ନ ଥାଏ। ସପ୍ତାହ, ମାସ, ବର୍ଷ ଆଦି ଲଗାତର କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ କୌଣସି ଅବସର ମିଳି ନ ଥାଏ। ଘରର ରୋଷେଇଠାରୁ ଆରମ୍ଭ କରି ଘର ପରିଷ୍କାର ପରିଚ୍ଛନ୍ନ ରଖିବା, ଲୁଗାପଟା ସଫା କରିବା, ପିଲାଛୁଆଙ୍କ ସମସ୍ତ ଯତ୍ନ ନେବା, ପରିବାରର ବୟସ୍କ ଲୋକଙ୍କ ସେବାଯତ୍ନ କରିବା ଓ ସର୍ବୋପରି ପରିବାରର କେହି ଅସୁସ୍ଥ ହେଲେ ସେମାନଙ୍କ ସେବା କରିବା ଆଦି ଘରର ପ୍ରତିଟି କାର୍ଯ୍ୟ ଗୃହିଣୀଟିଏ ବିନା ସଙ୍କୋଚ ଓ ବିନା ପ୍ରତିବାଦରେ କରିଚାଲିଥାଏ, ଯାହାର କେବେ ବି ମୂଲ୍ୟାୟନ ହୋଇ ନ ଥାଏ ଅବା ଏଥିପାଇଁ ସେ କେବେ ବି ପାରିଶ୍ରମିକ ପାଇ ନ ଥାଏ। ଏପରି କି ଗ୍ରାମାଞ୍ଚଳର ଗୃହିଣୀମାନଙ୍କୁ ଜାଳେଣି କାଠ ଓ ପିଇବା ପାଣି ଆଣିବା ପାଇଁ ମାଇଲ ମାଇଲ ଦୂର ଯିବାକୁ ପଡିଥାଏ। କୃଷିକ୍ଷେତ୍ରରେ ବି ଏମାନଙ୍କ ଅବୈତନିକ ସହଯୋଗକୁ ଅଣଦେଖା କରାଯାଇଥାଏ।

ଗୃହିଣୀମାନଙ୍କର କିଛି ରୋଜଗାର ନ ଥାଏ ବୋଲି ମାନୁଥିବା ଲୋକଙ୍କୁ ଭୁଲ୍ ବୋଲି ୨୦୧୭ରେ ଏକ ମାମଲାର ବିଚାରକରି ମାଡ୍ରାସ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ସ୍ୱାଧୀନ ଭାରତର ଇତିହାସରେ ଏହା ବୋଧହୁଏ ସର୍ବପ୍ରଥମ ଘଟଣା, ଯେଉଁଥିରେ କି ଜଣେ ଗୃହିଣୀଙ୍କ ଘରୋଇ କାର୍ଯ୍ୟକୁ ଉଚିତ ସମ୍ମାନ ସହ ଠିକ୍ ମୂଲ୍ୟାୟନ କୌଣସି ଏକ ବିଚାରାଳୟ ଦ୍ୱାରା କରାଯାଇଛି। ମାମଲାଟି ଥିଲା ପୁଡୁଚେରୀ ଇଲେକ୍ଟ୍ରିସିଟି ବୋର୍ଡ ଉପରେ ଜଣେ ବ୍ୟକ୍ତିଙ୍କର କ୍ଷତିପୂରଣ ଦାବି। ଘଟଣାଟି ଘଟିଥିଲା ୨୦୦୯ ମସିହାରେ। ଇଲେକ୍ଟ୍ରିସିଟି ବୋର୍ଡର ତ୍ରୁଟି ପାଇଁ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କର ମୃତ୍ୟୁ ହେବା ପରେ ତାଙ୍କ ସ୍ୱାମୀ ଉକ୍ତ ବୋର୍ଡ ବିରୋଧରେ ଏକ ତଳକୋର୍ଟର ଆଶ୍ରୟ ନେଇଥିଲେ ଓ ମାମଲାର ବିଚାର କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ଶୁଣାଇଥିଲେ। ପରେ ବୋର୍ଡ ପକ୍ଷରୁ ମାମଲାର ପୁନର୍ବିଚାର ପାଇଁ ମାଡ୍ରାସ ହାଇକୋର୍ଟରେ ଅପିଲ କରାଯାଇଥିଲା। ମୃତ ମହିଳାଙ୍କ କାମକୁ ମୂଲ୍ୟାୟନ କରି ତଳକୋର୍ଟ ତାଙ୍କର ମାସିକ ଦରମା ୩୦୦୦ ଟଙ୍କା ସ୍ଥିର କରିଥିଲେ। ମୃତ୍ୟୁବରଣ କରିଥିବା ମହିଳା ଥିଲେ ଜଣେ ଗୃହିଣୀ। ପୁଡୁଚେରୀ ଇଲେକ୍ଟ୍ରିସିଟି ବୋର୍ଡ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଦର୍ଶାଯାଇଥିଲା ଯେ, ଯେହେତୁ ମୃତ ମହିଳା ଜଣେ ଗୃହିଣୀ ଓ ତାଙ୍କର କିଛି ରୋଜଗାର ନାହିଁ, ତେଣୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଅଧିକ ହୋଇଯାଉଛି। ଏଭଳି ଯୁକ୍ତିକୁ ଗ୍ରହଣ କରି ନ ଥିଲେ ମାଡ୍ରାସ ହାଇକୋର୍ଟ। ବିଚାରପତି କେ.କେ. ଶଶିଧରନ୍ ଓ ଏମ୍. ମୁରଲିଧରନ୍‌ଙ୍କୁ ନେଇ ଗଠିତ ଡିଭିଜନ ବେଞ୍ଚ୍ ରାୟ ଶୁଣାଇଥିଲେ ଯେ, ଜଣେ ଗୃହିଣୀଙ୍କ ରୋଜଗାର ନାହିଁ ବୋଲି କହିବା ଭୁଲ୍। ଗୃହିଣୀ ହେଉଛନ୍ତି ପରିବାରର ଅର୍ଥମନ୍ତ୍ରୀ। ମୃତ ମହିଳା ଜଣେ କର୍ତ୍ତବ୍ୟପରାୟଣା ସ୍ତ୍ରୀ, ସ୍ନେହଶୀଳା ମା' ତଥା ପରିବାରର ଜଣେ ଦାୟିତ୍ୱସମ୍ପନ୍ନା ସଦସ୍ୟା। ପରିବାରର ଆୟକୁ ଦେଖି ବ୍ୟୟ ତଥା ଏହାର ସମସ୍ତ ହିସାବ ରଖୁଥିବା ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଏହା ବ୍ୟତୀତ ମୃତ ମହିଳା ଥିଲେ ଘରର ମୁଖ୍ୟ ରୋଷେଇଆ ଓ ସମସ୍ତ ସେବା ପ୍ରଦାନକାରୀ ସଦସ୍ୟା। ଏସବୁ କାର୍ଯ୍ୟକରି ସେ ବେତନ ପାଉ ନ ଥିବାରୁ ତାଙ୍କର ରୋଜଗାର ନାହିଁ ବୋଲି କହିବା ଭୁଲ୍। ଇଲେକ୍ଟ୍ରିସିଟି ବୋର୍ଡର ଆବେଦନକୁ ଖାରଜ କରି ହାଇକୋର୍ଟ କହିଥିଲେ ଯେ, ଘରେ ରୋଷେଇକରିବା, ଘରକୁ ସଫାସୁତୁରା ରଖିବା, ଲୁଗାପଟା ସଫା କରିବା, ସମସ୍ତଙ୍କ ସେବାଯତ୍ନ ଆଦି କାର୍ଯ୍ୟ ନିର୍ବିଘ୍ନରେ କରୁଥିବା ଜଣେ ଗୃହିଣୀଙ୍କ ପ୍ରତି ସାଧାରଣରେ ଥିବା ଭାବନାରେ ପରିବର୍ତ୍ତନ ଆବଶ୍ୟକ ଓ ସେମାନଙ୍କୁ କେବଳ ଗୃହିଣୀ ଓ ସେମାନଙ୍କର କିଛି ରୋଜଗାର ନାହିଁ ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍। ତଳ କୋର୍ଟରେ ମୃତ ମହିଳାଙ୍କର ମାସିକ ରୋଜଗାର ତିନିହଜାର ଟଙ୍କା ଧାର୍ଯ୍ୟ ହେବା ନିଷ୍ପତ୍ତିକୁ ମାନ୍ୟବର ହାଇକୋର୍ଟ କାଏମ ରଖିଥିଲେ।

ଇତିମଧ୍ୟରେ ଅନେକ ସଂସ୍ଥା ପକ୍ଷରୁ ଗୃହିଣୀମାନଙ୍କ ଦ୍ୱାରା ଘରେ କରାଯାଉଥିବା କାର୍ଯ୍ୟର ମୂଲ୍ୟାୟନକୁ ଗୁରୁତ୍ୱ ଦିଆଗଲାଣି। ଅର୍ଥାତ୍ ଗୃହିଣୀଟିଏ ଯେଉଁସବୁ କାର୍ଯ୍ୟ ବିନା ପାରିଶ୍ରମିକରେ କରିଥାଏ, ସେହି ସବୁ କାମକୁ ଯଦି କୌଣସି ଏକ କର୍ମଚାରୀ ଦ୍ୱାରା କରାଯାଏ, ତେବେ ସେ କର୍ମଚାରୀ କେତେ ପାରିଶ୍ରମିକ ନେବ ତାହା ବିଚାର କରିବାର କଥା। ନିକଟରେ ମାଉଣ୍ଟେନ ରିସର୍ଚ୍ଚ ଜର୍ନାଲ ପକ୍ଷରୁ ଏ ସମ୍ପର୍କରେ ଉତ୍ତରାଖଣ୍ଡରେ କରାଯାଇଥିବା ଏକ ସର୍ବେକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏହି ସର୍ବେକ୍ଷଣରୁ ଜଣାପଡିଥିଲା ଯେ ଜଣେ ପୁରୁଷ ଦୈନିକ ୯ ଘଣ୍ଟା ଶ୍ରମଦାନ କରୁଥିଲା ବେଳେ ମହିଳାଟିଏ ଦୈନିକ ୧୬ ଘଣ୍ଟା ଶ୍ରମଦାନ କରୁଛି। କାମ ହିସାବରେ ଏହାର ମୂଲ୍ୟାୟନ କରାଗଲେ ମହିଳାଟିଏର ପାରିଶ୍ରମିକ ପୁରୁଷଠାରୁ ଢେର୍ ଅଧିକ ହେଉଛି। ଗୋଟିଏ ସୁସ୍ଥ ସମାଜ ଗଠନରେ ସୁସ୍ଥ ପରିବାରର ଭୂମିକା ଅପରିହାର୍ଯ୍ୟ ଓ ଏକ ସୁସ୍ଥ ପରିବାର ଗଠନରେ ମହିଳାମାନଙ୍କ ଭୂମିକା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ସେମାନଙ୍କ ଭୂମିକା ଓ ଅବଦାନକୁ ଉଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ।

ମୋ–୯୪୩୭୨୩୨୪୬୩, ଇମେଲ–
prakas.tripathy09@gmail.com

# ଆଧୁନିକ ବିଶ୍ୱକର୍ମା

## ବ୍ୟକ୍ତିତ୍ୱ



ରାମ ସୁତର ଭାନ୍‌ଜି

କେନ୍ଦ୍ର ସରକାର ୨୦୧୨ ମସିହାରେ ସାଂସ୍କୃତିକ ଐକ୍ୟ ବଜାୟ ରଖିବା ଲକ୍ଷ୍ୟରେ ଟାଗୋର ସମ୍ମାନ ପ୍ରତିଷ୍ଠା କରିଥିଲେ। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ କାର୍ଯ୍ୟ, ଦର୍ଶନ ଓ ଚିନ୍ତାଧାରାକୁ ସର୍ବଜନବିଦିତ କରିବା ଦିଗରେ ତାଙ୍କ ୧୫୦ତମ ଜୟନ୍ତୀ ପୂର୍ତ୍ତି ଅବସରରେ ଏଭଳି ପଦକ୍ଷେପ ନିଆଯାଇଥିଲା। ସାଂସ୍କୃତିକ ମୂଲ୍ୟବୋଧ ପ୍ରଚାର ଓ ପ୍ରସାର କରୁଥିବା ବ୍ୟକ୍ତିବିଶେଷ, ସଂଘ, ସଙ୍ଗଠନ, ଅନୁଷ୍ଠାନ ଆଦିକୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ବିଚାରକମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷ ଥିବା ବେଳେ ପ୍ରଧାନ ବିଚାରପତି, ବିରୋଧୀ ଦଳ ନେତା ଓ ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସଦସ୍ୟ ରଖାଯାଇଛି। ବାର୍ଷିକ ଦିଆଯାଉଥିବା ଏହି ସମ୍ମାନ ଲାଗି ଏକ କୋଟି ଟଙ୍କାର ଅର୍ଥରାଶି, ସ୍ମୃତିଫଳକ ସହ ପାରମ୍ପରିକ ବୟନ ଓ ହସ୍ତକଳା ଦିଆଯାଇଥାଏ। ୨୦୧୪, ୨୦୧୫ ଏବଂ ୨୦୧୬ ଲାଗି ଯଥାକ୍ରମେ ମଣିପୁରୀ ଶାସ୍ତ୍ରୀୟ ନୃତ୍ୟଗୁରୁ ରାଜକୁମାର ସିଂଘାଜିତ୍ ସିଂ, ବାଂଲାଦେଶ କଲ୍‌ଚରାଲ ଆସୋସିଏଶନ ଏବଂ ବିଶିଷ୍ଟ ସ୍ଥପତି ରାମ ସୁତର ଭାନ୍‌ଜିଙ୍କୁ ୨୦୧୯ ଫେବୃୟାରୀ ୧୮ରେ ନୂଆଦିଲ୍ଲୀଠାରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ପ୍ରଥମେ ଭାରତୀୟ ସୀତାର ସଙ୍ଗୀତାଚାର୍ଯ୍ୟ ପଣ୍ଡିତ ରବିଶଙ୍କର ଏବଂ ୨୦୧୩ରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଙ୍ଗୀତର ସମନ୍ୱୟକାରୀ ଜୁବିନ୍ ମେହେଟ୍ଟାଙ୍କୁ ଟାଗୋର ସମ୍ମାନ ପ୍ରଦାନ କରାଯାଇଥିଲା। ତେବେ ବିଗତ ୪୦ ବର୍ଷ ମଧ୍ୟରେ ୫୦ ଚିରସ୍ମରଣୀୟ ମୂର୍ତ୍ତିକଳା ନିର୍ମାଣ କରି ଭାନ୍‌ଜି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରି ଏହି ସମ୍ମାନ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଭାନ୍‌ଜି ୧୯୨୫ ଫେବୃୟାରୀ ୧୯ରେ ମହାରାଷ୍ଟ୍ର ଧୁଲେସ୍ଥିତ ଗୋଣ୍ଡୁରଠାରେ ଏକ ବିଶ୍ୱକର୍ମା ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ବେଳୁ ସେ ଥିଲେ କଳାମନସ୍କ। କଳା ପ୍ରତି ଅନୁରାଗ ଦେଖି ତାଙ୍କ ମେଣ୍ଟର ଶ୍ରୀରାମ କ୍ରିଷ୍ଣ ଯୋଷୀ ତାଙ୍କୁ ବମ୍ବେର ଜେ.ଜେ. ସ୍କୁଲ ଅଫ୍ ଆର୍ଟରେ ନାମ ଲେଖାଇବାକୁ ଉତ୍ସାହିତ କରିଥିଲେ। ୧୯୫୩ରେ ସେଠାରୁ ସେ ପାଠ୍ୟକ୍ରମ ଶେଷ କରି ଶ୍ରେଷ୍ଠ ଛାତ୍ର ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହିତ ମଡେଲିଂରେ ମାୟୋ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପରେ ୧୯୫୪ରୁ ୧୯୫୮ ମଧ୍ୟରେ ଔରଙ୍ଗାବାଦ ସାଉଥ୍ ୱେଷ୍ଟର୍ନ ସର୍କଲରେ ପ୍ରତ୍ନତତ୍ତ୍ୱ ବିଭାଗରେ ମଡେଲ୍‌ର ଭାବେ କାର୍ଯ୍ୟ କରି ଏଲୋରା ଓ ଅଜନ୍ତା ଗୁମ୍ଫାରେ ପ୍ରାଚୀନ ସ୍ଥାପତ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ଏହା ପରେ ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଅଡ୍‌ଭିଶନ ଡିଭିଜନ୍ ଅଫ୍ ଅଡିଓଭିଜୁଆଲ୍ ପବ୍ଲିସିଟିରେ ଟେକ୍‌ନିକାଲ ଆସିଷ୍ଟାଣ୍ଟ (ମଡେଲ) ଭାବେ ସରକାରୀ ଚାକିରି ପାଇଥିଲେ। ଏଥିରେ ତାଙ୍କ ମନ ମାନିଲା ନାହିଁ। ସେ ବୃତ୍ତିଗତ ଜୀବନ ଜିଇ ଜଣେ ପ୍ରତିଷ୍ଠିତ ସ୍ଥପତି ହେବା ଲକ୍ଷ୍ୟରେ ୧୯୫୯ରେ ସରକାରୀ ଚାକିରି ଛାଡ଼ି ଦେଇଥିଲେ। ଜଣେ ବ୍ୟକ୍ତିଙ୍କ ନିଜ ଉପରେ ପ୍ରଗାଢ଼ ଆତ୍ମବିଶ୍ୱାସ ଥିଲେ ହିଁ ସେ ଏପରି ନିଷ୍ପତ୍ତି ନେଇଥାଆନ୍ତି।

ଭାନ୍‌ଜିଙ୍କ ପ୍ରଥମ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ଥିଲା ମଧ୍ୟପ୍ରଦେଶ ଗାନ୍ଧୀ ସାଗର ଡ୍ୟାମ୍‌ରେ ୪୫ ଫୁଟର ଚମ୍ବଲ କୀର୍ତ୍ତିରାଜି। ବୃହତ୍ ପଥର ଉପରେ ନିର୍ମିତ ଏହି କଳାରେ ମଦର ଚମ୍ବଲ ତା'ର ଦୁଇ ପିଲାଙ୍କୁ କୋଳରେ ଧରିଥିବା ଦେଖିବାକୁ ମିଳିଛି। ସେହି ଦୁଇ ସନ୍ତାନ ହେଉଛନ୍ତି ମଧ୍ୟପ୍ରଦେଶ ଓ ରାଜସ୍ଥାନ। ଏହା ଥିଲା ଭ୍ରାତୃତ୍ୱଭାବର ଏକ ସାଙ୍କେତିକ ଅଭିବ୍ୟକ୍ତି। ଏଭଳି ସ୍ଥାପତ୍ୟ ଦେଖି ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ଏଥିସହିତ ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ପ୍ରାଣବନ୍ତ କରିବାରେ ଭାନ୍‌ଜିଙ୍କ ଅବଦାନ ଅତୁଳନୀୟ। ଏହି କଳାକୃତିକୁ ଭାରତ ସରକାର ବିଭିନ୍ନ ସମୟରେ ଫ୍ରାନ୍ସ, ଇଟାଲି, ଆର୍ଜେଣ୍ଟିନା, ରୁଷିଆ, ଇଂଲଣ୍ଡ ଆଦି ବିଭିନ୍ନ ଦେଶକୁ ଉପହାର ଭାବେ ଦେବା ଭାନ୍‌ଜିଙ୍କ ପ୍ରତି ସର୍ବୋଚ୍ଚ ସମ୍ମାନ ବୋଲି କୁହାଯାଉଛି। ନିକଟ ଅତୀତରେ ଅନାବରଣ ହୋଇଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ଡିଜାଇନିଂ କରି ସେ ତାଙ୍କ କଳାକୃତିରେ ଆଉ ଏକ ଫର୍ଦ୍ଦ ଯୋଡ଼ି ଦେଇଛନ୍ତି। ଚମ୍ବଲ ମନୁମେଣ୍ଟଠାରୁ ଷ୍ଟାଚ୍ୟୁ ଅଫ୍ ୟୁନିଟି ମଧ୍ୟରେ ସେ ଯେତେ ସ୍ଥାପତ୍ୟର କୋଣାର୍କ ଗଢ଼ିଛନ୍ତି, ପ୍ରତ୍ୟେକଟିରେ କଳାର ଜୀବନ୍ତ ଛାପ ଛାଡ଼ିଯାଇଛନ୍ତି। ସେଥିପାଇଁ ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ, ୨୦୧୬ରେ ପଦ୍ମଭୂଷଣ ସହ ଅନେକ ସମ୍ମାନ ଓ ପୁରସ୍କାର ମିଳିପାରିଛି।

ବ୍ୟକ୍ତିଗତ ଜୀବନ କହିଲେ ପତ୍ନୀ ପ୍ରମିଳା ଓ ପୁତ୍ର ଅନିଲଙ୍କୁ ନେଇ ତାଙ୍କ ସଂସାର। ପିତାଙ୍କ ପଦାଙ୍କ ଅନୁସରଣ କରି ଅନିଲ ମଧ୍ୟ ଜଣେ ସ୍ଥପତି ହୋଇପାରିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବୁଲା କୁକୁରଙ୍କ ଆକ୍ରମଣରେ ଜଣେ ଶିଶୁ ମୃତ୍ୟୁବରଣ କରିବା ବିରଳ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏପରି ଏକ ଘଟଣା ଘଟିଛି ମହାରାଷ୍ଟ୍ରର ଅହମଦନଗର ଅଞ୍ଚଳରେ। ଶୁକ୍ରବାର ସକାଳେ ଏକ ତିନିବର୍ଷର ଶିଶୁପୁତ୍ରକୁ ପଞ୍ଚାଏ ବୁଲା କୁକୁର ଝୁଣିଦେବାରୁ ଶିଶୁଟିର ମୃତ୍ୟୁ ଘଟିଥିଲା। ଆୟୁଷ ପ୍ରଜାପତି ନାମକ ଏହି ବାଳକ ଉକ୍ତ ନଗରୀର ମଙ୍ଗଳାଗେଟ୍ ଏରିଆସ୍ଥିତ ନିଜ ଘର ନିକଟରେ ଖେଳୁଥିବା ବେଳେ ପ୍ରାୟ ପାଞ୍ଚଟି କୁକୁର ତାକୁ ଆକ୍ରମଣ କରିଥିଲେ। ତା'ର ମାତାପିତା ଓ ପଡୋଶୀ ଅତି ସଂକଟଜନକ ଅବସ୍ଥାରେ ତାକୁ ସ୍ଥାନୀୟ ହସ୍ପିଟାଲ୍‌କୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ବାଳକକୁ ପୁଣେସ୍ଥିତ ସାସୁନ ସରକାରୀ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଳକର ମୃତ୍ୟୁ ଘଟିଥିଲା। ପୁତ୍ରକୁ ହରାଇ ଉକ୍ତ ଦମ୍ପତି ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ଅହମଦନଗର ପୌରସଂସ୍ଥା ଉକ୍ତ ପରିବାରକୁ ଅନୁକମ୍ପାମୂଳକ ୧ଲକ୍ଷ ଟଙ୍କା ପ୍ରଦାନ କରିଛି। ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧିପାଇଥିବା ବେଳେ ଏଭଳି ଘଟଣା ଭବିଷ୍ୟତରେ ଯେପରି ନ ଘଟେ ସେଥିପ୍ରତି ପ୍ରତିକାର ବ୍ୟବସ୍ଥା କରିବାକୁ ପୌର କର୍ତ୍ତୃପକ୍ଷ ଯତ୍ନବାନ୍ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଚିରନ୍ତନୀ

କେତେ ଉଲ୍‌କା ପଡ଼େ ଖସି ଗଗନର ପଥେ
ସକରୁଣ ହାସ ଏ ଜଗତେ–
ନିମିଷରେ ଦେଖାଦେଇ ନିମିଷରେ ଯାଏ ନାହିଁ ଦ୍ରବି,
ଏ ଆକାଶେ ଚିହ୍ନ ତା'ର ରହେ କାହିଁ, ରହେ କାହିଁ ଛବି!

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୪ ଫେବୃୟାରୀ ୧୯୯୪

- ନାଟୋ ପକ୍ଷରୁ ସାରାୟେଭୋକୁ ଦିଆଯାଇଥିବା ଚରମବାଣୀକୁ ବଢାଇବା ପାଇଁ ଜାତିସଂଘ ବୋସ୍‌ନିଆକୁ ଅଧିକ ୨୫୦୦ ସୈନ୍ୟ ପଠାଇବାକୁ ନିଷ୍ପତ୍ତି।
- ଶ୍ରୀଲଙ୍କାର ଉତ୍ତର ପୂର୍ବାଞ୍ଚଳ ସୀମାରେ ନିରାପତ୍ତା ରକ୍ଷୀମାନଙ୍କ ସହ ସଂଘର୍ଷରେ ୧୫ ତାମିଲ ଉଗ୍ରପନ୍ଥୀ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷାର୍ଥୀ ଓ ଅଭିଭାବକ

ମହାଶୟ,

ବର୍ତ୍ତମାନ ପରୀକ୍ଷା ଋତୁ ଆରମ୍ଭ ହୋଇସାରିଛି। ବହୁ ଜାଗାରେ ଦେଖାଯାଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଅନେକ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରିବାକୁ ପଛାଇ ନ ଥାନ୍ତି। ତା'ଠୁ ବେଶୀ ଦୁଃଖ ଓ ପରିତାପର ବିଷୟ ହେଲା– କିଛି ଅଭିଭାବକ ମଧ୍ୟ ପିଲାଙ୍କୁ ସେଥିରେ ସହଯୋଗ କରନ୍ତି। ତେବେ ଆପଣମାନେ ସିନା ଅସାଧୁ ଉପାୟ ଅବଲମ୍ବନ କରେଇ ଏଠି ନିଜ ପିଲାଙ୍କୁ ଉତ୍ତୀର୍ଣ୍ଣ କରେଇଦେବେ, ହେଲେ ଆଜିର ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ଆପଣଙ୍କ ପିଲାର ସ୍ଥାନ କେଉଁଠି ଓ ଆଗକୁ ଯାଇ ଜୀବନରେ ସେ କେତେ ସଫଳ ହୋଇପାରିବ, ତାହା ନିଜ ବିବେକକୁ ପଚାରନ୍ତୁ। ଏହାଠୁ ଭଲ ହେବ ପିଲାକୁ ନିଜ ପରିଶ୍ରମ, ଅଧ୍ୟବସାୟ ଓ ଜ୍ଞାନ ବଳରେ ପରୀକ୍ଷା ବୈତରଣୀ ପାରି ହେବାକୁ ପ୍ରୋତ୍ସାହିତ କରନ୍ତୁ।

ସଂଗ୍ରାମ କେଶରୀ ସ୍ୱାଇଁ, ଖନ୍ଦୋଳ, ଇବ୍ରିସିଂ, ଜଗତ୍‌ସିଂହପୁର

### ଦୁର୍ନୀତି ବିରୋଧରେ ଦୃଢ ପଦକ୍ଷେପ ନିଆଯାଉ

ଭୁବନେଶ୍ୱର ଉପକଣ୍ଠ ଘଙ୍ଗପାଟଣାରେ ୧୦୦ ଏକର ଜଙ୍ଗଲ ଜମିକୁ ବେଆଇନ ଦଖଲ ପ୍ରସଙ୍ଗ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଥିଲା। ଏହି ଘଟଣାରେ ବହୁ ନିରୀହ ଆଦିବାସୀ ଓ ସରକାରୀ ଅଧିକାରୀ ଗିରଫ ହେଲେ। ଜଣେ ଅଧିକାରୀ ତ ଏହି ଚାପରେ ମୃତ୍ୟୁବରଣ କଲେ। ଜଣେ ବିଧାୟକ ଏହି ଜଙ୍ଗଲ ଜମିର ମାଲିକ ବୋଲି ଭୂଲେଖରେ ସ୍ଥାନ ପାଇଥିବା ବେଳେ ସେ ନିଜର ସତ୍ୟପାଠରେ ଏହା ଦର୍ଶାଇ ନ ଥିଲେ। ତେଣୁ ସେ ମିଥ୍ୟା ସତ୍ୟପାଠ ଦେଇଥିଲେ। ପରେ ଏହି ଜମି ସରକାରୀ ଖାତାକୁ ଯାଇଥିଲା। ହେଲେ ଯାହାଙ୍କ ପାଇଁ ଜଙ୍ଗଲ ଜମିକୁ ସରକାରୀ ଅର୍ଥରେ ରାସ୍ତା ହେଲା, ପାଚେରି ହେଲା, ସରକାରୀ ଖାତାରେ ଯିଏ ଏହି ଜମିର ମାଲିକ ସାଜିଲେ, ସେ କେମିତି ନିର୍ଦ୍ଦୋଷ ହେଲେ ? ତାଙ୍କ ବିରୋଧରେ କେମିତି କିଛି କାର୍ଯ୍ୟାନୁଷ୍ଠାନ ଆଜି ପର୍ଯ୍ୟନ୍ତ ହେଲାନାହିଁ ? ତେଣୁ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ଜ୍ୟୋସ୍ନାମୟୀ ସ୍ୱାଇଁ, ଚାରଗୋଠ, ସରଗଡ଼ା, ମକୁନ୍ଦପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ
ଭାରତ ସରକାର

सत्यमेव जयते

Skill India
कौशल भारत - कुशल भारत




## ଶୁଭ ଉଦ୍‌ଘାଟନ

# ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଡିଆଇ)
# ଭୁବନେଶ୍ୱରର ମୁଖ୍ୟ କ୍ୟାମ୍ପସ

ଏବଂ

ଏହା ସହିତ ଏସ୍‌ଡିଆଇ ମୁଖ୍ୟ କ୍ୟାମ୍ପସ୍‌ରୁ ବିଭିନ୍ନ ତୈଳ ଓ ପ୍ରାକୃତିକ ଗ୍ୟାସ୍ ସାର୍ବଜନିକ କ୍ଷେତ୍ରୀୟ ଉପକ୍ରମଗୁଡ଼ିକର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧିନରେ ୧୦୮ କୋଟି ଟଙ୍କା ମୂଲ୍ୟର ୧୪୨ଟି ପ୍ରକଳ୍ପ ମଧ୍ୟରୁ ୮୮ଟିର ଶୁଭ ଉଦ୍‌ଘାଟନ ଏବଂ ୫୪ଟିର ଭିତ୍ତିପ୍ରସ୍ତର ସ୍ଥାପନ

## ଧର୍ମେନ୍ଦ୍ର ପ୍ରଧାନ

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍
ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ
**କରକମଳରେ**

**ଲକ୍ଷ୍ୟ: ଏକ ଅନ୍ତର୍ଜାତୀୟ ସ୍ତରର ବୃହତ୍ ବହୁବିଧ ଆଦର୍ଶ ଦକ୍ଷତା ଏକାଡେମି ହେବା**

| ପ୍ରମୁଖ ବିଶେଷତ୍ୱ: | ଯୋଜନା କୃତ ପାଠ୍ୟକ୍ରମ: |
|---|---|
| ସର୍ବାଧୁନିକ ଭବନ ପରିଚାଳନା ବ୍ୟବସ୍ଥା ସହିତ ସ୍ମାର୍ଟ କ୍ୟାମ୍ପସ୍ | ଅନୁପ୍ରବାହ, ପେଟ୍ରୋକେମିକାଲ୍ସ ଏବଂ ପ୍ଲାଷ୍ଟିକ୍‌ରେ ହାଇଡ୍ରୋକାର୍ବନ କ୍ଷେତ୍ର ସମ୍ବନ୍ଧିତ ଦକ୍ଷତା ପାଠ୍ୟକ୍ରମ |
| ସବୁଜ ଏବଂ ସ୍ଥାୟୀ କ୍ୟାମ୍ପସ୍ ଯୋଜନା | ଭବିଷ୍ୟତ ଦକ୍ଷତା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା |
| ୧୭%ରୁ ଊର୍ଦ୍ଧ୍ୱ ଶକ୍ତି ବ୍ୟବହାର ଆବଶ୍ୟକତା ପୂରଣ ପାଇଁ ସୌରଶକ୍ତି | ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା |
| ଉଷ୍ମାୟନ ଓ ଔଦ୍ୟୋଗିକ କେନ୍ଦ୍ର | ବିଦ୍ୟାଳୟ ଦକ୍ଷତାକୁ ଶେଷସ୍ପର୍ଷ |
| ଭାରତୀୟ ଏବଂ ବିଶ୍ୱସ୍ତରୀୟ ଉଦ୍ୟୋଗ ଓ ସଂସ୍ଥାନ ସହ ସଂଯୁକ୍ତ ଉତ୍କର୍ଷ କେନ୍ଦ୍ର | ସାଧାରଣ ଇଞ୍ଜିନିୟରିଂ ଓ ସବୁଜ ଶକ୍ତି ଏବଂ ସ୍ଥାୟୀ ଉପକ୍ରମ |
| ଆଗାମୀ ୧୦ ବର୍ଷରେ ୫୦,୦୦୦ ଯୁବକ ଯୁବତୀଙ୍କୁ ଦକ୍ଷ କରୁଛି | ଭାଷା ପ୍ରୟୋଗଶାଳା |

**୨୪ ଫେବୃୟାରୀ, ୨୦୧୯ । ତରାବୋଇ, ଜଟଣୀ, ଖୋର୍ଦ୍ଧା**

## ଏବେ ଅସମ୍ଭବ ହୋଇଛି ସମ୍ଭବ

## ସଂକ୍ଷେପରେ

### ସାରଙ୍ଗରେ ହେବ ପ୍ରଧାନମନ୍ତ୍ରୀଙ୍କ ମନ୍‌କି ବାତ୍ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଅଫିସ, ୨୩।୨- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ମନ୍‌କି ବାତ୍ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନ ୧୦ଟା।୩୦ରେ ଲାଇଭ ଟେଲିକାଷ୍ଟ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ଏହା ତାଙ୍କର ଶେଷ ମନ୍‌କି ବାତ୍ କର୍ଯ୍ୟକ୍ରମ ହୋଇଥିବା ବେଳେ କେନ୍ଦ୍ରପଡା ବ୍ଲକ ଗଣ୍ଡାକିଆ ରାସ୍ତାର ସାରଙ୍ଗଠାରେ ଜିଲାସ୍ତରୀୟ ଲାଇଭ ଟେଲିକାଷ୍ଟ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ସହରର ଗୋପସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ସଂଯୋଜକ ଚିତ୍ତରଞ୍ଜନ ଜେନା ଓ ଗୀତାଞ୍ଜଳୀ ସେଠୀ ପ୍ରମୁଖ ଯୋଗଦେଇଥିଲେ।

### କନପୁର ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ରାଜକନିକା ୨୩।୨(ଡି.ଏନ୍.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ଦୋମଣ୍ଡା ପଞ୍ଚାୟତସ୍ଥିତ କନପୁର ଉଚ୍ଚ ବିଦ୍ୟାଳୟର ନୂତନଶ୍ରେଣୀ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲେକ୍ଷ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କନପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଚନ୍ଦନ କୁମାର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ଆଳି ନିର୍ବାଚନମଣ୍ଡଳିର ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଯୋଗଦେଇ କହିଥିଲେ ବିଦ୍ୟାଳୟର ଛାତରୁ ପାଣି ଗଳୁଥିବାରୁ ପିଲାମାନଙ୍କ ପାଠ ପଢାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏଥିଯୋଗୁ ବିଧାୟକଙ୍କ ପାଣ୍ଠିରୁ ୧୨ଲକ୍ଷ ଟଙ୍କା ନୂତନ ଗୃହ ନିର୍ମାଣ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠନେତା ବାବୁରାମ ଜେନା, ବିକ୍ରମ ଦାସ ଓ ଡା. ଦେବସ୍ମିତା ଶର୍ମା ଯୋଗଦେଇଥିଲେ। ଶିକ୍ଷକ ନିରୋଦ ରାଉତ ଅତିଥି ପରିଚୟ ଓ ରମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଜିଲାରେ ଖାଦ୍ୟର ମାନ ଯାଞ୍ଚ ପାଇଁ ବ୍ୟବସ୍ଥା ନାହିଁ

# ଆଞ୍ଚଳିକ ପରୀକ୍ଷାଗାର ପ୍ରତିଷ୍ଠା ଦାବି

**କେନ୍ଦ୍ରାପଡ଼ା ଅଫିସ, ୨୩।୨**

ବିଭିନ୍ନ ସମୟରେ ନିମ୍ନମାନର ଖାଦ୍ୟ ଖାଇବା ଯୋଗୁ ସାଧାରଣ ଲୋକେ ବିଭିନ୍ନ ପ୍ରକାର ରୋଗରେ ପଡୁଛନ୍ତି। ବହୁ ସମୟରେ ଦୋକାନୀ ଓ ଅନ୍ୟମାନେ ଗ୍ରାହକମାନଙ୍କୁ ନିମ୍ନମାନର ଖାଦ୍ୟ ଦେଇ ଠକି ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖାଦ୍ୟର ମାନ ଯାଞ୍ଚ ପାଇଁ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ପରୀକ୍ଷାଗାର ରହିଛି। ସେହିପରି ବାଲେଶ୍ୱର, କନ୍ଧମାଳ, ଝାରସୁଗୁଡା ଓ ମୟୂରଭଞ୍ଜ ଆଦି ସ୍ଥାନରେ ଆଞ୍ଚଳିକ ପରୀକ୍ଷାଗାର ରହିଛି। କେନ୍ଦ୍ରାପଡ଼ା ଜିଲାରେ ଅଦ୍ୟାବଧି ଏହି ପରୀକ୍ଷାଗାର ନାହିଁ। ଏଠାରେ ଏକ ଆଞ୍ଚଳିକ ପରୀକ୍ଷାଗାର ପ୍ରତିଷ୍ଠା ପାଇଁ ଜିଲା ଜନସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ ଚିଠି ଲେଖିଛନ୍ତି। ଏଥିସହ ମଞ୍ଚ ପକ୍ଷରୁ ଶନିବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏସମ୍ପର୍କରେ ସଭାପତି ସାମଲ କହିଛନ୍ତିଯେ, ସାରା ଦେଶରେ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ଆହାର ଯୋଜନା ମାଧ୍ୟମରେ ବହୁ ଲୋକ ଉପକୃତ ହେଉଛନ୍ତି। ମାତ୍ର ଏସବୁ ଖାଦ୍ୟର ମାନ ପରୀକ୍ଷଣ ପାଇଁ ଜିଲାରେ କୌଣସି ବ୍ୟବସ୍ଥା ନାହିଁ।

ସେହିପରି ଖୋଲା ବଜାରରେ ଖାଦ୍ୟ ପଦାର୍ଥ ବିକ୍ରି ଚାଲିଛି। ପରୀକ୍ଷାଗାର ନ ଥିବାରୁ ଏସବୁ ଖାଦ୍ୟର ମାନ ଯାଞ୍ଚ ହୋଇ ପାରୁନାହିଁ। ଜିଲାରେ ଏହି ପରୀକ୍ଷାଗାର ସ୍ଥାପନ ହେଲେ କେନ୍ଦ୍ରାପଡା ସମେତ ନିକଟସ୍ଥ ଯାଜପୁର, ଜଗତସିଂହପୁର ଓ କଟକ ଜିଲାର କିଛି ଅଂଶର ଲୋକେ ଉପକୃତ ହୋଇପାରିବେ। ଆଇନଜୀବୀ ସଞ୍ଜୟ କୁମାର ଜେନା କୁହନ୍ତି, ଦେଶରେ ଖାଦ୍ୟ ସୁରକ୍ଷା ପାଇଁ ବିଭିନ୍ନ ଆକ୍ଟ ଓ ଅର୍ଡରର ସହ ୨୦୦୬ରେ ଦ ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ ପ୍ରଚଳନ ହୋଇଛି।

ମାତ୍ର ଆଇନଗୁଡିକ କାର୍ଯ୍ୟକାରୀ ନିମନ୍ତେ ଆଶାନୁରୂପକ ମାମଲା କୋର୍ଟକୁ ଆସିପାରୁନାହିଁ। ଖାଦ୍ୟର ମାନ ପରୀକ୍ଷଣ ନ ହେବା ଫଳରେ ଖରାପ ଖାଦ୍ୟ ସମ୍ପର୍କରେ କୌଣସି ସୂଚନା ମିଳୁନାହିଁ। ଫଳରେ ମାମଲା ରୁଜୁ ହେଉ ନଥିବାରୁ ଏହି ଆଇନର ଆଶାତୀତ ଲାଭ ଉପଭୋକ୍ତାମାନେ ଉଠାଇପାରୁ ନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ପରୀକ୍ଷାଗାର ଅଭାବ ଏଥିରେ ବାଧକ ସାଜିଛି।

ବୁଦ୍ଧିଜୀବୀ ମିଳନ କୁମାର ଧଳଙ୍କ କହିବାନୁସାରେ ୨୦୧୭ ଅଗଷ୍ଟରେ ପ୍ରକାଶିତ ସିଏଜି ରିପୋର୍ଟରେ ଖାଦ୍ୟର ମାନ ଯାଞ୍ଚରେ ବହୁ ଅବହେଳା ହୋଇଥିବା ସ୍ପଷ୍ଟ ହୋଇଛି। ପ୍ରାୟ ୯୦ ପ୍ରତିଶତ ଖାଦ୍ୟର ମାନ ପରୀକ୍ଷଣ ହୋଇନ ଥିବା ରିପୋର୍ଟରେ ଦର୍ଶାଯାଇଛି।

ଖାଦ୍ୟର ମାନ ଯାଞ୍ଚ ହେଉ ନଥିବାରୁ ବହୁଶିଶୁ ଓ ପ୍ରସୂତିଙ୍କୁ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟର ମାନ ଭଲ ରହୁନାହିଁ। ସେହିଭଳି ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ନିମ୍ନମାନର ଖାଦ୍ୟ ଖାଇ ବହୁ ଛାତ୍ରୀଛାତ୍ର ଚିକିତ୍ସାଳୟରେ ଭର୍ତ୍ତି ହେଉଥିବା ପୂର୍ବରୁ ନଜିର ରହିଛି।

ଏସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ମଧ୍ୟାହ୍ନ ଭୋଜନର ମାନ ନିର୍ଦ୍ଧାରଣ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଏକ କମିଟି ଗଠନ କରାଯାଇଛି। ସେହିପରି ଆହାର କେନ୍ଦ୍ରରେ ବିଭିନ୍ନ ସମୟରେ ଖାଦ୍ୟର ମାନ ତଦାରଖ ହେଉଛି। ଜିଲା ଖାଦ୍ୟ ନିରୀକ୍ଷକ ବଜାରରେ ଏନେଇ ବାରମ୍ବାର ଚଢ଼ାଉ କରୁଛନ୍ତି। ତେବେ ଖାଦ୍ୟର ମାନ ଯାଞ୍ଚ ପାଇଁ ପରୀକ୍ଷାଗାରର ବହୁ ଭୂମିକା ରହିଛି। ଏଥିଯୋଗୁ ଏହାର ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବ ବୋଲି ସେ ମତ ଦେଇଛନ୍ତି। ଅପରପକ୍ଷରେ ସହରର ଲକ୍ଷ୍ମୀକାନ୍ତ ନାୟକ, ଆଶିଷ କୁମାର ସେନାପତି, ଚିତ୍ତରଞ୍ଜନ ଦାସ ପ୍ରମୁଖ ଜିଲାପାଳଙ୍କ ମତରେ ଏକମତ ହୋଇପାରି ନାହାନ୍ତି। ସେମାନେ ଦର୍ଶାଇଛନ୍ତିଯେ, ବିଦ୍ୟାଳୟରେ ଥିବା କମିଟି ସଦସ୍ୟ ଖାଦ୍ୟର ମାନ ଯାଞ୍ଚ ପାଇଁ କୌଣସି ତାଲିମ ନେଇନାହାନ୍ତି। ସେହିପରି ଆହାର କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର ଆଦିକୁ ଖାଦ୍ୟ ନିରୀକ୍ଷକ ଗସ୍ତ କରୁନାହାନ୍ତି। ଜିଲାରେ ପରୀକ୍ଷାଗାର ଥିଲେ, ଜଣେ ଉପଭୋକ୍ତା ସହଜରେ ଖାଦ୍ୟର ମାନ ପରୀକ୍ଷଣ କରିପାରିବେ ବୋଲି ସେମାନେ କହିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋରୁ ଲାଙ୍ଗୁଡ଼**
**ଗୋରୀ ଆସିଲାଣି କାଳୀକି ତଡ଼।**

ସାଧାରଣତଃ ନୂଆ ନୂଆ ଜିନିଷ ବା ଦରବ ପ୍ରତି ସମସ୍ତଙ୍କର ଆଗ୍ରହ ତଥା ଆଦର ଭାବ ରହିଥାଏ। ନୂଆ ଓ ଭଲ ଜିନିଷ ମିଳିଲେ ପୁରୁଣା ଓ ଖରାପ ଜିନିଷକୁ କେହି ପଚାରି ନ ଥାନ୍ତି। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି। ନୂଆକୁ ଆଦର କରି ପୁରୁଣାକୁ ହତାଦର କରାଯିବା ଭଳି ଗୌରବର୍ଣ୍ଣା ଯୁବତୀକୁ ପାଇ ଶ୍ୟାମଳ ବର୍ଣ୍ଣା ଯୁବତୀ ପାଖରୁ ମୁହଁ ବୁଲାଇ ନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁଣ ଥିଲେ କାନ୍ଧ**
**ବାଳ ଥିଲେ ବାନ୍ଧ।**

ସମାଜରେ ଗୁଣୀ ବ୍ୟକ୍ତିଙ୍କୁ ଉଚ୍ଚାସନ ମିଳିଥାଏ। ଆଦର ସମ୍ମାନ ମିଳିବା ସହ ଯଶକୀର୍ତ୍ତି ପ୍ରାପ୍ତ ହୋଇଥାଏ। ମୃତ୍ୟୁ ପରେ ଗୁଣଗାନ କରାଯାଇଥାଏ। ସେହିପରି କେଶ ଅଲରା ନ ହେବା ଲାଗି ତାକୁ ବାନ୍ଧି ବା ଖୋସା ପକେଇ ରଖାଯାଇଥାଏ। କିନ୍ତୁ ମୂଳରୁ ଗୁଣ ନ ଥିଲେ କାହାକୁ ମୁଣ୍ଡରେ ବସାଇବ ତଥା ସୁମରିବ ଓ ମୁଣ୍ଡରେ କେଶ ନ ଥିଲେ କାହାକୁ ବାନ୍ଧିବ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବଡ଼କୁଳ ସରପଞ୍ଚଙ୍କ ଦାୟିତ୍ୱ ହସ୍ତାନ୍ତର ପାଇଁ ଚିଠି

**କେନ୍ଦ୍ରାପଡା ଅଫିସ, ୨୩।୨**

ମହାକାଳପଡା ବ୍ଲକ ବଡ଼କୁଳ ପଞ୍ଚାୟତର ଅକ୍ଷୟ କୁମାର ଲେଙ୍କାଙ୍କ ସରପଞ୍ଚ ପଦବୀ କେନ୍ଦ୍ରାପଡା କୋର୍ଟରେ ଅସିଦ୍ଧ ଘୋଷଣା କରାଯାଇଛି। ଏହାପରେ ଏହି ଦାୟିତ୍ୱ ନାଏବ ସରପଞ୍ଚଙ୍କୁ ହସ୍ତାନ୍ତର କରିବା ପାଇଁ ଜିଲାପାଳ ଦାଶରଥି ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲାପାଳ ଶୁକ୍ରବାର ଏକ ଚିଠି(ନଂ. ୨୬୦) ବିଡିଓଙ୍କୁ ପଠାଇଛନ୍ତି। ସୂଚନାଯୋଗ୍ୟ, ବଡକୁଳ ସରପଞ୍ଚ ଲେଙ୍କା ୩ଟି ସନ୍ତାନର ଜନକ ବୋଲି ଗତ ୧୪ ତାରିଖରେ କେନ୍ଦ୍ରାପଡା ମୁନସଫ କୋର୍ଟ ରାୟ ଦେଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆଇନ ଅନୁଯାୟୀ ଏଥିପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି।

# କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳର ଗରଦପୁର ଗସ୍ତ

**ପାଟକୁରା, ୨୩।୨ (ଡି.ଏନ.ଏ.)**

ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଶନିବାର କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବୁଝିଛନ୍ତି। ନୂଆଦିଲ୍ଲୀର ପଲିସି ରିସର୍ଚ୍ଚ କାଉନସିଲର ସହକାରୀ ନିର୍ଦ୍ଦେଶକ ଇନ୍ଦ୍ରେଶ ଶର୍ମାଙ୍କ ନେତୃତ୍ୱରେ କ୍ଷେତ୍ର ବିଶେଷଜ୍ଞ ହୃଷୀକେଶ ଦାସ, ସତ୍ୟନାରାୟଣ ପଣ୍ଡା ଓ ସୁନାକର ମାହାଳି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ଦଳ ତ୍ରୟଦଶ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ଚାଲିଥିବା ପ୍ରକଳ୍ପଗୁଡିକ ସମ୍ପର୍କରେ ପଚାରିବୁଝିବା ସହ ବିଭିନ୍ନ ନଥିପତ୍ର ଯାଞ୍ଚ କରିଥିଲେ। ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ହାସଲ କରିଥିଲେ। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧୀର ବେହେରା, ବରିଷ୍ଠ କିରାଣୀ ନରୋତ୍ତମ ପରିଡା ଓ ଚୈତନ୍ୟ ପ୍ରସାଦ ବିଶ୍ୱାଳ ସହାୟତା କରିଥିଲେ। ଏହାପରେ କେନ୍ଦ୍ରୀୟ ଦଳ ବ୍ଲକର ତଳକୁସୁମା ଗ୍ରାମ ପଞ୍ଚାୟତକୁ ଯାଇଥିଲେ। ସେଠାରେ ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପକଳ୍ପଗୁଡିକର ନଥିପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ସୂର୍ଯ୍ୟମଣି ଟୁଡୁ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ବିଭିନ୍ନ ପ୍ରକଳ୍ପର କାଗଜପତ୍ର ଯାଞ୍ଚ କରୁଛନ୍ତି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ପଟ୍ଟାମୁଣ୍ଡାଇ,୨୩।୨(ସ୍ୱ.ପ୍ର)**

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପଟ୍ଟାମୁଣ୍ଡାଇର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନିକଟରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ଶହୀଦ ଯବାନ ଅମର ରହେ ,ପାକିସ୍ତାନ ମୁର୍ଦ୍ଦାବାଦ ଆଦି ସ୍ଲୋଗାନ ଦେଇଥିଲେ। ଶିଶୁ ମନ୍ଦିର ସଭାପତି ତ୍ରିଲୋଚନ ରାଉତ, ଉପସଭାପତି ପ୍ରଭାତ ପଣ୍ଡା, ସମ୍ପାଦକ ପ୍ରେମାନନ୍ଦ ପଣ୍ଡା, ସହସମ୍ପାଦକ ତପନ ଦାଶ, କୋଷାଧ୍ୟକ୍ଷ ଗୋପାଳ ବିଶ୍ୱାଳ, ପ୍ରଧାନ ଆଚାର୍ଯ୍ୟ ପ୍ରଭାତ ନାୟକଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ନାଟ୍ୟ ସାହିତ୍ୟ ସଙ୍ଗଠନ ଉଲ୍ଲାସ ପକ୍ଷରୁ ବସଷ୍ଟାଣ୍ଡ ଠାରେ ବୀରଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ସମ୍ପାଦକ ହରେକୃଷ୍ଣ ଦାଶ, ଅଧ୍ୟାପକ ମନୋଜ ପରିଡା, ଆଇଆଇସି ପ୍ରମୋଦ କୁମାର ମଲିକ, ଆଇନଜୀବୀ ବିଜ୍ଞାନ ଜେନା, ପ୍ରାଧ୍ୟାପକ ଦେବବ୍ରତ ପ୍ରଧାନ, ନାଟ୍ୟକାର ଗୋଲକ ମହାରଣା, ଶୈଳେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବେଲତଳ ବାସୁଦେବ ଅନୁଷ୍ଠାନ ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରଶ୍ମିରଞ୍ଜନ ପାଢୀ, ଚନ୍ଦ୍ରଶେଖର ବେହେରା, ରଞ୍ଜନ ସାହୁ, ଗୀତା ପ୍ରତିମା ଚୌଧୁରୀ, ରଶ୍ମିତା ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ମୁକୁନ୍ଦପୁର ଜିତିଲା ଜୟଦୁର୍ଗା କ୍ରିକେଟ

**ଡେରାବିଶ,୨୩।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକା ଶନି ଠାକୁରଙ୍କ ପଡିଆରେ ଶନିବାର ଜୟଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ଡେରାବିଶର ଶ୍ରୀ ଦଧିବାମନଜୀଉ ଦଳକୁ ୭ ଉଇକେଟରେ ହରାଇ ମୁକୁନ୍ଦପୁର କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଶ୍ରୀ ଦଧିବାମନଜୀଉ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୮ରନ କରିଥିଲା। ଶିବାନୀ ଶଙ୍କର ସାହୁ ସର୍ବାଧିକ ୧୯ ରନ କରିଥିଲେ। ମାତ୍ର ୪୯ରନ ବିଜୟ ଲକ୍ଷ୍ୟକୁ ମୁକୁନ୍ଦପୁର ଦଳ ଚତୁର୍ଥ ଓଭରରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରଦ୍ୟୁମ୍ନ ୨୫ ରନର ଅପରାଜିତ ଇନିଂସ ଖେଳିଥିଲେ। ଦିଲ୍ଲୀପ କାଣ୍ଡି ଓ ପ୍ରଶନ୍ନ କାଣ୍ଡି ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ।

ଆୟୋଜକ ଜୟଦୁର୍ଗା କ୍ଲବର ସଭାପତି କାଶିନାଥ କାଣ୍ଡିଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳର ସମ୍ପାଦକ ରବି ସାମଲ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଗୋଲରାହାଟ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତ୍ରିଲୋଚନ ରାଉତ, ବରିଷ୍ଠ କ୍ରୀଡାବିତ ସାହାଜାହାନ ଖାଁ, ସମାଜସେବୀ ବିପିନ ବିହାରୀ ସାହୁ ଓ ସୁଶାନ୍ତ କୁମାର ମିଶ୍ର ଏବଂ ଶିକ୍ଷାବିତ ଅତୁଲ୍ୟ କୁମାର ରଥ ଯୋଗଦେଇ ବିଜୟୀ ମୁକୁନ୍ଦପୁର ଦଳକୁ ଚାମ୍ପିୟନ ଟ୍ରଫି ସହ ଆର୍ଥିକ ରାଶି ଓ ରନର୍ସଅପ୍ ଶ୍ରୀ ଦଧିବାମନଜୀଉ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୁରା ଟୁର୍ନାମେଣ୍ଟରେ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରିଥିବା ପ୍ରଦ୍ୟୁମ୍ନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ରୂପେ ଅତିଥିମାନେ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କରିବାରେ ଆୟୋଜକ ଜୟଦୁର୍ଗା କ୍ରିକେଟ କ୍ଲବର ସଦସ୍ୟ ସୁନାକର ମହାରଣା, ରଞ୍ଜନ କୁମାର କାଣ୍ଡି, ଚିତରଞ୍ଜନ ଦାଶ, କରୁଣାକର ଜେନା, ସୁଶାନ୍ତ ଦାଶ, ଗିରିଶଚନ୍ଦ୍ର ପ୍ରହରାଜ, ଅଭିଜିତ କାଣ୍ଡି, ବିଶ୍ୱରଞ୍ଜନ ଦାଶ,ମକ୍ଳର ଭୋଇ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏହି ୩ଦିନିଆ ଟୁର୍ନମେଣ୍ଟରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ।


## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

ନଂ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫, ଫୋନ ନଂ: ୦୬୭୪-୨୩୦୧୩୨୪, oavsbbsr.od@gov.in

### ବିଜ୍ଞାପନ

No.80-n:- ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ୨୧୪ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/ CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବାଧ୍ୟାୟୀ (Day Scholar) ଭାବରେ ଛାତ୍ରୀଛାତ୍ରମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ। କେଉଁ କେଉଁ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯିବ ଓ କେତେ ସଂଖ୍ୟାର ଛାତ୍ରଛାତ୍ରୀ ଗ୍ରହଣ କରାଯିବ ତାହା ପରବର୍ତ୍ତୀ ସମୟରେ ଆଦର୍ଶ ବିଦ୍ୟାଳୟଗୁଡ଼ିକୁ ସୂଚାଇ ଦିଆଯିବ। ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି। ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ। ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୧୫।୦୩।୨୦୧୮। ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ ସାଇଟରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷଙ୍କ ନିକଟରେ ଦାଖଲ କରିବେ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। ଉକ୍ତ ପ୍ରବେଶିକା ପରୀକ୍ଷା, ତା୨୪।୦୩।୨୦୧୯ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ କେବଳ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry) ର ମଧ ବ୍ୟବସ୍ଥା ରହିଛି। ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ସେହି ବିଦ୍ୟାଳୟର ଅଧକ୍ଷଙ୍କ ସହ ଯୋଗାଯୋଗ କରି ଦରଖାସ୍ତର ନମୁନା ପାଇପାରିବେ।

ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ www.oavs.in ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ। ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ପ୍ରମାଣ ପତ୍ର ସହ ଆବେଦନ କରିପାରିବେ। ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ବିଦ୍ୟାଳୟର ତାଲିକ ୱେବସାଇଟରେ ଉପଲବ୍ଧ ଅଟେ। ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ଅଳ୍ପ କେତୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ବିଦ୍ୟାଳୟରେ ଆବାସିକ ବ୍ୟବସ୍ଥା କରାଯାଇଅଛି। କିନ୍ତୁ କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବାଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ। ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

27029/11/0007/1819



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
GOVT. APPROVED
ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ଗୃହ, ମାର୍କଶିଟ୍
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383

ଭାରତର ନଂ.1
SATYAM FINANCE
ପଞ୍ଜୀକୃତ କମ୍ପାନୀରୁ ଘରେ ବସି ପାଆନ୍ତୁ
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ଗାଡ଼ି,ଗୃହ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର ଆସିବା ପରେ
1% ସୁଧ - 40% ଛାଡ଼
ସରକାରୀ କର୍ମଚାରୀ/ମହିଳାଙ୍କ ପାଇଁ ବିଶେଷ ରିହାତି
07701890960, 09991536957
168, sector 30, jagatpura, jaipur (Rajasthan)

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
A to Z ସମସ୍ୟାର ସମାଧାନ ଘରେ ବସି।
ବାବା ଆମିଲ ସୁଫି
9540938429
9903852257

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MORE SPACE • SAME PRICE — *GST 5% Extra

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

SMS JOB
7520206361
7061764396

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ସବୁ ଦଳରୁ ଏକାଧିକ ଆଶାୟୀ

**ନିର୍ମଳ ପଣ୍ଡା**

କଟକ ଅଫିସ, ୨୩।୨

୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ ରାଜ୍ୟ ରାଜନୈତିକ ମାନଚିତ୍ରରୁ ଟାଙ୍ଗୀ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଲିଭି ଯାଇଥିଲା। ସେହି ସ୍ଥାନରେ ସୃଷ୍ଟି ହୋଇଥିଲା ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ। କଟକ ମହାନଗର ନିଗମର ୨୨ଟି ୱାର୍ଡ, ଚୌଦ୍ୱାର ପୌର ପରିଷଦର ୧୯ଟି ୱାର୍ଡ ସହିତ ଟାଙ୍ଗୀ ବ୍ଲକର କୟଳପଡ଼ା, ଇନ୍ଦ୍ରାଣୀପାଟଣା, ବାଣୀପଦା, ଆଗ୍ରାହାଟ ଓ ନଖରା ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଯାଉଥିବା ଏହି ବିଧାନସଭା କ୍ଷେତ୍ରରେ ମୋଟ ୨ ଲକ୍ଷ ୫ହଜାର ୭୬୭ ଜଣ ମତଦାତା ଅଛନ୍ତି। ଆସନ୍ତା ଏପ୍ରିଲ ଓ ମେ ମାସରେ ଲୋକସଭା ସହ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଏବେ ଚୌଦ୍ୱାର-କଟକ ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହୋଇଉଠିଛି। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀମାନଙ୍କ ତତ୍ପରତା ଦେଖିବାକୁ ମିଳିଛି।

ଗତ ୨ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜୟୀ ହୋଇଛନ୍ତି। ହେଲେ ସେ ସି-ଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ସିବିଆଇ ହାତରେ ଗିରଫ ହେବା ପରେ ଏହି ନିର୍ବାଚନମଣ୍ଡଳୀର ରାଜନୈତିକ ଦୃଶ୍ୟପଟ ଗୋଳମାଳିଆ ଧରିଛି। ବିଧାୟକ ବିଶ୍ୱାଳ ଜେଲ ଯିବା ସତ୍ତ୍ୱେ ବିଜେଡି ତାଙ୍କୁ ଦଳରୁ ନିଲମ୍ବିତ କରି ନ ଥିଲା। ଏପରି କି ପ୍ରଭାତଙ୍କ ଅନୁପସ୍ଥିତିରେ ବିଜେଡି ତାଙ୍କ ସାନଭାଇ ଆର୍ତ୍ତରଞ୍ଜନ ବିଶ୍ୱାଳଙ୍କ ଉପରେ ସଂଗଠନ ଦାୟିତ୍ୱ ନ୍ୟସ୍ତ କରିଥିଲା। ହେଲେ ଏଥର ପ୍ରଭାତଙ୍କୁ ବିଜେଡି ଟିକେଟ ଦେବ କି ନାହିଁ ତାହାକୁ ନେଇ ଆଶଙ୍କା ଲାଗି ରହିଛି। ଏଭଳି ସ୍ଥିତିରେ ବିଜେଡିରୁ ଟିକେଟ ପାଇବା ପାଇଁ ଆଶାବାନ୍ଧି ବସିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ସିଏମ୍‌ସିର ପୂର୍ବତନ ଡେପୁଟି ମେୟର ଅଜୟ ବାରିକ, ପୂର୍ବତନ କର୍ପୋରେଟର ଶ୍ରୀରାମ ପାଣ୍ଡେଙ୍କ ନାମ ଚର୍ଚ୍ଚାରେ ରହିଛି। ଏହାବାଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ଜିଲା ପରିଷଦ ସଭାପତି ପ୍ରଶାନ୍ତ ବେହେରାଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। କାରଣ ପୂର୍ବରୁ ଟାଙ୍ଗୀ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଥିବା ସମୟରେ ପ୍ରଶାନ୍ତଙ୍କ ବାପା ଧର୍ମାନନ୍ଦ ବେହେରା ୨୦୦୪ରେ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ପ୍ରଶାନ୍ତଙ୍କୁ ବିଜେଡି ସାଲେପୁର ଆସନରୁ ପ୍ରାର୍ଥୀ କରିଥିବାବେଳେ ସେ ପରାସ୍ତ ହୋଇଥିଲେ।

## ୨୦୧୪ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ପ୍ରଭାତ ରଞ୍ଜନ ବିଶ୍ୱାଳ | ୭୦,୮୨୬ |
| କଂଗ୍ରେସ | ସୁରେଶ ମହାପାତ୍ର | ୨୯,୪୯୫ |
| ଭାଜପା | ନୟନ କିଶୋର ମହାନ୍ତି | ୨୪,୬୫୧ |
| ବିଏସ୍‌ପି | ବିଜୟ କୁମାର ସାମଲ | ୫୦୯ |
| ଏସ୍‌ୟୁସିଆଇ(ସି) | ଗଣେଶ କୁମାର ତ୍ରିପାଠୀ | ୫୦୩ |
| ଏଏପି | ବିଚିତ୍ରାନନ୍ଦ ରାଉତରାୟ | ୮୬୦ |
| ଏଓପି | ଶ୍ରୀରାମ ପାଣ୍ଡେ | ୧୧୬୮ |
| ସ୍ୱାଧୀନ | ଜିନେଶ ଦାସ | ୭୪୫ |
| ନୋଟା | | ୧୩୬୫ |

## ୨୦୦୯ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ପ୍ରଭାତ ରଞ୍ଜନ ବିଶ୍ୱାଳ | ୫୮,୪୯୫ |
| କଂଗ୍ରେସ | ସାବିତ୍ରୀ ଚୌଧୁରୀ | ୮୪୯୮ |
| ଭାଜପା | ନୟନ କିଶୋର ମହାନ୍ତି | ୮୯୮୮ |
| ସ୍ୱାଧୀନ | ଦୀପକ କୁମାର ବାରିକ | ୨୫,୭୧୮ |
| ବିଏସ୍‌ପି | ଡା. ନିରଞ୍ଜନ ତ୍ରିପାଠୀ | ୪୦୭ |
| ଆର୍‌ପିଡି | ସଞ୍ଜୟ କୁମାର ସାମଲ | ୨୯୪ |
| ବୀର ଓଡ଼ିଆ ପାର୍ଟି | ପଦ୍ମିନୀ ଜେନା | ୨୬୬ |
| ଜେଡିୟୁ | ସତ୍ୟନାରାୟଣ ମହାନ୍ତି | ୨୦୦ |
| କଳିଙ୍ଗସେନା | ଲକ୍ଷ୍ମୀକାନ୍ତ ବେହେରା | ୧୬୬ |

ଏବେ ସାଲେପୁରର କଂଗ୍ରେସ ବିଧାୟକ ପ୍ରକାଶ ବେହେରା ବିଜେଡିରେ ମିଶୁଥିବା ନେଇ ଆଲୋଚନା ହେଉଥିବାରୁ ପ୍ରଶାନ୍ତଙ୍କୁ ଚୌଦ୍ୱାର-କଟକରେ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ପ୍ରଶାନ୍ତ ଏହି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଅପରପକ୍ଷରେ ମାହାଙ୍ଗା ଛାଡ଼ି ଯିବାର ମୋର ପ୍ରଶ୍ନ ଉଠୁନି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏ ସବୁ ଭିତରେ ନବୀନଙ୍କ ୩୩% ମହିଳା ଥିଓରି ଭିତରେ ଚୌଦ୍ୱାର-କଟକ ପଡ଼ିପାରେ ବୋଲି ମଧ୍ୟ ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଅନ୍ୟପକ୍ଷରେ ବିଜେଡି ଟିକେଟ ମିଳିବ କି ବୋଲି ପଚରାଯିବାରୁ ବିଧାୟକ ବିଶ୍ୱାଳ କହିଛନ୍ତି, ସେ ନିଷ୍ପତ୍ତି ଦଳର ସଭାପତି ନେବେ। ଚୌଦ୍ୱାର-କଟକବାସୀଙ୍କ ଉପରେ ଭରସା ରଖିଛି। ଦଳର ସଭାପତିଙ୍କ ନିଷ୍ପତ୍ତି ସର୍ବମାନ୍ୟ। ଚୌଦ୍ୱାର-କଟକରେ ବିଗତ ୧୦ ବର୍ଷ ମଧ୍ୟରେ ଅନେକ କାର୍ଯ୍ୟ ହୋଇଛି। ପିଇବା ପାଣି ବ୍ୟବସ୍ଥାଠାରୁ ଆରମ୍ଭ କରି ଏସ୍‌ସିବି ମେଡିକାଲ, ରେଭେନ୍‌ଶା କଲେଜ, ଚୌଦ୍ୱାର ଓ ସିଏମ୍‌ସି ଅଞ୍ଚଳରେ ଥିବା ବିଦ୍ୟାଳୟର ଉନ୍ନତୀକରଣ ସହିତ ଓଭରବ୍ରିଜ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଛି। ଆଗାମୀ ଦିନରେ ଓଟିଏମ୍‌କୁ ପୁନଃକ୍ଷମ କରିବା ସହିତ ଟେକ୍ସଟାଇଲ ହବ୍ ପ୍ରତିଷ୍ଠା କରିବା ଲକ୍ଷ୍ୟ ଥିବା ସେ କହିଥିଲେ। ଏଠାରେ ବିଜେଡି କାହା ସହିତ ପ୍ରତଦ୍ୱନ୍ଦ୍ୱିତା କରିବ ବୋଲି ପ୍ରଶ୍ନରେ ପ୍ରଭାତ କହିଥିଲେ, ଦୁଇ ନମ୍ବର ସ୍ଥାନ ପାଇଁ କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେବ। ସେହିପରି ଅଜୟ ବାରିକ ମଧ୍ୟ ସମାନ ଢଙ୍ଗରେ ଉତ୍ତର ଦେଇଛନ୍ତି। ମୁଁ ବିଜୁବାବୁଙ୍କ ଜଣେ ଅନୁଗାମୀ। ବିଜେଡିରୁ ଏଥର ଟିକେଟ ପାଇବା ପାଇଁ ଆଶା ରଖିଛି। ଯଦି ନ ମିଳେ ତେବେ ସମୟ ଓ ପରିସ୍ଥିତି ଦେଖି ନିଷ୍ପତ୍ତି ନେବି।

ଭାଜପାର ଆଶାୟୀ ପ୍ରାର୍ଥୀଙ୍କ ତାଲିକା ମଧ୍ୟ କିଛି କମ୍ ନାହିଁ। ଦଳର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ୨୦୦୯ ଓ ୨୦୧୪ରେ ଏଠାରେ ପରାଜିତ ହୋଇଥିଲେ। ଏବେ ନୟନଙ୍କ ସମେତ ଦଳର ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲି, ଡା. ମୃଣ୍ମୟ ମହାନ୍ତି ପ୍ରମୁଖ ଟିକେଟ ପାଇଁ ଲବି କରୁଛନ୍ତି। ନିଜ ପ୍ରତିକ୍ରିୟାରେ ନୟନ କହିଛନ୍ତି, ଟିକେଟ ନ ପାଇବି ବୋଲି ସେମିତି କିଛି କାରଣ ନାହିଁ। ନିଶ୍ଚିତ ଭାବେ ଦଳ ମୋ ଉପରେ ଆସ୍ଥା ପ୍ରକଟ କରିବ ଏବଂ ଭାଜପା ଏଠାରେ ବିଜୟୀ ହେବ ବୋଲି ନୟନ କହିଛନ୍ତି। ସିକନ୍ଦର କହିଛନ୍ତି, ଯେଝାବାଟରେ ଯେଝା ଟିକେଟ ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ଟିକେଟ ନ ମିଳିଲେ ଯେ ଦଳ ବିରୋଧରେ ଯିବେ ସେଭଳି ଚିନ୍ତା କରିବା ଠିକ୍ ନୁହେଁ। ଡା. ମହାନ୍ତି ମଧ୍ୟ ସମାନ ଢଙ୍ଗରେ ଉତ୍ତର ଦେଇ କହିଛନ୍ତି ମୁଁ ଲବି କରିନି। କିନ୍ତୁ ଦଳ ଯଦି ଟିକେଟ ଦିଏ ତେବେ ନିଶ୍ଚିତ ଲଢ଼ିବି। ଭାଜପାର ପ୍ରତିଦ୍ୱନ୍ଦ୍ୱିତା ଏଠାରେ କାହା ସହିତ ହେବ ଉତ୍ତରରେ ନେତାମାନେ ବିଜେଡି ସହିତ ହେବ ବୋଲି କହିଛନ୍ତି।

କଂଗ୍ରେସରେ ମଧ୍ୟ ଆଶାୟୀଙ୍କ ସଂଖ୍ୟା ଏକାଧିକ। ୨୦୧୪ରେ ଏହି ଆସନରୁ ପରାଜିତ ହୋଇଥିବା ସୁରେଶ ମହାପାତ୍ର ଏବେ ବି ଟିକେଟ ଦାବିଦାର ଥିବାବେଳେ ନିକଟରେ ଶେଷ ହୋଇଥିବା କଂଗ୍ରେସ ସ୍କ୍ରିନ୍ଂ କମିଟି ବୈଠକରେ ଯୁବ ନେତା ମାନସ ଚୌଧୁରୀଙ୍କ ନାମ ରହିଛି। ଚୌଧୁରୀ ୨୦୦୪ରେ କଟକ ସଦର ଆସନରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ମାନସଙ୍କ ମତରେ ଦଳ ଯଦି ମୋତେ ପ୍ରାର୍ଥୀ କରେ ତେବେ ଏଠାରେ କଂଗ୍ରେସର ବିଜୟ ସୁନିଶ୍ଚିତ। ପ୍ରାର୍ଥୀ ନ କଲେ ମଧ୍ୟ ମୁଁ ଦଳରେ ରହିବି। ସୁରେଶଙ୍କ ମତରେ ଦୀର୍ଘଦିନ ଧରି ଦଳ ସହିତ ରହିଛି। ତେଣୁ ଦଳ ମୋତେ ହିଁ ପ୍ରାର୍ଥୀ କରିବ ବୋଲି ମୋର ଦୃଢ଼ ଆଶା। ତେବେ ଏଠାରେ କଂଗ୍ରେସ କାହା ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ ଉତ୍ତରରେ ଉଭୟ ନେତା ବିଜେଡି ନାଁ ନେଇଛନ୍ତି। ଏମାନଙ୍କ ବାଦ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ ମହାନ୍ତି ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ମାରି ନିଜର ଉପସ୍ଥିତ ଜାହିର କରିଛନ୍ତି। ନିର୍ବାଚନମଣ୍ଡଳୀର ସଚେତନ ନାଗରିକ ତଥା ହାଇକୋର୍ଟ ଆଡଭୋକେଟ ପରେଶ ଦାସ କୁହନ୍ତି, ଭଲ ପ୍ରାର୍ଥୀଙ୍କୁ ଲୋକେ ଏଥର ଗୁରୁତ୍ୱ ଦେବେ।

# 'ବିକାଶରେ ରାଜ୍ୟ ସରକାର ବାଧକ'

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ବହୁ ପ୍ରକଳ୍ପ ଆରମ୍ଭ ହୋଇପାରୁନାହିଁ ଅଥବା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ପରିବେଶ ଅନୁମତି ଓ ମାନସିକତା ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଶନିବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ଓଡ଼ିଶା ବିକାଶରେ ରାଜ୍ୟ ସରକାର ବାଧକ ଜବାବ ମାଗୁଛି ଓଡ଼ିଶା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅସହଯୋଗ ଏବଂ ଅପାରଗତା ଯୋଗୁ ୧ ଲକ୍ଷ ୩୬ ହଜାର ୪୧୭ କୋଟି ଟଙ୍କାର ପ୍ରକଳ୍ପ ବାଧାପ୍ରାପ୍ତ ହୋଇଛି। ସେ ବିଭିନ୍ନ ପ୍ରକଳ୍ପ ବିଷୟରେ ଗୋଟିଏ ପରେ ଗୋଟିଏ ସୂଚନା ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ସେ କହିଥିଲେ ଯେ ରାଜନୀତି ପାଇଁ ରାଜ୍ୟର ବିକାଶକୁ ଅଟକା ନ ଯାଉ। ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ

**ଅସହଯୋଗରୁ ଅଟକିଛି ୧.୩୬ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ: ଧର୍ମେନ୍ଦ୍ର**


ଧର୍ମେନ୍ଦ୍ର ପ୍ରଧାନ

କରିବା ପରେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ନିଜର ଅପାରଗତାକୁ ଘୋଡ଼ାଇବା ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି ରାଜ୍ୟ ସରକାର। ପାରାଦୀପ ବିଶୋଧନାଗାରର ସମ୍ପ୍ରସାରଣ କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ବାର୍ଷିକ ଉତ୍ପାଦନ ୧୫ରୁ ୨୫ ନିୟୁତ ଟନ ବୃଦ୍ଧି କରାଯିବ। ଏଥିପାଇଁ ୨୨ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ଆବଶ୍ୟକ ହେଉଥିବା ୨୨୯୦ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେଉନାହାନ୍ତି। ଆବଶ୍ୟକ ହେଉଥିବା ପାଣି, ବିଜୁଳି ଓ ପରିବହନ ସୁବିଧା ମଧ୍ୟ ଯୋଗାଇ ଦିଆଯାଉନାହିଁ। ୨୦୧୮ ଅଗଷ୍ଟ ୧ ତାରିଖରେ ସିପିସି କର୍ପୋରେଶନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ପଠାଯାଇଥିଲା। ଏହାଦ୍ୱାରା ପ୍ଲାଷ୍ଟିକ ଓ ଟେକ୍ସଟାଇଲ କ୍ଷେତ୍ରର ଅଭିବୃଦ୍ଧି ହେବ, ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇବେ। ମାତ୍ର ଏଥିରେ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ଭଦ୍ରକରେ ୧,୯୭୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ ପାଇଁ ଆବଶ୍ୟକ ୭୫ ଏକର ଜମି ଯୋଗାଇ ଦିଆଯାଉ ନାହିଁ। ସେହିପରି ପାରାଦୀପରେ ପ୍ଲାଷ୍ଟିକ ପାର୍କ ପାଇଁ ରାଜ୍ୟ ସରକାର ଏମଓୟୁ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏଥିରେ ୮୦ଟି ୟୁନିଟରେ ୧୫ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳି ପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଧର୍ମେନ୍ଦ୍ରଙ୍କୁ ବିଜେଡିର ୨୦ ପ୍ରଶ୍ନ

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହାର ଜବାବରେ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ କେନ୍ଦ୍ରମନ୍ତ୍ରୀଙ୍କୁ ୨୦ଟି ପ୍ରଶ୍ନ ପଚରାଯାଇଛି। ଦଳର ଆଇଟି ସେଲ୍ ମୁଖ୍ୟ ତଥା ମୁଖପାତ୍ର ଅମର ପଟ୍ଟନାୟକ ପ୍ରଶ୍ନ ଆତୁଆଳରେ ଧର୍ମେନ୍ଦ୍ରଙ୍କ ଉପରେ ବର୍ଷିଛନ୍ତି। ଅମର କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ତାଲିକା ସର୍ବସାଧାରଣରେ କେବେ ପ୍ରକାଶ କରାଯିବ। କେନ୍ଦ୍ରାପଡ଼ା ଜିଲା ରାଜନଗରରେ ଗ୍ୟାସ ବଣ୍ଟନରେ ଦୁର୍ନୀତିକୁ କେବେ ମନ୍ତ୍ରୀ ମାନିବେ। ଅଧିକ ମୂଲ୍ୟ କାରଣରୁ ରାଜ୍ୟର ୮୦ ପ୍ରତିଶତ ହିତାଧିକାରୀ ଦ୍ୱିତୀୟ ଥର ଉଜ୍ଜ୍ୱଳା ଗ୍ୟାସ ରିଫିଲ୍ କରୁନାହାନ୍ତି ବୋଲି କେବେ ସ୍ୱୀକାର କରିବେ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଥିବା ବେଳେ ସାଧାରଣ ଖାଉଟିଙ୍କୁ ଏହାର ସୁବିଧା ଉପଭୋଗ କରିବାକୁ ଦିଆଗଲା ନାହିଁ। ରେଳବାଇ ବାର୍ଷିକ ୨୦,୦୦୦ କୋଟି ଟଙ୍କାର ରାଜସ୍ୱ ରାଜ୍ୟରୁ ନେଉଥିବା ବେଳେ ସେହି ପରିମାଣରେ ଅନୁଦାନ କାହିଁକି ଆସୁନାହିଁ। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ରାଜପଥ ନିର୍ମାଣ ସମୟରେ ବର୍ଷାଦିନେ ଜଳ ପରିଚାଳନାକୁ କାହିଁକି ଗୁରୁତ୍ୱ ଦିଆଯାଉନାହିଁ। ଆହାର ଭଳି ଜନହିତକର ଯୋଜନାକୁ ମହାନଦୀ କୋଲ ଫିଲ୍ଡସ୍‌ଲିଃ(ଏମ୍‌ସିଏଲ୍) ସିଏସ୍‌ଆର ଅର୍ଥ ଦେବାକୁ ଚୁକ୍ତି କରି କାହିଁକି ଓହରିଗଲା ବୋଲି ଅମର ପ୍ରଶ୍ନ କରିଛନ୍ତି।


ଅମର ପଟ୍ଟନାୟକ

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନୂଆ ଏଫ୍‌ଓବି ନିର୍ମାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୪୯-୧୮-୧୯, ତାରିଖ: ୨୧।୦୨।୨୦୧୯ **କାର୍ଯ୍ୟ:** ବ୍ରଜରାଜନଗର ଷ୍ଟେଶନରେ ପିଏଫ୍ ନଂ.୧ ଓ ପିଏଫ୍ ନଂ.୨, ୩ ମଧ୍ୟରେ ନୂଆ ଏଫ୍‌ଓବି ନିର୍ମାଣ ଏବଂ ଝାରସୁଗୁଡ଼ାଠାରେ ବ୍ରଜରାଜନଗର ପ୍ରାନ୍ତର ପୁରୁଣା ବାଧକ ଏଫ୍‌ଓବିକୁ ଭାଙ୍ଗିବା। **ଟେଣ୍ଡର ମୂଲ୍ୟ:** ₹୧,୬୭,୪୯,୨୯୫.୬୭, **ଅମାନତ ଜମା ରାଶି:** ₹୨,୩୩,୮୦୦/-। **ସମାପ୍ତି ଅବଧି:** ୦୬ ମାସ।

କ୍ର.ସଂ. (୨) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୫୦-୧୮-୧୯, ତାରିଖ: ୨୧।୦୨।୨୦୧୯ **କାର୍ଯ୍ୟ:** ଏଡିଇଏନ୍/ରାୟଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ କୋଟାର୍ଲିଆ ଓ ଆଇବି ଷ୍ଟେଶନଠାରେ ନୂଆ ଏଫ୍‌ଓବି ନିର୍ମାଣ ଏବଂ ଡାଘୋରା ଷ୍ଟେଶନଠାରେ ଆନ୍ତଃ ପ୍ଲାଟ୍‌ଫର୍ମ ପଥ ନିର୍ମାଣ। **ଟେଣ୍ଡର ମୂଲ୍ୟ:** ₹୩,୦୮,୮୪,୧୫୪.୩୯, **ଅମାନତ ଜମା ରାଶି:** ₹୩,୦୪,୪୦୦/-। **ସମାପ୍ତି ଅବଧି:** ୦୬ ମାସ।

**ଟେଣ୍ଡର ଦାଖଲର ଆରମ୍ଭ ତାରିଖ:** ତା୦୪।୦୩।୨୦୧୯ରିଖ ୧୧.୦୦ ଘଟିକାରୁ । **ଟେଣ୍ଡର ଦାଖଲର ଶେଷ ତାରିଖ:** ତା୧୮।୦୩।୨୦୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: https://www.ireps.gov.in ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣଯୋଗ୍ୟ ହେବନାହିଁ।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)
CPR/10/417 ଏସ୍.ଇ.ସି. ରେଳପଥ, ବିଳାସପୁର
ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONHQBBS2019005, ତା.21.02.2019ରିଖ

**କାର୍ଯ୍ୟର ନାମ :** "ଭୁବନେଶ୍ୱର ନୂଆ (BBSN)ର ପ୍ରସ୍ତାବିତ ମଞ୍ଚେଶ୍ୱର କୋଚିଙ୍ଗ୍ କମ୍ପ୍ଲେକ୍ସ ଠାରୁ ଭବିଷ୍ୟତ ଲାଇନ୍ ନଂ.1 ପର୍ଯ୍ୟନ୍ତ ରେଲ୍ କନେକ୍ଟିଭିଟି ସମ୍ବନ୍ଧୀୟ ଅନ୍ତିମ ସ୍ଥାନ ସର୍ବେକ୍ଷଣ (FLS), ମାଟି ଅନ୍ବେଷଣ (Exploration), ଭୂ-ବୈଷୟିକ (Geo-Technical) ଅଧ୍ୟୟନ ପରିଚାଳନା କରିବା ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 8.54 ଲକ୍ଷ, EMD (ଟଙ୍କାରେ) : 17,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି : 02(ଦୁଇ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.14.03.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରରେ ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-103/CB/18-19

**ସମ୍ବଲପୁର ରେଳମଣ୍ଡଳର ଡୁଙ୍ଗୁରିପାଲି ଏବଂ ଖଲିଆପାଲି ଷ୍ଟେସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ସେବା ବାତିଲ୍/ଆଂଶିକ ବାତିଲ୍ କରାଯିବ**

**ଟ୍ରେନ୍ ଚଳାଚଳ ସେବା ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58214 | ବିଳାସପୁର - ଟିଟିଲାଗଡ଼ ପାସେଞ୍ଜର | ବିଳାସପୁର | 24.02.2019 ଠାରୁ 28.02.2019 ପର୍ଯ୍ୟନ୍ତ |
| 58213 | ଟିଟିଲାଗଡ଼ - ବିଳାସପୁର ପାସେଞ୍ଜର | ଟିଟିଲାଗଡ଼ | 25.02.2019 ଠାରୁ 01.03.2019 ପର୍ଯ୍ୟନ୍ତ |

**ତା.25.02.2019 ରୁ 28.02.2019 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 12893 | ଭୁବନେଶ୍ୱର - ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ | ଭୁବନେଶ୍ୱର | ବରଗଡ଼-ବଲାଙ୍ଗୀର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 12894 | ବଲାଙ୍ଗୀର - ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ | ବଲାଙ୍ଗୀର | |
| 18005 | ହାଓଡ଼ା - ଜଗଦଲପୁର ଏକ୍ସପ୍ରେସ୍ | ହାଓଡ଼ା | ସମ୍ବଲପୁର-ଟିଟିଲାଗଡ଼ ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 18006 | ଜଗଦଲପୁର - ହାଓଡ଼ା ଏକ୍ସପ୍ରେସ୍ | ଜଗଦଲପୁର | |



ପୂର୍ବ ତଟ ରେଳପଥ
PR-497/J/18-19

**ପୂର୍ବ ତଟ ରେଳପଥ**

**ଚିକିତ୍ସାଧୀନ (Indoor) ରୋଗୀମାନଙ୍କୁ ଭୋଜନ (Diet) ଯୋଗାଣ**

ଟେଣ୍ଡର ବିଜ୍ଞପ୍ତି ସଂ. e-tender-Diet/30

**କାର୍ଯ୍ୟର ନାମ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03 (ତିନି) ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଠାରେ ଥିବା ମଣ୍ଡଳ ରେଳବାଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଇନ୍‌ଡୋର (Indoor) ରୋଗୀମାନଙ୍କୁ ଭୋଜନ (Diet) ଯୋଗାଣ ନିମନ୍ତେ ବ୍ୟବସ୍ଥା ।

**କାର୍ଯ୍ୟର ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 46,79,058.72, EMD (ଟଙ୍କାରେ) : 93,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03 (ତିନି) ବର୍ଷ ଅର୍ଥାତ୍ 36 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.03.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ଚିକିତ୍ସା ଅଧିକାରୀ (OPD) ଖୋର୍ଦ୍ଧା ରୋଡ୍
PR-494/J/18-19




**INSTITUTE OF RAIL TRANSPORT**

Room No.104, North Central Railway Project Unit, Shivaji Bridge, Behind Shankar Market, Near I.R.W.O. Office, New Delhi - 110001. Ph. Nos.: 01123416832/23416833; E- mail: irtindia3@gmail.com, Website: www.irt-india.com, www.irt.indianrailways.gov.in

Apply Online Also

The Institute of Rail Transport (IRT) invites fresh application for the **TRANSPORT ECONOMICS & MANAGEMENT** one year diploma courses by correspondence.

**TRANSPORT ECONOMICS & MANAGEMENT**

**Course Fee: ₹ 7,000/- (Including Study Material & Contact Classes).**

**ELIGIBILITY :** Graduate or Three Years Diploma in any Discipline from any recognized University/Institute/State Govt. with relaxation to Central/State Govt. employees/Armed Service Personnel (Serving & Retired), these candidates should have completed Sr. Sec. School with three year working experience.

**EXAMINATION CENTRES:** Delhi, Mumbai, Kolkata, Chennai, Secunderabad, Lucknow, Guwahati and Bhubaneswar. (Subject to sufficient number of students appearing in any centre).

Refer prospectus for details, on **payment of ₹ 200/-** including postal charges by Demand Draft in favour of **Institute of Rail Transport,** payable at **New Delhi**. Write full name and address in capital on the reverse of the draft and the name of the course.

Prospectus also available by cash payment of ₹150/- at the following counters & apart from above counter also:

1. **IRT Library and Study Centre, Dy. C. Engg./Bridge Line Office, Near Tilak Bridge Railway Station and Railway Police Post, Mahawat Khan Road, New Delhi-110002, Ph.: 011-23214362**
2. **IRT office C/o General Manager Office, Rail Sadan, South Block, Chandrashekharpur, Bhubaneswar, Odisha-17**

Prospectus and admission is also available on online at **www.irt.indianrailways.gov.in**. The course fee for online Admission is **₹ 6500/-**.

The last date for receipt of Application is **30th April, 2019**

**The Institute will remain closed on Saturdays, Sundays & Gazetted Holidays.**

**The Institute has applied for Affiliation with National Rail & Transportation Institute (NRTI), Deemed to be University.**

ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରଣାଳୟ
ଭାରତ ସରକାର



**କୃଷି-ପ୍ରକ୍ରିୟାକରଣ ଭିତ୍ତିଭୂମିରେ ନିବେଶ କରିବାର ପ୍ରକୃଷ୍ଟ ସମୟ**




**ଦେଶରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସ୍ଥାପନ ପାଇଁ ଇଚ୍ଛୁକ ସମ୍ଭାବ୍ୟ ନିବେଶକ, ପୃଷ୍ଠପୋଷକ, ଷ୍ଟାର୍ଟ-ଅପ୍‌ଗୁଡ଼ିକ ଧ୍ୟାନ ଦିଅନ୍ତୁ!**

ମନ୍ତ୍ରଣାଳୟ ଦେଶରେ ୪୦ଟି ମେଗା ଫୁଡ୍ ପାର୍କକୁ ମଞ୍ଜୁରୀ ଦେଇଛି ଯେଉଁଠାରେ ଚାଷଜମିରୁ ବଜାର ପର୍ଯ୍ୟନ୍ତ ମୂଲ୍ୟ ଶୃଙ୍ଖଳ ସହିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ସୁବିଧା ରହିବ।

**ମେଗା ଫୁଡ୍ ପାର୍କରେ ଉପଲବ୍ଧ ଲାଭ:**

- ଖାଦ୍ୟ ପ୍ରକ୍ରିୟାକରଣ ଏକକ ସ୍ଥାପନ ପାଇଁ ଲିଜ୍‌ଯୋଗ୍ୟ ପ୍ଲଟ୍ ସହିତ ସୁ-ପରିଭାଷିତ କୃଷି/ଉଦ୍ୟାନକୃଷି କ୍ଷେତ୍ରରେ ଅବସ୍ଥିତ।
- ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର, କେନ୍ଦ୍ରସ୍ଥ ପ୍ରକ୍ରିୟାକରଣ ଭିତ୍ତିଭୂମି ଯେପରି ଶୀତଳ/ଫ୍ରୋଜେନ୍ ଭଣ୍ଡାର, ଶୁଷ୍କ ପଣ୍ୟାଗାର, ପକ୍ୱନ ଚ୍ୟାମ୍ବର, ଏସେପ୍ଟିକ୍ ପଲ୍‌ପିଂ ଲାଇନ୍, ଏସ୍‌ଡିଏଫ୍ ଶେଡ୍ ଇତ୍ୟାଦିର ସୁବିଧା।
- ମୌଳିକ ସାମର୍ଥ୍ୟ ପ୍ରଦାନକାରୀ ଭିତ୍ତିଭୂମି ଯେପରିକି ସଡ଼କ, ଡ୍ରେନେଜ୍, ବିଦ୍ୟୁତ୍ ଓ ଜଳଯୋଗାଣ, ଏସ୍‌ଟିପି/ଇଟିପି ଇତ୍ୟାଦି।
- ଅଣ-କେନ୍ଦ୍ରସ୍ଥ ଭିତ୍ତିଭୂମି ଯେପରି ପ୍ରଶାସନିକ ଭବନ, ତାଲିମ କେନ୍ଦ୍ର, ଶ୍ରମିକ ହଷ୍ଟେଲ, କ୍ରେଚ୍, କ୍ୟାଣ୍ଟିନ୍ ଇତ୍ୟାଦି।

**ନୂଆ ଏକକ ସ୍ଥାପନ ପାଇଁ ଅନ୍ୟାନ୍ୟ ଲାଭ:**

- ସହଜରେ ଉପଲବ୍ଧ ଭିତ୍ତିଭୂମି
- କ୍ଲଷ୍ଟର୍, କୃଷକ ଏବଂ ବଜାର ସହିତ ସଂଯୋଗ କାରଣରୁ ଏହି ମେଗା ଫୁଡ୍ ପାର୍କଗୁଡ଼ିକରେ ନିଜର ଏକକ ସ୍ଥାପନ କରୁଥିବା ନୂଆ ଉଦ୍ୟୋଗୀଙ୍କ ନିର୍ମାଣକାଳ ଅବଧି ସଞ୍ଚୟ ହେବ।
- ଏହି ମେଗା ଫୁଡ୍ ପାର୍କଗୁଡ଼ିକରେ ନୂଆ ଖାଦ୍ୟ ପ୍ରକ୍ରିୟାକରଣ ଏକକ ସ୍ଥାପନ କରିବା ପାଇଁ ଖାଦ୍ୟ ପ୍ରକ୍ରିୟାକରଣ/ସଂରକ୍ଷଣ କ୍ଷମତାର ନିର୍ମାଣ/ସମ୍ପ୍ରସାରଣ ଯୋଜନା (ୟୁନିଟ୍ ସ୍କିମ୍) ଅଧୀନରେ ଟ.୫.୦୦ କୋଟି ପର୍ଯ୍ୟନ୍ତ ଆର୍ଥିକ ସହାୟତା ମଧ୍ୟ ଉପଲବ୍ଧ।

davp16101/13/0027/1819

**ଯୋଜନାର ବିସ୍ତୃତ ପରିଚାଳନାଗତ ମାର୍ଗଦର୍ଶନ ପାଇଁ, ଦୟାକରି ୱେବ୍‌ସାଇଟ୍: www.mofpi.nic.in ପରିଦର୍ଶନ କରନ୍ତୁ**

**ଧ୍ୟାନ ଦିଅନ୍ତୁ:** ଅନ୍ତର୍ଭୁକ୍ତ ହୋଇ ନ ଥିବା ରାଜ୍ୟଗୁଡ଼ିକରେ ମେଗା ଫୁଡ୍ ପାର୍କ ସ୍ଥାପନ ନିମନ୍ତେ ପ୍ରସ୍ତାବ/ଇଓଆଇ ଦାଖଲ କରିବା ପାଇଁ ତା୨୩।୧୨।୨୦୧୮ରିଖ ଦିନ ପୂର୍ବ-ପ୍ରକାଶିତ ବିଜ୍ଞାପନରେ ଉଲ୍ଲିଖିତ ପ୍ରସ୍ତାବ ଦାଖଲର ଶେଷ ତାରିଖ ତା୦୯।୦୨।୨୦୧୯ରିଖକୁ ତା୨୮।୦୨।୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି

ଆମକୁ ଫଲୋ କରନ୍ତୁ
MOFPIIndia MOFPI_GOI
MOFPI
Visit us at www.mofpi.nic.in

## ସଂକ୍ଷେପରେ

### କୁଆଁରପାଳ ଗ୍ରାମରୁ ୨ ନାଗସାପ ଉଦ୍ଧାର



**ମାର୍ଶାଘାଇ,୨୩।୨(ଡିଏନଏ) :** ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ କୁଆଁରପାଳ ଗ୍ରାମରୁ ଶନିବାର ୨ଟି ନାଗସାପ ଉଦ୍ଧାର କରାଯାଇଛି। ଏହି ଗ୍ରାମର ସନ୍ତୋଷ କୁମାର ମହାନ୍ତିଙ୍କ ବାଡରେ ଦିଆଯାଇଥିବା ଜାଲରେ ସାପ ଦୁଇଟି ଛନ୍ଦି ହୋଇଥିବା ଦେଖି ସ୍ନେକ ହେଲ୍ପଲାଇନ ସଦସ୍ୟ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଖବର ଦିଆଯାଇଥିଲା। ଖବରପାଇ ପ୍ରଫୁଲ୍ଲ ଏବଂ ତାଙ୍କ ସହଯୋଗୀ ଅନିଲ କୁମାର ସେଠି ପହଞ୍ଚି ମଧ୍ୟାହ୍ନ ସମୟରେ ସାପ ଦୁଇଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ସାପ ଦୁଇଟିର ଲମ୍ବ ପ୍ରାୟ ୬ ଫୁଟ ହେବ । ସାପକୁ ଲଳିତଗିରି ପାହାଡରେ ଛଡାଯିବ ବୋଲି ସ୍ନେକ ହେଲ୍ପଲାଇନ ସଦସ୍ୟ କହିଛନ୍ତି।

### ଗୁରୁପୂଜନ ଉତ୍ସବ



**ଡେରାବିଶ,୨୩।୨ (ସ୍ୱ.ପ୍ର.):** କେନ୍ଦ୍ରାପଡା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ବାଲିଆର ୧୯୭୫-୭୬ ମସିହାରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଶନିବାର ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରତିଷ୍ଠାନର ଅଧକ୍ଷା ସଭାପତିତ୍ୱ କରିଥିଲେ । ପ୍ରଶିକ୍ଷକ ବିରାଟ କିଶୋର ଦାସ ଓ ଦୀନବନ୍ଧୁ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ପୁଲୱାମାର ଶହୀଦ, ବିଦ୍ୟାଳୟର ଦିବଂଗତ ପ୍ରଶିକ୍ଷକ ଓ ସହପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପୁରାତନ ଛାତ୍ର ହେମନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଲେଖ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ୧୯୭୫ ରୁ ୭୬ ଶିକ୍ଷାବର୍ଷରେ ଅଧାପନା ଦାୟିତ୍ୱରେ ଥିବା ଗୁରୁ ବ୍ରଜସୁନ୍ଦରମିଶ୍ର, ପ୍ରସନ୍ନ କୁମାର ପ୍ରଧାନ, କିଷ୍ଟାନନ୍ଦ ପଣ୍ଡାଙ୍କୁ ଛାତ୍ରୀଛାତ୍ରମାନଙ୍କ ତରଫରୁ ପୂଜନ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଛାତ୍ରମାନେ ଗୁରୁଙ୍କ ସଂପର୍କରେ ବିଭିନ୍ନ ସ୍ମୃତିଚାରଣ କରିଥିଲେ । ଶେଷରେ ହେମନ୍ତ କୁମାର ଜେନା (ଖ) ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସେହି ବ୍ୟାଚ୍‌ର ଭ୍ରମରବର ରାଉତ, ଦିବାକର ରାଉତ, ବେଣୁଧର ରାଉତ ଓ ନକୁଳ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

### ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୨୩।୨ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ଗତ ୧୫ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୯ ଦିନ ଧରି ବାଳିକାମାନଙ୍କର ବିଭିନ୍ନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଶିକ୍ଷିକା ରାଜଶ୍ରୀ ପାଣି ବାଳିକାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଅଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ପ୍ରମୋଦ କୁମାର ମଲିକ ଯୋଗଦେଇ ଆଜିର ସମାଜରେ ମହିଳାମାନଙ୍କ ପ୍ରତି ଆକସ୍ମିକ ଭାବେ ଘଟୁଥିବା ଆକ୍ରୋଶମୂଳକ ଘଟଣାରୁ ସୁରକ୍ଷା ନିମିତ୍ତ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଅଭ୍ୟାସ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ମହିଳା କଲେଜ ଅଧକ୍ଷା ଡ଼. ପ୍ରଭାବତୀ ପଢିଆରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ଗିରିଶ ତନ୍ମୟା ଦାଶ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । କନିଷ୍ଠ ମହିଳା ମହାବିଦ୍ୟାଳୟର ୧୦୦ଜଣ ଛାତ୍ରୀ ୪ଟି ଗ୍ରୁପରେ ବିଭକ୍ତ ହୋଇ ଆତ୍ମରକ୍ଷା କୌଶଳ ଶିକ୍ଷା କରିଥିଲେ । କଲେଜ ଅଧାପିକା ଅନୁପମା ଦାସ, କୁଳମଣି ଲେଙ୍କା, ଲମ୍ବୋଦର ପାଢୀ, ସୁଧାଂଶୁ ସାମଲ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

■ ପୂର୍ବ ଓଡ଼ିଶାରେ ପ୍ରଥମ

# ୧୦୮ ବୋଟ୍ ଆମ୍ବୁଲାନ୍ସ ସେବାକୁ ଅପେକ୍ଷା

**ମହାକାଳପଡା, ୨୩।୨ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ନଦୀନାଳ ଘେରା ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପହଞ୍ଚି ପାରୁ ନ ଥିଲା। ଗମନାଗମନର ଭଲ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳି ପାରୁ ନ ଥିଲା। ନଦୀନାଳ ଘେରା ଅଞ୍ଚଳ ହୋଇଥିବାରୁ ଏହି ବ୍ଲକର ବତୀଘର ଓ ଜମ୍ବୁ ପଞ୍ଚାୟତର ଲୋକେ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ରୋଗୀମାନେ ପ୍ରଥମେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ଘାଟପାର ହେବା ପରେ ଖରିନାସୀରୁ ଘରୋଇ ଗାଡିଯୋଗେ ମହାକାଳପଡା, କେନ୍ଦ୍ରାପଡା ଓ ରାମନଗରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିଲା।

ସ୍ଥାନୀୟ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ଉପାନ୍ତ ଅଞ୍ଚଳରେ ବୋଟ୍ ଯୋଗେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ଉଦ୍ୟମ ଚାଲିଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଆମ୍ବୁଲାନ୍ସ (୧୦୮)ସେବା ଯୋଗାଉଥିବା ଏକ ବୋଟ ମହାକାଳପଡ଼ା ବ୍ଲକର ଜମ୍ବୁ ଜେଟିରେ ପହଞ୍ଚିଛି। ଏହି ବୋଟ୍ ଅନ୍ତର୍ଦେଶୀୟ ଜଳ ପରିବହନ ସେବା ସଂସ୍ଥାରେ ପଞ୍ଜୀକୃତ ହେବାପରେ ସର୍ବସାଧାରଣଙ୍କ ପାଇଁ ଲୋକାର୍ପିତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ସେବା ଆରମ୍ଭ ହେଲେ ବତୀଘର, ଜମ୍ବୁ ଓ ଖରନାସୀ ଅଞ୍ଚଳର ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇପାରିବେ। ସ୍ଥାନୀୟ ଅଞ୍ଚଳର ଗର୍ଭବତୀ ମହିଳା, ଗୁରୁତର ରୋଗୀ, କୁମ୍ଭୀର ଆକ୍ରମଣର ଶୀକାର ରୋଗୀଙ୍କୁ ଜଳପଥ ଆମ୍ବୁଲାନ୍ସରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇ ପାରିବ। ସେମାନଙ୍କୁ ବୋଟ୍ ଆମ୍ବୁଲାନ୍ସ ଯୋଗେ ମହାନଦୀ ଅପରପାର୍ଶ୍ୱରେ ଥିବା ପାରାଦୀପ ବନ୍ଦର ମେଡିକାଲ କିମ୍ବା ଅଠରବାଙ୍କସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇପାରିବ। ପୂର୍ବରୁ ଏଭଳି ଆମ୍ବୁଲାନ୍ସ ବ୍ୟବସ୍ଥା ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳରେ ଥିଲା। ମାତ୍ର ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସେଠାରେ ଏହି ସେବା ବନ୍ଦକରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଶ୍ୱରଞ୍ଜନ ପତି କହିଛନ୍ତି ରାଷ୍ଟ୍ରୀୟ (୧୦୮) ଆମ୍ବୁଲାନ୍ସ ବୋଟ୍ ଜମ୍ବୁଠାରେ ପହଞ୍ଚିଛି। ପଞ୍ଜିକୃତ ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳିବା ପରେ ଏହ ସେବା ଆରମ୍ଭ କରାଯାଇ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ କରାଯିବ।

## ପଞ୍ଜୀକୃତ ହେବା ପରେ ଲୋକାର୍ପିତ ହେବ




ଜମ୍ବୁଜେଟିରେ ପହଞ୍ଚିଥିବା ବୋଟ୍ ଆମ୍ବୁଲାନ୍ସ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୪।୨।୨୦୧୯ (ରବିବାର)**

■ ପୂର୍ବତନ ବିଧାୟକ ଇନ୍ଦ୍ରମଣୀ ରାଉତଙ୍କ ଶ୍ରାଦ୍ଧବାର୍ଷିକୀ । **ସ୍ଥାନ**–ଉର୍ଦ୍ଧ୍ୱ ଲାଇବ୍ରେରୀ, କେନ୍ଦ୍ରାପଡା ସହର, **ସମୟ**– ପୂର୍ବାହ୍ନ ୧୧ଟା।

■ ତ୍ରିକୋଣ ଭୂମୀ ବିକାଶ ପରିଷଦର ବନ୍ଧୁମିଳନ। **ସ୍ଥାନ**–କରିଲୋପାଟଣା ହାଟପଡିଆ, **ସମୟ**–ପୂର୍ବାହ୍ନ।

**୨୫।୨।୨୦୧୯ (ସୋମବାର)**

■ ମିଳିତ ଜନଶୁଣାଣି ଶିବିର। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ରାଜକନିକା, **ସମୟ**– ପୂର୍ବାହ୍ନ ୧୦ଟା ୩୦ ମିନିଟ।

■ କ୍ରୀଡା ପ୍ରତିଭା ଚୟନ ଶିବିର। **ସ୍ଥାନ**–ମଧୁସାଗର ହାଇସ୍କୁଲ ଓ ବେରୁହାଁ ଆବସିକ ସେବାଶ୍ରମ ସ୍କୁଲ, ମାର୍ଶାଘାଇ, **ସମୟ**– ପୂର୍ବାହ୍ନ ୧୦ଟା।

**୨୬।୨।୨୦୧୯ (ମଙ୍ଗଳବାର)**

■ ଅନ୍ତର୍ଜାତୀୟ ଶିଶୁ କ୍ୟାନସର ଦିବସ। **ସ୍ଥାନ**–ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୧୦ଟା।

■ କ୍ରୀଡା ପ୍ରତିଭା ଚୟନ ଶିବିର। **ସ୍ଥାନ**–ନାଗପୁରା ଆଶ୍ରମ ସ୍କୁଲ, ଏସଏମ୍‌ବିପି (ବଗଡା), ଧୂମାତ ସେବାଶ୍ରମ ସ୍କୁଲ,କେନ୍ଦ୍ରାପଡା ବ୍ଲକ,**ସମୟ**–ପୂର୍ବାହ୍ନ ୧୦ଟା

**୨୭।୨।୨୦୧୯ (ବୁଧବାର)**

■ କ୍ରୀଡା ପ୍ରତିଭା ଚୟନ ଶିବିର। **ସ୍ଥାନ**–ପାଟକୁରା ହାଇସ୍କୁଲ ଓ କୋରୁଆ ହାଇସ୍କୁଲ, ଗରଦପୁର ବ୍ଲକ, **ସମୟ**– ପୂର୍ବାହ୍ନ ୧୦ଟା।

**୨୮।୨।୨୦୧୯ (ଗୁରୁବାର)**

■ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ଗରଦପୁର, **ସମୟ**– ପୂର୍ବାହ୍ନ ୧୦ଟା।

■ ବୀର ସୁରେନ୍ଦ୍ର ରାୟଙ୍କ ତିରୋଧାନ ଦିବସ ପାଳନ। **ସ୍ଥାନ**–ପ୍ରେସ କ୍ଲବ, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୧୧ଟା।

■ କ୍ରୀଡା ପ୍ରତିଭା ଚୟନ ଶିବିର। **ସ୍ଥାନ**–ଶ୍ରୀଜଗନ୍ନାଥ ହାଇସ୍କୁଲ (କେରଡାଗଡ), ଆରଏନ ହାଇସ୍କୁଲ, ପଞ୍ଚୁବରାହୀ ବିଦ୍ୟାନିକେତନ (ମାଣପଡା), ରାଜନଗର ବ୍ଲକ, **ସମୟ**– ପୂର୍ବାହ୍ନ ୧୦ଟା।

**୧।୩।୨୦୧୯ (ଶୁକ୍ରବାର)**

■ କ୍ରୀଡା ପ୍ରତିଭା ଚୟନ ଶିବିର। **ସ୍ଥାନ**–ଆରଏନ ହାଇସ୍କୁଲ, ବାଘବୁଡ ୟୁପି ସ୍କୁଲ, ରାଜକନିକା ପଞ୍ଚାୟତ ହାଇସ୍କୁଲ, **ସମୟ**– ପୂର୍ବାହ୍ନ ୧୦ଟା।

**୨।୩।୨୦୧୯ (ଶନିବାର)**

■ କ୍ରୀଡା ପ୍ରତିଭା ଚୟନ ଶିବିର। **ସ୍ଥାନ**–କେନ୍ଦ୍ରାପଡା ହାଇସ୍କୁଲ, ଇଚ୍ଛାପୁର ହାଇସ୍କୁଲ, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୧୦ଟା।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ଆତ୍ମନିଯୁକ୍ତି ପାଇଁ ସଚେତନତା କର୍ମଶାଳା

**ମାର୍ଶାଘାଇ,୨୩।୨(ଡିଏନଏ)**

ମାର୍ଶାଘାଇ ବ୍ଲକ ଗରଜଙ୍ଗା ତାରିଣୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଶନିବାର ଆଇଟିଆଇ ଛାତ୍ରୀଛାତ୍ରମାନଙ୍କ ଆତ୍ମନିଯୁକ୍ତି ପାଇଁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ ପ୍ରାୟୋଜିତ ଓ କେନ୍ଦ୍ରାପଡା ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଏହି କର୍ମଶାଳା ହୋଇଥିଲା । ଏଥିରେ ଜିଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ ନାରାୟଣ ମଲିକ, ଶିଳ୍ପ ପର୍ଯ୍ୟବେକ୍ଷକ ନରେନ୍ଦ୍ରନାଥ ମହାରଣା,ମାର୍ଶାଘାଇ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ସାଗର ରଞ୍ଜନ ଖଟେଇ,ତାରିଣୀ ଶିକ୍ଷାନୁଷ୍ଠାନର ଅଧକ୍ଷ ଗଗନ ବିହାରୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ମାଧ୍ୟମରେ ଆତ୍ମନିଯୁକ୍ତି ସଂପର୍କରେ ଛାତ୍ରମାନଙ୍କୁ ବୁଝାଇଥିଲେ । କର୍ମଶାଳାରେ ପ୍ରଶିକ୍ଷକ ସରୋଜକାନ୍ତ ପରିଡା,ସୁବର୍ଣ୍ଣ କୁମାର ବସନ୍ତିଆ,ବିକ୍ରମ କେଶରୀ ନାୟକ,ବିରଞ୍ଚି ନାରାୟଣ ପରିଡା,କପିଳ ଚରଣ ସ୍ୱାଇଁ, ନିତ୍ୟାନନ୍ଦ ସାହୁଙ୍କ ସମେତ ଶତାଧିକ ଆଇଟିଆଇ ଛାତ୍ର ଅଂଶଗ୍ରହଣ କରିଥିଲେ।




କର୍ମଶାଳାରେ ଅତିଥିମାନେ।

## ରାଜନଗର ଗ୍ରାମ ପଞ୍ଚାୟତ ବୈଠକ

**ରାଜନଗର,୨୩।୨(ଡିଏନଏ)**

ରାଜନଗର ଗ୍ରାମ ପଞ୍ଚାୟତର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ପିଠା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମିତି ସଭ୍ୟ ସତ୍ୟବାନ ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କୁମାର ସ୍ୱାଇଁ, ୱାର୍ଡସଭ୍ୟ ମାନସ କୁମାର ସେଠୀ, ଅନ୍ତର୍ଯ୍ୟାମୀ ବାରିକ, ପୁଲକ କୁମାର ବେହେରା, ପର୍ଶୁରାମ ସେଠୀ, ଲକ୍ଷ୍ମୀପ୍ରିୟା ଦାସ, ସରସ୍ୱତୀ ମହାସେଠୀ, ପ୍ରଲିଭା ଦାସ, ଝୁନା ସେଠୀ, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଞ୍ଚାୟତର କର୍ମଚାରୀ କୃଷ୍ଣଚନ୍ଦ୍ର ବଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ମିଶନ ଶକ୍ତି କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

■ଖରାରେ ବେହୋସ ହୋଇପଡ଼ିଲେ ମହିଳା

**ପଟ୍ଟାମୁଣ୍ଡାଇ, ୨୩।୨ (ସ୍ୱ.ପ୍ର)**

ମିଶନ ଶକ୍ତି ତରଫରୁ ଜନସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁୟାରୀ ୨୨ ତାରିଖରେ ପୁରୀଠାରେ ମିଶନ ଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକର ସବୁ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମରେ ମିଶନ ଶକ୍ତି ରଥ ସାମିଲ ହୋଇ ଜନସଚେତନତା ସୃଷ୍ଟି କରୁଛି । ତେବେ ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ର ନିକଟରେ ବିନା ପିଠା କାର୍ଯ୍ୟକ୍ରମରେ ଶନିବାର ସ୍ୱୟଂ ସହାୟକା ଗୋଷ୍ଠୀର ମହିଳାମାନେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି ସମୟରେ ଖଡିଅଣ୍ଟା ଅଙ୍ଗନୱାଡି କେନ୍ଦ୍ର ଆଗରେ ମଧ୍ୟାହ୍ନ ଗୋଟାଏ ବେଳେ ଖୋଲା ଆକାଶ ତଳେ ମହିଳାମାନଙ୍କ ମଧ୍ୟରେ ପୁଚି ଖେଳ, ସାପ ଶିଢି, ମ୍ୟୁଜିକ ଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ହେଲେ ଖରାରେ ମହିଳାମାନେ ଖେଳିବା ପାଇଁ କୁଣ୍ଠାବୋଧ କରିବାରୁ ଦାୟିତ୍ୱରେ ଥିବା ସୁପରଭାଇଜର ତୁମ ଗୋଷ୍ଠୀକୁ କୌଣସି ସହଯୋଗ ମିଳିବ ନାହିଁ ବୋଲି କହିଥିଲେ । ଫଳରେ ଅନିଚ୍ଛା ସତ୍ତ୍ୱେ ମହିଳାମାନେ ବାଧ୍ୟ ହୋଇ ବିଭିନ୍ନ ଖେଳ ଖେଳିଥିଲେ । ତଣ୍ଟି ଶୁଖି ଯାଇଥିଲେ ମଧ୍ୟ ପିଇବା ପାଇଁ ପାଣି ମିଳି ନ ଥିଲା । ଖରା ସହି ନ ପାରି ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ମହିଳା ଅଚେତ ହୋଇ ପଡିଥିଲେ । ଅନ୍ୟ ମହିଳାମାନେ ତାଙ୍କୁ ଉଠାଇ ଚିକିତ୍ସା ବ୍ୟବସ୍ଥା କରାଇଥିଲେ । ଏହି କାର୍ଯ୍ୟକ୍ରମ ଖରାରେ କରାଯାଉଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବାରଣ କରିଥିଲେ । ମାତ୍ର ଏହି କାର୍ଯ୍ୟକ୍ରମ ହେବାକୁ ଆମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଦାୟିତ୍ୱରେ ଥିବା ସୁପରଭାଇଜର କହିଥିଲେ । ଏ ସଂପର୍କରେ ପଟ୍ଟାମୁଣ୍ଡାଇ ସିଡିପିଓଙ୍କୁ ଯୋଗାଯୋଗ କରିବାରେ ସେମିତି କିଛି ନିର୍ଦ୍ଦେଶ ନାହିଁ ବୋଲି ସେ କହିଥିଲେ । ତେବେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ୩ଟି ଶ୍ରେଷ୍ଠ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଶାଢୀ ବଣ୍ଟନ କରାଯାଇଥିଲା ।



ଖଡିଅଣ୍ଟା ଅଙ୍ଗନୱାଡି କେନ୍ଦ୍ର ଆଗରେ ମହିଳାମାନେ।

## ଧନିଆପଡ଼ାରେ ଗୁଳିକାଣ୍ଡ

**ମାର୍ଶାଘାଇ,୨୩।୨(ଡିଏନଏ)**

ମାର୍ଶାଘାଇ ଥାନା ଅଧୀନ ଧନିଆପଡା ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ଗୁଳିକାଣ୍ଡ ଘଟିଛି । ୩ ଜଣ ଦୁର୍ବୃତ୍ତ ୨ଟି ବାଇକ ଯୋଗେ ଆସି ଗ୍ରାମର ଅଜୟ ବେହେରାଙ୍କ ଘର ଉପରକୁ ଗୁଳିମାଡ କରି ବଟିରା ଗ୍ରାମ ଦେଇ ଫେରାର ହୋଇ ଯାଇଛନ୍ତି । ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । ଖବର ପାଇ ମାର୍ଶାଘାଇ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ ହେଁ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ।

ଦୁର୍ବୃତ୍ତମାନେ ଅଜୟଙ୍କୁ ଗୁଳିମାଡ କରିବାକୁ ଆସିଥିଲେ ହେଁ ସଫଳ ହୋଇ ନ ଥିଲେ। ଏ ନେଇ ଅଜୟଙ୍କ ଭାଇ ସାଜନ ବେହେରାଙ୍କ ଏତଲା କ୍ରମେ ମାର୍ଶାଘାଇ ଥାନାରେ ୩୨/୧୯ ନଂ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ କାଳନ୍ଦି ବେହେରା ସୂଚନା ଦେଇଛନ୍ତି। ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। ତେବେ ଦୁଇ ଅପରାଧିକ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁ ଗୁଳିକାଣ୍ଡ ଘଟିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଅଭିଭାବକ ଓ ଶିକ୍ଷକ ମିଳିତ ଆଲୋଚନା




ବୈଠକରେ ଉପସ୍ଥିତ ଅଭିଭାବକ ଓ ଅଧ୍ୟାପକ।

**ଡେରାବିଶ,୨୩।୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ମଦନ ମୋହନ ଜେନାଙ୍କ ଆହ୍ୱାନ କ୍ରମେ ଶନିବାର ଛାତ୍ରୀଛାତ୍ର, ଅଭିଭାବକ ଓ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହାବିଦ୍ୟାଳୟର ଶିକ୍ଷାଦାନ ଓ ଶୈକ୍ଷିକ ପରିବେଶ ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ବିମଳ ପ୍ରସାଦ ପରିଜା,ପ୍ରଦୀପ୍ତ କୁମାର ଲେଙ୍କା, ଜ୍ୟୋତିର୍ମୟ ଜେନାଙ୍କ ସମେତ ଅନ୍ୟ ଅଭିଭାବକମାନେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧକ୍ଷ ଜେନା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଅଧ୍ୟାପକ ଲକ୍ଷ୍ମଣ କୁମାର ଦାଶ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ପ୍ରଭାକର ଦାସ, ଡା. ରାମଚନ୍ଦ୍ର ମହାପାତ୍ର, ମାନସ କୁମାର ଦାଶ, ଅଧ୍ୟାପିକା ସୁକନ୍ୟା ମହାନ୍ତି, ଅବନୀ ରଞ୍ଜନ ନାୟକ, ବିନୟ କୁମାର ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।

## ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ରାଜନଗର,୨୩।୨(ଡିଏନଏ)**

ରାଜନଗର ବ୍ଲକ ସାନବଡଗୋପାଳପୁର ଠାରେ ଥିବା ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବୀରକିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜନଗର ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ମୁଖ୍ୟଅତିଥି, କବି ହେମନ୍ତ କୁମାର ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏବିଇଓ ନନ୍ଦ କିଶୋର ସ୍ୱାଇଁ, ଓଷ୍ଟାର ସଭାପତି ସୀତାକାନ୍ତ ରାଉଳ, ବିଜୟ କୁମାର ଜେନା, ବସନ୍ତ କୁମାର ହାତୀ, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ ଯୋଗଦେଇ ଆଜିର ବ୍ୟସ୍ତବହୁଳ ଦୁନିଆରେ କୋମଳମତି ଶିଶୁମାନଙ୍କର ଉଜ୍ଜଳ ଭବଷ୍ୟତ ଗଠନ କ୍ଷେତ୍ରରେ ମାଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପଣ୍ଡିତ ବରଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ଦିବ୍ୟସିଂହ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ।

## କଂଗ୍ରେସ ଓ ବିଜେଡି ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

**ରାଜନଗର,୨୩।୨(ଡିଏନଏ)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆସନ୍ତା ସପ୍ତାହରେ ତାରିଖ ଘୋଷଣା କରାଯିବାର ସମ୍ଭାବନା ରହିଛି। ନିର୍ବାଚନ ଆଚରଣ ବିଧିକୁ ଦୃଷ୍ଟିରେ ରଖି ଶନିବାର ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁନ୍ଦୁପୁର ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ, ଖୋଲାରୁ ଜୁନସୁନଗର ରାସ୍ତାର ଉନ୍ନତୀକରଣ, ଦିଘି ଯୋର ଉପରେ ସ୍ଲୁଇସ ନିର୍ମାଣ, ଡାଙ୍ଗମାଳ ରାସ୍ତା ଓ ରଙ୍ଗଣୀ ସର୍କିଟ ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଧାୟକ ମହାନ୍ତି ତାଙ୍କର ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ଯାଇ ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ। ବିଧାୟକଙ୍କ ସହିତ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ୩୨ ନଂ ଜୋନ ସଭାପତି ମାଧବ ଚନ୍ଦ୍ର ମାନ୍ନା, ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ସମିତି ସଭ୍ୟା ନନ୍ଦିନୀ ବେହେରା, ୩୨ ନଂ ଜୋନ ଯୁବ କଂଗ୍ରେସ ସଭାପତି ପ୍ରଭାତ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ସୁଧିର ପାଳ, ଶକ୍ତିପଦ କୁଣ୍ଡ, ସମିତି ସଭ୍ୟ ଅଞ୍ଜଳି ପାତ୍ର, କଂଗ୍ରେସ ନେତା ବିଜୟ କୁମାର ମଲ୍ଲିକ, ନୀଳମଣି ପ୍ରଧାନ, ରଘୁନାଥ ପ୍ରଧାନ ପ୍ରମୁଖ ଯାଇଥିଲେ।

ସେହିପରି ରାଜନଗର ବ୍ଲକ ରାଜପୁର ପଞ୍ଚାୟତର ଚନ୍ଦନପୁର ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବାଲିଚନ୍ଦନପୁର ଓ ଚନ୍ଦନପୁର ଦୁଇଟି ଗାଁର ୪ଶହ ପରିବାର ପାନୀୟଜଳ ପାଇପାରିବେ। ଶୁକ୍ରବାର ସନ୍ଧ୍ୟାରେ ଜିଲା ବିଜେଡି ସଭାପତି ତଥା ଜିଲା ଯୋଜନା ବୋର୍ଡ ସଦସ୍ୟ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜପୁର ପଞ୍ଚାୟତ ସରପଞ୍ଚ ନିମାଇଁ ଚରଣ ରାଉତ, ସମିତିସଭ୍ୟ ମଞ୍ଜୁଲତା ପାତ୍ର, ଯୁବନେତା ଅରୁଣ କୁମାର ସାହୁ, ଶ୍ରୀନିବାସ ପାତ୍ର, ସୁରେନ୍ଦ୍ର ସ୍ୱାଇଁ, ଅତନୁ ବଳ ପ୍ରମୁଖ ଯୋଗ ଦେଇଥିଲେ। ଦୁଇଟି ଗାଁର ମଧ୍ୟସ୍ଥଳୀ ଚନ୍ଦନପୁର ସ୍କୁଲ ପଡିଆରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯିବା ପରେ ସଙ୍ଗେ ସଙ୍ଗେ କାର୍ଯ୍ୟ ଆରମ୍ଭ ହୋଇଛି। ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ କରାଯାଇଥିବା ଶିଳାନ୍ୟାସ ଉତ୍ସବକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।



ପ୍ରକଳ୍ପର ଶିଳାନ୍ୟାସ ଅବସରରେ ବିଧାୟକ ଅଂଶୁମାନ ମହାନ୍ତି ଓ ଅନ୍ୟମାନେ।

## ସଂକ୍ଷେପରେ

### ୩ ବଖରା ଜଳିଗଲା



**ତିର୍ତ୍ତୋଲ,୨୩।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତ ବିକିପୁର ଗ୍ରାମର ବାବୁ ଦାସଙ୍କ ଘରେ ଶୁକ୍ରବାର ନିଆଁଲାଗି ୩ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଘରେ ଥିବା ନଗଦ ୨୦ ହଜାର ଟଙ୍କା ସହିତ ଏକ ସ୍କୁଟର, ୨ଟି ବାଇସାଇକେଲ, ୨୫ ବସ୍ତା ଧାନ ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକମାନେ ନିଆଁକୁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ ସଫଳ ହୋଇ ନ ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଘର ମଧ୍ୟରୁ କିଛି ଅଧାପୋଡ଼ା ଟଙ୍କା ମିଳିଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଅର୍ଥ ଆତ୍ମସାତ୍ ଅଭିଯୋଗ
### ବ୍ୟାଙ୍କ ପରିଚାଳକ କୋର୍ଟଚାଲାଣ

**ତିର୍ତ୍ତୋଲ,୨୩।୨(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ହିତରଣା ଗ୍ରାମର ସଞ୍ଜୟ କୁମାର ପଲେଇଙ୍କୁ ଅର୍ଥ ଆତ୍ମସାତ ଅଭିଯୋଗରେ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସଞ୍ଜୟ ରାହାମା ବଜାରରେ ଥିବା ଏକ ଘରୋଇ ବ୍ୟାଙ୍କ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ସେ ଗାଡ଼ି ଋଣ ବାବଦ ୨୫ଜଣଙ୍କଠାରୁ ବ୍ୟାଙ୍କର ଅର୍ଥ ଆଦାୟକରି ସେମାନଙ୍କୁ ରସିଦ ନଦେଇ ହାତଲେଖା ପ୍ରଦାନ କରି ୪ଲକ୍ଷ ୩୮ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଜାନୁୟାରୀ ମାସରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ପୋଲିସ ଗିରଫ କରିଥିଲା।

### ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ତିର୍ତ୍ତୋଲ,୨୩।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପୋରଗଡେଇସ୍ଥିତ ରାଧା ଗୋବିନ୍ଦ ସଞ୍ଜୟ ମହାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାବିତ ପରମାନନ୍ଦ ମାଝୀ, ମଞ୍ଜୁଳା ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଧ୍ରୁବ ଚରଣ ସ୍ୱାଇଁ, ଉଷା ମହାପାତ୍ର, ଶୁଭଶ୍ରୀ ମଲ୍ଲିକ, ରଶ୍ମି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ବାଲିକୁଦା,୨୩।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ଦୁଆ ଓଲାଷ ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମେନକା କୁମାରୀ ଦେଇଙ୍କୁ ଶନିବାର ବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ, ତିର୍ତ୍ତୋଲର ପ୍ରାକ୍ତନ ବିଇଓ ସୁକାନ୍ତ କୁମାର ରାୟ ମୁଖ୍ୟବକ୍ତା, ବୋରିକିନା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା, ସଞ୍ଜୟ କୁମାର ମହାନ୍ତି, ନୀଖିଳ ଉତ୍କଳ ନିମ୍ନମାଧମିକ ଶିକ୍ଷକ ସଂଘ ସଭାପତି ବିସ୍ମୟ କୁମାର ମଲ୍ଲ, ନାରଦିୟା କ୍ଲଷ୍ଟର ସିଆରସିସି ବସନ୍ତ ମଲ୍ଲିକ, ଶିକ୍ଷାବିତ୍ ନାରାୟଣ କଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ କାର୍ଯ୍ୟ ଦକ୍ଷତା ଓ ଛାତ୍ର ବତ୍ସଳତା ସମ୍ପର୍କରେ କହିଥିଲେ। ଶିକ୍ଷକ ନେତା ଆଲୋକ କୁମାର ପାଲ, ଚିତ୍ତରଞ୍ଜନ ଦାସ, ଏରସମା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ନିହାର ରଞ୍ଜନ ଜେନା, ସିଆରସିସି କାର୍ତ୍ତିକ ମୁଦୁଲି, ପରିଚାଳନା କମିଟି ସଭାପତି ଅଶୋକ ଦାସ, ପୂର୍ବତନ ସଭାପତି ତ୍ରିଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ସୁଖମୟ ଭବିଷ୍ୟତ କାମନା କରିଥିଲେ। ବରଦିଆ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ବେଦ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶଶିକଳା ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ■ ସୌଭାଗ୍ୟ ପାଲଟିଛି ଦୁର୍ଭାଗ୍ୟ
# ମିଟର ନ ଥାଇ ଆସୁଛି ବିଲ୍

**ନାଉଗାଁ,୨୩।୨(ସ୍ୱ.ପ୍ର.)**

■ଗୋଟିଏ ବଲ୍‌ବ ପାଇଁ ମାସିକ ୨୯୮ ଟଙ୍କା
■ଉତ୍କୋଚ ନ ଦେବାରୁ ବିଦ୍ୟୁତ୍ ସରଞ୍ଜାମ ଖୋଲିନେଲେ ଠିକାଦାର

ଗରିବ ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ସୌଭାଗ୍ୟ ଯୋଜନା। ତେବେ ନାଉଗାଁ ବ୍ଲକରେ ଏହି ଯୋଜନା ସୌଭାଗ୍ୟ ନୁହେଁ ବରଂ ଲୋକଙ୍କ ପାଇଁ ଦୁର୍ଭାଗ୍ୟ ପାଲଟିଛି। କେଉଁଠି ବିଦ୍ୟୁତ ସଂଯୋଗ ନ ଥାଇ ହିତାଧିକାରୀଙ୍କ ନାମରେ ବିଲ୍ ଆସିଛି ତ ଆଉ କେଉଁଠି ଲାଞ୍ଚ ନ ଦେବାରୁ ଠିକାଦାର ଗରିବ ହିତାଧିକାରୀଙ୍କ ଘରୁ ମିଟର ବୋର୍ଡ ଆଦି ବିଦ୍ୟୁତ୍ ସରଞ୍ଜାମ ଖୋଲି ନେଇଛନ୍ତି। ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତର ଦେବୀନଦୀ କୂଳବର୍ତ୍ତୀ ଶୁଆକଣ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗ୍ରାମର ବିଦେଶୀ ମହାନ୍ତି ଜଣେ ଗରିବ ଦିନ ମଜୁରିଆ। ଘରକୁ ବିଦ୍ୟୁତ୍ ସଂଯୋଗ ତାଙ୍କ ପାଇଁ ସ୍ୱପ୍ନ। ପଡୋଶୀମାନେ ବିଦ୍ୟୁତ ସେବା ପାଉଥିବାବେଳେ ସେ ଡିବି, ଲଣ୍ଠନରେ ଚଳନ୍ତି। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସେବା ପାଇଁ ସେ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଠିକାଦାର ଜାନୁୟାରୀ ୨ୟ ସପ୍ତାହରେ ବିଦେଶୀଙ୍କ ଘରେ ମିଟର, ବୋର୍ଡ ଆଦି ଲଗାଇଥିଲେ। ତେବେ ଏଥିପାଇଁ ସେ କିଛି ଉତ୍କୋଚ ମାଗିଥିଲେ। କିନ୍ତୁ ବିଦେଶୀ ଉତ୍କୋଚ ନ ଦେବାରୁ ତାଙ୍କ ଘରେ ଲାଗିଥିବା ମିଟର, ବୋର୍ଡ ଆଦିକୁ ଠିକାଦାର ବାହାର କରିନେଇଥିବା ଅଭିଯୋଗ ହୋଇଛି। କେବଳ ସେ ନୁହନ୍ତି, ଗ୍ରାମର ଅନେକ ହିତାଧିକାରୀ ଏଭଳି ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଘୋଡାଂଶ ପଞ୍ଚାୟତ ପାଇକସାହି ଗ୍ରାମର ବଳରାମ ଦାସଙ୍କ ଘରେ ସୌଭାଗ୍ୟ ଯୋଜନାରେ ୧୩ ଜାନୁୟାରୀରେ ବିଦ୍ୟୁତ ସରଞ୍ଜାମ ଲଗାଯାଇଥିଲା। ଏ ପର୍ଯ୍ୟନ୍ତ ମିଟର ଲଗାଯାଇନାହିଁ। କିନ୍ତୁ ୧୫ ଫେବୃୟାରୀରେ ବିଭାଗ ପକ୍ଷରୁ ୨୯୮ ଟଙ୍କା ବିଦ୍ୟୁତ୍ ବିଲ୍ ଆସିଥିବା ବଳରାମ କହିଛନ୍ତି। ସେ ମାତ୍ର ଗୋଟିଏ ବଲ୍‌ବ ବ୍ୟବହାର କରୁଛନ୍ତି। କିନ୍ତୁ ଏତେ ଟଙ୍କା ବିଲ୍ କିପରି ଆସିଲା ବୁଝାପଡୁନାହିଁ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ଚିତଦତ୍ତ ଉପାଧ୍ୟାୟ କହିଛନ୍ତି ଯେ ଯୋଗ୍ୟ ହିତାଧିକାରୀଙ୍କୁ କେହି ବିଦ୍ୟୁତ ସେବାରୁ ବଞ୍ଚିତ କରିପାରିବେ ନାହିଁ। କେତେଜଣ ଠିକାଦାର ଲାଞ୍ଚ ମାଗୁଥିବା ଅଭିଯୋଗ ଆମ ପାଖରେ ମଧ ଅଛି। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବିନା ମିଟରରେ କିପରି ବିଲ୍ ଆସୁଛି ବୋଲି ପଚାରିବାରେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ସହ କଥା ହୋଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



୨୨ ମୌଜା କଲେଜରେ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବିରିଡ଼ି,୨୩।୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ୨୨ ମୌଜା କଲେଜରେ ୧୨ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧକ୍ଷତା କରିଥିଲେ କଲେଜ ଅଧକ୍ଷ ଶିଶିର ଦାସ। ଅରୁଣ କୁମାର ଦାସ ମୁଖ୍ୟଅତିଥି, ଇତିହାସ ବିଭାଗ ଅଧାପକ ମନୋଜ ସାମଲ ମୁଖ୍ୟବକ୍ତା, ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଆଶିଷ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ତେବେ ୩୧ ଜଣଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ରୀତା ମିଶ୍ରଙ୍କ ସଂଯୋଜନାରେ ପ୍ରଶିକ୍ଷକ ଲୋପିତା ଭୋଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧାପିକା ବିନିତା ଦାଶ, ସ୍ୱପ୍ନାରାଣୀ ଜେନା, ମହେନ୍ଦ୍ର ଆଚାର୍ଯ୍ୟ, ଅଞ୍ଜନା ଜେନା, ଡିଇଓ ରୁଦ୍ରନାରାୟଣ ସିଂହ, ଦୁର୍ଯ୍ୟୋଧନ ସିଂହ, ମାଳତୀ ଦେଇ ପ୍ରମୁଖ ସହାୟତା କରିଥିଲେ। ଲାଇବ୍ରେରିଆନ କ୍ଷୀରୋଦ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।



ରଘୁନାଥପୁର ବ୍ଲକ ରାଧାନଗରସ୍ଥିତ ବିଶେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

## ■ ସରପଞ୍ଚଙ୍କ ଘର ଉପରକୁ ବୋମାମାଡ଼ ଘଟଣା
# ଅଭିଯୁକ୍ତଙ୍କ ଗିରଫ ଦାବିକଲା ବ୍ଲକ କଂଗ୍ରେସ

**ବିରିଡ଼ି/ବାଲିଆ,୨୩।୨(ଡି.ଏନ.ଏ):**

ବିରିଡ଼ି ଥାନା ଉକୁନ୍ଦରା ପଞ୍ଚାୟତର ସରପଞ୍ଚ ତଥା ଜୋନ – ୨ର ସଭାପତି ଚନ୍ଦ୍ରଶେଖର ଦାଶଙ୍କ ଘର ଉପରକୁ ଶୁକ୍ରବାର ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ଏନେଇ ସରପଞ୍ଚ ଦାଶଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ନଂ.୨୪/୧୯ ରୁଜୁ କରିଛି। ତେବେ ଅଭିଯୁକ୍ତ ରାଶ ବିହାରୀ ଦାସଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ବିରିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ କରାଯିବା ସହ ଘଟଣାକୁ ନିନ୍ଦା କରାଯାଇଛି। ବାଲିଆଷ୍ଟୋର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ଲିଙ୍ଗରାଜ ମଲ୍ଲ, ବ୍ଲକ କଂଗ୍ରେସ ଜୋନ-୧ର ସଭାପତି ସୀତାଂଶୁ ଶେଖର ରାୟ ପ୍ରମୁଖ ୪୮ ଘଣ୍ଟା ମଧରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ତଦନ୍ତ ବେଳେ କୌଣସି ରାଜନୈତିକ ଚାପକୁ ଦଳ ଆଦୌ ବରଦାସ୍ତ କରିବ ନାହିଁ ବୋଲି ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଦେବୀ ପ୍ରସାଦ ତ୍ରିପାଠୀ, ହାଜିପୁର ସରପଞ୍ଚ ବିମଳ ପ୍ରସାଦ ସେଠୀ, ମଙ୍ଗୁଳି ସରପଞ୍ଚ ସ୍ମୃତିମଞ୍ଜରୀ ପରିଜା, ବାରଡିଆ ସରପଞ୍ଚ ରେଣୁବାଳା ପାଳ, କୁଳକଇଜଙ୍ଗା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ଗୋପୀନାଥପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ, ସୁଦର୍ଶନ ମହାରଣା, ବିଶ୍ୱରଞ୍ଜନ ପାତ୍ର ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ୨ ଜଣ ଦୁର୍ବୃତ୍ତ ଆସି ସରପଞ୍ଚଙ୍କ ଘର ଉପରକୁ ବୋମା ଫିଙ୍ଗିବା ସହିତ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। ବୋମାମାଡ଼ରେ ତାଙ୍କ କାର ପୋଡ଼ିଯାଇଥିଲା। ପରେ ସରପଞ୍ଚ ଦାଶ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସାଇଣ୍ଟିଫିକ ଟିମ ବୋମାମାଡ ସ୍ଥଳକୁ ଆସି ତଦନ୍ତ କରିଛି।

## ପାନୀୟଜଳ ଛାଡୁନାହାନ୍ତି ପମ୍ପ ଚାଳକ
# ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ରାହାମା,୨୩।୨(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ହଂସୁରା ପଞ୍ଚାୟତର ଅନୋଳିପାଟଣା ଗ୍ରାମକୁ ପାନୀୟଜଳ ଯୋଗାଣ ଠିକ୍ ଭାବେ ହେଉନାହିଁ। ପାନୀୟଜଳ ପ୍ରକଳ୍ପ ଚାଳକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହି ଗ୍ରାମବାସୀ ଆବଶ୍ୟକ ପାଣି ପାଉନାହାନ୍ତି ବୋଲି ଜଗତ୍‌ସିଂହପୁର ଜିଲା ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ହଂସୁରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପ ଉପରେ ହଂସୁରା, ସାମପୁର, ମମଦଲପୁର, ବରମାଣିଆ, ନୂଆସାହି ଓ ଅନୋଳିପାଟଣା ଲୋକ ନିର୍ଭର କରନ୍ତି। ଏଠାରେ ନିଯୁକ୍ତ ପମ୍ପଚାଳକ ଘର ସେହି ଗ୍ରାମରେ। ସେ ନିଜ ଘର ଓ ବିଲବାଡ଼ି କାମ କରୁଥିବାବେଳେ ଅନ୍ୟ ଜଣେ ପିଲାକୁ ପମ୍ପ ଚଳାଇବାକୁ ଚାବି ଦେଇଛି। ଅନୋଳିପାଟଣା ଗ୍ରାମକୁ ସେ ଠିକ୍ ଭାବେ ପାଣି ଯୋଗାଉନାହିଁ। ପମ୍ପ ଚାଳକ ଜଣଙ୍କ ଏଠାରେ ପୂର୍ବରୁ ନିଯୁକ୍ତ ଚାଳକଙ୍କୁ କେତେଜଣ ଅସାମାଜିକ ଲୋକଙ୍କ ଦ୍ୱାରା ମାଡ଼ ମାରି ନିଜେ ସେହି ଦାୟିତ୍ୱରେ ଥିବା ଅଭିଯୋଗ ହୋଇଛି। ନିଜ ଗ୍ରାମକୁ ସେ ୮ରୁ ୧୦ଘଣ୍ଟା ପାଣି ଯୋଗାଉଥିବା ବେଳେ ଅନୋଳିପାଟଣାକୁ ଖୁବ କମ ସମୟ ପାଣି ଛାଡୁଛି। ଢଳେଇ ରାସ୍ତା ନିର୍ମାଣ, ବାହାଘର ଆଦି କାର୍ଯ୍ୟ ନିମନ୍ତେ ଅର୍ଥ ଆଦାୟ କରି ଜଳଯୋଗାଣ କରୁଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ଏକାଧିକ ଅଭିଯୋଗ କରାଯାଇଥିଲେ ମଧ କିଛି ସୁଫଳ ମିଳିପାରିନାହିଁ। ଅନୋଳି ପାଟଣା ଗ୍ରାମକୁ ପାନୀୟଜଳ ଯୋଗାଣ ଓ ପମ୍ପ ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରବି ନାରାୟଣ ଦାସ, ଅରୁଣ ସ୍ୱାଇଁ, ଅନିଲ ଦାସ, ସୋନୁ ମହାରଣା, ସସ୍ମିତା ସୁତାର, ଚିତ୍ତରଞ୍ଜନ ମଲିକ, ଟହଲି ଦାସ, ରାଜେଶ ସୂତାର ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କହିଛନ୍ତି ଯେ, ଗୋଟିଏ ପ୍ରକଳ୍ପରୁ ପାଣି ଯୋଗାଇବା ସମ୍ଭବ ହେଉନାହିଁ। ତେଣୁ ଆଉ ଏକ ପ୍ରକଳ୍ପ ପ୍ରତିଷ୍ଠା ହେଲେ ସମସ୍ୟା ସମାଧାନ ହେବ।

### ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ୧୫୧ କଳସ ଯାତ୍ରା

**ରଘୁନାଥପୁର,୨୩।୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ରାଧାନଗରସ୍ଥିତ ବିଶେଶ୍ୱର ମହାଦେବଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ସ୍ଥାନୀୟ ତାରପୁର ବାଇପାସସ୍ଥିତ ମହାନଦୀର ନାରାୟଣୀ ଘାଟରୁ ୧୫୧ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଘାଟ ସମୀପରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ସମାପନ ହେବା ପରେ ଗ୍ରାମର ମହିଳାପୁରୁଷମାନେ ନଦୀରେ ବୁଡ ପକାଇ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ ପ୍ରାୟ ୪ କିମି ବ୍ୟାପୀ ଯଜ୍ଞସ୍ଥଳକୁ ଶୋଭାଯାତ୍ରାରେ ଆସିଥିଲେ। ଗ୍ରାମର ପ୍ରତ୍ୟେକ ଲୋକ ଏହି ଶୁଭ କାର୍ଯ୍ୟରେ ସାମିଲ ହୋଇଥିଲେ। କଳସ ସ୍ଥାପନ ପରେ ବିଧି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା ଓ ଅଗ୍ନି ସ୍ଥାପନ ସହ ଯଜ୍ଞ କର୍ମ ସମାପନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। କର୍ତ୍ତା ଭାବେ ଭାଗବତ ସ୍ୱାଇଁ ଓ କର୍ତ୍ତା ଭାବେ ସୁଲୋଚନା ସ୍ୱାଇଁ ଯଜ୍ଞସ୍ଥଳରେ ଉପସ୍ଥିତ ରହି ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୋମବାର ପୂର୍ଣ୍ଣାହୁତି ହେବ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ତିର୍ତ୍ତୋଲ,୨୩।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ସଆଁରା ପଞ୍ଚାୟତ ବରୁଣପଡ଼ା ଗ୍ରାମର ସୁଶାନ୍ତ ରାଉତଙ୍କୁ ଯୌତୁକ ପାଇଁ ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଶନିବାର ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ୨୦୧୬ରେ ସୁଶାନ୍ତ ଏହି ଥାନା ଅନ୍ତର୍ଗତ ଆହାଣ ଗ୍ରାମର ପ୍ରଜ୍ଞାଶ୍ରୀ ପୁହାଣଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ପ୍ରଜ୍ଞାଶ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଛନ୍ତି ବୋଲି ଶୁକ୍ରବାର ପ୍ରଜ୍ଞାଶ୍ରୀଙ୍କ ଦାଦା ପ୍ରଦୀପ ପୁହାଣ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ମାମଲା ନଂ. ୫୬/୧୯ ରୁଜୁ ହୋଇଛି। ରବିବାର ଅଭିଯୁକ୍ତ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପ୍ରଶାନ୍ତ କୁମାର ମାଝୀ କହିଛନ୍ତି।

# ଗ୍ରାମାଞ୍ଚଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ସରକାର

**ଜଗତ୍‌ସିଂହପୁର ଅଫିସ,୨୩।୨**




କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ ଓ ଅନ୍ୟମାନେ।

■ପିଠା ଯୋଜନାରେ ସର୍ବୋତ୍ତମ ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା
■ନିର୍ମାଣ ଶ୍ରମିକଙ୍କୁ ଗୃହ ନିର୍ମାଣ ପାଇଁ ଦିଆଗଲା ୧ ଲକ୍ଷ ୨୦ ହଜାର
■ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନାରେ ୪୯ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ସ୍ଥାନୀୟ ଟାଉନ ହଲ ପରିସରରେ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହଯୋଗରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନାରେ ଉପକୃତ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବଣ୍ଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ଏହାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଲେ ଯେ ୧୯୯୯ ମହାବାତ୍ୟାରେ ଜିଲାର ଗ୍ରାମାଞ୍ଚଳର ଗୃହଗୁଡିକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ଗ୍ରାମାଞ୍ଚଳ ଗୃହ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ଗ୍ରାମାଞ୍ଚଳ ବିକାଶକୁ ସରକାର ପ୍ରାଧାନ୍ୟ ଦେଉଥିବା ସେ କହିଥିଲେ। ଏହି ଅବସରରେ ପିଠା କାର୍ଯ୍ୟକ୍ରମରେ ଗତ ଜାନୁୟାରୀ ମାସରେ ପାରଦର୍ଶିତା ଅର୍ଜନ କରିଥିବା ପଞ୍ଚାୟତକୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ନୂତନ କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେଗୁଡିକ ହେଲା ଜଗତ୍‌ସିଂହପୁର ବ୍ଲକର ସିଂହାରପୁର, ବିରିଡ଼ିର ଶଢେଇ ଶାସନ, ରଘୁନାଥପୁରର ବରାଗୋଳ, ତିର୍ତ୍ତୋଲର ଗୋପାଳପୁର, କୁଜଙ୍ଗର ଭୂତମୁଣ୍ଡାଇ, ନାଉଗାଁର ଓଷକଣା, ବାଲିକୁଦାର ରାହାଣ ଓ ଏରସମାର ପଏଦା ପଞ୍ଚାୟତ। ନିର୍ମାଣ ଶ୍ରମିକ ଯୋଜନାରେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଲେଖାଏଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନାରେ ଯେଉଁ ହିତାଧିକାରୀ ୪ ଓ ୬ ମାସରେ ନିର୍ମାଣ କାମ ଶେଷ କରିଥିଲେ ସେମାନଙ୍କୁ ୨୦ ଓ ୧୦ ହଜାର ଟଙ୍କା ହିସାବରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନାରେ ନୂତନ ପୋଖରୀ ଖନନ ପାଇଁ ୪୯ ହିତାଧିକାରୀଙ୍କୁ ହେକ୍ଟର ପିଛା ୮ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ଜୀବିକା ମିଶନରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମ ପଞ୍ଚାୟତ

### ରାଜ୍ୟ ସରକାରଙ୍କ ନୂଆ ପଦକ୍ଷେପ

ମହାସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁବାବୁ ପେନସନ୍ ଯୋଜନାରେ ଫେବୃୟାରୀ ମାସ ପାଇଁ ହିତାଧିକାରୀଙ୍କୁ ୫୦୦ ଓ ୮୦ ବର୍ଷରୁ ଅଧିକ ବୟସର ହିତାଧିକାରୀଙ୍କୁ ୭୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇ ଗତ ୩ ବର୍ଷରେ ଜିଲାରେ ୨୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ଦିଆଯାଇଛି। ନିଯୁକ୍ତି ପାଇଥିବା ହିତାଧିକାରୀଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓରମାସ୍ ସହକାରୀ ନିର୍ଦ୍ଦେଶକ ସତ୍ୟ ସୁନ୍ଦର ଶିବରାମ ପାଇଟାଳ, ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମାଞ୍ଚଳ ଗୃହ ଓ ଜୀବିକା ମିଶନର କର୍ମଚାରୀମାନେ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଡିଓ, ବିରିଡ଼ି ଏବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

### ଜାଗରଯାତ୍ରା ପ୍ରସ୍ତୁତି ବୈଠକ

**ବାଲିକୁଦା,୨୩।୨(ସ୍ୱ.ପ୍ର.)**

କୃଷ୍ଣଦାସପୁର ପଞ୍ଚାୟତର ବାଲୁଙ୍କେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ଦିରର ପୂଜକ ଦୁର୍ଗାଚରଣ ପଣ୍ଡା ସଭାପତିତ୍ୱ କରିଥିଲେ। କୃଷ୍ଣଦାସପୁର ଓ ପଡୋଶୀ ଦଳଣା ଗ୍ରାମର ମୁରବୀଙ୍କୁ ନେଇ ଏହି ବୈଠକ କରାଯାଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ ଏହି ଯାତ୍ରା ଅବସରରେ ୪ ଦିନ ବ୍ୟାପି ବାଦପାଲା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ୪ ତାରିଖରେ ଜାଗର ଯାତ୍ରା ସହିତ ଚତୁର୍ଥ ପ୍ରହର ନାମଯଜ୍ଞ କରାଯିବ। ଗାୟକ ବସନ୍ତ ବେହେରା ଓ ତାଙ୍କ ସାଥୀ ଏବଂ କମଳାକାନ୍ତ ନାୟକ ଓ ତାଙ୍କ ସାଥୀ ପାଲା ପରିବେଷଣ କରିବେ ବୋଲି କୁହାଯାଇଥିଲା। ବୈଠକରେ ଗାଁର ମୁରବୀ କରୁଣାକର ଗୋଚ୍ଛାୟତ, ଚିତ୍ତରଞ୍ଜନ ସ୍ୱାଇଁ, ପୂଜକ ସରୋଜ କୁମାର ପଣ୍ଡା, ବ୍ରହ୍ମାନନ୍ଦ ଗୋଚ୍ଛାୟତ, ବିଜୟ କୁମାର ସ୍ୱାଇଁ, ଅନାମ କୁମାର ନନ୍ଦ, ହାଡିବନ୍ଧୁ ପାଣି, ବୃନ୍ଦାବନ ସାମଲ, ମନୋଜ ଗୋଚ୍ଛାୟତ, ରବୀନ୍ଦ୍ର ରଥ, ଶୁକଦେବ ସ୍ୱାଇଁ, ରବୀନ୍ଦ୍ର ଦାସ, ବାଲୁଙ୍କେଶ୍ୱର ରଥ, ପ୍ରଭାକର ଦଳାଇ, ଚନ୍ଦ୍ରଶେଖର ଦଳାଇ, ପ୍ରଶାନ୍ତ ସାମଲ, ବଳରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ହୁରିୟାତ ଓ ଜମାତ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏକତରଫା ଓ ସ୍ୱେଚ୍ଛାଚାରୀ। କେନ୍ଦ୍ର ସରକାର ଜଣେ ବ୍ୟକ୍ତିଙ୍କୁ ଜେଲ୍‌ରେ ପୂରାଇପାରନ୍ତି, କିନ୍ତୁ ତାଙ୍କ ବିଚାରଧାରାକୁ କଏଦ କରିପାରିବେ ନାହିଁ।

-ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ଫୋନ୍‌ରେ ବିମାନ ଅପହରଣ ଧମକ

### ସୁରକ୍ଷା ବଢ଼ାଗଲା

**ନୂଆଦିଲ୍ଲୀ,୨୩।୨(ପି.ଟି.):** ବିମାନ ଅପହରଣ ଧମକପୂର୍ଣ୍ଣ ଫୋନ୍ କଲ୍‌କୁ ନେଇ ଦେଶର ସମସ୍ତ ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯିବା ସହ ସିଆଇଏସ୍‌ଏଫ୍‌କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଶନିବାର ଏକ ଫୋନ୍‌କଲ୍ ଆସିଥିଲା। ଏହାର ଏକ ବିମାନକୁ ପାକିସ୍ତାନକୁ ଅପହରଣ କରିନିଆଯିବ ବୋଲି କେହିଜଣେ ଧମକ ଦେଇଥିଲେ। ଏହା ଜଣାପଡିବା ପରେ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ (ବିସିଏଏସ୍) ସମସ୍ତ ବିମାନ ବନ୍ଦରକୁ ସତର୍କ କରିଦେଇଥିଲା। ବିମାନବନ୍ଦର ସୁରକ୍ଷା ବିଭାଗ (ଏପିଏସ୍‌ୟୁ ଏବଂ ଆଭିଏଶନ୍ ସିକ୍ୟୁରିଟି ଗ୍ରୁପ୍(ଏଏସ୍‌ଜି) ସମେତ ସମସ୍ତ ବିମାନ ଅପରେଟରମାନଙ୍କୁ ତୁରନ୍ତ ୮ଟି ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଥିଲା। ବିମାନବନ୍ଦରଗୁଡିକୁ ଯାଇଥିବା ରାସ୍ତାରେ ଯାଞ୍ଚ ବ୍ୟବସ୍ଥା କଡାକଡି କରାଯାଇଥିଲା। ଟର୍ମିନାଲ ବିଲ୍ଡିଂ, ସମସ୍ତ ଅପରେଶନାଲ ଏରିଆ ଏବଂ ଅନ୍ୟାନ୍ୟ ସ୍ଥାନରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଥିଲା। ସିସିଟିଭି ମାଧ୍ୟମରେ ଚତୁଃପାର୍ଶ୍ୱ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା।

# ଉପତ୍ୟକାରେ ଉତ୍ତେଜନା

ଶ୍ରୀନଗର,୨୩।୨(ପି.ଟି.)



ଶ୍ରୀନଗରରେ ଅର୍ଦ୍ଧସାମରିକ ବାହିନୀ ମୁତୟନ

ସରକାର ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସମ୍ବିଧାନର ଧାରା ୩୫-କ ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ଥିବାବେଳେ ଏହା ପୂର୍ବରୁ ଜମାତ୍-ଇ-ଇସ୍‌ଲାମୀ ନେତା ଅବ୍‌ଦୁଲ ହମିଦ ଫୟାଜଙ୍କ ସମେତ ୧୫୦ ଜଣଙ୍କୁ ଗିରଫ କରାଯାଇଛି। ଫଳରେ କଶ୍ମୀର ଉପତ୍ୟକାରେ ଉତ୍ତେଜନା ବୃଦ୍ଧିପାଇଛି। ପୋଲିସ ଏହାକୁ ନିୟମିତ କାର୍ଯ୍ୟାନୁଷ୍ଠାନ କହିଥିବାବେଳେ ଜମାତ ସଂଗଠନ ବିରୋଧରେ ଏହା ପ୍ରଥମ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ଧାରା ୩୫-କ ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ସ୍ୱତନ୍ତ୍ର ଅଧିକାର ଓ ସୁବିଧା ଯୋଗାଇ ଦେଉଛି। ଜମାତ-ଇ-ଇସ୍‌ଲାମୀ ନିଜକୁ ସାମାଜିକ-ଧର୍ମୀୟ ସଂଗଠନ କହୁଥିବାବେଳେ ଏହା ହିଜ୍‌ବୁଲ ମୁଜାହିଦ୍ଦିନର ମୂଳ ରାଜନୈତିକ ଦଳ ବୋଲି ପୂର୍ବରୁ ବିବେଚନା କରାଯାଉଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଲୋକମାନେ ରାସ୍ତାକୁ ଓହ୍ଲାଇବା ଫଳରେ ଉତ୍ତେଜନା ବୃଦ୍ଧି ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ସରକାର କଶ୍ମୀରକୁ ଅଧିକ ୧୦୦ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ (ପାଖାପାଖି ୧୦ ହଜାର ଯବାନ) ପଠାଇଛନ୍ତି। ୧୪ ବର୍ଷ ପରେ ଶ୍ରୀନଗରରେ ବିଏସ୍‌ଏଫ୍ ଯବାନ ମୁତୟନ ହୋଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଶ୍ରୀନଗର ସରକାରୀ ମେଡିକାଲ କଲେଜର ଶୀତ ଛୁଟିକୁ ବାତିଲ କରାଯାଇ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ସେହିପରି ଖାଦ୍ୟ, ସାଧାରଣ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ଆଉଟ୍‌ଲେଟ୍ ମାଧ୍ୟମରେ ଦକ୍ଷିଣ ଶ୍ରୀନଗର ଅଞ୍ଚଳରେ ରାଶନ ବିକ୍ରି ଜାରି ରଖିବାକୁ କୁହାଯାଇଛି। ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣାରେ ବ୍ୟସ୍ତ ଥିବାବେଳେ ପେଟ୍ରୋଲ ପମ୍ପଗୁଡିକରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।

ସୁପ୍ରିମକୋର୍ଟ ଶୁଣାଣି ପୂର୍ବରୁ ପୋଲିସ୍‌ର ରାତି ଅଧିଆ ଗିରଫଦାରିକୁ ନେଇ ଜମାତ ସନ୍ଦେହ ବ୍ୟକ୍ତ କରିଛି। ଶୁକ୍ରବାର ରାତିରେ ପୋଲିସ ଜେକେଏଲଏଫ୍ ମୁଖ୍ୟ ୟାସିନ୍ ମଲିକଙ୍କୁ ଗିରଫ କରି ଜେଲ୍ ପଠାଇଦେଇଛି। ବିଚ୍ଛିନ୍ନତାବାଦୀ ସଂଗଠନଗୁଡିକ ପକ୍ଷରୁ ରବିବାର ବନ୍ଦ ଡାକରା ଦିଆଯାଇଛି। ଉପତ୍ୟକାରେ ଗଣଗିରଫଦାରିର ବୈଧାନିକତାକୁ ନେଇ ପିଡିପି ଅଧକ୍ଷା ମେହବୁବା ମୁଫ୍‌ତି ପ୍ରଶ୍ନ ଉଠାଇଛନ୍ତି। ହୁରିୟାତ୍ ଓ ଜମାତ ସଂଗଠନ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଏକତରଫା ଓ ସ୍ୱେଚ୍ଛାଚାରୀ ବୋଲି ସେ କହିଛନ୍ତି। ଅତୀତରେ ଅନେକ ଥର ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିଲେ ମଧ୍ୟ ଫଳ କିଛି ହୋଇନାହିଁ ବୋଲି ପିପୁଲ୍ସ କନ୍‌ଫରେନ୍ସ ନେତା ସଜାଦ୍ ଲୋନେ କହିଛନ୍ତି। ୟାସିନ ମଲିକଙ୍କ ଗିରଫଦାରି ଏବଂ ଜମାତ-ଇ-ଇସ୍‌ଲାମୀ ସଂଗଠନ ଉପରେ କାର୍ଯ୍ୟାନୁଷ୍ଠାନକୁ ହୁରିୟାତ କନ୍‌ଫରେନ୍ସ ଅଧ୍ୟକ୍ଷ ମିର୍‌ୱେଜ ଉମାର ଫାରୁକ ନିନ୍ଦା କରିଛନ୍ତି। ଏହା ପରିସ୍ଥିତିକୁ ଆହୁରି ଖରାପ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

- ୧୦୦ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ମୁତୟନ
- ଜମାତ୍ ନେତାଙ୍କ ସମେତ ୧୫୦ ଗିରଫ
- ଶ୍ରୀନଗରରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଛୁଟି ବାତିଲ୍

# କାର୍ପେଟ୍ ଫ୍ୟାକ୍ଟ୍ରିରେ ବିସ୍ଫୋରଣ : ୧୩ ମୃତ

ଭାଦୋହି,୨୩।୨(ପି.ଟି.)

ଉତ୍ତରପ୍ରଦେଶର ଭାଦୋହି ଜିଲାସ୍ଥିତ ଏକ କାର୍ପେଟ୍ ଫ୍ୟାକ୍ଟ୍ରିରେ ଶନିବାର ଅପରାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଫ୍ୟାକ୍ଟ୍ରିରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ବେଳେ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ଏକ କୋଠାଘରେ ଏହି ଫ୍ୟାକ୍ଟ୍ରି ଚାଲିଥିଲା। ବିସ୍ଫୋରଣରେ ଏହି କୋଠା ସମେତ ଏହାକୁ ଲାଗିଥିବା ୩ଟି ଘର ଭୁଶୁଡ଼ି ପଡ଼ିଛି। କାନ୍ଥ ଓ ଛାତ ତଳେ ଏକାଧିକ ଲୋକ ଚାପି ହୋଇ ରହିଥିବା ଜଣାଯାଇଛି। ଏ ନେଇ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆହତମାନଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୯ଜଣ ପଶ୍ଚିମବଙ୍ଗ ମାଲ୍‌ଦା ଅଞ୍ଚଳର ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟ୍ୱିଟ୍ କରି ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଫୋରେନ୍‌ସିକ୍ ଏକ୍ସପର୍ଟ ଓ ଏନ୍‌ଡିଆର୍‌ଏଫ୍‌ର ଟିମ୍ ମଧ୍ୟ ବିସ୍ଫୋରଣସ୍ଥଳରେ ଉପସ୍ଥିତ ରହିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।



ୟୁପିର ଭାଦୋହି ଜିଲାରେ କାର୍ପେଟ ଫ୍ୟାକ୍ଟ୍ରି ବିସ୍ଫୋରଣ ସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

### 'କଂଗ୍ରେସ କ୍ଷମତାକୁ ଆସିଲେ ଅର୍ଦ୍ଧସାମରିକ ଯବାନଙ୍କୁ ଶହୀଦ ମାନ୍ୟତା'



**ନୂଆଦିଲ୍ଲୀ,୨୩।୨(ପି.ଟି.):** କଂଗ୍ରେସ କ୍ଷମତାକୁ ଆସିଲେ କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଉଥିବା ଅର୍ଦ୍ଧସାମରିକ ବାହିନୀ ଯବାନମାନଙ୍କୁ ଶହୀଦ ମାନ୍ୟତା ପ୍ରଦାନ କରାଯିବ ବୋଲି ଦଳ ଅଧକ୍ଷ ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ଜେଏଲ୍‌ଏନ୍ ଷ୍ଟାଡିୟମରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଆଲୋଚନାବେଳେ ଶହୀଦ ମାନ୍ୟତା ସମ୍ପର୍କିତ ପ୍ରଶ୍ନରେ ରାହୁଲ ଉପରୋକ୍ତ ମତ ଦେଇଛନ୍ତି।

# ଆମେରିକାସ୍ଥିତ ପାକ୍, ଚାଇନା ଦୂତାବାସ ଆଗରେ ବିକ୍ଷୋଭ




ନ୍ୟୁୟର୍କ,୨୩।୨(ଆଇଏଏନ୍‌ଏସ)

ଗତ ୧୪ ତାରିଖ ପୁଲ୍‌ୱାମା ଆକ୍ରମଣ ବିରୋଧରେ ଆମେରିକାରେ ରହୁଥିବା ଭାରତୀୟମାନେ ପାକିସ୍ତାନ ଓ ଚାଇନା ଦୂତାବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନ୍ୟୁୟର୍କସ୍ଥିତ ପାକିସ୍ତାନ ବାଣିଜ୍ୟିକ ଦୂତାବାସ ଅଭିମୁଖେ ଯାଉଥିବା ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକାଇଥିଲା। ଆତଙ୍କବାଦୀଙ୍କୁ ପାକିସ୍ତାନର ସମର୍ଥନକୁ ସେମାନେ ବିରୋଧ କରିବା ସହ ବନ୍ଦେ ମାତରମ୍ ସ୍ଲୋଗାନ ଦେଇଥିଲେ। ଭାରତୀୟ ପ୍ରତିନିଧି ଦଳ ବାଣିଜ୍ୟିକ ଦୂତାବାସକୁ ଯାଇ ସ୍ମାରକପତ୍ର ଦେବା ସହ ପୁଲ୍‌ୱାମା ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେହିପରି ଶିକାଗୋରେ ଥିବା ଚାଇନା ବାଣିଜ୍ୟିକ ଦୂତାବାସ ଆଗରେ ଭାରତୀୟମାନେ ବିକ୍ଷୋଭ କରି ଜାତିସଂଘରେ ମାସୁଦ୍ ଆଝାରକୁ ସୁରକ୍ଷା ଯୋଗାଉଥିବା ବେଜିଂର ନୀତିକୁ ବିରୋଧ କରିଥିଲେ।

### ଦିଲ୍ଲୀକୁ ରାଜ୍ୟ ମାନ୍ୟତା ଦାବି

# ଅନଶନରେ ବସିବେ କେଜ୍‌ରିୱାଲ

ନୂଆଦିଲ୍ଲୀ,୨୩।୨(ପି.ଟି.)

ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମାର୍ଚ୍ଚ ୧ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିବେ ବୋଲି ଶନିବାର ଘୋଷଣା କରିଛନ୍ତି। ବିଧାନସଭାରେ ବଜେଟ ଅଧିବେଶନକୁ ସମ୍ବୋଧିତ କରି କେଜ୍‌ରିୱାଲ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। କ୍ଷମତା ଅଭାବରୁ ଦିଲ୍ଲୀ ସରକାର ଲୋକଙ୍କ ପାଇଁ କାର୍ଯ୍ୟ କରିବାରେ ଅସମର୍ଥ ହୋଇଥିବା ସେ କହିଛନ୍ତି। ଦିଲ୍ଲୀରେ ନିର୍ବାଚିତ ସରକାର ଥାଇ ମଧ୍ୟ ଲୋକଙ୍କୁ ନ୍ୟାୟ ଦେଇପାରୁନି କିମ୍ବା ସେମାନଙ୍କ ପାଇଁ କିଛି କରିପାରୁ ନାହିଁ। ସରକାରଙ୍କ କାର୍ଯ୍ୟରେ କେନ୍ଦ୍ର ବାଧକ ସାଜିଛି। ଅନ୍ୟ ରାଜ୍ୟ ତୁଳନାରେ ଦିଲ୍ଲୀ ଭୋଟରଙ୍କ ମୂଲ୍ୟ କମ୍ କି ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।



### ଏରୋ ଇଣ୍ଡିଆ ଶୋ' ପାର୍କିଂରେ ଅଗ୍ନିକାଣ୍ଡ

# ଜଳିଗଲା ୩ଶହ କାର୍

ବେଙ୍ଗାଲୁରୁ,୨୩।୨(ପି.ଟି.)



ବେଙ୍ଗାଲୁରୁର ୟେଲାହାଙ୍କା ବିମାନ ଘାଟିରେ ଶନିବାର ଏରୋ ଇଣ୍ଡିଆ ଶୋ' ଇଭେଣ୍ଟ ଚାଲିଥିବା ବେଳେ ପାର୍କିଂସ୍ଥଳରେ ନିଆଁଲାଗି ୩ଶହରୁ ଊର୍ଦ୍ଧ୍ୱ କାର୍ ଜଳିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ସକାଳେ ଶୋ' କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟାହ୍ନରେ ହଠାତ୍ ପାର୍କିଂସ୍ଥଳ ଧୂଆଁମୟ ହୋଇପଡ଼ିଥିଲା। ଇଭେଣ୍ଟସ୍ଥଳରେ ଉପସ୍ଥିତ ଥିବା ଲୋକେ ଆତଙ୍କିତ ହୋଇପଡ଼ିଥିଲେ।

ଶୁଖିଲା ଘାସରେ ସିଗାରେଟ୍ ନିଆଁ ଲାଗି ପବନ ଯୋଗୁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ସହଯୋଗରେ ୧୦ ଅଗ୍ନିଶମ ଗାଡ଼ି ସହାୟତାରେ ନିଆଁକୁ ଆୟତ୍ତ କରାଯାଇଛି। କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଜନସାଧାରଣଙ୍କୁ ଏଥିରେ ଆତଙ୍କିତ ନ ହେବାକୁ କହିଛନ୍ତି। ବିମାନ ଘାଟିରୁ ବହୁ ଦୂରରେ ଏହି ଘଟଣା ଘଟିଥିବାରୁ ଏରୋବେଟିକ୍ ଶୋ' ଉପରେ ଏହାର ପ୍ରଭାବ ପଡ଼ି ନାହିଁ। ତେଣୁ ରବିବାର ଅନ୍ତିମ ଦିବସରେ ଏୟାର ଶୋ' ଜାରି ରହିବ ବୋଲି ପ୍ରତିରକ୍ଷା ପିଆର୍‌ଓ ଏଚ୍.ଏଲ୍.ଗୁରୁପ୍ରସାଦ ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ୟେଲାହାଙ୍କା ବିମାନ ଘାଟିରେ ଗତ ମଙ୍ଗଳବାର ଦୁର୍ଘଟଣା ଘଟିଥିଲା। ବାୟୁସେନା ଏରୋବେଟିକ୍ ଟିମ୍ ସୂର୍ଯ୍ୟକିରଣର ୨ ଜେଟ୍ ବିମାନ ଅଭ୍ୟାସ କରୁଥିବା ସମୟରେ ପରସ୍ପର ସହ ଧକ୍କା ହୋଇ ତଳକୁ ଖସି ପଡ଼ିଥିଲା। ଏଥିରେ ଜଣେ ପାଇଲଟଙ୍କ ଜୀବନ ଯାଇଥିଲା। ଅନ୍ୟ ୨ ପାଇଲଟ ରକ୍ଷା ପାଇଥିଲେ।

### ସୁଦାନରେ ଜରୁରୀ ପରିସ୍ଥିତି



**ଖାର୍ତୁମ୍,୨୩।୨:** ସୁଦାନ ରାଷ୍ଟ୍ରପତି ଓମାର ଅଲ-ବଶିର କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକୁ ଭଙ୍ଗକରିବା ସହ ବର୍ଷକ ପାଇଁ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ଏଥିସହିତ ସେ ଜଣେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଥିବାବେଳେ ବର୍ତ୍ତମାନର ପ୍ରତିରକ୍ଷା, ବହିର୍ବ୍ୟାପାର ଏବଂ ଆଇନ ମନ୍ତ୍ରୀଙ୍କ ପଦବୀ ବଜାୟ ରହିଛି। ସାମରିକ ଅଧିକାରୀଙ୍କୁ ସମସ୍ତ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତି ଦିଆଯାଇଛି। ୧୯୮୯ ବିଦ୍ରୋହ ବଳରେ ବଶିର କ୍ଷମତା ଦଖଲ କରିଥିଲେ। ତାଙ୍କ ବିରୋଧରେ ନରହତ୍ୟା ଅଭିଯୋଗ ପରେ ଦେଶରେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଡିସେମ୍ବର ମାସରୁ ଚାଲିଥିବା ବିକ୍ଷୋଭ ସଂଘର୍ଷରେ ୫୭ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି।

## ଇତିହାସର ଆଇନାରେ

### ଫେବୃୟାରୀ ୨୪ର ପ୍ରମୁଖ ଘଟଣା

୨୦୦୭ ଫେବୃୟାରୀ ୨୪ରେ ଜାପାନ୍ ଏହାର ଚତୁର୍ଥ ସ୍ପାଏ ସାଟେଲାଇଟ୍ ଲଞ୍ଚ୍ କରିଥିଲା। ଉତ୍ତରକୋରିଆ ପଟୁ ଆକ୍ରମଣ ଧମକ ଥିବାରୁ ଏହା ଉପରେ ଦୃଷ୍ଟି ରଖିବା ପାଇଁ ଜାପାନ୍ ଏହାର ଦକ୍ଷତାକୁ ବୃଦ୍ଧି କରିଥିଲା। ଏହାକୁ ରିକନାଇସାନ୍ସ ସାଟେଲାଇଟ୍ ବା ଇଣ୍ଟେଲିଜେନ୍ସ ସାଟେଲାଇଟ୍ କୁହାଯାଏ।

୨୦୦୮ ଫେବୃୟାରୀ ୨୪ରେ କ୍ୟୁବା ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋ ଅବସର ନେଇଥିଲେ। ସେ କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ ଭାବେ ଆଉ ୩ ବର୍ଷ ପଦବୀରେ ରହିଲେ। ଫିଡେଲ କାଷ୍ଟ୍ରୋଙ୍କ ଜନ୍ମ ୧୯୨୬ ଅଗଷ୍ଟ ୧୩ ଏବଂ ମୃତ୍ୟୁ ୨୦୧୬ ନଭେମ୍ବର ୨୫ରେ ହୋଇଥିଲା। ୧୯୭୬ରୁ ୨୦୦୮ ପର୍ଯ୍ୟନ୍ତ ସେ କ୍ୟୁବାର ରାଷ୍ଟ୍ରପତି ଥିଲେ।

## ଫୁର୍‌ସତ

# ଶ୍ରୀଦେବୀଙ୍କ ଶାଢ଼ି ନିଲାମ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ୨୪ ତାରିଖରେ ପାଳିତ ହେଉଥିବା ବେଳେ ତାଙ୍କ ମନପସନ୍ଦର ଏକ ଶାଢ଼ିର ଅନଲାଇନ୍ ନିଲାମ ଆରମ୍ଭ ହୋଇଛି। ଏଥିରୁ ଲବ୍ଧ ଅର୍ଥ ଦେଶର ଏକ ଦାତବ୍ୟ ସଂସ୍ଥାକୁ ପ୍ରଦାନ କରାଯିବ। ଚେନ୍ନାଇସ୍ଥିତ ଅନଲାଇନ୍ ପ୍ଲାଟଫର୍ମ 'ପରିସେରା' ପକ୍ଷରୁ ଶ୍ରୀଦେବୀଙ୍କ ଶାଢ଼ି ନିଲାମ କରାଯାଉଛି। ଉକ୍ତ ଶାଢ଼ିର ନିଲାମ ୪୦,୦୦୦ଟଙ୍କାରୁ ଆରମ୍ଭ ହୋଇ ୧,୩୦,୦୦୦ଟଙ୍କାରେ ପହଞ୍ଚିଲାଣି। ଅନଲାଇନ୍‌ରେ ପ୍ରଦର୍ଶିତ କୋଟା ଶାଢ଼ି ପାର୍ଶ୍ୱରେ ଉଲ୍ଲେଖ ରହିଛି: 'ଏହା ହାଲୁକା, ଉଜ୍ଜ୍ୱଳ ଏବଂ ଏଥିରୁ ଶ୍ରୀଦେବୀଙ୍କ ସୁଗନ୍ଧ ବାରିହେଉଛି।

# ଦକ୍ଷିଣ ସୁଦାନରେ ଭୋକିଲା ହେବେ ୭ ନିୟୁତ



**ରୋମ୍:** ଦକ୍ଷିଣ ସୁଦାନରେ ପାଖାପାଖି ୭ ନିୟୁତ ଲୋକ ମେ-ଜୁଲାଇ ମଧ୍ୟରେ ଗୁରୁତର ଖାଦ୍ୟସଂକଟର ସମ୍ମୁଖୀନ ହେବେ ବୋଲି ଜାତିସଂଘର ୩ଟି ସଂସ୍ଥା ପକ୍ଷରୁ ସତର୍କ କରିଦିଆଯାଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଧନିକ ରାଷ୍ଟ୍ରଗୁଡିକ ମାନବିକ ସହାୟତା ଯୋଗାଇଦେବା ଜରୁରୀ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। କୌଣସି ପ୍ରତିକାରମୂଳକ ବ୍ୟବସ୍ଥା କରା ନ ଗଲେ ବହୁ ଲୋକ ଖାଦ୍ୟ ବିନା ପ୍ରାଣ ହରାଇବା ଆଶଙ୍କା ଅଛି। ବିଶେଷକରି ଅପପୁଷ୍ଟିର ଶିକାର ହୋଇଥିବା ମହିଳା ଓ ଶିଶୁମାନଙ୍କୁ ଖୁବ୍‌ଶୀଘ୍ର ଖାଦ୍ୟଦ୍ରବ୍ୟ ଯୋଗାଇଦେବା ଆବଶ୍ୟକ। ଏତେ ସଂଖ୍ୟକ ଲୋକଙ୍କୁ ଜରୁରିକାଳୀନ ଭିତ୍ତିରେ ଖାଦ୍ୟ ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୪ | ୧୯.୬ |
| ଚାନ୍ଦବାଲି | ୩୫.୪ | ୨୩.୦ |
| କଟକ | ୩୭.୨ | ୨୦.୬ |
| ପାରାଦ୍ୱୀପ | ୩୦.୨ | ୨୪.୨ |
| ଭୁବନେଶ୍ୱର | ୩୯.୪ | ୨୧.୬ |
| ଗୋପାଳପୁର | ୩୧.୭ | ୨୨.୨ |
| ପୁରୀ | ୩୧.୪ | ୨୪.୪ |
| ଅନୁଗୋଳ | ୩୬.୧ | ୧୮.୦ |
| ବାରିପଦା | ୩୪.୦ | ୨୦.୫ |
| ଝାରସୁଗୁଡ଼ା | ୩୫.୨ | ୨୦.୫ |
| କେନ୍ଦୁଝର | ୩୩.୯ | ୨୧.୩ |
| ସମ୍ବଲପୁର | ୩୫.୦ | ୨୦.୫ |
| ସୁନ୍ଦରଗଡ଼ | --- | ୧୬.୦ |
| ହୀରାକୁଦ | ୩୪.୪ | ୨୧.୬ |
| ତାଳଚେର | ୩୪.୪ | ୧୮.୪ |
| ଭବାନୀପାଟଣା | ୩୭.୦ | ୨୦.୦ |
| ବଲାଙ୍ଗୀର | ୩୬.୨ | ୧୯.୦ |
| କୋରାପୁଟ | ୩୪.୪ | ୧୫.୦ |
| ଫୁଲବାଣୀ | --- | ୧୧.୮ |
| ଟିଟିଲାଗଡ଼ | --- | ୧୭.୦ |
| ମାଲକାନଗିରି | ୩୯.୨ | ୧୬.୮ |
| ସୋନପୁର | ୩୫.୦ | ୧୯.୦ |
| ଦାରିଙ୍ଗିବାଡ଼ି | --- | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍



ବିଦ୍ୟା ବାଲାନ୍

# ପାକିସ୍ତାନ ବିରୋଧରେ କଠୋର

**ମୁମ୍ବାଇ:** ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଆବଶ୍ୟକ ବୋଲି ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ବିଦ୍ୟା ବାଲାନ୍ ପ୍ରକାଶ କରିଛନ୍ତି। ସବୁ ପ୍ରକାର ସୀମା ସରହଦ ଏବଂ ରାଜନୀତିରୁ କଳାକୁ ସବୁବେଳେ ଦୂରେଇ ରଖାଯିବା ଉଚିତ ବୋଲି ବିଦ୍ୟା ବିଶ୍ୱାସ କରନ୍ତି। କିନ୍ତୁ ପାକିସ୍ତାନର ଅନ୍ତର୍ଘାତୀ କାର୍ଯ୍ୟକଳାପ ଖୁବ୍ ବେଶି ହୋଇଗଲା। ଏଥିପାଇଁ ଭାରତ କଠୋର ପଦକ୍ଷେପ ନେବା ଆବଶ୍ୟକ। ତାଙ୍କର ପ୍ରଥମ ରେଡିଓ ଶୋ' 'ଧୁନ୍ ବଦଲ୍ କୀ ତୋ ଦେଖୋ' ଲଞ୍ଚ୍ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ବିଦ୍ୟା ଏହା ପ୍ରକାଶ କରିଛନ୍ତି। ୧୯୮୯ରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ କଳାପ ଆରମ୍ଭ ହେବା ପରଠାରୁ ପୁଲ୍‌ୱାମାଠାରେ ଫେବୃୟାରୀ ୧୪ର ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣ ଥିଲା ସବୁଠୁ ଭୟଙ୍କର। ଏଥିରେ ୪୯ ସିଆର୍‌ପିଏଫ୍ ଯବାନ୍ ପ୍ରାଣ ହରାଇଥିଲେ। କଳାକୁ ରାଜନୀତିଠାରୁ ଦୂରେଇ ରଖିବା ଉଚିତ କି ପ୍ରଶ୍ନରେ ବିଦ୍ୟା କହିଲେ, ସଂଗୀତ, କବିତା, ନୃତ୍ୟ, ମଞ୍ଚ ନାଟକ, ସିନେମା ଭଳି କଳା ଲୋକଙ୍କୁ ଏକତ୍ର କରିବା ପାଇଁ ଅପେକ୍ଷାକୃତ ଏକ ପ୍ରକୃଷ୍ଟ ମାଧ୍ୟମ। କିନ୍ତୁ ଭାରତ ପ୍ରତି ପାକିସ୍ତାନର ମନୋଭାବ ଯେପରି ପ୍ରତିଫଳିତ ହେଉଛି ସେ କ୍ଷେତ୍ରରେ କଳା ସଂସ୍କୃତିର ବିନିମୟ କ୍ଷେତ୍ରରେ ବିରତି ରଖାଯାଇ ଭବିଷ୍ୟତରେ କ'ଣ କରାଯାଇ ପାରିବ ସେଥିନେଇ ବିଚାର କରାଯିବା ଉଚିତ। ପାକିସ୍ତାନ ବିରୋଧରେ ଭାରତ କେତେକାଂଶରେ କଠୋର ହେବା ଆବଶ୍ୟକ ବୋଲି ବିଦ୍ୟା ମତ ଦେଇଥିଲେ।

## ସଂକ୍ଷେପରେ

### ନୂତନ ଜଗନ୍ନାଥ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ମାହାଙ୍ଗା,୨୩।୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ଆନନ୍ଦପୁରସ୍ଥିତ ସିଦ୍ଧବଟଠାରେ ଶୁକ୍ରବାର ରାତିରେ ନୂତନ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାରଠାରୁ ୫ଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ର, ପୁରୋହିତ ପଣ୍ଡିତ ସିଦ୍ଧେଶ୍ୱର ମହାପାତ୍ର ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ତତ୍ତ୍ୱଉପରେ ଆଲୋଚନା କରିଥିଲେ। ପଣ୍ଡିତ ବିଜୟ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ଚାଲିଥିବାବେଳେ କାଶୀର ପଣ୍ଡିତ ବଳରାମ ଶାସ୍ତ୍ରୀ ଯୋଗ ଦେଇଥିଲେ। କର୍ତ୍ତାଭାବେ କରୁଣାକର ସ୍ୱାଇଁ ଓ ଶାନ୍ତିଲତା ପରିଡା କାର୍ଯ୍ୟ ସମ୍ପାଦାନ କରିଥିଲେ। ପ୍ରଫୁଲ୍ଲ ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା, ବସନ୍ତ ନାୟକ, ଅଜୟ ମଲ୍ଲିକ, ଅମରେନ୍ଦ୍ର ସ୍ୱାଇଁ ଓ ଉମେଶ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଭାଗବତ ଟୁଙ୍ଗି ପାଇଁ ମିଳିଲା ପ୍ରୋତ୍ସାହନ ରାଶି

**ନିଶ୍ଚିନ୍ତକୋଇଲି,୨୩।୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ୧୦ ପଞ୍ଚାୟତରେ ଥିବା ୨୩ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସରକାରୀ ପ୍ରୋତ୍ସାହନ ମିଳିଛି। ପ୍ରଥମ ପର୍ଯ୍ୟାୟରେ ୧୧ ଟୁଙ୍ଗିକୁ ୧୫ ହଜାର ଟଙ୍କା ଲେଖାଏ ସହାୟତା ଓ ୧୦ ହଜାର ଟଙ୍କାରେ ଡାକବାଜି ଯନ୍ତ୍ର ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ସରକାର ଅଧିକ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଆସିଥିବା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସର୍ବେଶ୍ୱର ସିଂ ପ୍ରକାଶ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ବୁହାଲୋ ପଞ୍ଚାୟତର ବାସୁଦେବ ଭାଗବତ ଟୁଙ୍ଗିକୁ ସହାୟତା ପ୍ରଦାନ କରାଯାଇଥିଲା। ବିଡିଓ ସୁରେଶ ପ୍ରଧାନ, ଅଶୋକ ଓଝା, ରମାକାନ୍ତ ମହାନ୍ତି, ଜିଲାପରିଷଦ ସଭ୍ୟା ସବିତା ସାମଲ ଉପସ୍ଥିତ ଥିଲେ।

### ଶହୀଦ ଯବାନଙ୍କ ସ୍ମରଣେ କବିତା ଆସର

**ପାରାଦୀପ,୨୩।୨(ସ୍ୱ.ପ୍ର.):** ସ୍ଥାନୀୟ ପୌର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଶନିବାର ସନ୍ଧ୍ୟାରେ ସାହିତ୍ୟ ସଂସଦ ପକ୍ଷରୁ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ କବିତା ପାଠ କରାଯାଇଥିଲା। ଓଡ଼ିଶାର ପ୍ରସିଦ୍ଧ କବୟିତ୍ରୀକବିମାନେ ଯୋଗଦେଇ କବିତା ପାଠ କରିଥିଲେ। ଅଧ୍ୟାପକ ସନ୍ତୋଷ ସାମଲଙ୍କ ସଭାପତିତ୍ୱ ଓ ତୁଳସୀ ବରାଳଙ୍କ ସଂଯୋଜନାରେ ନଗେନ୍ଦ୍ର ନାଥ ସ୍ୱାଇଁ, ପ୍ରଭାତୀ ନାୟକ, ପ୍ରେମଲତା ବାରିକ, ନଳିନୀପ୍ରଭା ସାହୁ ପ୍ରମୁଖ କବିତା ପାଠ କରିଥିଲେ। ପରେ ବ୍ୟାଙ୍କ ଲେନରେ କ୍ୟାଣ୍ଡେଲ ଶୋଭଯାତ୍ରା କରାଯାଇଥିଲା। ସେହିପରି ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ଅଟଳବିହାରୀ ବାଜପେୟୀ ଟ୍ରଷ୍ଟଠାରେ କବିତା ପାଠ କରାଯାଇଥିଲା। ସଂସଦର ଜିଲା ଆବାହକ ହାରାମଣି ମହାପାତ୍ରଙ୍କ ନେତୃତ୍ୱରେ କବୟିତ୍ରୀକବିମାନେ କବିତା ପାଠ କରିଥିଲେ।

# ନିଆରା ବ୍ୟକ୍ତିତ୍ୱ ବ୍ୟଙ୍ଗକବି ବୀଣାକର

**ପାରାଦୀପ,୨୩।୨(ସ୍ୱ.ପ୍ର.)**



■ ତ୍ୱରିତ ବ୍ୟଙ୍ଗ କବିତାରେ ଜିଣନ୍ତି ସମସ୍ତଙ୍କ ମନ
■ ପିଠା କାର୍ଯ୍ୟକ୍ରମରେ ସେ ପ୍ରମୁଖ ଆକର୍ଷଣ

ପାରାଦୀପ ବଡ଼ପଡ଼ିଆ ବଜାରରେ ଜଣେ ଚିହ୍ନା ମୁହଁ ହେଉଛନ୍ତି ବ୍ୟଙ୍ଗକବି ବୀଣାକର ଦାସ ଓରଫ ରାମ। ଗତ ୨ ମାସ ହେଲା ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ କରାଯାଉଥିବା ପିଠା କାର୍ଯ୍ୟକ୍ରମରେ ସେ ପ୍ରମୁଖ ଆକର୍ଷଣ ସାଜିଛନ୍ତି। ପାରାଦୀପ ପୌରାଞ୍ଚଳର ଯେତେ ଜାଗାରେ ପିଠା କାର୍ଯ୍ୟକ୍ରମ ହୋଇଛି, ସବୁଠି ରାମଙ୍କୁ ଡକରା ପଡ଼ିଛି। ରାମ ମଧ୍ୟ ଉପସ୍ଥିତ ରହି ନିଜର ତ୍ୱରିତ ବ୍ୟଙ୍ଗାତ୍ମକ ଶୈଳୀରେ ଲୋକଙ୍କୁ ହସାଇବାରେ ସଫଳ ହୋଇଛନ୍ତି। ଏଥିପାଇଁ ପିଠା କାର୍ଯ୍ୟକ୍ରମରେ ତାଙ୍କୁ ୧୦ରୁ ଊର୍ଦ୍ଧ୍ୱ ମାନପତ୍ର, ମୁଁ ହିରୋ ମୁଁ ଓଡ଼ିଶା ସାର୍ଟିଫିକେଟ ଆଦି ମିଳିଛି। ରାମଙ୍କ ଏହି ବ୍ୟଙ୍ଗାତ୍ମକ କବିତା ଗୁଣ ପାଇଁ ତାଙ୍କୁ ପୌର ପ୍ରଶାସନ କଳାକାର ଭତ୍ତା ଦେବାକୁ ଚିନ୍ତା କରିଛି। ରାମ ଯେଉଁଠାରେ ପହଞ୍ଚନ୍ତି ସେଠାରେ ଉପସ୍ଥିତ ଥିବା ଶାସକ–ପ୍ରଶାସକ, ବସ୍ତି, କଲୋନୀର ସମସ୍ୟା, ସରକାରୀ ଯୋଜନା, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନାମରେ ତତ୍‌କ୍ଷଣାତ କବିତା ଆବୃତି କରନ୍ତି। ଏହା ଉପସ୍ଥିତ ଲୋକଙ୍କୁ ହସିବାକୁ ଖୋରାକ ଯୋଗାଇଥାଏ। ନିଜର ସବୁଦିନିଆ ପୋଷାକ, ପୁରୁଣା ସାଇକେଲ ଓ ସେଥିରେ ବ୍ୟାଗ ଝୁଲାଇ ପ୍ରାୟତଃ ବଜାର ସାରା ବୁଲନ୍ତି। ସକାଳେ ବରଫ ଫ୍ୟାକ୍ଟ୍ରିରୁ ବରଫ ସଂଗ୍ରହ କରିବା ଓ ତାକୁ ସୀମିତ ସମୟ ମଧ୍ୟରେ ଲସି ଦୋକାନ, ମାଛ ବ୍ୟବସାୟୀ, ଛତୁ ବ୍ୟବସାୟୀଙ୍କୁ ଟ୍ରଲିରେ ଯୋଗାଇବା ତାଙ୍କ କାମ। ସେହି ବ୍ୟବସାୟ ପରେ ଚାଲେ ପଇସା ସଂଗ୍ରହ। ସେହି ସମୟରେ ସେ ବିଭିନ୍ନ ଲୋକଙ୍କ ସହ ମିଶିବା ମଧ୍ୟରେ ବ୍ୟଙ୍ଗାତ୍ମକ କବିତା ଆବୃତି କରନ୍ତି। ପିଠା କାର୍ଯ୍ୟକ୍ରମରେ ସେ ସରକାରଙ୍କ ଯୋଜନା ସମ୍ପର୍କରେ ମଞ୍ଚରେ କହିଥାନ୍ତି। ରାମଙ୍କ ଭଳି ମଜାଳିଆ ଲୋକ ଆର୍ଥିକ କ୍ଷେତ୍ରରେ ଦୁର୍ବଳ। ତଣ୍ଣୁ ତାଙ୍କୁ ସରକାରୀସ୍ତରରେ କଳାକାର ଭତ୍ତା ଦେବାକୁ ଆମେ ଚେଷ୍ଟା କରୁଛୁ ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଛନ୍ତି।

■ ରଞ୍ଜନ ପରିଡ଼ା ହତ୍ୟାକାଣ୍ଡ

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ



ଥାନା ଆଗରେ ଗ୍ରାମବାସୀଙ୍କ ଧାରଣାବେଳେ ଭଉଣୀ ରଞ୍ଜନଙ୍କ ଫଟୋ ଦେଖାଉଛନ୍ତି।

**କୁଜଙ୍ଗ, ୨୩।୨(ସ୍ୱ.ପ୍ର)**

ଏରସମା ବ୍ଲକ୍ ବଳେଇପୁର ପଞ୍ଚାୟତ ବନୀପାଟ ଗ୍ରାମର ଉଦିୟମାନ ଯୁବକ ରଞ୍ଜନ ପରିଡ଼ା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପୁରସ୍ତମ ରାଉତ ଓରଫ ପୁରିଆଙ୍କୁ ଗିରଫ ଦାବିରେ ଶନିବାର ଗ୍ରାମବାସୀ କୁଜଙ୍ଗ ଥାନା ଘେରାଉ କରିଛନ୍ତି। ପ୍ରକାଶ ଯେ, ରଞ୍ଜନ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୨ମାସ ବିତିଲାଣି। ମାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁରସ୍ତମ ରାଉତ ଏବେ ଫେରାର ଅଛନ୍ତି। ପୋଲିସ ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ହିରଣ୍ୟ ରାଉତ ଓ ଦେବାଶିଷ ରାଉତଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ଏହି ହତ୍ୟାକାଣ୍ଡରେ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୂର୍ବରୁ ଗ୍ରାମବାସୀ ଆନ୍ଦୋଳନ କରିଥିବା ବେଳେ ଏବେ ରାଜନୈତିକ ଚାପରେ ତଦନ୍ତକୁ ପୋଲିସ ସିଥିଳ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କୁଜଙ୍ଗ ଥାନା ସମ୍ମୁଖରେ ରଞ୍ଜନଙ୍କ ପରିବାର ଓ ଗ୍ରାମବାସୀ ଧାରଣାରେ ବସିଥିଲେ। ଅପରାହ୍ନରେ କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ମନୋରଞ୍ଜନ ମିଶ୍ର ଧାରଣାକାରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରେଢୁଆ ପଞ୍ଚାୟତ ବିଜେଡିର ୱାର୍ଡ କମିଟି ଗଠିତ

**ରଘୁନାଥପୁର,୨୩।୨ (ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା ।

ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ବିଜେଡି ପକ୍ଷରୁ ଶନିବାର ଗହ୍ଲାପୁରସ୍ଥିତ ଉପଲେଶ୍ୱରୀ ମାଳ ସମ୍ମୁଖରେ ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ଗଠନ ସହ ଏକ ସଚେତନତା ଭିତ୍ତିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ମହିଳାପୁରୁଷ କର୍ମୀ, ବିଜୁ ଯୁବବାହିନୀ ସଦସ୍ୟଙ୍କ ସହ ଯୁବଛାତ୍ର ଜନତାର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ ବିଜେଡି ସଭାପତି ବୀରେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷା ସ୍ୱପ୍ନା ସରିତା ବଳ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସେ ୱାର୍ଡ କମିଟି ଗଠନର ଆବଶ୍ୟକତା ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ବାସ୍ତବତାକୁ ପ୍ରତି ପରିବାରରେ ପହଞ୍ଚାଇବା ସହ ଏହା କିପରି ଅଧିକରୁ ଅଧିକ ସଫଳ ରୂପାୟନ ହୋଇପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ମହିଳା ଉପ ସଭାନେତ୍ରୀ କୃଷ୍ଣପ୍ରିୟା ବିଶ୍ୱାଳ, ବିଜୁ ଯୁବବାହିନୀ ସଭାପତି ଆଶୁତୋଷ ସାହୁ, ବିଜୁ ଯୁବ ଜନତା ଦଳର ଉପସଭାପତି ବସନ୍ତ ବାରିକ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଆଗାମୀ ନିର୍ବାଚନରେ ନବୀନ ବାବୁଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ସାଧାରଣ ଜନତା ଦେଖିବାକୁ ଚାହାନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ୧୯ଟି ୱାର୍ଡକୁ ନେଇ ରେଢୁଆ ପଞ୍ଚାୟତ ଗଠିତ। ପ୍ରତି ୱାର୍ଡରୁ ମହିଳାପୁରୁଷ ଓ ଯୁବକଙ୍କୁ ନେଇ ୭ ଜଣିଆ ୱାର୍ଡ କମିଟି ଗଠନ କରାଯାଇଥିଲା। ୧୩୩ ଜଣଙ୍କୁ ବଛାଯାଇ ସେମାନଙ୍କ ନାମ ଅନୁମୋଦନ ପାଇଁ ବ୍ଲକ ସଭାପତିଙ୍କ ନିକଟକୁ ପଠାଯାଇଥିଲା। ୱାର୍ଡର ଉନ୍ନତି ଘରକୁ ଘର ବୁଲି ଜନକଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ସଚେତନତା, ସହାୟତା ଏବଂ କୌଣସି ଗରିବ ବ୍ୟକ୍ତି ବା ପରିବାର ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ୱାର୍ଡ କମିଟି ଦୃଷ୍ଟି ଦେଇ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଓ କର୍ମୀକୁ ଅଧକ୍ଷା ବଳ ଅନୁରୋଧ କରିଥିଲେ।

## ବେଆଇନ ମାଛଧରା ବିରୋଧରେ ଧାରଣା

**କୁଜଙ୍ଗ,୨୩।୨(ସ୍ୱ.ପ୍ର)**

କୁଜଙ୍ଗ ଅଞ୍ଚଳର ସାହାରାପେଣ୍ଠ ମତ୍ସ୍ୟଦିଆରେ ଏବେ ବେଆଇନ ଭାବେ ମାଛ ଧରାଯାଉଛି। ଏହାର ପ୍ରତିବାଦରେ ଶନିବାର କଳିଙ୍ଗ କର୍ଣ୍ଣଧାର ପ୍ରାଥମିକ ମତ୍ସ୍ୟଜୀବ ସମବାୟ ମସିତି ପକ୍ଷରୁ କୁଜଙ୍ଗ ସ୍ଥିତ ସାମୁଦ୍ରିକ ସହକାରୀ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ସମବାୟ ସମିତିର ସଭାପତି ଜ୍ୟୋତିରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ସମ୍ପାଦକ ଅଲେଖ ତରାଇ, ପରିଚାଳନା ପରିଷଦ ସଭ୍ୟ ଅର୍ଜୁନ କୁମାର ବେହେରା, ସୁରେନ୍ଦ୍ର କୁମାର ବେହେରା, ବିଶ୍ୱନାଥ ସେଠୀ, ରମେଶ ଚନ୍ଦ୍ର ବେହେରା, ମହେଶ କୁମାର ସାହୁ, ପବିତ୍ର କୁମାର ସେଠୀ, ମାନସ ତରାଇ ପ୍ରମୁଖ ବହୁ କୈବର୍ତ୍ତ ନେତା ଧାରଣାରେ ସାମିଲ ହୋଇଥିଲେ।

## ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ, ଅଭିଭାବକ ବୈଠକ

**ସାଲେପୁର,୨୩।୨(ଡି.ଏନ.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରାଧ୍ୟାପକ ଓ ଅଭିଭାବକଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସରୋଜ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ମହାନ୍ତି ଉପସ୍ଥିତ ଅଭିଭାବିକଙ୍କୁ ସ୍ୱାଗତ କରିବା ସହ ଶିକ୍ଷାକ୍ଷେତ୍ରରେ ପିଲାଙ୍କୁ ଉପାଦେୟ ଉପଦେଶ ଦେଇଥିଲେ। ବୈଠକରେ ପ୍ରାଧ୍ୟାପିକା ପ୍ରକାଶିନୀ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଅସିତ୍ ପରିଜା, ଡ. ବୈଷ୍ଣବ ଚରଣ ପୃଷ୍ଟି, ଅଧାପିକା ରୀନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଡ. ପ୍ରଦ୍ୟୁମ୍ନ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ବିରିଡ଼ି,୨୩।୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ପୁରାତନ ଭାରତ ଏବଂ ଆଧୁନିକ ଭାରତର ଗଣତାନ୍ତ୍ରିକ ବିଚାରଧାରା ଓ ଇତିହାସ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳି ବେହେରା ପୌରୋହିତ୍ୟ କରିଥିଲେ। ଡ. ଆର.ଏନ.ମିଶ୍ର, ଡ. ପି.କେ.ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସସ୍ମିତା ଓଝା, ରାଜଲକ୍ଷ୍ମୀ ବସ୍ତିଆ, ଶୁଭଲକ୍ଷ୍ମୀ ରାମ ନିଜ ନିଜ ସନ୍ଦର୍ଭ ପାଠ କରିଥିଲେ। ସମ୍ବଳ ସଂଯୋଜକ ଡ. ହରପ୍ରସାଦ ଦାଶ ସେମିନାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ଜେ.ପି. ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ରାଜନୀତି ବିଜ୍ଞାନର ପୁରାତନ ଛାତ୍ର ସ୍ମୃତିରଞ୍ଜନ ବିଶ୍ୱାଳ, ସୌମ୍ୟାଶ୍ରୀ ପ୍ରଧାନ ଓ ସ୍ମୃତିରଞ୍ଜନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ସାଇବର ଅପରାଧ ଆଇନ ସଚେତନତା ଶିବିର

**ବାଙ୍କୀ,୨୩।୨(ସ୍ୱ.ପ୍ର.)**

ବାଙ୍କୀ ତାଲୁକ ଆଇନ ସେବାକମିଟି ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସାଇବର ଅପରାଧ ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ବାଙ୍କୀ ସିନିୟର ଡିଭିଜନ ସିଭିଲ୍ ଜଜ୍ ମୋନାଲିସା ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ଡ. ମମତା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଦସ୍ୟ ଆଡ୍‌ଭୋକେଟ୍ ଜିତେନ୍ ପଣ୍ଡା ସ୍ୱାଗତ ଭାଷଣ ଦେଇ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବାଙ୍କୀ ଥାନା ମହିଳା ଅଧିକାରୀ ସ୍ନିଗ୍ଧାମୟୀ ବରାଳ, ଆଡ୍‌ଭୋକେଟ୍ କୃଷ୍ଣଚନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ସମାଜରେ ବହୁଳଭାବେ କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ବ୍ୟବହାର ହେଉଥିବାବେଳେ କିଛି ଲୋକ ଏହାର ଅପବ୍ୟବହାର କରୁଛନ୍ତି। ଯାହାକି ଦିନକୁ ଦିନ ଆଶାତିତଭାବେ ସାଇବର କ୍ରାଇମ୍ ବୃଦ୍ଧି ପାଉଛି। ଯାହା ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ଏହାକୁ କିପରି ରୋକାଯାଇପାରିବ ସେନେଇ ବିଭିନ୍ନ ଦିଗ ସମ୍ପର୍କରେ ଅତିଥି ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ସତ୍ୟନାରାୟଣ ସାହୁ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଚନ୍ଦନ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ନବକିଶୋର ରାଉତ, ସମ୍ପାଦକ ଦାମୋଦର ରାଜ, ଅଖିଳ ଚନ୍ଦ୍ର ବୀରବର ହରିଚନ୍ଦନ, କୌଶିକ ନାୟକ, ଉମେଶ ପଟ୍ଟନାୟକ, ଶିକ୍ଷକ କିଶୋର ଚନ୍ଦ୍ର ସାମଲ, କବିତା ମହାପାତ୍ର, ରାଜେଶ ଚନ୍ଦ୍ର ଦିକ୍ଷୀତ୍, ମୃତ୍ୟୁଞ୍ଜୟ ମହାପାତ୍ର ଓ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମା’ କେନ୍ଦୁଲାଇଙ୍କ ମନ୍ଦିର ଦଧିନଉତି ପ୍ରତିଷ୍ଠା ଉତ୍ସବ

**କୁଜଙ୍ଗ, ୨୩।୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ମହ୍ଲାସାହୀ ଗ୍ରାମଦେବତୀ ମା’ ଆଦିଶକ୍ତି କେନ୍ଦୁଲାଇ ଠାକୁରାଣୀଙ୍କ ମନ୍ଦିର ଦଧିନଉତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପଣ୍ଡିତ ବିଭୂ ପ୍ରସାଦ ନନ୍ଦଙ୍କ ପୌରୋହିତ୍ୟରେ ଏହି ମାଙ୍ଗଳିକ ହୋମ, ଯଜ୍ଞ, ପୂଜା ତଥା ପ୍ରତିଷ୍ଠା ଉତ୍ସବ ହୋଇଥିଲା। ମୁରବୀ ବଳରାମ ଦାଶ, ସଚ୍ଚିକାନ୍ତ ପାଣି, ରବୀନ୍ଦ୍ର ନାଥ ପାଣି, ଧନେଶ୍ୱର ସ୍ୱାଇଁ, ଧ୍ରୁବ ଚରଣ ପାଣି, ପ୍ରସନ୍ନ ପଣ୍ଡା, ବଲ୍ଲଭ ଚରଣ ପାଣି, କୁଳମଣି ଦାଶ, ବଳରାମ ଦାସ, ସୁଦର୍ଶନ ପାଣି ପ୍ରମୁଖ ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ମା’ଙ୍କ ନୂତନ ଭବ୍ୟ ମନ୍ଦିର ଦଧିନଉତିରେ ଧାନ, ସୁନା, ରୂପା, ଟଙ୍କା ସହ ବହୁ ମୂଲ୍ୟବାନ ଅଷ୍ଟ ଧାତୁ ସବୁ ଗ୍ରାମବାସୀ ଉତ୍କଣ୍ଠାର ସହ ପ୍ରଦାନ କରିଥିଲେ।

# ଦେବୀନଦୀ ପଠାରେ ହେବ ଶହୀଦ ପ୍ରସନ୍ନଙ୍କ ସ୍ମୃତିସଭା

**ନାଉଗାଁ, ୨୩।୨(ସ୍ୱ.ପ୍ର.)**



ପ୍ରସନ୍ନଙ୍କ ଦଶାହରେ ମୁଣ୍ଡନ କରିଥିବା ଆତ୍ମୀୟମାନେ।

ଜମ୍ମୁ–କଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଜଗତ୍‌ସିଂହପୁର ଜିଲା ନାଉଗାଁ ପାରିଶିଖର ଗ୍ରାମର ପ୍ରସନ୍ନ ସାହୁଙ୍କ ଦଶାହ ଶନିବାର ସମ୍ପନ୍ନ ହୋଇଛି। ନିକଟସ୍ଥ ଦେବୀ ନଦୀ କୂଳରେ ରୀତିନୀତି ଅନୁଯାୟୀ ଏହି କାର୍ଯ୍ୟ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୁଣ୍ଡନ ହୋଇଥିଲେ। ରବିବାର ଏକାଦଶାହ ଉପଲକ୍ଷେ ଦେବୀନଦୀ ପଠାରେ ଏକ ସ୍ମୃତିସଭା ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ପ୍ରଶାସନିକ ଅଧିକାରୀ ଓ ସଙ୍ଗଠନ କର୍ମକର୍ତ୍ତା ଯୋଗ ଦେବେ। କିପରି ଶୃଙ୍ଖଳାର ସହିତ ଉକ୍ତ କାର୍ଯ୍ୟକ୍ରମ ଶେଷ ହେବ ସେଥିପାଇଁ ଗ୍ରାମବାସୀ ବନ୍ଦୋବସ୍ତ କରିଛନ୍ତି। ଦେବୀନଦୀ ପଠାରେ ପ୍ରସନ୍ନଙ୍କ ଫଟୋ ଲଗାଯାଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଅସ୍ଥାୟୀ ଭାବେ ନଦୀ କୂଳକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସେହିପରି ଗ୍ରାମ୍ୟ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଇଛି।



ଦେବୀନଦୀ ପଠାରେ ସ୍ମୃତିସଭା ପାଇଁ ପ୍ରସ୍ତୁତି ଚାଲିଛି।

# ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୨୩।୨ (ସ୍ୱ.ପ୍ର.)**

■ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨୭୮ ଅଙ୍ଗନୱାଡି କେନ୍ଦ୍ର
■ ୨୦ ଶିଶୁ ଓ ମହିଳା ଅପପୁଷ୍ଟିର ଶିକାର
■ ଛତୁଆ, ଲଡ୍ଡୁରେ ଫିମ୍ପି
■ ଲାଭଖୋର ମନୋଭାବ ଯୋଗୁ ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ ପୁଷ୍ଟିହୀନତାର ଶିକାର

ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ପ୍ରତିମାସରେ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ଛତୁଆ ଯୋଗାଣ କେନ୍ଦ୍ର ଭାଗୁଆଳିରେ ଚାଲିଥିବା ବେଳେ ଲାଭଖୋର ମନୋଭାବ ଯୋଗୁ ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି । ପୁଷ୍ଟିହୀନତାର ଶିକାର ହୋଇଥିବା ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବା ବଦଳରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବାରୁ ତାହା ସେମାନଙ୍କ ସ୍ୱାସ୍ଥ୍ୟ ସାଧନରେ ସହାୟକ ହେଉନାହିଁ।

ପ୍ରକାଶ ଯେ, ୨୦୧୮ ଅକ୍ଟୋବର ୯ ତାରିଖଠାରୁ ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ଗ୍ରାମର ମଦନେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ୨୭୮ କେନ୍ଦ୍ର ଓ ମିନି କେନ୍ଦ୍ରକୁ ଛତୁଆ ଯୋଗାଇ ଦିଆଯାଉଛି । ହେଲେ ଛତୁଆ ପ୍ରସ୍ତୁତକାରୀ ସ୍ୱୟଂସହାୟକ ଗୋଷ୍ଠୀ ସହିତ ଅନ୍ୟ ୫ଜଣ ବ୍ୟକ୍ତି ସଂପୃକ୍ତ ଥିବା ସଙ୍ଗିନ ଅଭିଯୋଗ ହୋଇଛି । ରାଜନୈତିକ ହୀନ ଚକ୍ରାନ୍ତରେ ଏହି ସ୍ୱୟଂସହାୟକ ଗୋଷ୍ଠୀ ସହିତ ମୁନାଫାଖୋର ବ୍ୟକ୍ତିମାନଙ୍କୁ ସାମିଲ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଅପରପକ୍ଷରେ ମଦନପୁର ଗ୍ରାମବାସୀ ଉକ୍ତ ସ୍ୱୟଂସହାୟକ ଗୋଷ୍ଠୀ ବିରୋଧରେ ନିମ୍ନମାନର ଛତୁଆ ପ୍ରସ୍ତୁତି କରୁଥିବା ନେଇ ପଟ୍ଟାମୁଣ୍ଡାଇ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପରୀକ୍ଷାମୂଳକ ଭାବରେ ଏହି ଛତୁଆ ପ୍ରସ୍ତୁତିକାରୀ ସଂସ୍ଥାକୁ ଗତ ଅକ୍ଟୋବର ୯ ତାରିଖ ଠାରୁ ୨୦୧୯ ଜାନୁୟାରୀ ୯ ତାରିଖ ପର୍ଯ୍ୟନ୍ତ ୩ ମାସ ଛତୁଆ ଯୋଗାଇବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ୩ ମାସ ପୂରି ଯାଇଥିଲେ ମଧ୍ୟ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଏ ପର୍ଯ୍ୟନ୍ତ ଏଗ୍ରିମେଣ୍ଟ କରିନାହିଁ । ଫଳରେ ଛତୁଆ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମନଇଚ୍ଛା ଭାବେ ଛତୁଆ ପ୍ରସ୍ତୁତ କରୁଛି । ଏପରି କି ଶିଶୁ ଖାଦ୍ୟ ପ୍ରସ୍ତୁତ ଗାଇଡଲାଇନ ଅନୁସାରେ ଛତୁଆ, ଲଡ୍ଡୁ ଓ ହାଲୁଆ ପ୍ୟାକେଟ ପ୍ରସ୍ତୁତ ହେଉ ନ ଥିବା ସଙ୍ଗିନ ଅଭିଯୋଗ ହୋଇଛି । ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ମାସିକ ୪ କିଲୋ ୨୦୦ଗ୍ରାମ ଛତୁଆ ପ୍ୟାକେଟ ଯୋଗାଇ ଦିଆଯାଉଥିବା ବେଳେ ୧୩ ଶହ ୫୦ ଗ୍ରାମର ଲଡ୍ଡୁ ପ୍ୟାକେଟ ଓ ଶିଶୁମାନଙ୍କୁ ୬୧୦ଗ୍ରାମର ହାଲୁଆ ପାଇଁ ଉଦ୍ଦିଷ୍ଟ ସୁଜି, ବାଦାମ, ଗୁଡ, ରାଶି ଓ ବୁଟ ଗୁଣ୍ଡ ମିଶ୍ରିତ ପ୍ୟାକେଟ ପ୍ରଦାନ କରାଯାଉଛି । ମାତ୍ର ଏହି ପ୍ୟାକେଟଗୁଡିକର ମାନ ନିର୍ଦ୍ଧାରଣ ପାଇଁ ପରୀକ୍ଷା କେନ୍ଦ୍ରକୁ ପଠାଯାଇ ନ ଥିବା ଅଭିଯୋଗ ହୋଇଛି। ଏହା ନିମ୍ନମାନର ହୋଇଥିବାରୁ ତାହା ପୁଷ୍ଟିହୀନତା ରୋକିବାରେ ସହାୟକ ହେଉନାହିଁ। ଏହି ବ୍ଲକରେ ଥିବା ୧୨ଜଣ ପୁଷ୍ଟିହୀନ ମହିଳା ଓ ୮ଜଣ ପୁଷ୍ଟିହୀନ ଶିଶୁଙ୍କୁ ପ୍ରତି ମାସରେ ୮୩ଟି ଲଡ୍ଡୁ ଥିବା ଗୋଟିଏ ଲେଖାଁଏ ପ୍ୟାକେଟ ପ୍ରଦାନ କରାଯାଉଛି । ବର୍ତ୍ତମାନ ୨୭୮ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଥିବା ୧୧ ହଜାର ୭୫୭ ଜଣ ଶିଶୁ, ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ମାସିକ ୫୧୪ କୁଇଣ୍ଟାଲ ୭୪ କିଲୋ ଛତୁଆ ପ୍ରଦାନ କରାଯାଉଛି । ସେହିପରି ୭ମାସରୁ ୩ ବର୍ଷ ପର୍ଯ୍ୟନ୍ତ ୮୫୨୮ ଜଣ ଶିଶୁଙ୍କୁ ୧୨କୁଇଣ୍ଟାଲ ୭୯କିଲୋ ସୁଜି, ବେସନ, ବୁଟ ଡାଲି, ଖସା, ଗୁଡ କିମ୍ବା ଚିନି ମିଶ୍ରିତ ହାଲୁଆ ପ୍ୟାକେଟ ପ୍ରଦାନ କରାଯାଉଛି । ଅପପୁଷ୍ଟିର ଶିକାର ହୋଇଥିବା ଶିଶୁମାନଙ୍କୁ ମାସିକ ୧୯ କୁଇଣ୍ଟାଲ ୫୭କିଲୋ ଲଡ୍ଡୁ ପ୍ରଦାନ କରାଯାଉଛି । ପ୍ରତି ମାସର ୬ ତାରିଖଠାରୁ ୧୦ତାରିଖ ମଧ୍ୟରେ ପ୍ରତ୍ୟେକ କେନ୍ଦ୍ରକୁ ଛତୁଆ, ଲଡ୍ଡୁ ଓ ହାଲୁଆ ପ୍ୟାକେଟ ଯୋଗାଇ ଦିଆଯାଉଛି । ମାତ୍ର ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଠିକ୍ ସମୟରେ ଛତୁଆ, ହାଲୁଆ ପ୍ୟାକେଟ ଓ ଲଡ୍ଡୁ ବଣ୍ଟନ କରା ଯାଉ ନ ଥିବାରୁ ଛତୁଆ ଓ ହାଲୁଆ ପ୍ୟାକେଟରେ ପୋକ ଓ ଲଡ୍ଡୁ ପ୍ୟାକେଟରେ ଫିମ୍ପି ମାରିଯାଉଥିବା ଦେଖିବାକୁ ମିଳୁଥିବା ଅଭିଭାବକମାନେ ଅଭିଯୋଗ ଉଠାଇଛନ୍ତି। ଅଙ୍ଗନୱାଡି କର୍ମୀମାନେ ଖାଦ୍ୟ ଉପଯୋଗୀ ହେଉ ନ ଥିବା ଏହି ପ୍ୟାକେଟଗୁଡ଼ିକୁ ଯୋଗାଣକାରୀ ସଂସ୍ଥାକୁ କାହିଁକି ଫେରସ୍ତ ନ କରି ବଣ୍ଟନ କରୁଛନ୍ତି ତାହା ଅଭିଭାବକମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ସିଡିପିଓ ମୁସ୍ତରୀ ବେଗମଙ୍କ ନିକଟରେ ବିଭିନ୍ନ କେନ୍ଦ୍ରର ଅଭିଭାବକମାନେ ନିକଟରେ ଅଭିଯୋଗ କରାଯାଇଛି । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସିଡିପିଓ ବେଗମଙ୍କୁ ପଚାରିବାରେ ଖୁବଶୀଘ୍ର ଏ ସଂପର୍କରେ ଅନୁଧ୍ୟାନ କରାଯିବ ଏବଂ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆବେଦନ କରିଥିବା ୭ଟି ସଂସ୍ଥା ମଧ୍ୟରୁ ଏହି ସଂସ୍ଥାକୁ ଜିଲା ପ୍ରଶାସନ ଛତୁଆ ଯୋଗାଣ ପାଇଁ ଅନୁମତି ଦେଇଛି । ଛତୁଆ ଯୋଗାଣ ପାଇଁ ଅନୁମତି ପାଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସହିତ ରାଜନୈତିକ ବ୍ୟକ୍ତିଙ୍କ ସମ୍ପର୍କ ଥିବା ଅଭିଯୋଗ ହେଉଛି।

# ଲକ୍ଷ୍ୟ ଓ ଏକାଗ୍ରତା





**କୌଣସି କାମରେ ସଫଳତା ହାସଲ କରିବା ସହଜ କଥା ନୁହେଁ ଏଥିପାଇଁ ସୁଚିନ୍ତିତ ଯୋଜନା ଆବଶ୍ୟକ। ତେବେ ପାଠପଢ଼ାରେ ସଫଳତା ପାଇଁ ଯୁବପିଢ଼ିଙ୍କୁ କେଉଁ ଦିଗ ପ୍ରତି ନଜର ଦେବାକୁ ପଡ଼ିବ, ସେ ସମ୍ପର୍କରେ କିଛି ଟିପ୍ସ...**



**ଉତ୍ତମ ପରିବେଶ**
ପାଠ ପଢ଼ିବା ପାଇଁ ଏକାଗ୍ର ମନ ସହ ଉଚିତ ପରିବେଶର ଆବଶ୍ୟକତା ରହିଛି। ଆପଣଙ୍କ ରୁମ୍‌ଠାରୁ ଆରମ୍ଭ କରି ଯେକୌଣସି ସ୍ଥାନ ହେଉନା କାହିଁକି ସେଠାକାର ବାତାବରଣ ଶାନ୍ତ ଏବଂ ସ୍ଥାନ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ। ଏହାଦ୍ୱାରା ଆପଣଙ୍କ ମନ ସ୍ଥିର ରହିବା ସହ ମନ ଧ୍ୟାନ ଦେଇ ପାଠ ପଢ଼ିପାରିବେ।

**ପାଖରେ ରଖନ୍ତୁ ଷ୍ଟଡି ମ୍ୟାଟେରିଆଲ୍**
ଅଧିକାଂଶ ଛାତ୍ରୀଛାତ୍ର ପାଠପଢିବା ସମୟରେ ପେନ୍ କିମ୍ବା କପି ଆଣିବା ପାଇଁ ବାରମ୍ବାର ପାଠପଢ଼ା ପାଖରୁ ଉଠିଯାଆନ୍ତି। ମାତ୍ର ଏପରି କରନ୍ତୁ ନାହିଁ। ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ପାଖରେ ବହି, ନୋଟ୍‌ବୁକ୍, ପେନ୍, ପେନ୍‌ସିଲ୍ ଏବଂ ଆବଶ୍ୟକ ଜିନିଷ ରଖନ୍ତୁ। ଏପରି କଲେ ଆପଣଙ୍କୁ ବାରମ୍ବାର ଉଠିବାକୁ ପଡିବ ନାହିଁ।

**ପାଖରେ ରଖନ୍ତୁ ସ୍ନାକ୍ସ**
ପାଠ ପଢ଼ିବା ସମୟରେ ଅନେକ ଛାତ୍ରୀଛାତ୍ରଙ୍କୁ ବେଳେବେଳେ ଭୋକ ଏବଂ ଶୋଷ ଲାଗିଥାଏ। ସେଥିପାଇଁ ପ୍ରତି ଦଶ ମିନିଟ୍‌ରେ ଥରେ ସେମାନେ ପାଠପଢ଼ା ପାଖରୁ ଉଠିଥାଆନ୍ତି। ଏହାଦ୍ୱାରା ପାଠପଢ଼ାରେ ଏକାଗ୍ରତା ଆସି ନ ଥାଏ। ଏଥିପାଇଁ ଷ୍ଟେସନାରୀ ଏବଂ କପି ସହିତ କିଛି ସ୍ନାକ୍ସ ପାଖରେ ରଖନ୍ତୁ। ଚା’ କିମ୍ବା କଫି ଅଭ୍ୟାସ ଛାଡି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଖାଦ୍ୟ ଆପଣାନ୍ତୁ।

**ଲକ୍ଷ୍ୟ ପ୍ରତି ଧ୍ୟାନ ରଖନ୍ତୁ**
ଜୀବନରେ କିଛି କରିବାକୁ ହେଲେ ଲକ୍ଷ୍ୟ ଧାର୍ଯ୍ୟ କରିବା ନିହାତି ଜରୁରୀ। ଏଥିପାଇଁ ସଜାଗ ଓ ସଚେତନ ରହିବା ବି ଜରୁରୀ। ଆପଣ ଚାହିଁଲେ ଏହାକୁ ଲେଖି କରି କିମ୍ବା ମନରେ ମଧ ରଖିପାରିବେ। ସମସ୍ତ ଜିନିଷକୁ ଏକାଠି ଫୋକସ୍ ନ କରି କୌଣସି ଗୋଟିଏ ଜିନିଷ ପ୍ରତି ଧ୍ୟାନ ରଖନ୍ତୁ। ଏପରି କଲେ ଆପଣ ଦ୍ୱନ୍ଦ୍ୱରେ ପଡିବେ ନାହିଁ। ଏବେ ମୋବାଇଲ୍ ଏକ ଜରୁରୀ ସାମଗ୍ରୀ ହୋଇଥିବାବେଳେ ଏକାଗ୍ରତା ଭଙ୍ଗ କରିବାରେ ଏହା ମୁଖ୍ୟ କାରଣ ପାଲଟିଛି। ଫୋନ୍‌ରେ ଥିବା ଆପ୍ସ ଯୁବପିଢ଼ିଙ୍କୁ ଡିଷ୍ଟର୍ବ କରିଥାଏ। ପଢ଼ିବା ସମୟରେ ଫୋନ୍‌କୁ କିଛି ଦୂରରେ ରଖନ୍ତୁ ଏବଂ ଚେଷ୍ଟା କରନ୍ତୁ ଯେପରି ଆପଣଙ୍କ ଧ୍ୟାନ ସେଠାରେ ନ ରୁହେ। ଏପରି କରିବା କଷ୍ଟସାଧ ହୋଇପାରେ। କିନ୍ତୁ ପାଠପଢ଼ାରେ ଧ୍ୟାନ ରଖିବା ପାଇଁ ଏପରି କରିବା ନିହାତି ଜରୁରୀ।

**ଟାଇମ୍‌ଟେବୁଲ୍ ସେଟ୍ କରନ୍ତୁ**
କୌଣସି ଲକ୍ଷ୍ୟ ପୂରଣ କରିବାକୁ ହେଲେ ଯୋଜନା କରିବା ନିହାତି ଜରୁରୀ। ଏଥିପାଇଁ ଏକ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରନ୍ତୁ। ଆରମ୍ଭରୁ ଟାଇମ୍‌ଟେବୁଲ୍ ଫଲୋ କରିବା କଷ୍ଟକର ହୋଇଥାଏ। କିନ୍ତୁ କିଛିଦିନ ପରେ ଦେଖିବେ ଏହା ଆପଣଙ୍କ ଦିନଚର୍ଯ୍ୟାରେ ପରିଣତ ହୋଇଯିବ।

**ରିଫ୍ରେସ୍ ରୁହନ୍ତୁ**
ମନରୁ ଟେନ୍‌ସନ୍ ଦୂର କରିବା ପାଇଁ ଏହା ନିହାତି ଜରୁରୀ। ଏହି ସମୟରେ ଆପଣଙ୍କ ହବିଜ୍ ପାଇଁ ସମୟ ଦେଇପାରିବେ। କିଛି କ୍ରିଏଟିଭ୍ କରିବା ଦ୍ୱାରା ଆପଣ ବି ରିଫ୍ରେସ୍ ରହିପାରିବେ।

**ବ୍ରେକ୍ ଜରୁରୀ**
ପାଠପଢ଼ିବା ସମୟରେ ବ୍ରେକ୍ ଜରୁରୀ। ୪୫ ମିନିଟ୍ ପାଠପଢ଼ା ପରେ ୧୦ ମିନିଟ୍ ବ୍ରେକ୍ ନେବା ଆବଶ୍ୟକ। ଏପରି କଲେ ପାଠପଢ଼ାରେ ରୁଚି ରହିବା ସହ ଆପଣ ବୋର୍ ବି ହେବେ ନାହିଁ। ବ୍ରେକ୍‌ରେ ଆପଣ ୱାକ୍ କିମ୍ବା ଚାଟ୍ ବି କରିପାରିବେ।

**ଶୋଇବା ଜରୁରୀ**
ଅଧିକାଂଶ ଯୁବପିଢ଼ି ଦିନରେ କଲେଜ ପରେ ରାତିରେ ହିଁ ନିଜର ପାଠପଢ଼ା ପାଇଁ ସମୟ ପାଇଥାଆନ୍ତି। ତେବେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ୬-୭ ଘଣ୍ଟା ଶୋଇବା ନିହାତି ଜରୁରୀ।

## କ’ଣ କରନ୍ତି ଏମାନେ...



ମଧୁସ୍ମିତା



ମିଲନ

**ଟାଇମ୍‌ଟେବୁଲ୍ ସେଟ୍ କରି କାମ କରେ :** *ମିଲନ କୁମାର ଭୂୟାଁ, ଏମ୍‌ବିଏ ୨ୟ ବର୍ଷ, ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ହଂସପାଳ, ଭୁବନେଶ୍ୱର*
ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ଟାଇମ୍‌ଟେବୁଲ୍ ସେଟ୍ କରିଥାଏ। ସେହି ହିସାବରେ ପ୍ଲାନିଂ କରି ପାଠ ପଢ଼େ । ପାଠପଢ଼ା ଲଗାତର ନ କରି କିଛି ସମୟ ବ୍ରେକ୍ ନେଇଥାଏ। ଏହାବ୍ୟତୀତ ବେଶି ରାତି ଯାଏ ମୁଁ ପାଠ ପଢ଼ିପାରେ ନାହିଁ। ସେଥିପାଇଁ ଶୀଘ୍ର ଶୋଇ ଶୀଘ୍ର ଉଠିଥାଏ।

**ପାଠପଢ଼ା ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିଥାଏ :** *ମଧୁସ୍ମିତା ନାୟକ, ବିବିଏ ଦ୍ୱିତୀୟ ବର୍ଷ, ୟୁ.ଏନ୍. ଅଟୋନୋମସ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡଶପୁର, କଟକ*
ଷ୍ଟଡି ରୁମ୍‌କୁ ସବୁବେଳେ ପରିଷ୍କାର ରଖିଥାଏ। ସେଥିପାଇଁ ପାଠ ପଢ଼ିବା ପାଇଁ ଶାନ୍ତି ଲାଗିଥାଏ। ରୁମ୍‌ରେ ସ୍ନାକ୍ସ ଷ୍ଟକ୍ ରଖିଥାଏ। ପାଠପଢ଼ାର ମଝିରେ ମଝିରେ ବ୍ରେକ୍ ନେଇ ଚାଟିଂ କରିଥାଏ। ଫ୍ରି ଟାଇମ୍‌ରେ କିଛି କ୍ରିଏଟିଭ୍ ଜିନିଷ କରିବାକୁ ମୋତେ ଭଲ ଲାଗେ।

## ଏ ସପ୍ତାହର ପ୍ରଶ୍ନ

୧. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିକଟରେ----------ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମ୍ୟୁଜିୟମ ପ୍ରତିଷ୍ଠା କରାଗଲା ?
୨. ‘ଜିନ୍ଦେଗୀନାମା’ ଉପନ୍ୟାସର ଲେଖିକା---------- ?
୩. ବନ୍ଦେ ଉତ୍କଳ ଏକ୍ସପ୍ରେସ ---------ଓ--------- ମଧ୍ୟରେ ଗତି କରୁଛି ?
୪. ନିକଟରେ ----------ରାଜ୍ୟ ‘ଷ୍ଟେଟ୍ ଟାଇଗର ପ୍ରୋଟେକ୍ସନ ଫୋର୍ସ’ ସ୍ଥାପନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ?
୫. ପୃଥିବୀର ଦୀର୍ଘତମ ଥ୍ରୀଡି ପ୍ରିଣ୍ଟିଂ କଂକ୍ରିଟ ବ୍ରିଜ--------ଦେଶରେ ନିର୍ମାଣ କରାଯାଇଛି ?

## ଗତ ସପ୍ତାହର ଉତ୍ତର

୧ ସାନା ମୀର୍
୨ ମାରିଆନା ଟ୍ରେଞ୍ଚ
୩ ଗ୍ରୀସ୍‌ର ଏଥେନ୍ସ
୪ ଶ୍ୟାମ୍ ସରନ୍
୫ ସୁରଟ

## ଉତ୍ତରଦାତା



ନରେଶ କୁମାର କର, ବାଲିଆପାଳ, ବାଲେଶ୍ୱର



ମୁକେଶ ଚନ୍ଦ୍ର ରଣା, ସେରଗଡ, ଗଞ୍ଜାମ



ଅର୍ପିତା ରଣା, ପଦ୍ମପୁର, ବରଗଡ

## ଟପ୍ 10

### ପୃଥିବୀର ଦୀର୍ଘତମ ବ୍ରିଜ୍

୧. ଦାନ୍‌ୟାଙ୍ଗ କୁନ୍‌ଶାନ ଗ୍ରାଣ୍ଡ ବ୍ରିଜ(ଚାଇନା)------୫୪୦,୦୦୦ଫୁଟ
୨. ଚାଙ୍ଗହୁଆ କାଓସିଅଙ୍ଗ ଭାୟାଡକ୍ଟ(ତାଇୱାନ)---୫୧୭,୦୦୦ଫୁଟ
୩. କାଙ୍ଗଦେ ଗ୍ରାଣ୍ଡ ବ୍ରିଜ୍(ବେଜିଂ)------------ ୩୮୦,୦୦୦ଫୁଟ
କ୍ରୀଡ଼ା ସଚିବ ବିଶାଲ ଦେବ ମୁଖ୍ୟଅତିଥି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ(ଭିଏଫଆଇ) ଉପସଭାପତି ଆନନ୍ଦ ରାଜହଂସ, କୋଷାଧ୍ୟକ୍ଷ ଶେଖର ବୋଷ, ଓଭିଏର କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଜାତୀୟ/ଅନ୍ତର୍ଜାତୀୟ ଭଲିବଲ ଖେଳାଳି, ଭିଏଫଆଇ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୮ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ବାଳିକା ଓ ୨୫ ବାଳକ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ୭୦୦ ପ୍ରତିଯୋଗୀ ଏବଂ ଅଫିସିଆଲମାନଙ୍କୁ ଅଚ୍ୟୁତ ସାମନ୍ତ ସ୍ୱାଗତ କରିଥିଲେ।


## କ୍ଷମତାପନ୍ନ ପ୍ରାଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭୂ-ଅର୍ଜନ ଉପ ବିଭାଗ, ନୟାଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜାତୀୟ ରାଜପଥ ଆଇନ ୧୯୫୬ (ଧାରା ୪୮, ୧୯୫୬)ର ଧାରା-୩(କ) ଉପଧାରା-୩(୧) ମୁତାବକ ଯେହେତୁ ଭାରତ ସରକାର ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ୨୨୪/୯୦୦ କି.ମି. ଠାରୁ ୨୩୧/୯୦୦ କି.ମି. (ମାଇଛେଳି ଠାରୁ ଶିମିଳିସାହି) ପର୍ଯ୍ୟନ୍ତ ଜାତୀୟ ରାଜପଥ ନଂ ୫୭ର ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନଂ ଆଇନ)ର ଧାରା ୩ (କ)ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ ୬୩୮୧(ଇ) ତା୨୭।୧୨।୨୦୧୮ରିଖ ଦ୍ୱାରା ଉକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତା'ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ, କ୍ଷମତାପନ୍ନ ପ୍ରାଧିକାରୀ, ଭୂ ଅର୍ଜନ ଉପ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୟାଗଡ଼, ଜାତୀୟ ରାଜପଥ ପ୍ରକଳ୍ପ ନଂ-୫୭ଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ)ର ଉପଧାରା(୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଏ ସମ୍ପର୍କରେ ଧାରା-୦୩(ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ କ୍ଷମତାପନ୍ନ ପ୍ରାଧିକାରୀ, ଭୂ ଅର୍ଜନ ଉପ ବିଭାଗ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ ଜାତୀୟ ରାଜପଥ ପ୍ରକଳ୍ପ ନଂ-୫୭ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି।

**ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼**

**ଭୂମି ଅନୁସୂଚୀ**

ଓଡ଼ିଶା ରାଜ୍ୟ ଅନ୍ତର୍ଗତ ନୟାଗଡ଼ ଜିଲ୍ଲାର ଭୂ ଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ, ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମ ଜାତୀୟ ରାଜପଥ-୫୭ର ଦୁଇପାର୍ଶ୍ୱର ବିବରଣୀ। ୨୨୪/୯୦୦ କି.ମି. ଠାରୁ ୨୩୧/୯୦୦ କି.ମି. (ମାଇଛେଳି ଠାରୁ ଶିମିଳିସାହି) ପର୍ଯ୍ୟନ୍ତ ଅନ୍ତର୍ଗତ

| ରାଜ୍ୟ-ଓଡ଼ିଶା | | | ଜିଲ୍ଲା-ନୟାଗଡ଼ | | |
|---|---|---|---|---|---|
| କ୍ର.ନଂ. | ସର୍ଭେ/ ପ୍ଲଟ ନଂ | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା | |
| | | | | ଏକର | ହେକ୍ଟର |
| ତହସିଲ-ନୂଆଗାଁ | | | | | |
| ଗ୍ରାମ-କାଞ୍ଜିଆମ୍ବା | | | | | |
| ୧ | ୮୩ | ସରକାରୀ | ଜଙ୍ଗଲ-୨ | ୨.୪୮୦୦୦୦୦ | ୧.୦୦୩୬୪୨୩ |
| ଗ୍ରାମ-ଭିରୁଡା | | | | | |
| ୧ | ୩୪୨ | ବେସରକାରୀ | ସାରଦ-୩ | ୦.୦୫୦୦୦୦୦ | ୦.୦୨୦୨୩୪୭ |
| ୨ | ୩୪୨/୧୫୫୬ | ବେସରକାରୀ | ଘରବାରି | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୩ | ୩୪୨/୧୬୯୦ | ବେସରକାରୀ | ସାରଦ-୩ | ୦.୦୭୦୦୦୦୦ | ୦.୦୨୮୩୨୮୬ |
| ୪ | ୩୪୨/୧୭୨୧ | ବେସରକାରୀ | ସାରଦ-୩ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୫ | ୩୪୩ | ବେସରକାରୀ | ସାରଦ-ଦୋ-ଫସଲି-୩ | ୦.୦୧୫୦୦୦୦ | ୦.୦୦୬୦୭୦୪ |
| ୬ | ୩୪୩/୧୭୦୪ | ବେସରକାରୀ | ଘରବାରି | ୦.୦୭୫୦୦୦୦ | ୦.୦୩୦୩୫୨୧ |
| ୭ | ୩୪୪ | ସରକାରୀ | ଦଣ୍ଡା | ୦.୦୪୦୦୦୦୦ | ୦.୦୧୬୧୮୭୮ |
| ୮ | ୩୪୫ | ବେସରକାରୀ | ସାରଦ-ଦୋ-ଫସଲି-୩ | ୦.୨୦୦୦୦୦୦ | ୦.୦୮୦୯୩୮୯ |
| ୯ | ୩୪୬ | ସରକାରୀ | ରାସ୍ତା | ୦.୦୩୦୦୦୦୦ | ୦.୦୧୨୧୪୦୮ |
| ୧୦ | ୩୪୭/୧୧୨୧ | ବେସରକାରୀ | ସାରଦ-ଦୋ-ଫସଲି-୨ | ୦.୦୮୦୦୦୦୦ | ୦.୦୩୨୩୭୫୬ |
| ୧୧ | ୩୪୮ | ବେସରକାରୀ | ସାରଦ-ଦୋ-ଫସଲି-୩ | ୦.୦୭୦୦୦୦୦ | ୦.୦୨୮୩୨୮୬ |
| ୧୨ | ୩୭୯ | ସରକାରୀ | ନାଳ | ୦.୦୩୦୦୦୦୦ | ୦.୦୧୨୧୪୦୮ |
| ୧୩ | ୩୮୦ | ବେସରକାରୀ | ପତିତ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୧୪ | ୩୮୧ | ବେସରକାରୀ | ସାରଦ-୩ | ୦.୦୩୦୦୦୦୦ | ୦.୦୧୨୧୪୦୮ |
| ୧୫ | ୩୮୨ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୧୬ | ୫୫୮ | ସରକାରୀ | ଗୋଚର | ୭.୩୦୦୦୦୦୦ | ୨.୯୫୪୨୬୯୫ |
| ୧୭ | ୫୫୯/୧୦୯୩ | ସରକାରୀ | ଗୋଚର | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୧୮ | ୫୬୦ | ସରକାରୀ | ନାଳ | ୦.୦୨୦୦୦୦୦ | ୦.୦୦୮୦୯୩୯ |
| ୧୯ | ୫୬୧ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୦ | ୫୬୪ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୧ | ୫୬୫ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୨ | ୫୬୮ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୩ | ୫୬୯ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |

## COLLECTORATE, GANJAM, CHATRAPUR
(DSWO, SECTION)

**Ph.#: 06811-263968, 262460, E-Mail:dswoganjam@nic.in**

**No.597 /** **Dt.19.02.2019**

**Office Order**

Due to unavoidable circumstance the bids of SNP tender 2019-20 will be opened on 27.02.2019 at 4 PM. in the same Venue instead of 26.02.2019 vide tender notice published in this office L.No.327 dt.01.02.2019.

**Sd./- Addl. Dist. Magistrate**
**(Gen.) Ganjam, Chatrapur**

## GOVERNMENT OF ODISHA
## OFFICE OF THE EXECUTIVE ENGINEER R.W.S.&S., DIVISION, SUNDARGARH, NEAR WOMENS COLLEGE

**Phone: 06622-272369, e-mail: id-rwss.sng@gmail.com**

**2nd CORRIGENDUM NOTICE**

**Bid Identification No. EE, RWS&S, SNG 07/2018-19**

No.: 1808-O: The following tender for the works for Sl. No. 22 & 23 is hereby cancelled due to Technical & Clerical Error.
All other term & condition are remain as is it.

**Sd./- Executive Engineer**
**RWS&S Division, Sundargarh**

25009/11/0014/1819

## GOVERNMENT OF ODISHA
## OFFICE OF THE EXECUTIVE ENGINEER, ROURKELA (R&B) DIVISION, ROURKELA

**No.: 1364** **Dt.22.02.19**

**1st Corrigendum to Bid Identification No. 102 & 103/EE(R&B) Rkl of 2018-19**

No.: 1313-B: The tender for the work "Construction of Smart Conference Hall at Employment Exchange, Rourkela for the year 2018-19 under DMF" vide Bid Identification No. 102 (Sl. 1) & "Construction of Computer Laboratory and Competitive Counselling-cum-Coaching Hall at Employment Exchange, Rourkela for the year 2018-19 under DMF" vide Bid Identification No. 103 (Sl. 1) are hereby cancelled.
All other terms & conditions are unchanged.

**Sd./- Executive Engineer**
**Rourkela (R&B), Division**

34068/11/0030/1819

## BERHAMPUR MUNICIPAL CORPORATION

**No.: 2718** **Date: 23.02.19**

**NOTICE INVITING BID**

No.: 511-C: Sealed tenders are invited to reach by Speed Post/Registered Post/Courier/by Hand from interested agencies/firms/advertising agencies/companies for "Advertisement in home page and newly opened domains of City WiFi of Berhampur Municipal Corporation". The detailed terms & conditions are available at our office website **www.berhampur.gov.in**. The period of available of Documents in the web portal is from 23.02.19 to 23.03.19, last date of receipt of tenders in this office by 23.03.19 by 3.00 P.M. and will be opened on same day at 04.00 P.M. in the office of undersigned. The authority reserves the right to accept or reject any tender without assigning any reason thereof.

**Sd./- Commissioner**
**Berhampur Municipal Corporation**

13035/11/0233/1819

## ZILLA SWASTHYA SAMITI, BALANGIR
**(Department of Health & FW, Govt. of Odisha)**

**Advt. No.: 949** **Date: 22.02.19**

No.:921-E: Sealed tenders in prescribed format are invited from the intending registered firms/agencies/dealers for supply of IEC/BCC and Trainings materials to meet the day to day requirement of IEC activities at different health institutions of Balangir district. The sealed tender documents should reach to the undersigned on or before 07.03.19, 1 P.M. by Registered Post/Speed Post/Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website **(www.balangir.nic.in)**. The undersigned reserves the right to cancel any or all tender document(s) without assigning any reason thereof.

**Sd./- CDM & PHO, Balangir**

10019/11/0010/1819

## THE ODISHA STATE COOPERATIVE BANK LTD.
Pandit Jawaharal Nehru Marg, Bhubaneswar - 751001

**Ref. No.: OSCB/8210/2018-19** **Date: 20.02.2019**

**QUOTATION CALL NOTICE**

No.: 38-LL: Name of the Work: Printing and supply of 70 GSM Computer Papers with Logo (EZR Printing) to Head Office of OSCB, Bhubaneswar.
Last date and time of Submission: 05.03.2019 upto 2.00 P.M.
The quotation details can be downloaded from the official website **www.odishascb.com** from 18.02.2019 to 05.03.2019.

**Sd./- Managing Director**
**Odisha State Cooperative Bank Ltd., Bhubaneswar**

39012/11/0021/1819

## OFFICE OF THE NOTIFIED AREA COUNCIL, CHATRAPUR

**Lette No. 431** **Date: 22.02.2019**

**"e" Procurement Notice**
**Tender Reference No.-CTP-NAC-10/2018-19**
**Bid Id No-2019_ORULB_54045**

Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of term and conditions of contract and other necessary documents can be seen in Govt. website, i.e. www.tendersorissa.gov.in.

| | | |
|---|---|---|
| 1. | Name of the work | Civil with Miscellaneous works mentioned in DTCN. |
| 2. | No. of work | 3 |
| 3. | Estimated cost | Rs. 2.80- 17.72 Lakhs |
| 4. | Date & time of availability of bid document in the portal | From 11.00 AM of 23.02.2019 to 02.03.2019 upto 4.00 PM |
| 5. | Last date/Time for receipt of Bids in the portal | 02.03.2019 upto 4.00 PM |
| 6. | Bids received online shall be opened on | 02.03.2019 at 4.30 PM |

Further details can be seen from the e-procurement portal https://tendersorissa.gov.in.

**Sd./- Executive officer,**
**NAC Chatrapur**

## OFFICE OF THE PANCHAYAT SAMITI, CHITRAKONDA

**NO.626 / III-32/2019** **Dated: 22.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms / Suppliers of Odisha state P.W.D (R&B) / C.P.W.D./ Water Resource/ Rural Works/M.I having authorized dealership in agreement in F-2 contract forms of Govt. of Odisha. The details of commodities given below. The tenders has to submit the sealed tender paper in complete shape with details i.e. (1) EPM Regd. Certificate (2) EM-II, (3) DIC PMT (4) GSTIN certificate, (5) VAT Clearance, (6) PAN Card, (7) GSTIN certificate, (8) Drawing & Specification through Registered Post / Speed Post addressing to this official Postal address i.e Block Development Officer, Chitrakonda, At/Po- Chitrakonda Dist- Malkangiri, PIN No.764052, The last date of receipt of tender paper is 28.02.2019 up to 3.00 PM. The undersigned will not be responsible for postal delay if any or non-receipt of the papers in time.The date of opening of the tender paper is 01.03.2019 at 3.00 PM.

| Sl No. | Name of the Block | Name of the Commodities | Tender value in Rs | Cost of article | Size of article |
|---|---|---|---|---|---|
| 1 | Chitrakonda | Supply of 200 No's double decker bed | Rs. 2000000/- | 200 No's Rs. 10000 /- each | Size-80" (Length) x34", (width)x60" (Height), Bed frame--75" (Length)x33" (width), Bed-19mm thick plywood ISI Marked, Size-72" (Length)x30" (width) |

**Sd./- Block Development Officer, Chitrakonda**

## PANCHAYAT SAMITI, ANGUL

**INVITATION FOR BIDS (IFB)**
**IDENTIFICATION No :- ANGL:-02/2018-19**
**E-mail address:- ori-bangul@nic.in**

The Block Development Officer, Angul on behalf of the Governor of Odisha invites Percentage rate bid in single cover system for the works as detailed in the table below, from the class of eligible contractors as mentioned in Col.4 (four) , registered with the State Government and contractors of equivalent grade / Class registered with Central Government / MES / Railway to be eventually drawn up in PWD P-I form, for execution of Building. The proof of the registration from the appropriate authority shall be enclosed along with the bid. If successful, the bidder who has not registered under State Government has to registered under the State PWD in appropriate class of eligibility before signing the agreement. Bidders may submit bids for any or all the followings works.

| Sl. No. | Name of works | Approx. Value of the work (in lakh) | Class of contractor | Bid Security (In Rs.) | Cost of Tender Paper (Non-refundable) | Period of Completion. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | INSTALLATION OF EXTERNAL ELECTRIFICATION WORK AT PURUNAKOTE UP SCHOOL, PURUNAKOTE. | 4.74 | H.T | 4700.00 | RS.4000.00 | 3 Calendar Months |
| 2 | INSTALLATION OF EXTERNAL ELECTRIFICATION WORK AT MAJHIPADA SEVA SHRAM SCHOOL, TIKARPADA. | 4.31 | H.T | 4300.00 | RS.4000.00 | 3 Calendar Months |
| 3 | INSTALLATION OF EXTERNAL ELECTRIFICATION WORK AT TIKARPADA HIGH SCHOOL, TIKARPADA. | 5.66 | H.T | 5600.00 | RS.4000.00 | 3 Calendar Months |
| 4 | INSTALLATION OF EXTERNAL ELECTRIFICATION WORK AT BAGHAMUNDA ASHRAM SCHOOL, KOTHABHUIN. | 5.35 | H.T | 5300.00 | RS.4000.00 | 3 Calendar Months |

Other details can be viewed & downloaded from the district website i.e www.angul.nic.in & in the office of the Panchayat Samiti, Angul during office hour.

**Sd./- Block Development Officer, Angul**

## BHUBANESWAR MUNICIPAL CORPORATION

**No.6987 COMPETITIVE BIDDING THROUGH e-Procurement Dt.23/02/19**

**NOTICE INVITING TENDER**
**Bid Reference No. BMC-EE DIV-1-24/2018-19, Dt.23.02.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. (BMC-EE DIV-I-24/2018-19) should be submitted on-line in the website www.tendersorissa.gov.in by eligible class of contractors as mentioned in TCN.The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **24** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 89251/- to Rs. 1938696/-**
4. Eligible Class of Contractors –: Registered Contractors of **Class-'D' to Class-'C'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the schedules and Annexure of DTCN that have to be Uploaded by the bidder in the e-tender website. The cost of tender paper and EMD should be made on net banking. After Opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 26.02.2019 to 5 P.M of 06.03.2019** for online bidding.
8. Bids received will be opened from e-procurement system at **4.30 P.M onwards on 07.03.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 24 Nos**. of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer, BMC Division No.-I**

Progress Through Partnership for a Better Bhubaneswar

## TENDER CALL NOTICE
## CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LIMITED, JAJPUR

**Taramadan, Jajpur Town, Jajpur**
**www.jajpur.nic.in (website of District)**

No. 850 Date : 22.02.2019

CSO-cum-District Manager, OSCSC Ltd. Jajpur invites sealed tenders from reputed firms/ companies/ persons for appointment as Handling Contractor, Level-I & Level-II Transport Contractors for the year 2019-20 & 2020-21.

| Type of Contract | Nature of Operation |
|---|---|
| Handling Contractor | For Handling of Foodgrains at Rice Receiving Centre-cum-Departmental Storage Centre (RRC-cum-DSC). The Handling contractor shall perform all operations for Handling of Foodgrains (Unloading / Loading/ Stacking/ Bagging/ Re-bagging/ Weighment/ Standardization/ Cleaning etc) at RRC-cum-DSC. |
| Level-I Transport Contractor | For Transportaion of Foodgrains from FSD FCI to RRC-cum-DSC. |
| Level-II Transport Contractor | For Transportaion fo Foodgrains from Rice Receiving Centre-cum-Departmental Storage Centre (RRC-cum-DSCs) to Retail Centres of Unit tagged and shall perform all operation for transportation of foodgrains from RRC-cum-DSCs to Retail Centres and delivery the foodgrains at Retail Centres of Unit tagged. |

Interested firms/ companies/ persons may obtain tender document from the office of the CSO-cum-District Manager, Jajpur from 23.02.2019 to 15.03.2019 upto 3.00 P.M. The interested firms/ companies/ persons may also download the tender document from the district website www.jajpur.nic.in.
Interested firms/ companies/ persons will have to submit the tender documents through registered post/ speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**

**Address for submission of Tender document:**
**District Manager, OSCSC Ltd., Jajpur**
**At/Po- Taramadan, Jajpur Town,**
**District-Jajpur, PIN - 755001**

**Programme of the Tender Schedule**

| | |
|---|---|
| Period of sale of tender document | From 23.02.2019 to 15.03.2019 upto 3.00 P.M. |
| Last date for receipt of tender document | By 15.03.2019 up to 5.00 PM |
| Date of opening of Technical Bid Level-II Transport Contractor | Dt. 16.03. 2019 at 11.00 AM |
| Date of Opening of Price Bid Level-II Transport Contractor | On 19.03.2019 at 11.00 AM |
| Date of Opening of Technical Bid Handling Contractor | On 20.03.2019 at 11.00 AM |
| Date of Opening of Price Bid Handling Contractor | On 23.03.2019 at 11.00 AM |
| Date of Opening of Technical Bid Level-I Transport Contractor | On 25.03.2019 at 11.00 A.M. |
| Date of opening of Price Bid Level-I Transport Contractor | On 26.03.2019 at 11.00 AM |

**Sd./- CSO-cum-District Manager, O.S.C.S.C. Ltd., Jajpur**



“ବେଙ୍ଗାଲୁରୁରେ ଆୟୋଜିତ ଜାତୀୟ ମହିଳା ହକି କ୍ୟାମ୍ପରେ ଫିଟ୍‌ନେସ, ବଲ୍ ହ୍ୟାଣ୍ଡଲିଂ ସ୍କିଲ୍‌କୁ ଗୁରୁତ୍ୱ ଦିଆଯିବ।

–ଜୋର୍ଡ ମାରିଜନେ, ଭାରତୀୟ ହକି ଦଳର ମୁଖ୍ୟ କୋଚ୍

“ଶୁଟର ଜିତୁ ରାୟଙ୍କୁ ହୀରା ସହ ତୁଳନା କରାଯାଉଥିଲା। ସେହି ଅନୁପାତରେ ସେ ସଫଳ ନ ହେବା ଆଶ୍ଚର୍ଯ୍ୟର ବିଷୟ ।

–ପାଭେଲ ସ୍ମିର୍‌ନୋଭ୍,ଭାରତର ପିସ୍ତଲ କୋଚ୍



## ସଂକ୍ଷେପରେ

### ମନପ୍ରୀତ୍ ଏସିଆର ଶ୍ରେଷ୍ଠ ପୁରୁଷ ହକି ଖେଳାଳି

**ନୂଆଦିଲ୍ଲୀ, ୨୩।୨:** ଏସିଆନ ହକି ଫେଡେରେଶନ ପକ୍ଷରୁ ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ୍ ସିଂଙ୍କୁ ୨୦୧୮ ଲାଗି ଏସିଆ ମହାଦେଶର ଶ୍ରେଷ୍ଠ ପୁରୁଷ ହକି ଖେଳାଳି ବିବେଚିତ କରାଯାଇଛି। ସେହିଭଳି ମହିଳା ଦଳର ଷ୍ଟ୍ରାଇକର ଲାଲରେମସିଆମି ମଧ ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ପୂର୍ବରୁ ୨୦୧୭ରେ ଏସ୍.ଭି. ସୁନୀଲ ଏସିଆର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ହାସଲ କରିଥିଲେ। ୨୦୧୮ରେ ମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଓମାନରେ ଅନୁଷ୍ଠିତ ହିରୋ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଅପରାଜେୟ ରହିଥିଲା। ପ୍ରତିଯୋଗିତାରେ ପାକିସ୍ତାନ ସହ ଭାରତ ଯୁଗ୍ମ ଭାବେ ଚାମ୍ପିୟନ ହୋଇଥିଲା। ସେହିଭଳି ବ୍ରେଡ୍‌ାରେ ଖେଳାଯାଇଥିବା ଏଫଆଇଏଚ୍ ଚାମ୍ପିୟନ୍ସ ଟ୍ରଫିରେ ଦେଶକୁ ରୌପ୍ୟ ପଦକ ଜିତାଇବାରେ ମନ୍‌ପ୍ରୀତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଅପରପକ୍ଷରେ ଗତବର୍ଷ ଭାରତୀୟ ସିନିୟର ମହିଳା ଦଳ ସହ ବିଶ୍ୱକପରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ ୧୮ ବର୍ଷୀୟା ଷ୍ଟ୍ରାଇକର ଲାଲରେମସିଆମି। ଏସିଆ କପ ଓ ୧୮ ବର୍ଷରୁ କମ୍ ୟୁଥ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟା ରହିଥିଲେ। ସେହିଭଳି ୨୦୧୮ ବର୍ଷ ଲାଗି ଭାରତୀୟ ପୁରୁଷ ହକି ଦଳକୁ ‘ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍’ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ଏସିଆର ଏକମାତ୍ର ଦେଶ ଭାବେ ଭାରତ ଟପ୍-୮ରେ ପ୍ରବେଶ କରିଥିବାବେଳେ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିଲା। ଏହି ଅବସରରେ ହକି ଇଣ୍ଡିଆ ସମ୍ପାଦକ ରାଜିନ୍ଦର ସିଂ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଜାତୀୟ କାନୋଇଂ ସ୍ପ୍ରିଣ୍ଟ: ଓଡ଼ିଶାକୁ ୫ ପଦକ

**କଟକ ଅଫିସ,୨୩।୨:** ନୂଆଦିଲ୍ଲୀଠାରେ ଚାଲିଥିବା ୨୯ତମ ଜାତୀୟ କାନୋଇଂ ସ୍ପ୍ରିଣ୍ଟରେ ଓଡ଼ିଶା ଶନିବାର ସୁଦ୍ଧା ୪ଟି ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି। ପ୍ରତିଯୋଗିତାର ୧ହଜାର ମିଟର ମହିଳା କାନୋଇଂ-୪ରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା । ଏତଦବ୍ୟତୀତ ୧ହଜାର ମିଟର ମହିଳା କାୟାକିଂ-୪, ୫୦୦ ମିଟର ମହିଳା କାନୋଇଂ-୪, ୫୦୦ମିଟର ପୁରୁଷ କାନୋଇଂ-୨, ୫ହଜାର ମିଟର ପୁରୁଷ କାନୋଇଂ-୨ ଇଭେଣ୍ଟରେ ଓଡ଼ିଶା ବ୍ରୋଞ୍ଜ ବିଜୟୀ ହୋଇଛି ।

### ଓଡ଼ିଶା-ଗାଙ୍ଗପୁର କ୍ୱାର୍ଟର ଫାଇନାଲ

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଚାଲିଥିବା ଜାତୀୟ ଜୁନିୟର ହକି(ଡିଭିଜନ-ଏ)ର କ୍ୱାର୍ଟର ଫାଇନାଲରେ ଓଡ଼ିଶାର ଦୁଇ ଦଳ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆଗାମୀ ୨୫ରେ ହେବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ହକି ଗାଙ୍ଗପୁର ମଧରେ ଏହି ମୁକାବିଲା ହେବ। ଅନ୍ୟ କ୍ୱାର୍ଟର ଫାଇନାଲଗୁଡ଼ିକରେ ଚଣ୍ଡିଗଡ଼-ମଧପ୍ରଦେଶ, ହରିୟାଣା-ପଞ୍ଜାବ, ଉତ୍ତର ପ୍ରଦେଶ-ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ପୁଲ୍ ‘ଡି’ର ଏକ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ବିହାରକୁ ପରାସ୍ତ କରିଥିଲା। ସୁଶୀଲ ଧନୱାର ୩୧ ଓ ସୁଶାନ୍ତ ଟପ୍ପୋ ୪୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିଯୋଗିତାରେ ୪ ମ୍ୟାଚରୁ ଏହା ଥିଲା ଓଡ଼ିଶାର ତୃତୀୟ ବିଜୟ।

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦ ଆଜି

**ବିଶାଖାପାଟଣା,୨୩।୨(ପି.ଟି.)**

ସ୍ଥାନୀୟ ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ରବିବାର ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲିଆ ଏହି ଟି୨୦ ସିରିଜ ପରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ମଧ୍ୟ ଖେଳିବ। ଆସନ୍ତା ମେ’ ୩୦ ତାରିଖରୁ ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବାକୁ ଥିବା ବେଳେ ଏହି ସିରିଜ୍ ବେଶ୍ ଗୁରୁତ୍ୱ ବହନ କରୁଛି। ବିଶେଷ କରି ଦଳ ଚୟନ ଦୃଷ୍ଟି କୋଣରୁ ଭାରତ ପାଇଁ ଏହି ଦୁଇଟି ସିରିଜ ତଥା ୭ଟି ମ୍ୟାଚ୍ ବେଶ୍ ମହତ୍ତ୍ୱ

**ବିଶ୍ୱକପ୍ ପୂର୍ବରୁ ରିହର୍ସାଲ**

ରଖୁଛି। ବିଶ୍ୱକପ୍ ପୂର୍ବରୁ ଭାରତର ଏହା ଶେଷ ସିରିଜ ସାବ୍ୟସ୍ତ ହୋଇଛି। ଫଳରେ ଏହି ମେଗା ଇଭେଣ୍ଟ ପୂର୍ବରୁ ଭାରତ ପାଇଁ ଅଭ୍ୟାସ କରିବାକୁ ଅନ୍ତିମ ସୁଯୋଗ ମିଳିଛି। ଦୁଇଟି ଟି୨୦ ମ୍ୟାଚ୍‌ରେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଏପରି କି ଚୟନକର୍ତ୍ତାଙ୍କ ତୀକ୍ଷ୍ଣ ନଜର ରହିଛି। ବିଶ୍ୱକପ୍ ଖେଳିବାକୁ ଆଶା ରଖିଥିବା ଖେଳାଳିମାନଙ୍କ ପାଇଁ ଏହି ସିରିଜ ଶେଷ ସୁଯୋଗ ସୃଷ୍ଟି କରିଛି। ୩ ସପ୍ତାହର ବିଶ୍ରାମ ପରେ କୋହଲି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ପ୍ରଦର୍ଶନ ଉପରେ କୋହଲିଙ୍କ ନଜର ରହିବ। କାରଣ ଏହି ଦୁଇ ଖେଳାଳି ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି।

ଦିନିକିଆ ଦଳରେ ଦୀନେଶ କାର୍ତ୍ତିକଙ୍କୁ ପଛରେ ପକାଇ ପନ୍ତ ବିଶ୍ୱକପ୍



ଅଭ୍ୟାସ ସେସନ ଅବସରରେ ଭାରତୀୟ ଖେଳାଳି।

ଦୌଡରେ ସାମିଲ ହୋଇଛନ୍ତି। ତେଣୁ ଏହି ସିରିଜରେ ପନ୍ତଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡିବ ବୋଲି ସେ ଭଲଭାବେ ହୃଦୟଙ୍ଗମ କରିଥିବେ। ବ୍ୟାକ୍ ଇଞ୍ଜୁରି କାରଣରୁ ହାର୍ଦ୍ଦିକ ପାଣ୍ଡ୍ୟା ଦଳରୁ ବାଦ୍ ପଡିଥିବା ବେଳେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସୁଯୋଗ ମିଳିଛି ଓ ସେ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ଦିନିକିଆ ଦଳରୁ ବାଦ ପଡିଥିବା ଦୀନେଶ କାର୍ତ୍ତିକଙ୍କ ପାଇଁ ମଧ ଏହି ଦୁଇଟି ଟି୨୦ ମ୍ୟାଚ୍ ଶେଷ ସୁଯୋଗ ସୃଷ୍ଟି କରିଛି।

ଭାରତର ୧ ନମ୍ବର ବୋଲର ଯଶପ୍ରୀତ ବୁମରା ମଧ ଏହି ସିରିଜରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଫଳରେ ଭାରତର ବୋଲିଂ ବିଭାଗ ଶକ୍ତିଶାଳୀ ହେବ। ଆଉ ୨ ଉଇକେଟ ହାସଲ କଲେ ବୁମ୍‌ରା ଟି୨୦ରେ ୫୦ ଉଇକେଟ ପୂରଣ କରିବେ। ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ଦଳରେ ସ୍ଥାନ ପାଇଛନ୍ତି। ସେ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କ୍ରୁନାଲ ପାଣ୍ଡ୍ୟାଙ୍କ ସହ ବୋଲିଂ କରିବେ।

ଗତ ଟି୨୦ ସିରିଜରେ ଭାରତ ନ୍ୟୁଜିଲାଣ୍ଡଠାରୁ ୧-୨ରେ ପରାସ୍ତ ହୋଇଥିଲା। ଟି୨୦ରେ ଭାରତର ପ୍ରଦର୍ଶନ ସବୁବେଳେ ଅସ୍ଥିର ରହିଆସିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୧୧ଟି ଟି୨୦ରେ ବିଜୟୀ ହୋଇଥିବା ବେଳେ ୬ଟି ପରାଜୟ ବରଣ କରିଛି। ଫଳରେ ରେକର୍ଡ ଦୃଷ୍ଟିକୋଣରୁ ଭାରତ ଆଗରେ ରହିଛି। ତେବେ ଭାରତ ଘରୋଇ ପରିବେଶରେ (୨୦୧୭) ଓ ଅଷ୍ଟ୍ରେଲିଆରେ ଦୁଇଟି ସିରିଜ ଖେଳିଥିଲେ ମଧ ବର୍ଷା କାରଣରୁ ଏହି ସିରିଜଗୁଡିକ ୧-୧ରେ ଅମୀମାଂସିତ ରହିଛି। ପୂର୍ବରୁ ୨୦୧୬ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଘରୋଇ ଅଷ୍ଟ୍ରେଲିଆକୁ ୩-୦ରେ ପରାସ୍ତ କରି କ୍ଲିନ୍ ସୁଇପ୍ କରିଥିଲା। ଏଥର କୋହଲିଙ୍କ ନେତୃତ୍ୱାଧୀନ ଦଳ ଏହି ସିରିଜ୍‌ରେ ୨-୦ରେ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ପୂର୍ବରୁ ଏହି ସିରିଜର ଡ୍ରେସ୍ ରିହରସାଲ ବୋଲି କୁହାଯାଉଛି। ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୩ଟି ଟି୨୦ ମ୍ୟାଚ୍‌ରେ କୋହଲି ୫ଟି ଅର୍ଦ୍ଧଶତକ ସହ ୬୧ ରନ ହାରରେ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ରହିଛନ୍ତି।

ଅପରପକ୍ଷରେ ଆରୋନ୍ ଫିଞ୍ଚଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୂରା ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ। ବିଗ୍ ବାସ ଲିଗ୍‌ର ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଡି’ଆର୍କି ଶର୍ଟ ଜବରଦସ୍ତ ଫର୍ମରେ ରହିଛନ୍ତି। କେନ୍ ରିଚାର୍ଡଶନଙ୍କ ଉପରେ ମଧ ସମସ୍ତଙ୍କ ନଜର ରହିବ। ଅଷ୍ଟ୍ରେଲିଆ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଫଳରେ ଏହି ମ୍ୟାଚ୍ ତଥା ସିରିଜ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, କ୍ରୁନାଲ ପାଣ୍ଡ୍ୟା, ବିଜୟ ଶଙ୍କର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମରା, ଉମେଶ ଯାଦବ, ସିଦ୍ଧାର୍ଥ କୌଲ ଓ ମୟଙ୍କ ମାର୍କଣ୍ଡେ | ଆରୋନ ଫିଞ୍ଚ୍ (ଅଧିନାୟକ), ଡି’ଆର୍କି ଶର୍ଟ, ପ୍ୟାଟ କୁମିନ୍ସ, ଆଲେକ୍ସ କେରୀ, ଜାସନ ବେହରେନଡୋର୍ଫ, ନାଥନ କୁଲ୍ଟର ନିଲ୍, ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଗ୍ଲେନ ମ୍ୟାକ୍ସୱେଲ, ଜେ ରିଚାର୍ଡଶନ, କେନ୍ ରିଚାର୍ଡଶନ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା |

**ସମୟ: ସନ୍ଧ୍ୟା ୭ଟା**
**ସ୍ଥାନ: ବିଶାଖାପାଟଣା, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

## ବିଶ୍ୱ ରେକର୍ଡ ସହ ଅପୂର୍ବୀଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୨୩।୨:** ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ରେକର୍ଡରୁ ସ୍ଥାନୀୟ ଡ. କର୍ଣି ସିଂ ଶୁଟିଂ ରେଞ୍ଜଠାରେ ଭାରତ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ ଆରମ୍ଭ କରିଛି। ଅପୂର୍ବୀ ଚଣ୍ଡେଲା ଦୁଇ ଚାଇନିଜ୍ ଶୁଟରଙ୍କୁ ପଛରେ ପକାଇ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଫାଇନାଲ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ଅତ୍ୟଧିକ ଚାପ ଆଗରେ ଚଣ୍ଡେଲା ସ୍ଥିର ପ୍ରଦର୍ଶନ କରିଥିଲେ। ସମସ୍ତ ୧୦ଟି ଶଟ୍‌ରେ ୧୦.୫ ଓ ତା’ଠାରୁ ଅଧିକ ସ୍କୋର କରିଥିଲେ। ଫଳରେ ସେ ସର୍ବାଧିକ ୨୫୨.୯ ସ୍କୋର କରିଥିଲେ, ଯାହାକି ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ବିଶ୍ୱ ରେକର୍ଡ। ଚାଇନା ଶୁଟର ରୋଝୁ ଝାଓ ଏବଂ ହଙ୍ଗ୍ ଜୁକ୍ସୁ ଯଥାକ୍ରମେ ୨୫୧.୮ ଓ ୨୩୦.୪ ପଏଣ୍ଟ ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଭାରତୀୟ ଶୁଟର ଚଣ୍ଡେଲା ପୂର୍ବରୁ ଅଲିମ୍ପିକ୍ ଲାଗି ଯୋଗ୍ୟତା ଅର୍ଜନ କରିସାରିଥିବାରୁ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଦୁଇ ଚାଇନିଜ ଶୁଟରଙ୍କୁ ୨୦୨୦ ଇଭେଣ୍ଟ ଯୋଗ୍ୟତା ମିଳିଛି। ସ୍ୱର୍ଣ୍ଣ ଜିତିବା ପରେ ଚଣ୍ଡେଲା କହିଛନ୍ତି, ପ୍ରତିଯୋଗିତାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ମିଳିଥିଲା। କିନ୍ତୁ ଅଭ୍ୟାସ ଓ କଦାପି ହାର ନ ମାନିବା ଗୁଣ ଯୋଗୁ ମୁଁ ଶୀର୍ଷ ସଫଳତା ପାଇଛି। ଆଗକୁ ଟୁର୍ନାମେଣ୍ଟ ଥିବାରୁ ମୋତେ ପ୍ରଦର୍ଶନରେ ଆହୁରି ସୁଧାର ଆଣିବାକୁ ପଡ଼ିବ।

## ଶ୍ରୀଲଙ୍କାର ସ୍ମରଣୀୟ ସିରିଜ ବିଜୟ

**ପୋର୍ଟ ଏଲିଜାବର୍ଥ, ୨୩।୨ (ଏଏଫ୍‌ପି)**

ଘରୋଇ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୧୯୭ ରନର ଛୋଟିଆ ଲକ୍ଷ୍ୟକୁ ଭ୍ରମଣକାରୀ ଶ୍ରୀଲଙ୍କା ଦଳ ୩ୟ ଦିବସରେ ୨ ଉଇକେଟ୍ ହରାଇ ହାସଲ କରିନେଇଛି। ଏହି ବିଜୟ ସହ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନ୍‌ସୁଇପ୍ କରିଛି। ଏଥିସହ ଶ୍ରୀଲଙ୍କା ପ୍ରଥମ ଏସିଆ ଦଳ ଭାବେ ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟ ସିରିଜ ଜିତି ଇତିହାସ ରଚିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ଶ୍ରୀଲଙ୍କା ରୋମାଞ୍ଚକ ଭାବେ ୧ ଉଇକେଟ୍‌ରେ ଜିତିଥିଲା।

ବିଜୟୀ ଶ୍ରୀଲଙ୍କା ପକ୍ଷରୁ ଦୁଇ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଓଶାଡ ଫର୍ନାଣ୍ଡୋ (୭୫ ରନ) ଓ କୁଶଲ ମେଣ୍ଡିସ (୮୪ ରନ) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁଇ ଓପନର୍ ଦିମୁଥ କରୁଣାରତ୍ନେ (୧୯) ଓ ଲାହିରୁ ଥିରିମାନେ (୧୦)ଙ୍କ ଉଇକେଟ୍ ହରାଇ ଶ୍ରୀଲଙ୍କା ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଫର୍ନାଣ୍ଡୋ ଓ ମେଣ୍ଡିସ ଅସମାପ୍ତ ୩ୟ ଉଇକେଟ୍ ଯୋଡ଼ିରେ ୧୬୩ ରନର ପାର୍ଟନରଶିପ୍ କରି ଘରୋଇ ଦଳର ବୋଲରଙ୍କୁ ଆଉ ଉଇକେଟ୍ ସୁଯୋଗ ଦେଇ ନ ଥିଲେ। ପୂର୍ବରୁ ଏହି ମ୍ୟାଚ୍‌ର ପ୍ରଥମ ଦୁଇ ଦିବସରେ ମୋଟ୍ ୩୧ଟି ଉଇକେଟ୍ ପତନ ହୋଇଥିଲା। ମେଣ୍ଡିସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ କୁଶଲ ପେରେରା ମ୍ୟାଚ୍ ଅଫ୍ ଦି ସିରିଜ ହୋଇଥିଲେ।

ଏହି ସିରିଜ ପୂର୍ବରୁ ଦକ୍ଷିଣ ଆଫ୍ରିକା ଘରୋଇ ମାଟିରେ ଶେଷ ୭ଟି ଟେଷ୍ଟ ସିରିଜରେ ବିଜୟ ଲାଭ କରିଥିଲା। ସେହିଭଳି ୧୯ ଟେଷ୍ଟରୁ ୧୬ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଥିଲା।

**ସଂକ୍ଷିପ୍ତ ସ୍କୋର**

ଦ.ଆଫ୍ରିକା ପ୍ରଥମ ଇନିଂସ: ୨୨୨/୧୦ (ଡି କକ୍ ୮୬, ଫର୍ନାଣ୍ଡୋ ୩/୬୨)।
ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୫୪/୧୦ (ଡିକୱେଲା ୪୨, ରାବାଡା ୪/୩୮)।
ଦ.ଆଫ୍ରିକା ୨ୟ ଇନିଂସ: ୧୨୮/୧୦ (ଡୁ ପ୍ଲେସିସ ୫୦, ସୂରଙ୍ଗ ଲାକମଲ ୪/୩୯)।
ଶ୍ରୀଲଙ୍କା ୨ୟ ଇନିଂସ- ୧୯୭/୨ (କୁଶଲ ୮୪*, ଷ୍ଟେଇନ ୧/୪୬)।

## ତେଜସରେ ଉଡ଼ିଲେ ସିନ୍ଧୁ

**ନୂଆଦିଲ୍ଲୀ,୨୩।୨:** ଭାରତୀୟ ଷ୍ଟାର ଶଟଲର ପି. ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନ କୋର୍ଟ ଉପରରେ ଯୁଦ୍ଧ ବିମାନରେ ଉଡ଼ିଛନ୍ତି। ଶନିବାର ଦେଶର ହାଲୁକା ଯୁଦ୍ଧ ବିମାନ (ଏଲସିଏ), ଦି ତେଜସକୁ ବେଙ୍ଗାଲୁରୁଠାରେ ଏରୋ ଇଣ୍ଡିଆ ୨୦୧୯ ବେଳେ ତାଙ୍କୁ କୋ ପାଇଲଟ ଭାବେ ଉଡ଼ିବାର ସୁଯୋଗ ମିଳିଛି। ସିନ୍ଧୁ ବାଇଗଣୀ ରଙ୍ଗର ପୋଷାକ ପରିଧାନ ସହ ସିଡି ସହାୟତାରେ ବିମାନର କକ୍‌ପିଟକୁ ପ୍ରବେଶ କରିଥିବା ଦୃଶ୍ୟ ଟୁଇଟରରେ ଶେୟାର କରିଛନ୍ତି। ସିଟ୍‌ରେ ବସିବା ପରେ ସେ ହାତ ହଲାଇଥିଲେ। ଏୟାର ଶୋର ଅନ୍ତିମ ଦିବସରେ ମହିଳା ଦିବସ ପାଳନ କରିବା ଅବସରରେ ସିନ୍ଧୁଙ୍କୁ ତେଜସ ଉଡ଼ିବାର ସୁଯୋଗ ମିଳିଥିଲା। ଏବେ ଠାରୁ ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ସିନ୍ଧୁଙ୍କ ବାୟୋଡାଟାରେ ତେଜସର ସହାୟକ ଚାଳକ ଭାବେ ଉଲ୍ଲେଖ କରିପାରିବେ। ସିନ୍ଧୁ ଏବେ ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଲାଗି ପ୍ରସ୍ତୁତ ହେଉଛନ୍ତି। ଏହି ସମ୍ମାନଜନକ ଇଭେଣ୍ଟ ବର୍ମିଂହାମଠାରେ ମାର୍ଚ୍ଚ ୬ ତାରିଖଠାରୁ ଆରମ୍ଭ ହେବ।

## ଦୂତୀଙ୍କୁ ସ୍ୱର୍ଣ୍ଣ, ଅମିୟ ବ୍ରୋଞ୍ଜ

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ପଟିଆଲାରେ ଶନିବାର ଇଣ୍ଡିଆନ ଗ୍ରାଁ ପ୍ରି-୧ ଅନୁଷ୍ଠିତ ହୋଇଯାଇଛି। ବର୍ଷର ଏହି ପ୍ରଥମ ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ସମ୍ପୂର୍ଣ୍ଣ ଷ୍ଟାଇଲରେ ନିଜର ଅଭିଯାନ ଆରମ୍ଭ କରିଛନ୍ତି। ଭାରତର ଦ୍ରୁତତମ ଧାବିକା ବିବେଚିତ ହେଉଥିବା ଏହି ଓଡ଼ିଆ ସ୍ପ୍ରିଣ୍ଟର ପଟିଆଲାରେ ମହିଳା ୧୦୦ ମିଟର ଦୂରତାକୁ ୧୧.୫୧ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣିମ

**ଇଣ୍ଡିଆନ ଗ୍ରାଁ ପ୍ରି-୧**

ସଫଳତା ପାଇଛନ୍ତି। ତାମିଲନାଡୁର ଧନଲକ୍ଷ୍ମୀ ଏସ୍ ୧୧.୯୮ ଓ ପଞ୍ଜାବର ଅମ୍ରିତ କୌର ୧୨.୪୭ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୧୦୦ ମିଟରରେ ଓଡ଼ିଶାର ଅମିୟ ମଲିକ ୧୧.୦୯ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ତାମିଲନାଡୁର ଦୁଇ ସ୍ପ୍ରିଣ୍ଟର ରାଜୀବ ଆରୋକିଆ(୧୦.୬୫) ଓ ଭି.କେ. ଇଲାକ୍କିୟା ଦଶନ(୧୦.୭୨) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଅଭିଜିତ ସାହୁ ୧୧.୮୦ ସେକେଣ୍ଡ ସହ ୮ମ ସ୍ଥାନରେ ରହି ରେସ୍ ଶେଷ କରିଛନ୍ତି। ଗ୍ରାଁ ପ୍ରି-୧ରେ ମୋଟ ୧୯ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା।



ସ୍ୱର୍ଣ୍ଣ ପଦକ ସହ ଦୂତୀ ଚାନ୍ଦ।

### ‘ରେସ୍ ଚ୍ୟାଲେଞ୍ଜପୂର୍ଣ୍ଣ ନ ଥିଲା’

୨୦୧୮ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତିବା ପରେ ଦୂତୀଙ୍କ ପାଇଁ ଏହା ଥିଲା ପ୍ରଥମ ଜାତୀୟ ପ୍ରତିଯୋଗିତା। “ରେସ୍ ସେତେଟା ଚ୍ୟାଲେଞ୍ଜପୂର୍ଣ୍ଣ ନ ଥିଲା। ମାତ୍ର ୩ ଜଣ ପ୍ରତିଯୋଗୀ ଏହି ଇଭେଣ୍ଟରେ ଭାଗ ନେଇଥିଲେ। ତେବେ ସିଜନର ପ୍ରଥମ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ମାନସିକ ଦୃଢ଼ତା ମିଳିଛି। ଗତବର୍ଷ ପ୍ରଥମ ଗ୍ରାଁ ପ୍ରିରେ ୧୧.୭୦ ସେକେଣ୍ଡ ସମୟ ନେଇଥିଲି। ଏଥର ୧୧.୫୧ରୁ ଆରମ୍ଭ କରିଥିବାରୁ ଆଗକୁ ଏଥିରେ ଉନ୍ନତି ହେବାନେଇ ମୁଁ ଦୃଢ଼ନିଶ୍ଚିତ। ଫେବୃୟାରୀ ୨୭ରେ ଦିଲ୍ଲୀରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ମୁଁ ୨୦୦ ମିଟରରେ ଭାଗନେବି। ଏହାପରେ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରିବି” ବୋଲି ପଟିଆଲାରେ ଥିବା ଦୂତୀ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲରେ ଦୋହାଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ହେବାକୁ ଯାଉଥିବାରୁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ତା ପୂର୍ବରୁ ୪ଟି ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜନ ପାଇଁ ନିଷ୍ପତ୍ତି ନେଇଛି।

## ଅନ୍ତିମ ଘରୋଇ ମ୍ୟାଚ୍‌ରେ କଶ୍ମୀରକୁ ଭେଟିବ ଆରୋଜ୍

**ଭୁବନେଶ୍ୱର, ୨୩।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଘରୋଇ ଇଣ୍ଡିଆନ୍ ଆରୋଜ୍ ରବିବାର ରିୟଲ କଶ୍ମୀରକୁ ଭେଟିବ। ଘରୋଇ ପରିବେଶରେ ଆରୋଜ୍ ତା’ର ଏହି ଶେଷ ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାରେ ଉନ୍ନତି କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଏହି ମ୍ୟାଚ୍ ଜିତି ପଦାର୍ପଣରେ ରିୟଲ କଶ୍ମୀର ତା’ର ଟାଇଟଲ ଆଶାକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି। କଶ୍ମୀର ୧୬ଟି ମ୍ୟାଚ୍ ଖେଳି ୯ଟି ବିଜୟ, ୫ଟି ଡ୍ର ଓ ୨ଟି ପରାଜୟ ସହ ମୋଟ ୩୨ ପଏଣ୍ଟ ପାଇଁ ପଏଣ୍ଟ ତାଲିକାର ତୃତୀୟ ସ୍ଥାନରେ ରହିଛି। ୫ ପଏଣ୍ଟ ଅଧିକ ପାଇ ଚେନ୍ନାଇ ଶୀର୍ଷରେ ରହିଥିବା ବେଳେ ଗୋଲ ବ୍ୟବଧାନ ବଳରେ ଇଷ୍ଟବେଙ୍ଗଲ ୩୨ ପଏଣ୍ଟ ପାଇ କଶ୍ମୀରକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଘରୋଇ ଆରୋଜ୍ ୧୮ଟି ମ୍ୟାଚ୍ ଖେଳି ୫ ବିଜୟ, ୨ ଡ୍ର ଓ ୧୧ଟି ପରାଜୟ ସହ ୧୭ ପଏଣ୍ଟ ଅର୍ଜନ କରି ଅଷ୍ଟମ ସ୍ଥାନରେ ରହିଛି। ଏହି ମ୍ୟାଚ୍ ନେଇ ଆରୋଜ କୋଚ୍ ଫ୍ଲଏଡ ପିଣ୍ଟୋ ବେଶ୍



କୋଚ୍ ଫ୍ଲଏଡ ପିଣ୍ଟୋ (ଡାହାଣ)ଙ୍କ ସହ ଦୀପକ ଟାଙ୍ଗ୍ରୀ।

**ଆଇ- ଲିଗ୍ ଫୁଟ୍‌ବଲ**

ଆଶାବାଦୀ ଅଛନ୍ତି। ଏହି ମ୍ୟାଚ୍ ଆମ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଅବଶ୍ୟ କାଶ୍ମୀରକୁ ହରାଇବା ସେତେଟା ସହଜ ନୁହଁ। କଶ୍ମୀର ଏଥର ଟାଇଟଲ ଦୌଡରେ ସାମିଲ ହୋଇଛି। ତେଣୁ ଆମକୁ ସୁବ୍ୟବସ୍ଥିତ ଢଙ୍ଗରେ ଖେଳିବାକୁ ହେବ ଓ ୩ ପଏଣ୍ଟ ହାସଲ କରିବାକୁ ପଡିବ ବୋଲି ପିଣ୍ଟୋ କହିଛନ୍ତି।

ଅପରପକ୍ଷରେ କଶ୍ମୀର ଲିଗ୍‌ରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି ଓ ଏହି ମ୍ୟାଚ୍ ଜିତି ୩୫ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନକୁ ଉଠିବା ଲକ୍ଷ୍ୟରେ ରହିଛି। ଆମ ପ୍ରସ୍ତୁତି ଭଲ ଅଛି। ଆମେ ଗତ ଗତ ତିନି ସପ୍ତାହ ଧରି ଖେଳିନାହୁଁ। ତେବେ ଆଉ ଏକ କଷ୍ଟସାଧ ମ୍ୟାଚକୁ ହାତେଇବୁ ବୋଲି କଶ୍ମୀର କୋଚ୍ ଡେଭିଡ ରବର୍ଟଶନ ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ କହିଛନ୍ତି। କ୍ରମାଗତ ୧୨ଟି ମ୍ୟାଚ୍ ଆମେ ଜିତିଛୁ ଓ ଏହି ଧାରା ବଜାୟ ରଖିବୁ ବୋଲି ସେ କହିଛନ୍ତି। କଶ୍ମୀରର କ୍ରିଜୋ, ଲଭଡେ, କାଟେବେ ଓ ମାସନ ରବର୍ଟଶନ କମାଲ କରି ଆରୋଜ୍‌କୁ ସମସ୍ୟାରେ ପକାଇବେ ବୋଲି ଆଶା କରାଯାଉଛି।

## ଜାତୀୟ ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୬

**ନୂଆଦିଲ୍ଲୀ, ୨୩।୨ (ପି.ଟି.)**

ବେଙ୍ଗାଲୁରୁରେ ଫେବୃୟାରୀ ୨୫ରୁ ଜାତୀୟ ମହିଳା ହକି କ୍ୟାମ୍ପ ଆରମ୍ଭ ହେବ। ଏଥିପାଇଁ ୩୩ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାର ୬ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ୍, ନମିତା ଟପ୍ପୋ, ଅନୁପା ବାର୍ଲା ଓ ରଶ୍ମିତା ମିଞ୍ଜ୍। ମୁଖ୍ୟ କୋଚ୍ ଜୋର୍ଡ ମାରିଜ୍‌ନେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୫ ସପ୍ତାହ ଧରି ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବା ବ୍ୟତୀତ ଖେଳାଳିମାନଙ୍କ ଫିଟ୍‌ନେସ, ବଲ୍ ହ୍ୟାଣ୍ଡଲିଂ ସ୍କିଲ୍ ଉପରେ ଗୁରୁତ୍ୱ ଦିଆଯିବ। ରାଣୀ ରାମପାଲଙ୍କ ନେତୃତ୍ୱରେ ଭାରତ ନିକଟରେ ସ୍ପେନ ଟୁର୍‌ରେ ଯାଇ ସେଠାରେ ଭଲ ପ୍ରଦର୍ଶନ କରିପାରିଛି। ସେଠାରେ ଭାରତ ଘରୋଇ ଦଳ ବିପକ୍ଷରେ ଗୋଟିଏ ବିଜୟ (୫-୨) ଓ ଗୋଟିଏ ପରାଜୟ (୨-୩) ବରଣ କରିଥିବାବେଳେ ଦୁଇଟି ମ୍ୟାଚ (୧-୧ ଓ ୨-୨) ଡ୍ର ରଖିବାରେ ସମର୍ଥ ହୋଇଥିଲା। ସୂଚନାଯୋଗ୍ୟ, ସ୍ପେନ ହେଉଛି ୨୦୧୮ ବିଶ୍ୱକପ୍ ବ୍ରୋଞ୍ଜ ପଦକ ବିଜୟୀ ଦଳ। ଭାରତ ଆହୁରି ମଧ ୨୦୧୮ ବିଶ୍ୱକପ୍ ରନର୍ସଅପ୍ ଆୟର୍ଲାଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଛି। ଏହି ଦଳ ବିପକ୍ଷରେ ଗୋଟିଏ ମ୍ୟାଚ ୧-୧ରେ ଡ୍ର ରଖିଥିବାବେଳେ ଅନ୍ୟଟିରେ ୩-୦ରେ ବିଜୟ ଲାଭ କରିଥିଲା। ଭାରତୀୟ ମହିଳା ହକି ଦଳ ଆଗକୁ ମାଲେସିଆ ଟୁର୍‌ରେ ଯିବ।



L&K | SAATCHI & SAATCHI

## ସଂକ୍ଷେପରେ

### କାର୍ କାଚ ଭାଙ୍ଗି ସୁନା ଲୁଟି ନେଲେ ଦୁର୍ବୃତ୍ତ

**ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.):** ଚଣ୍ଡିଖୋଲ ବଜାରର ଷ୍ଟେଟ ବ୍ୟାଙ୍କ ଛକରୁ ଖୋସାଲିପୁର ଗ୍ରାମକୁ ଯାଇଥିବା ରାସ୍ତା କଡ଼ରେ ଥିବା ବରଫ କଳ ନିକଟରୁ ଶନିବାର କେହି ଦୁର୍ବୃତ୍ତ କାର୍ କାଚ ଭାଙ୍ଗି ସୁନା ଲୁଟ୍ କରିଛନ୍ତି। ଏ ନେଇ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ଗ୍ରାମର ଜଣେ ବ୍ୟକ୍ତି ଝିଅ ବାହାଘର ପାଇଁ ତାଙ୍କ ସାଙ୍ଗଙ୍କ ସହ ଜାରକା ବଜାରରେ ଥିବା ଏକ ସୁନା ଦୋକାନରୁ ସୁନା କିଣିଥିଲେ। ଚଣ୍ଡିଖୋଲ-ଖୋସାଲିପୁର ରାସ୍ତା କଡ଼ରେ ଥିବା ବରଫ କଳ ମଧ୍ୟକୁ କୌଣସି ଜିନିଷ ଆଣିବାକୁ ଯିବାବେଳେ ରାସ୍ତା ଉପରେ କାର୍ (ଓଆର-୦୨ -ଏଏକ୍ସ-୦୦୮୫) ରଖିଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ କାର୍ କାଚ ଭାଙ୍ଗି ସୁନା ଲୁଟ୍ କରିଥିଲେ। ସୁନାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ବେହେରାଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ ମଧ ଲୁଟେରାଙ୍କର କୌଣସି ଟେର୍ ପାଇ ନ ଥିଲେ। ତେବେ ପୋଲିସ ଏତଲା ଗ୍ରହଣ କରି ଛାନଭିନ ଚଳାଇଥିଲା ବେଳେ ମାମଲା ରୁଜୁ କରି ନ ଥିବା ଫାଣ୍ଡି ଅଧିକାରୀ ବେହେରା ସୂଚନା ଦେଇଛନ୍ତ।

### ବେହତର୍ ଇଣ୍ଡିଆ ଅଭିଯାନ ଗୌରବ ଆଣିଲେ ଓଡ଼ିଆ ଛାତ୍ର ରିଷଭ



**ଭୁବନେଶ୍ୱର, ୨୩।୨(ବ୍ୟୁରୋ):** ପୁଣି ଜାତୀୟ ସ୍ତରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଓଡ଼ିଆ ପୁଅ ରିଷଭ। ଭୁବନେଶ୍ୱରର କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ର ରିଷଭ ସୁଆର ବେହତର ଇଣ୍ଡିଆ ଅଭିଯାନରେ ବାତାବରଣ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେ ୨୧,୦୦୦ କେଜି ରିସାଇକଲ୍ ବର୍ଜ୍ୟବସ୍ତୁ ସଂଗ୍ରହ କରି ଏହି ସଫଳତା ପାଇଛନ୍ତି। ନୂଆଦିଲ୍ଲୀଠାରେ ଆସନ୍ତା ୨୮ ତାରିଖରେ ହେବାକୁଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ପରିଣିତି ଚୋପ୍ରା ରିଷଭଙ୍କୁ ବ୍ରୋଞ୍ଜ୍ ମେଡାଲ୍ ପ୍ରଦାନ କରିବେ। ଏବେ ରିଷଭ ବେହତର ଇଣ୍ଡିଆ ଅଭିଯାନର ଦୂତ ହୋଇଛନ୍ତି। ଷଷ୍ଠ ଶ୍ରେଣୀରେ ପାଠ ପଢ଼ୁଥିବା ରିଷଭଙ୍କୁ ଏହି ସଫଳତା ହାସଲ କରିବାକୁ ଅନେକ ପଥ ଅତିକ୍ରମ କରିବାକୁ ପଡ଼ିଥିଲା। ସେ କିଟ୍ ବିଶ୍ୱବିଦ୍ୟାଳୟ, ପଡ଼ୋଶୀ ଓ ନିଜ ସ୍କୁଲ୍‌ରୁ ଖବରକାଗଜ, ନୋଟବୁକ୍, ପୁସ୍ତକ ଏବଂ ଅନ୍ୟାନ୍ୟ ରିସାଇକଲ୍ ହୋଇପାରୁଥିବା ସାମଗ୍ରୀ ସଂଗ୍ରହ କରୁଥିଲେ। ସ୍କୁଲ୍ ସମୟ ପରେ ମଧ ସେ ଏଥିପାଇଁ କାର୍ଯ୍ୟ କରୁଥିଲେ। ଏଥିସହ ବେହତର ଇଣ୍ଡିଆ ପାଇଁ ଡେଙ୍ଗୁ ସଚେତନତା ଉପରେ ସେ ଏକ ପୋଷ୍ଟର କରିଥିଲେ। ଅଭିଯାନର ଆୟୋଜକ ଡିଏଚ୍ଏଫ୍ଏଲ ପ୍ରାମେରିକା ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଅନୁପ ପାବି ରିଷଭଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେ ଏହି ଭଲ କାମ ଜାରି ରଖିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

■ ଡଙ୍କାରୀରେ ବେଆଇନ ଉତ୍ତୋଳନ ବାବଦକୁ ୨୫ କୋଟି ଜରିମାନା ନିର୍ଦ୍ଦେଶ

# ସ୍ଥଗିତାଦେଶ ଜାରି କଲା ଏନ୍‌ଜିଟି

**ଯାଜପୁର ଅଫିସ,୨୩।୨**

ବହୁଚର୍ଚ୍ଚିତ ଡଙ୍କାରୀରେ ଦୀର୍ଘ ୧୫ବର୍ଷଧରି ବେଆଇନ ଉତ୍ତୋଳନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ଦେଇଥିବା ନିର୍ଦ୍ଦେଶକୁ ସ୍ଥଗିତାଦେଶ ଜାରି କରିଛନ୍ତି। ସୁପ୍ରିମକୋର୍ଟରେ ହୋଇଥିବା ସିଭିଲ ଅପିଲ ନମ୍ବର ୧୦୧୧୩/୨୦୧୮ର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଏହି ସ୍ଥଗିତାଦେଶ ଜାରି ରହିବ ବୋଲି ଏନଜିଟିର ବିଚାରପତି ଆଦର୍ଶ କୁମାର ଗୋଏଲ, ଏସ୍‌ପିୱାଙ୍ଗଡି, କେ. ରାମକ୍ରିଷ୍ଣନ ଓ ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୧।୨।୨୦୧୯ରେ ରାୟ ଶୁଣାଇଛନ୍ତି। ଡଙ୍କାରୀରେ ହୋଇଥିବା ବେଆଇନ ଉତ୍ତୋଳନରେ ରାଜ୍ୟ ସରକାରଙ୍କୁ ଦାୟୀ କରି ଗତ ଜାନୁୟାରୀ ୪ତାରିଖରେ ଏନ୍‌ଜିଟି ୨୫କୋଟି ଟଙ୍କାର ଅନ୍ତରୀଣ ଜରିମାନା ନିର୍ଦ୍ଦେଶ ଦେଇଥିଲେ। ତେବେ ଡଙ୍କାରୀରେ ବେଆଇନ ଉତ୍ତୋଳନ ମାମଲା ଉପରେ ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ରହିତାଦେଶ ସମ୍ପର୍କରେ ଅବଗତ ନ ଥିବାରୁ ଏନ୍‌ଜିଟି ଏପରି ନିର୍ଦ୍ଦେଶ ଦେଇଥିଲେ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ଏହି ରହିତାଦେଶ ପରେ ଧର୍ମଶାଳା ତହସିଲର ସମ୍ପୃକ୍ତ ୧୧ ତହସିଲଦାର, ୧୦ ରାଜସ୍ୱ ନୀରିକ୍ଷକ, ୬ ଯାଜପୁର ଉପଜିଲାପାଳ ଓ ସଂପୃକ୍ତ ପଥର ବ୍ୟବସାୟୀଙ୍କୁ ଆସ୍ୱସ୍ତି ମିଳିଛି।

**ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲା ପ୍ରଶାସନ**

୨୦୧୯ ଜାନୁୟାରୀ ୪ରେ ଏନ୍‌ଜିଟି ମାମଲା(ନଂ.୬୦୪/୨୦୧୮)ର ଶୁଣାଣି କରି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(ସିପିସିବି)ଙ୍କ ନିକଟରେ ରାଜ୍ୟ ସରକାର ୧ମାସ ମଧରେ ୨୫କୋଟି ଟଙ୍କା ଅନ୍ତରୀଣ ଜୋରିମାନା ପଇଠ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ରାଜ୍ୟସରକାର ସମ୍ପୃକ୍ତ ଅଧିକାରୀଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କ ଠାରୁ ଉପରୋକ୍ତ ଅର୍ଥ ଆଦାୟ କରିବ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଥିଲା। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ, ବେଆଇନ ଖାଦାନ ଯୋଗୁ ରୋଗାଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟୀ(ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ହୋଇଥିଲା। ଏହି ନିର୍ଦ୍ଦେଶ ସରକାର ତଥା ପ୍ରଶାସନକୁ ଅଡୁଆରେ ପକାଇଥିଲା । ଏହି ରାୟ ବିରୋଧରେ ଜିଲା ପ୍ରଶାସନର ୨ ଜଣ ଅଧିକାରୀ ଗତ ୫ ଦିନ ହେଲା ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିବାକୁ ଦ୍ୱାରସ୍ଥ ହୋଇଥିଲେ। ଏନଜିଟି ରାୟ ଉପରେ ସୁପ୍ରିମକୋର୍ଟରେ ପୂର୍ବ ରହିତାଦେଶକୁ ଆଧାର କରି ୨୫ କୋଟି ଟଙ୍କା ଜରିମାନା ଉପରେ ରହିତାଦେଶ କରିବାକୁ ଜିଲା ପ୍ରଶାସନ ସଫଳ ହୋଇଛି। ଫଳରେ ଗତ ୨୩।୮।୨୦୧୬ରେ ଓଡିଶା ସିଭିଲ ସର୍ଭିସ ଧାରା–୧୫ ଅନୁଯାୟୀ ଡଙ୍କାରୀରେ ବିନା ପରିବେଶ ମଞ୍ଜୁରୀରେ ବେଆଇନ ଉତ୍ତୋଳନକୁ ସହଯୋଗ କରିଥିବା ଡଙ୍କାରୀ ସର୍କଲର ୧୦ଜଣ ରାଜସ୍ୱ ନିରୀକ୍ଷକଙ୍କ ସମେତ ଧର୍ମଶାଳା ତହସିଲର ୧୦ ଜଣ ତହସିଲଦାର ଓ ୬ ଜଣ ଯାଜପୁର ଉପଜିଲାପାଳ ଆଇନ ଜାଲରେ ଛନ୍ଦି ହେବା ପୂର୍ବରୁ ବର୍ତ୍ତି ଯାଇଛନ୍ତି । ଅନ୍ୟପକ୍ଷେ ଆବେଦନକାରୀ ସର୍ବେଶ୍ୱର ବେହୁରା କହିଛନ୍ତି ଗତ ଅଗଷ୍ଟ ୩୧ ତାରିଖର ଏନଜିଟି ରାୟ ବିରୋଧରେ ପଥର ବ୍ୟବସାୟୀ ଶ୍ରୀବାସ ଜେନା କେବଳ ରହିତାଦେଶ ଆଣିଛନ୍ତି। ଏହି ରହିତାଦେଶ ବଳରେ ଏନଜିଟି ୨୫କୋଟି ଟଙ୍କା ଜରିମାନା ନିର୍ଦ୍ଦେଶକୁ ସ୍ଥଗିତାଦେଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରହିତାଦେଶ ଉଠିଲେ ଏନଜିଟିର ରାୟ ପୁଣି ବଳବତ୍ତର ହେବା ନିଶ୍ଚିତ। ଏହି ମହାଦୁର୍ନୀତିରେ ସମ୍ପୃକ୍ତ କୌଣସି ଅଧିକାରୀ ବର୍ତ୍ତି ପାରିବେ ନାହିଁ ବୋଲି ସେ କହିଛନ୍ତି। ଏସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବାକୁ ପ୍ରଶାସନ ଚେଷ୍ଟା କରୁନାହିଁ । ସରକାରଙ୍କ ନିର୍ଦ୍ଦେଶମତେ ଓକିଲ ଜରିଆରେ ଏନଜିଟିରେ କେବଳ ନିଜର ପକ୍ଷ ରଖାଯାଇଥିଲା । ଧର୍ମଶାଳା ତହସିଲ ପକ୍ଷରୁ ଡଙ୍କାରୀରେ ବେଆଇନ ଉତ୍ତୋଳନ ବାବଦକୁ ଯେଉଁ ୫୮ କୋଟି ଟଙ୍କା ଡିମାଣ୍ଡ ହୋଇଛି ତାହା କିପରି ଅସୁଲ ହେବ ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

## ସୁରଥ ନିର୍ମାଣ କଲେ କଂକ୍ରିଟ୍ ଡଙ୍ଗା



ପାଞ୍ଚଗୋଛିଆ ମଠର ମହନ୍ତ ମହାରାଜ ରାଜ ରାଜେଶ୍ୱରୀ ଦାସ କଂକ୍ରିଟ ଡଙ୍ଗାର ଶୁଭାରମ୍ଭ କରୁଛନ୍ତି।

**ବିରଜାକ୍ଷେତ୍ର,୨୩।୨(ଡି.ଏନ୍.ଏ)**

କିଛି ନୂଆ କରିବାର ଦୃଢ଼ ଇଚ୍ଛାଶକ୍ତି ରଖୁଥିବା ବ୍ୟକ୍ତିଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ। ଏହାର ଅନେକ ଉଦାହରଣ ରହିଥିବା ବେଳେ ଏହାର ସଦ୍ୟ ଏକ ଉଦାହରଣ ପାଲଟିଛନ୍ତି ଯାଜପୁର ବ୍ଲକ ମାର୍କଣ୍ଡପୁର ପଞ୍ଚାୟତର ନିର୍ମାଣ ଶ୍ରମିକ ସୁରଥ ଯେନା। ନଦୀରେ ବ୍ୟବହୃତ ଡଙ୍ଗା ସାଧାରଣତଃ କାଠରେ ନିର୍ମିତ ହେଉଥିବା ବେଳେ ସୁରଥ ନିର୍ମାଣ କରିଛନ୍ତି ବାଲି ସିମେଣ୍ଟର ଏକ କଂକ୍ରିଟ୍ ଡଙ୍ଗା। ଏହି ଡଙ୍ଗା ଶନିବାର କମଳପୁର ଘାଟରେ ପାଞ୍ଚଗୋଛିଆ ମଠର ମହନ୍ତ ମହାରାଜ ରାଜ ରାଜେଶ୍ୱରୀ ଦାସଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ଡଙ୍ଗାକୁ ସୁରଥ ସିମେଣ୍ଟ, ବାଲି, କଂକ୍ରିଟ୍ ଓ ଜି.ଆଇ. ତାରରେ ନିର୍ମାଣ କରିଛନ୍ତି। ଡଙ୍ଗାଟି କାଠ ଓ ଲୁହାକଣ୍ଟା ପରିବର୍ତ୍ତେ ସିମେଣ୍ଟରେ ତିଆରି ହୋଇଥିବାରୁ ଗଛ କଟା କମିବା ସହିତ ପରିବେଶ ସୁରକ୍ଷା ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି। ଏହା ସହିତ କାଠ ଡଙ୍ଗାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଥିରେ ମାତ୍ର ୩୦ରୁ ୩୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହା ସୁରକ୍ଷିତଭାବେ ଯାତ୍ରୀଙ୍କୁ ନଦୀ ପାର କରାଇବାରେ ସହାୟକ ହୋଇପାରିବ ବୋଲି ଏହି ଡଙ୍ଗା ଶୁଭାରମ୍ଭ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ ପ୍ରକାଶ କରିଛନ୍ତି। ଯଦି ସୁରଥଙ୍କୁ ସରକାରୀ ପ୍ରୋତ୍ସାହନ ମିଳେ, ତେବେ ସେ ଆହୁରି ଅଧିକ ଜ୍ଞାନକୌଶଳ ବିକଶିତ ଡଙ୍ଗା ତିଆରି କରିପାରିବେ ବୋଲି କହିଛନ୍ତି। ଏହି ଉତ୍ସବରେ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର, ଭରତ ଚନ୍ଦ୍ର ଯେନା, ନିରଞ୍ଜନ ଯେନା, ଜଳଧର ବିଶ୍ୱାଳ, ଭରତ ଚନ୍ଦ୍ର ସାମଲ, ବାବନ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

NECC NATIONAL EGG CO-ORDINATION COMMITTEE 23.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 80 | 132 | 142 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers

■ ଓଏପିଏଫ୍‌ଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର ଘଟଣା

# ଭିଡିଓ ଭାଇରାଲ ଅଭିଯୋଗରେ ଶ୍ରମିକ ନେତା ଗିରଫ

**କୋରେଇ,୨୩।୨(ଡି.ଏନ.ଏ.)**

ପାଣିକୋଇଲି ଟୋଲ୍‌ଗେଟ ନିକଟରେ କାର୍ଯ୍ୟରତ ଦଳିତ ଶ୍ରେଣୀର ଓଏପିଏଫ(ଓଡିଶା ଅକ୍ଜିଲାରୀ ପୋଲିସ ଫୋର୍ସ) ରବୀନ୍ଦ୍ର ପୂର୍ତ୍ତିଙ୍କୁ ଯାଜପୁରରୋଡ ଥାନାଧିକାରୀଙ୍କ ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ ମାମଲା ଏବେ ପୁଣି ଭିନ୍ନ ମୋଡ଼ ନେଇଛି। ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କୁ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାର ୪ଦିନ ପରେ ଏହି ଘଟଣାର ଭାଇରାଲ କରିଥିବା ଅଭିଯୋଗରେ ପାଣିକୋଇଲି ପୋଲିସ ଶନିବାର ସନ୍ଧ୍ୟାରେ କଳିଙ୍ଗନଗର ଶ୍ରମିକ ସଂଘର ସମ୍ପାଦକ ପ୍ରତାପ କୁମାର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରତାପ ସନ୍ଧ୍ୟା ସାଢ଼େ ୫ଟାରେ ନୀଳାଚଳ ପ୍ଲାଣ୍ଟରୁ କାମ ସାରି ଘରକୁ ଫେରୁଥିବାବେଳେ ଗଣ୍ଡାନାଳା ଛକ ନିକଟରେ ପାଣିକୋଇଲି ପୋଲିସ ତାଙ୍କୁ ଗିରଫ କରିଥିଲା। ଫେକ୍ ଇମେଲ୍ ଆଇଡି କରି ଭିଡିଓ ଭାଇରାଲ କରୁଥିବା ଅଭିଯୋଗରେ ପୋଲିସ ପ୍ରତାପଙ୍କୁ ଗିରଫ କରିଥିବା କହୁଛି। ପ୍ରତାପଙ୍କ ବିରୋଧରେ ଆଇପିସି ଦଫା ୨୯୨, ୪୬୫,୪୭୯,୫୦୦ ଓ ଆଇଟି ଆକ୍ଟର ୬୬ ଓ ୬୭ ଲାଗିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୪ତାରିଖ ସନ୍ଧ୍ୟା ୭ଟା ସମୟରେ ପାଣିକୋଇଲି ଥାନା ପକ୍ଷରୁ ଓଏପିଏଫ ରବୀନ୍ଦ୍ର ପୂର୍ତ୍ତିଙ୍କୁ ପାଣିକୋଇଲି ଟୋଲ୍ ଗେଟରେ ନିୟୋଜିତ କରାଯାଇଥିଲା। ସେଠାରେ ଆମ୍ବୁଲାନ୍ସ ଗାଡି ପାଇଁ ଉଦ୍ଦିଷ୍ଟ ଲେନରେ ଯାଜପୁରରୋଡ ଥାନାଧିକାରୀ ମହାପାତ୍ର ସାଧା ପୋଷାକରେ ଏକ ଘରୋଇ ଗାଡିରେ ପଶି ଆସିବାରୁ ରବୀନ୍ଦ୍ର ତାଙ୍କୁ ବିରୋଧ କରିଥିଲେ। ଏଥିରେ ଥାନାଧିକାରୀ ଉତ୍‌କ୍ଷିପ୍ତ ହୋଇ ଜାତିଆଣ ଆକ୍ଷେପ କରିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରି ମାଡ ମାରିବାକୁ ଉଦ୍ୟମ କରିଥିଲେ ବୋଲି ପାଣିକୋଇଲି ଥାନାରେ ରବୀନ୍ଦ୍ର ଲିଖିତ ଅଭିଯୋଗ କରିଥିଲେ। ତେବେ ପାଣିକୋଇଲି ଥାନା ପୋଲିସ ପକ୍ଷରୁ ଅଭିଯୋଗ ପଞ୍ଜିକରଣ ହୋଇ ନ ଥିଲା। ଏହାପରେ ଗତ ୧୭।୧।୨୦୧୯ ତାରିଖରେ ଓଏପିଏଫ ରବୀନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପିଏମ୍–କିଷାନ ଯୋଜନାରେ ସହାୟତା ରାଶି ୧୦ହଜାର କର

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପିଏମ–କିଷାନ ଯୋଜନାର ବାର୍ଷିକ ସହାୟତା ରାଶି ୬ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଏଥିସହିତ ଏହି ଯୋଜନାରେ ଭୂମିହୀନ କୃଷି ଶ୍ରମିକ, ଭାଗ ଚାଷୀ ଓ ଚାଷ ହରାଉଥିବା ଦରିଦ୍ର କୃଷକ ପରିବାରଗୁଡିକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୨୦୧୯ ଫେବୃୟାରୀ ୧୧ ତାରିଖରେ ଭୂମିହୀନ କୃଷି ଶ୍ରମିକ, ଭାଗଚାଷୀ ଓ ଚାଷ ହରାଉଥିବା ଦରିଦ୍ର କୃଷକ ପରିବାରଗୁଡିକୁ ପିଏମ୍–କିଷାନ ଯୋଜନାରେ ସାମିଲ କରିବାକୁ ଚିଠି ଲେଖି ଅନୁରୋଧ କରିଥିଲି। ଉକ୍ତ ଚାଷୀମାନେ ରାଜ୍ୟ କୃଷିର ସର୍ବନିମ୍ନ ସ୍ତରରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏହି ବର୍ଗର

**ପ୍ରଧାନମନ୍ତ୍ରୀଙ୍କ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ**

ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆ ନ ଗଲେ ଗ୍ରାମାଞ୍ଚଳର ବିକାଶ ଓ ଦାରିଦ୍ର୍ୟ ଦୂର କରାଯାଇ ପାରିବ ନାହିଁ। କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ) ଯୋଜନାରେ ରାଜ୍ୟ ସରକାର କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା ଯୋଗାଇ ଦେଉନାହାନ୍ତି,ଏଥିରେ ଭୂମିହୀନ କୃଷି ଶ୍ରମିକ, ଭାଗଚାଷୀ ଓ ଚାଷ ହରାଉଥିବା କୃଷି ପରିବାରଗୁଡିକୁ ଏଥିରେ ସାମିଲ କରାଯାଇଛି। ଏହି ଯୋଜନାରେ ୩୦ରୁ ୪୦ ଲକ୍ଷ ଚାଷୀ ପରିବାରକୁ ୫ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯାଇଛି। ଏଥିରେ ୩.୧୦ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ମଧ୍ୟ ସାମିଲ କରାଯାଇଛି। ବର୍ଷକୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଦୁଇଟି କୃଷି ଋତୁ (ଖରିଫ ଓ ରବି) ରେ ୧୦ ହଜାର ଟଙ୍କା ଯୋଗାଇ ଦିଆଯିବ। ଏଥିସହିତ ଭୂମିହୀନ କୃଷି ଶ୍ରମିକଙ୍କୁ ସେମାନଙ୍କର ଜୀବନ ଧାରଣ ପାଇଁ ୧୨ ହଜାର ୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ଏହାଛଡା ଯେଉଁ ଚାଷୀ ପରିବାର ଆଉ ଚାଷ କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି ସେମାନଙ୍କ ଜୀବନ ଧାରଣ ପାଇଁ ୧୦ ହଜାର ଟଙ୍କା ଯୋଗାଇ ଦିଆଯିବ। ସେମାନଙ୍କ ପାଇଁ ୨ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଏବଂ ଦୁର୍ଘଟଣା ପାଇଁ ଆଉ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା କରାଯିବ। ଏହାଛଡା ୫୦ ହଜାର ଯାଏ କୃଷି ଋଣ ବିନା ସୁଧରେ ପ୍ରଦାନ କରାଯାଉଛି। ଏପରିକି ଚାଷୀ ପରିବାର ପିଲାଙ୍କୁ ବୈଷୟିକ ଶିକ୍ଷା ପାଇଁ ଛାତ୍ରବୃତ୍ତି ଦେବାକୁ ଏହି ଯୋଜନାରେ ବ୍ୟବସ୍ଥା ହୋଇଛି। ଉକ୍ତ ଯୋଜନାର ସହାୟତା ରାଶି ୧୦ ହଜାରକୁ ବୃଦ୍ଧି କରିବା ସହ ଭୂମିହୀନ କୃଷି ଶ୍ରମିକ, ଭାଗଚାଷୀ ଓ ଦୁର୍ବଳ କୃଷି ପରିବାରଗୁଡିକୁ ଉକ୍ତ ଯୋଜନାରେ ସାମିଲ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଈଶ୍ୱର ନାମ ଆଗରେ ଜାତି, ଧର୍ମର ବିଦ୍ୱେଷ ରହିବା ଉଚିତ ନୁହେଁ।

- ଗୁରୁ ନାନକ

## ସଂକ୍ଷେପରେ

### ପାଣିକୋଇଲି ବିଦ୍ୟୁତ୍ କାର୍ଯ୍ୟାଳୟରେ ଜଳ ସଙ୍କଟ

କୋରେଇ,୨୩।୨(ସ୍ୱ.ପ୍ର.)- ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ପାଣିକୋଇଲିସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଜଳ ସଙ୍କଟ ଦେଖାଦେଲାଣି। ଉକ୍ତ କାର୍ଯ୍ୟାଳୟ ପରିସରରେ ଥିବା ନଳକୂପରୁ ଖରାଦିନେ ପାଣି ନ ବାହାରିବାରୁ ବିଭାଗ ତରଫରୁ ୪ ବର୍ଷ ପୂର୍ବେ ଏକ ବୋରିଂ ଖୋଳାଯାଇଥିଲା। ମାତ୍ର କିଛି ଦିନ ତଳେ ଉକ୍ତ ବୋରିଂର ମୋକଟର ପୋଡ଼ିଯିବାରୁ ବିଭାଗୀୟ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟରତ କର୍ମଚାରୀଙ୍କ ସମେତ କାର୍ଯ୍ୟାଳୟକୁ ଆସୁଥିବା ଉପଭୋକ୍ତା ପାଣି ବୁନ୍ଦାଏ ପାଉନାହାନ୍ତି। ବିଭାଗୀୟ ଜେଇ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ବେଳେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

### ଡିଭାଇଡର ସହ ଲାଇଟ୍ ପୋଷ୍ଟ ଭାଙ୍ଗିଲା ଟ୍ରକ୍

କୋରେଇ,୨୩।୨(ସ୍ୱ.ପ୍ର.)- କୋରାଇ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଓଉପଦା ନିକଟରେ ଥିବା ଡାଇଭର୍ସନ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ୧୦ ଚକିଆ ଟ୍ରକ୍ (ଓଆର-୦୧ଏଲ-୪୫୨୫) ଭାରସାମ୍ୟ ହରାଇ ମାନିଯାଇଥିଲା। ସେଠାରେ ଥିବା ଲାଇଟ୍ ପୋଷ୍ଟ ମଧ୍ୟ ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ଜତୀୟ ରାଜପଥ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କୋରେଇ ଥାନାରେ ଏକ ମାମଲା (୨୮/୧୯) ରୁଜୁ ହୋଇଛି।

### ଶ୍ରୀଶ୍ରୀ ଦେବେଶ୍ୱରଙ୍କ ଦ୍ୱାଦଶ ବାର୍ଷିକୀ ସ୍ୱନକ୍ଷତ୍ର ଉତ୍ସବ

ଯାଜପୁର ଅଫିସ,୨୩।୨- ଯାଜପୁରରୋଡ ମହତାବନଗରସ୍ଥିତ ଶ୍ରୀଶ୍ରୀ ଦେବେଶ୍ୱର ମନ୍ଦିରର ଦ୍ୱାଦଶ ବାର୍ଷିକୀ ସ୍ୱନକ୍ଷତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ଦେବେଶ୍ୱର ମହାଦେବଙ୍କ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈକୁଣ୍ଠନାଥ ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ପକ୍ଷରୁ ଏକ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀ ବଶିଷ୍ଠ କୁମାର, ଅମିୟ କୁମାର, ତପସ୍ୱିନୀ, ଅଞ୍ଜଳି ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଶିତାଂଶୁ, ଶମରେନ୍ଦ୍ର ଓ ଜିତ୍ପ୍ରକାଶ ସହଯୋଗ କରିଥିଲେ। ମନ୍ଦିର କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସ୍ତୁତିଚାରଣ ସଭା

ସିଂହପୁର,୨୩।୨(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତ କଣଛନ୍ଦା ଗ୍ରାମର ଦୈତାରୀ ଦାସଙ୍କ ଏକାଦଶାହରେ ଶନିବାର ଯାଦବ ସଂଘ ପକ୍ଷରୁ ସ୍ତୁତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଯାଦବ ସଂଘ ସଭାପତି ରବୀନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିଲେ। ବ୍ରଜ କିଶୋର ଦାସ, ଅଶୋକ ଦାସ, ଚକ୍ରଧର ଦାସ, ବିଜ୍ଞାନ ଗୁରୁ, ସୁବାସ ପଲାଇ, ନିରଞ୍ଜନ ଦାସ, ବସନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

### ଶ୍ରୀମା'ଙ୍କ ଜନ୍ମୋତ୍ସବ ପାଳିତ

କୋରେଇ,୨୩।୨(ସ୍ୱ.ପ୍ର.)- ଯାଜପୁର ବ୍ଲକର ଭୂଇଁପୁରଠାରେ ମାତୃଭକ୍ତ ଗୁରୁଚରଣ ଭଞ୍ଜଙ୍କ ବାସଭବନରେ ଶନିବାର ଶ୍ରୀମା'ଙ୍କର ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଅରବିନ୍ଦଙ୍କର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମା'ଙ୍କର ନାମ ଜପ ଓ ସନ୍ଧ୍ୟାରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଗୁରୁଚରଣ ଭଞ୍ଜଙ୍କ ସମେତ ସୁମିତ୍ରା ଭଞ୍ଜ, ପ୍ରସନ୍ନ କୁମାର ଭଞ୍ଜ, ଦୀପକ କୁମାର ଭଞ୍ଜ, ରଶ୍ମିତା ଭଞ୍ଜ, ଇତିଶ୍ରୀ ବୋଇତେଇ, ତିଲୋତ୍ତମା ନାୟକ, ରିଆ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ଲକ ଅଧ୍ୟକ୍ଷାଙ୍କ ଆମରଣ ଅନଶନ ଚେତାବନୀ

ବରୀ,୨୩।୨(ସ୍ୱ.ପ୍ର.)
ବରୀ ବ୍ଲକରେ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଆଦି ଭତ୍ତା ବଣ୍ଟନରେ ପାତରଅନ୍ତର କରାଯାଉଛି। ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ ଏହାକୁ ବିରୋଧ କରିବା ସହ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ଭତ୍ତା ବଣ୍ଟନ କରାଯିବାକୁ ଶନିବାର ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ୭ ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ମାର୍ଚ୍ଚ ୧ ତାରିଖରୁ ବ୍ଲକ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ବରୀ ବ୍ଲକର ଲୋକ ପ୍ରତିନିଧି ସାମିଲ ହେବେ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବରୀ ବିଡିଓ, ଯାଜପୁର ଜିଲାପାଳ ଓ ବରୀ ଥାନାଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ଅଧ୍ୟକ୍ଷା ଦାସ କହିଛନ୍ତି।

# ଯୋଜନାରେ ଟଙ୍କା ଆସୁଛି, କାମରେ ଲାଗୁନି

ଯାଜପୁରରୋଡ,୨୩।୨(ନି.ପ୍ର.)

**କୋରେଇ ବ୍ଲକ**

- ବିଭିନ୍ନ ଯୋଜନାରେ ୫ କୋଟି ଟଙ୍କା ଅନୁଦାନ
- ପଲ୍ଲିସଭା ଓ ଗ୍ରାମସଭା ପାଇଁ କରାଯାଉନାହିଁ ନୋଟିସ୍
- ଯୁବକ ସଂଘ ଘରେ ଚାଲୁଛି ଅଙ୍ଗନୱାଡି କେନ୍ଦ୍ର

ଯାଜପୁର ଜିଲା କୋରେଇ ବ୍ଲକକୁ ବିଭିନ୍ନ ଯୋଜନାରେ ମିଳିଥିବା ୫ କୋଟି ଟଙ୍କାର ସରକାରୀ ଅନୁଦାନ କାର୍ଯ୍ୟରେ ଲାଗୁନି। ବ୍ଲକର କ୍ୱାର୍ଟର ନିର୍ମାଣ ଓ ମରାମତି ପାଇଁ ୧ କୋଟି ଟଙ୍କା ବର୍ଷେ ହେବ ମଞ୍ଜୁର ହୋଇଛି। ହେଲେ କ୍ୱାର୍ଟର ନିର୍ମାଣ କାର୍ଯ୍ୟ ହୋଇ ନ ପାରିବାରୁ ବ୍ଲକ କର୍ମଚାରୀ ୫ କି.ମି. ଦୂରରେ ଘର ଭଡା ନେଇ ରହୁଛନ୍ତି। ଗ୍ରାମସଭା ଓ ପଲ୍ଲି ସଭାରେ ଟଙ୍କା ଖର୍ଚ୍ଚ ହେବା ପାଇଁ ନିୟମ ରହିଛି। ଏଥିସହ ଏହି ସଭାରେ ଠିକାଦାର ଚୟନ କରାଯାଇ କାର୍ଯ୍ୟ ଦିଆଯିବା କଥା। କେତେକ ସ୍ଥାନରେ ପଲ୍ଲିସଭା ଓ ଗ୍ରାମସଭା କରିବା ପାଇଁ ବ୍ଲକ ପ୍ରାଶାସନ ପକ୍ଷରୁ ନୋଟିସ କରାଯାଉନାହିଁ। କେତେକ ଗ୍ରାମସଭାରେ ଗଣ୍ଡଗୋଳ ଯୋଗୁ ଠିକାଦାର ଚୟନ ହୋଇପାରୁନାହିଁ। ସେହିପରି ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ନିର୍ମାଣ ହୋଇପାରୁନାହିଁ। ଯୁବକ ସଂଘ ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଛି। କାର୍ଯ୍ୟାଳୟ ମରାମତି ପାଇଁ ଟଙ୍କା ଆସୁଥିଲେ ମଧ୍ୟ ତାହା ଖର୍ଚ୍ଚ ହୋଇପାରୁନାହିଁ। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଉକ୍ତ ବ୍ଲକରେ ପାଇଖାନା ନିର୍ମାଣ ସଫଳ ହୋଇପାରୁନାହିଁ। କୋରେଇ ବ୍ଲକରେ ଯୋଜନାଗୁଡିକ ଫଳପ୍ରଦ କରିବାରେ ଲୋକ ପ୍ରତିନିଧିଙ୍କ ଆନ୍ତରିକତା ନ ଥିବା ଜଣାପଡ଼ିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୋଖରୀ ଖନନରେ ମହାଦୁର୍ନୀତି ହୋଇଥିବା ଦେଖାଦେଇଛି। ଶ୍ରମିକମାନେ କାମ କରୁ ନ ଥିଲେ ମଧ୍ୟ ସେମାନଙ୍କ ନାମରେ ମିଥ୍ୟା ବିଲ୍ ହୋଇ ହଜାର ହଜାର ଟଙ୍କା ହେରଫେର ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୋରେଇ ବିଡିଓ ହେମନ୍ତ କୁମାର ବିହାରୀଙ୍କୁ ପଚାରିବାରୁ, ତାଙ୍କର ବଦଳି ହୋଇଯାଇଛି। ଦେଢ ବର୍ଷ ମଧ୍ୟରେ ବହୁ ଘାତ ପ୍ରତିଘାତରେ କାମ ହୋଇଛି। ବିଧାୟକ ଓ ବ୍ଲକ ଅଧ୍ୟକ୍ଷାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବ୍ଲକର ବିକାଶ ହୋଇପାରିଲା ନାହିଁ। ବ୍ଲକର କ୍ୱାର୍ଟର ନିର୍ମାଣ ପାଇଁ ୧ କୋଟି ଟଙ୍କା ଆସିଛି। ଟେଣ୍ଡର କରିବା ପାଇଁ ଜିଲାପାଳଙ୍କୁ ମାସେ ହେଲା ଚିଠି ଲେଖିଥିଲେ ମଧ୍ୟ ଟେଣ୍ଡର ହୋଇପାରିଲା ନାହିଁ ବୋଲି ସେ କହିଥିଲେ।

# ପିଠା କାର୍ଯ୍ୟକ୍ରମରେ ଶ୍ରେଷ୍ଠତା ପାଇଁ ସୁଙ୍ଗୁଡ଼ା ପଞ୍ଚାୟତ ପୁରସ୍କୃତ




ଜିଲାପାଳ ରଞ୍ଜନ କୁମାର ଦାସ ସୁଙ୍ଗୁଡା ସରପଞ୍ଚଙ୍କୁ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି ।

ଚଣ୍ଡିଖୋଲ, ୨୩।୨ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ଅଗ୍ରଗତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରତି ମାସରେ ପ୍ରତ୍ୟେକ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ କରାଯାଉଛି। ବଡ଼ଚଣା ବ୍ଲକର ସୁଙ୍ଗୁଡ଼ା ପଞ୍ଚାୟତ ପିଠା କାର୍ଯ୍ୟକ୍ରମକୁ ସଫଳ କରାଇଥିବାରୁ ବ୍ଲକ ମଧ୍ୟରେ ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଶନିବାର ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ୍ ସ୍ୱାଇଁଙ୍କୁ ସାର୍ଟିଫିକେଟ୍ ସହ ନଗଦ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶିର ଚେକ୍ ପ୍ରଦାନ କରିଛନ୍ତି। ଗତ ଜାନୁୟାରୀରେ ବଡ଼ଚଣା ବ୍ଲକରେ ହୋଇଥିବା ପିଠା କାର୍ଯ୍ୟକ୍ରମରେ ସୁଙ୍ଗୁଡ଼ା ପଞ୍ଚାୟତ ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ପାଇଛି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଜିଲା ପରିଷଦ ସଭାପତି ନରେଶ କୁମାର ମହାନ୍ତି, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁମତୀ ବାସ୍କେ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକଙ୍କ ସମେତ ଜିଲାର ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

**ବ୍ୟାସ ସରୋବର ମହୋତ୍ସବର ୯ମ ସନ୍ଧ୍ୟା**

# ପୌର ପରିଷଦ ପକ୍ଷରୁ ଅପମିଶ୍ରିତ ଖାଦ୍ୟ ଜବତ

ଯାଜପୁରରୋଡ,୨୩।୨(ନି.ପ୍ର.)

ବ୍ୟାସ ସରୋବର ମହୋତ୍ସବର ୯ମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ଶେଷ ହୋଇଆସୁଥିବା ବେଳେ ଦର୍ଶକଙ୍କ ଭିଡ ଜମିବାରେ ଲାଗୁଛି। ଶନିବାର ମହୋତ୍ସବ ପଡ଼ିଆରେ ପୌର ପରିଷଦ ପକ୍ଷରୁ ଚଢ଼ାଉ କରାଯାଇ ବିଭିନ୍ନ ଦୋକାନରେ ବିକ୍ରି ହେଉଥିବା ଅପମିଶ୍ରିତ ଖାଦ୍ୟ ଜବତ କରାଯାଇଛି। ମୟୂର ପୁଚ୍ଛର ଆଦର ବୃଦ୍ଧି ପାଇଥିବା ବେଳେ ଅଧିକାଂଶ ଦର୍ଶକ ମୟୂର ପୁଚ୍ଛ କିଣୁଥିବାର ଦେଖିବାକୁ ମିଳିଛି। ମୟୂର ପୁଚ୍ଛ ରଖିଲେ ଘରର ମଙ୍ଗଳ ହେବ ବୋଲି କୁହାଯାଏ। ମାଟି ହାଣ୍ଡି ମାଂସ, ଘୁଗୁନି, ଦୋସା, ପାଣି ଗଜା ନିକଟରେ ବିଶେଷ ଭିଡ ଜମୁଛି। ମହୋତ୍ସବସ୍ଥଳୀ ରାସ୍ତା ବିଶେଷକରି ମୁଣ୍ଡମାଳଠାରୁ ବ୍ୟାସ ସରୋବର ରାସ୍ତାର ଧୂଳି ଧୂଆଁ ଦର୍ଶକଙ୍କୁ ନାକେଦମ କରୁଛି। ପିଲାଙ୍କ ଖେଳନା ବିକ୍ରି ହେଉଛି। ବିଶେଷକରି ବେତ ସାମଗ୍ରୀ ଓ ହରେକମାଲ ଦୋକାନରେ ଭିଡ ଜମୁଛି। ସନ୍ଧ୍ୟା ସମୟରେ ହେଉଥିବା ଦକ୍ଷିଣା ପବନ ଓ ଆମ୍ବ ଗଛର ବଉଳ ବାସ୍ନା ଦର୍ଶକଙ୍କ ମନ କିଣି ନେଇଛି। ଶ୍ରଦ୍ଧାଳୁମାନେ ନିଜର ମାନସିକ ପାଇଁ ରାଘୁଜୀ ଗୋସାଇଁ ଓ ଗୁପ୍ତ ଗଙ୍ଗା ନିକଟରେ ଥିବା ବଉଳ ଗଛ ମୂଳେ କାମନା କରୁଥିବା ଦେଖା ଦେଇଥିଲା। ଚଳିତ ବର୍ଷ ମହୋତ୍ସବ ପେଣ୍ଡାଲ ନିମ୍ନମାନର ହୋଇଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷିତ ହୋଇପାରି ନ ଥିଲା। ୯ମ ସନ୍ଧ୍ୟାରେ ଓଲିଉଡ ଗୀତିକାର ହ୍ୟୁମାନ ସାଗର ଗ୍ରୁପର ଗୀତ ଓ ନାଚ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିଣିଥିଲା।



ପୌର ପରିଷଦ ପକ୍ଷରୁ ଅପମିଶ୍ରିତ ଖାଦ୍ୟ ଯାଞ୍ଚ କରାଯାଉଛି ।

### ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ରସୁଲପୁର,୨୩।୨(ଡି.ଏନ୍.ଏ.)

ଗତ ୧୪ତାରିଖରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ପକ୍ଷରୁ ଭାରତୀୟ ଯବାନଙ୍କ ଉପରେ ବର୍ବୋରଚିତ ଆକ୍ରମଣରେ ୪୦ଜଣ ପ୍ରାଣ ହରାଇଥିଲେ । ଏହି ଘଟଣାକୁ ୧୦ଦିନ ବିତିଲାଣି ଏବେ ବି ଦେଶର କୋଣ ଅନୁକୋଣରେ ଶୋକର ବାତାବରଣ ତାଜା ରହିଛି। ଅମର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ସମଗ୍ର ଭାରତ ଦେଶ ଶହୀଦଙ୍କ ପରିବାର ପଛରେ ଠିଆ ହୋଇଛି। ଏହି ଧାରାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ, ରସୁଲପୁର ବ୍ଲକ ଶାଖା ଯୋଡି ହୋଇଛି । ଶନିବାର ପୂର୍ବାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ମହାସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ଲକ ସଂଘର ସଭାପତି ବିଜୟ କୁମାର ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ ପାତ୍ର, ସହକାରୀ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ଶିକ୍ଷକ ନେତା ପ୍ରଶାନ୍ତ ସର, ଦେବରାଜ ମିଶ୍ର, ମହେନ୍ଦ୍ର ମଲିକ, ପ୍ରଦୀପ ପ୍ରଧାନ, ମାନସ ରଞ୍ଜନ ପୃଷ୍ଟି, ପ୍ରମୋଦ ବାରିକ, ଚିତ୍ତରଞ୍ଜନ ରଥ, ନିଳମଣୀ ଦାଶ ପ୍ରମୁଖ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଉକ୍ତ ସଭାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ୫ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ସେହିପରି ରସୁଲପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ମୁସଲିମ୍ ସଂପ୍ରଦାୟ ପକ୍ଷରୁ ଶନିବାର ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମିର୍ଜାପୁର ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇମାନେ ଶହୀଦ ଯବାନ ଅମର ରହେ, ପାକିସ୍ତାନ ମୁର୍ଦ୍ଦାବାଦ, ଭାରତ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାକାରୀମାନେ ମିର୍ଜାପୁର ବସ୍ତିରୁ ବାହାରି ମଧୁବନ ବଜାର ଦେଇ ବିଭିନ୍ନ ଗାଁ ପରିକ୍ରମା କରିଥିଲେ ।

# ଦ୍ୱିତୀୟ ପର୍ଯ୍ୟାୟ ସନ୍ଦେଶ ପଦଯାତ୍ରା



ସନ୍ଦେଶ ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ ।

ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.)

ବଡ଼ଚଣା କଂଗ୍ରେସ ତରଫରୁ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ସନ୍ଦେଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୯ ନଂ. ଜୋନର ନାନପୁର ଘାଇ ମୁହଁ ମଠ ନିକଟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପଦଯାତ୍ରା ଆରମ୍ଭ ହୋଇଥିଲା। ବାଲିଚନ୍ଦ୍ରପୁର, ପତରାଜପୁର ଓ ନଳିପୁର ପଞ୍ଚାୟତ ପରିକ୍ରମା କରି ଶେଷରେ ବାଉଜଙ୍ଗଠାରେ ଉଦ୍‌ଯାପିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ତଥା ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଶୁଭେନ୍ଦୁ ମହାନ୍ତି ଓ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲଙ୍କ ନେତୃତ୍ୱରେ ଦୀର୍ଘ ୧୨ କି.ମି. ପଦଯାତ୍ରା ସମୟରେ କଂଗ୍ରେସର ୧୩ ଦଫା ସମ୍ବଳିତ ନିର୍ବଚନୀ ଇସ୍ତାହାର ପ୍ରତ୍ୟେକ ପରିବାରକୁ ପ୍ରଦାନ କରାଯାଇଥିଲା। କଂଗ୍ରେସ ବିଜୟୀ ହେଲେ ଚାଷୀ ଓ ମହିଳାଙ୍କର ଉନ୍ନତି କରିବା ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନିତ କରିବ। ସାଧାରଣ ଲୋକଙ୍କୁ ବଞ୍ଚିବାର ଅଧିକାର ସହ ବାର୍ଦ୍ଧକ୍ୟ, ବିଧବା ଏବଂ ଭିନ୍ନକ୍ଷମ ଭତ୍ତା ୧୫ ଶହ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ନେତାମାନେ ସାଧାରଣ ଲୋକଙ୍କୁ ଭରସା ଦେଇଥିଲେ। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରତିକାନ୍ତ ପ୍ରଧାନ, ଫକୀର ମୋହନ ବଳ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ସେକ୍ ରିଆସତ୍ ଅଲ୍ଲୀ, ଗଗନ ବିହାରୀ ପରିଡ଼ା, ବିଶ୍ୱ ପ୍ରକାଶ ସାମଲ, ଜିଲା ସେବା ଦଳ ଅଧ୍ୟକ୍ଷ ଶ୍ରୀକାନ୍ତ ମଲିକ, ସଞ୍ଜୟ କୁମାର କର, ମତ୍ସଜୀବୀ କଂଗ୍ରେସ ସଭାପତି ଏକାଦଶୀ ସେଠୀ, ଅକ୍ଷୟ ସ୍ୱାଇଁ, ସେକ୍ ଅବଦୁଲ ମଜିଜ, କରୁଣାକର ରଣା, ଅଶୋକ ବେହେରାଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ପଦଯାତ୍ରାରେ ସାମିଲ ହୋଇଥିଲେ।

# ମା' ମଙ୍ଗଳାଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.)

ଚଣ୍ଡିଖୋଲ ନିକଟ ଖୋସାଲିପୁର ଗ୍ରାମରେ ମା' ମଙ୍ଗଳାଙ୍କର ୬ଷ୍ଠ ବାର୍ଷିକୋତ୍ସବ ଓ ହନୁମାନ ଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ଦିନ ଧରି ଚାଲିଥିବା ଏହି ଯଜ୍ଞର ପ୍ରାତଃ ସମୟରେ ଗୋପୂଜା, ସୂର୍ଯ୍ୟପୂଜା ସମ୍ପନ୍ନ ହେବା ପରେ ଯଜ୍ଞ ମଣ୍ଡପରେ ପଣ୍ଡିତ ବିଜୟ କରଙ୍କ ତତ୍ତ୍ୱାବଧାନରେ ଯଥାବିଧି ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ପ୍ରତାପ ଦେବ, କ୍ଷମାମୟୀ ଜେନା ଓ ଉପକର୍ତ୍ତା ଭାବେ ଉଦ୍ଧବ ଜେନା ଓ କାଦମ୍ବିନୀ ଜେନା ଯଜ୍ଞ ମଣ୍ଡପରେ ଉପସ୍ଥିତ ଥିଲେ। ଉଦ୍‌ଯାବନୀ ଦିବସର ସନ୍ଧ୍ୟାରେ ବୀଣାପାଣି କଳାପୀଠ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଯୁବନେତା ପ୍ରମୋଦ ଜେନାଙ୍କ ସଞ୍ଚାଳନରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଖବରଦାତା ଦେବବ୍ରତ ଦେବତା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ଯୋଗ ଦେଇଥିଲେ। ବୀଣାପାଣୀ କଳାପୀଠ ଅଧ୍ୟକ୍ଷ ବିପିନି ବିହାରୀ ସ୍ୱାଇଁ ଓ ନୃତ୍ୟ ଶିକ୍ଷୟିତ୍ରୀ ସୁଚିତ୍ରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ନୃତ୍ୟ ପରିବେଷଣ କରିଥିବା ସମସ୍ତ କଳାକାରଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଯଜ୍ଞ ଉତ୍ସବରେ ପ୍ରଶାନ୍ତ ଜେନା, ଅମର ନାୟକ, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତିଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଅନୁଷ୍ଠାନର ଆବାହକ ଦେବାଶିଷ ଜେନା, ସହଯୋଗୀ ଅକ୍ଷୟ ଜେନା, ପ୍ରଦୀପ ଜେନା, ସୁଶାନ୍ତ ସାହୁ, ମହେନ୍ଦ୍ର ଜେନା, ରିଙ୍କୁ, ଲିକୁ, ପପୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପଦପୂର୍ଣ୍ଣଭାବେ ପଡ଼ିରହିଛି ଦୁର୍ଘଟଣାଗ୍ରସ୍ତ ଟ୍ରକ୍

କୋରେଇ,୨୩।୨(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବ୍ରଜନଗରଠାରେ ଗତ ୧୨ ତାରିକରେ ଦୁର୍ଘଟଣାଗ୍ରସ୍ତ ହୋଇ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ଦିଆସିଲି ବୋଝେଇ ଟ୍ରକ(ଟିଏନ-୨୮-ବିବି-୬୭୨୭) ଅଦ୍ୟାବଧି ରାସ୍ତା ଉପରେ ପଡ଼ିରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାନବାହନଗୁଡ଼ିକ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଦୁର୍ଘଟଣା ଘଟିଥିବା ସ୍ଥାନର ମାତ୍ର ୨ଶହ ମିଟର ଦୂରରୁ ବୈତରଣୀ ପୋଲ ଆରମ୍ଭ ହୋଇଥିବାରୁ ଗାଡ଼ି ଚାଳକ ରାତିରେ ଉକ୍ତ ଟ୍ରକ ପଛରେ ପିଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଦୁର୍ଘଟଣାକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ଟ୍ରକ୍ ମାଲିକ କିମ୍ବା ପାଣିକୋଇଲି ପୋଲିସ ରାସ୍ତା ଉପରୁ ଟ୍ରକ୍ ହଟାଇବା ନିମନ୍ତେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗାଡ଼ି ଚାଳକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସୂଚନାଯୋଗ୍ୟ, ୧୬ ନଂ. ଜାତୀୟ ରାଜପଥର ରାଣିତାଲଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ଠିକା ନେଇଥିବା ଦିଲୀପ ବିଲ୍ଡକନ ନାମକ ସଂସ୍ଥାର ପାଟ୍ରୋଲିଂ ଗାଡ଼ି ଉକ୍ତ ରାସ୍ତା ଦେଇ ପ୍ରତିଦିନ ଯିବା ଆସିବା କରୁଛି। ଉକ୍ତ ଗାଡ଼ିରୁ ବାହାରିଥିବା ପାଉଁଶ ସଫା କରିବା କ'ଣ ସେମାନଙ୍କର ଦାୟିତ୍ୱ ପରିସରଭୁକ୍ତ ନୁହେଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।



ଜଳିଯାଇଥିବା ଟ୍ରକ ।

**ବାଲିଚନ୍ଦ୍ରପୁର-କୁଆଁପାଳ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ନିମ୍ନମାନର**

# ଥାନାରେ ଅଭିଯୋଗ କଲେ ସରପଞ୍ଚ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୩।୨
(ଡି.ଏନ.ଏ./ସ୍ୱ.ପ୍ର.)

ପୂର୍ତ୍ତ ବିଭାଗ ତରଫରୁ ବାଲିଚନ୍ଦ୍ରପୁର ବଜାରଠାରୁ କୁଆଁପାଳ ପର୍ଯ୍ୟନ୍ତ ଦୀର୍ଘ ୭ କି.ମି. ରାସ୍ତାର ପ୍ରଶସ୍ତୀକରଣ ସହ ମରାମତି କରାଯାଉଛି। କୌଣସି ଅଧିକାରୀ ଉପସ୍ଥିତ ନ ଥାଇ ଠିକାଦାର ମନମୁଖୀଭାବେ କାର୍ଯ୍ୟ କରୁଥିବାବେଳେ ଶୁକ୍ରବାର ରାତିରେ ସମ୍ପୃକ୍ତ ରାସ୍ତାଦେଇ କେତେଜଣ ବ୍ୟକ୍ତି ଆସିବା ସମୟରେ ପଡ଼ି ଆହତ ହୋଇଥିଲେ। ଫଳରେ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକ କହିବା ସହ ବାଲିଚନ୍ଦ୍ରପୁର ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା ଶୁକ୍ରବାର ରାତିରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବା ସହ ଠିକାଦାରଙ୍କ ଦୁଇ ଜଣ ବ୍ୟକ୍ତିଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦେଇଥିଲା।

ସୂଚନାଯୋଗ୍ୟ, ବାଲିଚନ୍ଦ୍ରପୁର-କୁଆଁପାଳ ପୂର୍ତ୍ତ ବିଭାଗ ରାସ୍ତାଟି କଟକ ପୂର୍ତ୍ତ ବିଭାଗ-୨ ଡିଭିଜନ ଅଧୀନରେ ଯାଉଛି। ୭ କି.ମି. ରାସ୍ତା ପାଇଁ ୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ କୌଣସି ସ୍ଥାନରେ ଫଳକ ଲାଗାଯାଇନାହିଁ। ଏହି ରାସ୍ତାର ପ୍ରଶସ୍ତୀକରଣ ସହ ମୋଟେଇ ପିଚୁ କରିବାର ନିୟମ ଥିଲା ବେଳେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରୁଥିବା କୁହାଯାଇଛି। ରାସ୍ତା ମଝିରେ କଲଭର୍ଟ ରହିଥିଲାବେଳେ କେତେକ ସ୍ଥାନରେ ଗଛ ମଧ୍ୟ ରହିଛି। ତେଣୁ ରାସ୍ତାକୁ ୧୮ ଫୁଟ ଚଉଡ଼ା କରିବାର ନିୟମ ବହୁ ସ୍ଥାନରେ ପାଳନ ହେଉନାହିଁ। ଏପରିକି ରାସ୍ତା ମଝିରେ କଲଭର୍ଟ ରହିବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଛି। ରାସ୍ତାକୁ ଚଉଡ଼ା କରିବାବେଳେ ନୂଆମାଟି ଉପରେ ପିଚୁ ପକାଇ ରାସ୍ତା କାମ ଶେଷ କରିଦେବା ପାଇଁ ଯୋଜନା ଚାଲିଥିଲା ବେଳେ ଏହି ରାସ୍ତା ଖୁବ୍ କମ୍ ଦିନ ମଧ୍ୟରେ ଫାଟିଯିବାର ସମ୍ଭବନା ସୃଷ୍ଟି ହୋଇଛି। ପ୍ରକାଶ ଯେ, ସମ୍ପୃକ୍ତ ରାସ୍ତା ମରାମତି ନାମରେ ଗତ ୩ ବର୍ଷ ମଧ୍ୟରେ ଦେଢ କୋଟିରୁ ଅଧିକ ଟଙ୍କାର ମିଥ୍ୟା ବିଲ୍ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଟକ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ପଚାରିବାରେ, ସେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ କିଛି କହିପାରିବେ। ଯେହେତୁ ସମ୍ପୃକ୍ତ ରାସ୍ତାର କାର୍ଯ୍ୟସ୍ଥଳକୁ ଯାଇନାହାନ୍ତି, ତେଣୁ କିଛି କହିପାରିବେ ନାହିଁ ବୋଲି ସେ କହିଥିଲେ।



- ୭ କି.ମି. ରାସ୍ତା ପାଇଁ ୭ କୋଟି ଟଙ୍କା ବ୍ୟୟବରାଦ
- ନିୟମ ମାନୁନାହାନ୍ତି ଠିକାଦାର, ବିଭାଗୀୟ ଅଧିକାରୀ
- ରାସ୍ତା ମଝିରେ ରହିଛି କଲଭର୍ଟ



ନିଷ୍ପାପର ଲୋକ ହିଁ ଅନ୍ୟର ନିଷ୍ଠାକୁ ଚିହ୍ନିପାରେ।
- କାର୍ଲାଇଲ୍

## ସଂକ୍ଷେପରେ

### ମୁଣ୍ଡିଆ ହନୁମାନ ପୀଠରେ ରାମଚରିତ ମାନସ ନବାହ୍ନ



**ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ରରେ ଗୁରୁବାରଠାରୁ ୯ ଦିନ ବ୍ୟାପୀ ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ୫ମ ବାର୍ଷିକ ଉତ୍ସବ ଅବସରରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ନିକଟସ୍ଥ ରଥିଆବନ୍ଧଠାରୁ ହନୁମାନ ଜୀଉଙ୍କ ଫଟୋଚିତ୍ରକୁ ଧରି ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାପୂର୍ବକ ପୀଠକୁ ଆସିଥିଲେ। ହନୁମାନ ଚାଳିଶା, ଅଙ୍କୁରାରୋପଣ ଓ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରବଚକମାନେ ପ୍ରଭୁ ଶ୍ରୀରାମଙ୍କ କଥାବସ୍ତୁ ଉପରେ ପ୍ରବଚନ ଦେଇଥିଲେ । ଯଜ୍ଞ ପୁରୋଧା ଭାବେ ଗୋବର୍ଦ୍ଧନ ଷଡ଼ଙ୍ଗୀ ଓ ବ୍ୟାସ ଭାବରେ ଶ୍ୟାମ ସୁନ୍ଦର ଦାସ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରବିବାର ପ୍ରବକ୍ତା ପଣ୍ଡିତ ବସନ୍ତ ବିଶୋଇଙ୍କ ଦ୍ୱାରା ସୀତାରାମ, ଶିବପାର୍ବତୀ ଆଦି ଆଧାତ୍ମିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ଦିବସରେ ପଣ୍ଡିତ ନିରଞ୍ଜନ ଶାସେନି ଓ ପଣ୍ଡିତ ଶ୍ୟାମ ସୁନ୍ଦର ଗୋଛିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି।

### ଚକ୍ଷୁ ଚିକିତ୍ସା ଶିବିର

**ଦଶପଲ୍ଲା,୨୩ା୨(ଡି.ଏନ.ଏ.):** ଦଶପଲ୍ଲା ମହାବୀର କଲ୍ୟାଣ ମଣ୍ଡପ ଠାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମପ୍ରମୋଦିନୀ ଫାଉଣ୍ଡେସନ୍ ଏବଂ ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ଦଶପଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୨୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିସହ ୬୦ଜଣଙ୍କୁ ଚଷମା ବଣ୍ଟନ କରାଯାଇଛି। ୨୦ଜଣ ରୋଗୀଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିବା ବେଳେ ରବିବାର ସେମାନଙ୍କୁ ଅସ୍ତ୍ରୋପଚାର ପାଇଁ କଟକ ନିଆଯିବ। ଦିଲ୍ଲୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ବାନାମ୍ବର ମାର୍ଥା, ଅଶ୍ୱିନ ସ୍ୱାଇଁ ଓ ଅନିରୁଦ୍ଧ ପରିଡା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ।

### ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା

**ଟାଙ୍ଗୀ (ଖୋର୍ଦ୍ଧା),୨୩ା୨(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ତାଳଡିହ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଟାଙ୍ଗୀ ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ଭୁଜବଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶିକ୍ଷାଗ୍ରହଣ ସମୟରେ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷୟିତ୍ରୀ ତେଜସ୍ୱିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଖେଳପଡ଼ିଆରୁ ବେଆଇନ ମୋରମ ଚାଲାଣ

**ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ**

ରଣପୁର,୨୩ା୨ (ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ତହସିଲ ଅଧୀନ ଡମସାହି ପଞ୍ଚାୟତସ୍ଥ ଟାଙ୍ଗୀ ସାହିରୁ ବେଆଇନ ମୋରମ୍ ଚାଲାଣ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ସ୍ଥାନୀୟ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟ ନିକଟରେ ରହିଛି ପ୍ରାୟ ୧୦ ଏକର ସରକାରୀ ଜମି। ତେବେ ଖେଳପଡ଼ିଆ ଭାବେ ବ୍ୟବହୃତ ହେଉଥିବା ଉକ୍ତ ଜମିରୁ ମାଫିଆମାନେ ବେଆଇନ ଭାବେ ଦିବାଲୋକରେ ମଧ୍ୟ ଜେସିବି ଲଗାଇ ମୋରମ୍ ନେଇଯାଉଥିବାରୁ ୧୦ରୁ୧୨ ଫୁଟ ଗଭୀର ପୋଖରୀ ସଦୃଶ୍ୟ ଗର୍ତ୍ତ ସୃଷ୍ଟିହୋଇଛି। ଏଥିପ୍ରତି ତହସିଲଦାରଙ୍କ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀଙ୍କୁ ହାତକରି ପ୍ରତିଦିନ ଶହ ଶହ ମୋରମ୍ ଟ୍ରାକ୍ଟରରେ ବୋଝେଇ କରି ବିକ୍ରି କରାଯାଉଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ରାଜନେତାଙ୍କ ଚାପରେ ଉକ୍ତ ବେଆଇନ କାର୍ଯ୍ୟକୁ ବନ୍ଦ ନ କରି ନୀରବଦ୍ରଷ୍ଟା ପାଲଟିଥିବା ଅଭିଯୋଗ ହୋଇଛି। ଏ ଘଟଣା ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ରଣପୁର ତହସିଲରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ରଣପୁର ତହସିଲଦାର କୌଣସି ମତାମତ ଦେଇ ନ ଥିବା ଜଣାପଡ଼ିଛି।



ବିଦ୍ୟାଳୟ ଖେଳପଡ଼ିଆରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# ଦୁଃଖ ଦେଉଛି ଦୂର ପରୀକ୍ଷା କେନ୍ଦ୍ର

ନୂଆଗାଁ,୨୩ା୨(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ନୟାଗଡ ଜିଲା ନୂଆଗାଁ ବ୍ଲକରେ ତାହା ଶାନ୍ତି ଶୃଙ୍ଖଳାରେ ପରିଚାଳିତ ହୋଇଯାଇଛି । ନୟାଗଡ ଜିଲାର ବିଭିନ୍ନ ପରୀକ୍ଷାକେନ୍ଦ୍ରରେ ଶିକ୍ଷା ବିଭାଗ ତରଫରୁ ସିସି କ୍ୟାମେରା ଲଗାଯାଇଥିବା ବେଳେ ନୂଆଗାଁ ବ୍ଲକ ମହୀପୁର ହାଇସ୍କୁଲରେ ନିଜସ୍ୱ ତରଫରୁ ସିସି କ୍ୟାମେରା ଲଗାଇ ପରୀକ୍ଷା ପରିଚାଳନା କରାଯାଉଛି। ପରୀକ୍ଷାର୍ଥୀମାନେ କିଭଳି ଶୃଙ୍ଖଳାର ସହ ପରୀକ୍ଷା ଦେବେ ସେଥିପାଇଁ ସିସି କ୍ୟାମେରାର ବ୍ୟବସ୍ଥା କରାଯାଇଥିବା କହିଛନ୍ତି ସ୍କୁଲ ପ୍ରଧାନ ଶିକ୍ଷକ ତଥା ପରୀକ୍ଷା ପରିଚାଳକ ନବକିଶୋର ନନ୍ଦ। ପରୀକ୍ଷାର୍ଥୀମାନେ ସୁରକ୍ଷିତ ଭାବେ ପରୀକ୍ଷା ଦେବା ପାଇଁ ଶିକ୍ଷା ବିଭାଗ ତରଫରୁ ବିଭିନ୍ନ ସୁବିଧା କରାଯାଉଥିବା ବେଳେ ସ୍କୁଲଠାରୁ ପରୀକ୍ଷା କେନ୍ଦ୍ରର ଅଧିକ ଦୂରତା ନେଇ ପରୀକ୍ଷାର୍ଥୀ ଓ ଅଭିଭାବକମାନଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି । ଉଲ୍ଲେଖଯୋଗ୍ୟ, ୨୦୧୨ ମସିହାରେ ନୂଆଗାଁ ହାଇସ୍କୁଲ କେନ୍ଦ୍ରରୁ ପରୀକ୍ଷା ଦେଇ ଫେରୁଥିବା ସମୟରେ ରାସ୍ତା ଦୁର୍ଘଟଣାରେ ୭ ଛାତ୍ରୀଛାତ୍ରଙ୍କ ସହ ଡ୍ରାଇଭରଙ୍କ ଜୀବନହାନି ଘଟିଥିଲା । ଏହାପରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ଦୃଷ୍ଟିରୁ ପରୀକ୍ଷାକେନ୍ଦ୍ରର ଦୂରତା ପ୍ରଥମେ ୫ କିଲୋମିଟର ଓ ପରେ ତାହା ୧୦ କିଲୋମିଟର ଭିତରେ କରାଯିବାର ନିୟମ କରାଯାଇଛି । କିନ୍ତୁ ନୂଆଗାଁ ବ୍ଲକରେ ତାହାର ତ୍ରୁଟି ପରିଲକ୍ଷିତ ହୋଇଛି। ପରୀକ୍ଷା ଦେବା ପାଇଁ ପିଲାମାନଙ୍କୁ ୧୮ କିଲୋମିଟର ଯିବାକୁ ପଡୁଛି । ବଲଣ୍ଡା ହାଇସ୍କୁଲ ଓ ବାହାଡାଝୋଲା ହାଇସ୍କୁଲ ପିଲାମାନେ ଏପରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦୂରତା ବିଷୟରେ ନୟାଗଡ ଜିଲା ଶିକ୍ଷାଧିକାରୀ ଶିବଶଙ୍କର ପ୍ରଧାନଙ୍କୁ ପଚାରିବାରେ ସେ କୁହନ୍ତି, ମୁଁ ଏଠାରେ କିଛିଦିନ ହେଲା ଯୋଗଦେଇଛି। ମୁଁ ଆସିବା ପୂର୍ବରୁ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ ସରିଥିଲା । ତେଣୁ କାହିଁକି ଏପରି କରାଯାଇଛି ମୁଁ କହିପାରିବି ନାହିଁ ।

■ କଳା ପ୍ରତିଭା ଅନ୍ୱେଷଣ ପରିଷଦର ବୈଠକ

# ପରମ୍ପରା ଉଜ୍ଜୀବିତ ହେଲେ କଳାର ବିକାଶ ହୋଇପାରିବ

ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର)

ସାମ୍ପ୍ରତିକ ସମାଜରେ ଯୁବପିଢ଼ି ଆଧୁନିକ ହେବାକୁ ଯାଇ ନିଜର ତଥା ଓଡିଶାର ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଉଛନ୍ତି। ଆଧୁନିକ ଯୁଗରେ ଜୀବନଶୈଳୀ ଲୋକମାନଙ୍କର ସମସ୍ତ ଚାଲିଚଳନକୁ ବଦଳାଇ ଦେଇଛି । ତେବେ ସମ୍ପ୍ରତି ବିଭିନ୍ନ ଅନୁଷ୍ଠାନ ପୁରାତନ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାହା ଆମର ପୁରାତନ କଳା ତଥା ସଂସ୍କୃତିର ବିକାଶ ଦିଗରେ ସହାୟତା ହେବ ବୋଲି ଶୁକ୍ରବାର କଣ୍ଟିଲୋ କଳା ପ୍ରତିଭା ଅନ୍ୱେଷଣ ପରିଷଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ବାପୁଜୀ ନଗର ରାମଲୀଳାସ୍ଥଳୀରେ ଆୟୋଜିତ ପାଲା, ସଂକୀର୍ତ୍ତନ ଓ ଭାଗବତ କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଉପସ୍ଥାପନ କରିଥିଲେ। କଟକ ଜିଲା ଅନ୍ତର୍ଗତ ନରସିଂହପୁର, ବଡମ୍ବା, ବାଲିଝରି, ନୟାଗଡ ଜିଲା ଅନ୍ତର୍ଗତ ଶିଖରପୁର, ବରପଲ୍ଲୀ, କଣ୍ଟିଲୋ ଆଦି ଅଞ୍ଚଳର ବହୁ ଅନୁଷ୍ଠାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂ ଏବଂ ଅନ୍ୟତମ ଅତିଥି ଭାବେ ନାଗରିକ ମଞ୍ଚ ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ନିଖିଳ ଉତ୍କଳ କଂସାରି ସମାଜର ସମ୍ପାଦକ ଶ୍ରୀପତି ମହାରଣା, ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ବଡବାଣପୁର ସମିତି ସଭ୍ୟ ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଆବାହକ ସରୋଜ କୁମାର ସାହୁ, ଦାଶରଥି ସାହୁ ଓ ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ବିଧାୟକ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ରାସ୍ତା ଆଲୋକୀକରଣର ଶୁଭାରମ୍ଭ

ଦଶପଲ୍ଲା,୨୩ା୨(ଡି.ଏନ.ଏ.)

ଦଶପଲ୍ଲା ଏନ୍‌ଏସିର ଅନ୍ଧାର ହୋଇଥିବା ରାସ୍ତା ଗୁଡିକୁ ଆଲୋକୀକରଣ କରିବା ନିମନ୍ତେ ଗ୍ରୀନ ଫିଲ୍ଡ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଦଶପଲ୍ଲା ଏନ୍‌ଏସିର ପିଙ୍କି ଛକଠାରୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆୟୋଜିତ ଉତ୍ସବରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ,ଏନ୍‌ଏସି ଅଧକ୍ଷା ବବିତା ସାହୁ, ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଉପାଧକ୍ଷ ପ୍ରକାଶ ସାହୁ ,ବିଧାୟକ ପ୍ରତିନିଧି ସୁଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଏନ୍‌ଏସିର ଅନ୍ଧାର ହୋଇଥିବା ରାସ୍ତା ଗୁଡିକରେ ଖୁଣ୍ଟପକାଇ ଯଥା ଶୀଘ୍ର ଆଲୋକି କରଣ କରାଯିବ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ ।

### ପ୍ରଧାନ ଶିକ୍ଷକଙ୍କୁ ଗ୍ୟାସର ସୁବ୍ୟବହାର ନିମନ୍ତେ ପରାମର୍ଶ

ଦଶପଲ୍ଲା,୨୩ା୨(ଡି.ଏନ.ଏ.)

ଶନିବାର ଦଶପଲ୍ଲା ବ୍ଲକଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ୨୪ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ ମାନଙ୍କୁ ଗ୍ୟାସ୍‌ର ସୁବ୍ୟବହାର ଏବଂ ରକ୍ଷଣା ବେକ୍ଷଣା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ପ୍ରକାଶ ଥାଉକି ୨୪ଟି ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ନିମନ୍ତେ ନୂତନ ଗ୍ୟାସ୍ ଓ ଗ୍ୟାସଚୁଲା ଯୋଗାଇ ଦେବା ନିମନ୍ତେ ସରକାରୀ ନିର୍ଦ୍ଦେଶ ନାମା ଆସିଛି । ବ୍ଲକ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ମାନଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଜାନୀ ଓ ଗ୍ୟାସ ବିତରକ ଯୋଗଦାନ କରି ବିଭିନ୍ନ ପରାମର୍ଶ ଦେଇଥିଲେ ।

# ଜଳସମ୍ପଦ ମୁଖ୍ୟଯନ୍ତ୍ରୀଙ୍କ ମହାନଦୀ କୂଳ ପଥର ପ୍ୟାକିଂ ପରିଦର୍ଶନ

ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର.)

ରାଜ୍ୟ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ. ସୁରେନ୍ଦ୍ର କୁମାର ପଣ୍ଡାଙ୍କ ସହ ବିଭାଗୀୟ ଡିଜାଇନ ଇଞ୍ଜିନିୟରମାନେ ଶନିବାର ଅପରାହ୍ନରେ ନୟାଗଡ଼ ଜିଲା ଗସ୍ତରେ ଆସି ମହାନଦୀ କୂଳ ପଥର ଲଚିଂ ପ୍ୟାକିଂ ପରିଦର୍ଶନ କରିଛନ୍ତି। ସମ୍ପ୍ରତି କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ମନ୍ଦିର ପାଦଦେଶସ୍ଥିତ ଉକ୍ତ ସ୍ଥାନ ପରିଦର୍ଶନରେ ଆସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନୟାଗଡ ଜିଲା ନିର୍ବାହୀଯନ୍ତ୍ରୀ ଅମରେନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ସହକାରୀ ଯନ୍ତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିବା ଜଣାପଡିଛି। ବିଶେଷତଃ ବନ୍ୟା ସମୟରେ ମହାନଦୀର ପ୍ରଖରସ୍ରୋତ ଯୋଗୁ ନଦୀକୂଳ ଅତଡ଼ା ଖାଉଥିବାରୁ ଏହି ପଥର ଲଚିଂ ଓ ପ୍ୟାକିଂ କାର୍ଯ୍ୟ ଚାଲୁରହିଅଛି । ପରିଦର୍ଶନ ସମୟରେ ଡିଜାଇନ ଚିଫ୍ ଇଞ୍ଜିନିୟର ପି.କେ.ମହାନ୍ତି, ଡିଜାଇନ ଡାଇରେକ୍ଟର ବିଜୟ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ଦୀନବନ୍ଧୁ ରାଉତ, କଣ୍ଟିଲୋ ସହକାରୀ ଯନ୍ତ୍ରୀ ଶଙ୍କର ଦଳାଇ ଓ ଭୁବନେଶ୍ୱର ଜଳସମ୍ପଦ ବିଭାଗ ଡିଜାଇନ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ଜନକଲ୍ୟାଣ କ୍ଲବ୍‌ର ବର୍ତ୍ତମାନ ଓ ପୂର୍ବତନ ସଭାପତି ଯଥାକ୍ରମେ ଶରତ ଚନ୍ଦ୍ର ମହାରଣା, ପ୍ରଭାକର ଶିରୋମଣି, ନୀଳମାଧବ ପୂଜକ ସମାଜର ସଦସ୍ୟ ନୀଳମାଧବ ମିଶ୍ର, ମନୋଜ କୁମାର ମିଶ୍ର, ନିହାର ରଞ୍ଜନ ମିଶ୍ର, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟଯନ୍ତ୍ରୀ ମହାନଦୀ ପଥର ପ୍ୟାକିଂ ପରିଦର୍ଶନ କରୁଛନ୍ତି।

# ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଶିଳାନ୍ୟାସ

**୧୮ କୋଟି ଟଙ୍କା ଅନୁଦାନ, ଦେଢ଼ ବର୍ଷରେ ସରିବ କାମ**

ଓଡ଼ଗାଁ, ୨୩ା୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣିପାଟଣା-କୁରାଳ-ସୁନାମୁହିଁ (୧୩.୪୦୦ କି.ମି) ଓ ଗୋଡିପଲ୍ଲୀ-କୁରାଳ(୫.୧୦୦ କି.ମି)ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଶନିବାର ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । ପ୍ରାୟ ୭/୮ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦ୍ୱାରା ଉଭୟ ରାସ୍ତା ନିର୍ମାଣ କରାଯାଇଥିଲା। ସମ୍ପ୍ରତି ପୂର୍ତ୍ତ ବିଭାଗ ଦ୍ୱାରା ୨ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ନିମନ୍ତେ ୧୩କୋଟି ୪୪ ଲକ୍ଷ ୯୬ ହଜାର ୧୯୦ ଟଙ୍କା ଓ ୪ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ଜଣାଯାଇଛି । ବିଭାଗୀୟ ସୂଚନା ଅନୁସାରେ, ୧୨୩ ଫୁଟ ଚଉଡ଼ା ଥିବା ଏହି ରାସ୍ତାକୁ ୧୮ ଫୁଟ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କରାଯିବ। କାର୍ଯ୍ୟାଦେଶ ପାଇଥିବା ସଂସ୍ଥା ୧୮ ମାସ ମଧ୍ୟରେ ଉଭୟ ରାସ୍ତାର କାର୍ଯ୍ୟ ଶେଷ କରିବା ନେଇ ସମୟ ନିର୍ଦ୍ଧାରଣ କରାଯାଇଛି । ଶିଳାନ୍ୟାସ ସମାରୋହରେ ବିଧାୟକଙ୍କ ସହିତ ଜିଲାପାଳ ଡ. ଏନ୍. ତିରୁମଲା ନାୟକ, ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଉପଧକ୍ଷା ବିରଜାଲକ୍ଷ୍ମୀ ସାହୁ, ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ, ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରା, ରଙ୍ଗଣୀପାଟଣା ସରପଞ୍ଚ ବିଦ୍ୟାଧର ସାହୁ ଓ କୁରାଳ ସରପଞ୍ଚ ଝିଲି ପ୍ରଧାନ ଉପସ୍ଥିତ ଥିଲେ ।

### ଲେଣ୍ଡୋରେ କଂଗ୍ରେସ ବୈଠକ

ନିରାକାରପୁର,୨୩ା୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତସ୍ଥିତ ମା'ଜାଗୁଲାଇଙ୍କ ପୀଠରେ ଶନିବାର କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ବିପିନ କୁମାର ଜୟସିଂହ, ମହେନ୍ଦ୍ର କୁମାର ବିଶ୍ୱାଳ, ରୂପେଇ ଖୁଣ୍ଟିଆଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ। କଂଗ୍ରେସ କିପରି ସଂଖ୍ୟା ଗରିଷ୍ଠତା ହାସଲ କରିପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

■ କାଳିଆ ଯୋଜନାରେ ନାମ ପଞ୍ଜୀକରଣ

# ଟଙ୍କା ପାଇବାରୁ ବଞ୍ଚିତ ଚାଷୀ

**ରଣପୁର,୨୩ା୨(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ନାମ ଥାଇ ସୁଦ୍ଧା ଟଙ୍କା ପାଇବାରୁ ଚାଷୀ ବଞ୍ଚିତ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୨ନଂ ୱାର୍ଡରେ । ୱାର୍ଡସ୍ଥିତ ୫୦ରୁ ଊର୍ଦ୍ଧ୍ୱ ଚାଷୀ କାଳିଆ ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ଅଧିକାଂଶ ଚାଷୀ ପ୍ରଥମ କିସ୍ତିର ଟଙ୍କା ଏପର୍ଯ୍ୟନ୍ତ ପାଇନାହାନ୍ତି। ଏନେଇ ସ୍ଥାନୀୟ ବ୍ୟାଙ୍କରେ ଅଭିଯୋଗ କଲେ ସରକାର ଟଙ୍କା ଦେଇ ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ତେଣୁ କାଳିଆ ଯୋଜନାକୁ ନେଇ ଚାଷୀମାନେ ସରକାରଙ୍କ ନିର୍ବାଚନୀ ଧୂଆଁ ବାଣ ବୋଲି ସମାଲୋଚନା କରିଛନ୍ତି । ରଣପୁର ୨ନଂ ୱାର୍ଡର ଚାଷୀ ପ୍ରମୋଦ କୁମାର ଦାସ, ବସନ୍ତ ଦେଇ, ଘନଶ୍ୟାମ ନାୟକ, ରଙ୍କ ବେହେରା ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ଚାଷୀ କୃଷି ବିଭାଗରେ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ନାମ ନେଟ୍‌ରେ ପ୍ରକାଶିତ ହୋଇଥିଲା । ପ୍ରଥମ କିସ୍ତିରେ ଏହି ୱାର୍ଡର କେତେଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଜମା ହୋଇଥିବାବେଳେ ଉପରୋକ୍ତ ଚାଷୀଙ୍କ ବ୍ୟାଙ୍କଖାତାକୁ ଟଙ୍କା ଆସିନି । ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜିଲା ବିଚାର ବିଭାଗୀୟ କର୍ମଚାରୀଙ୍କ ବାର୍ଷିକ ବୈଠକ

ନୟାଗଡ଼ ଅଫିସ,୨୩ା୨

ନୟାଗଡ଼ ଜିଲା ବିଚାର ବିଭାଗ କର୍ମଚାରୀ ସଂଘର ବାର୍ଷିକ ବୈଠକ ଖଣ୍ଡପଡ଼ାସ୍ଥିତ ଗୋକୁଳାନନ୍ଦ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ବିଚାର ବିଭାଗୀୟ କର୍ମଚାରୀ ସଙ୍ଗଠନ ତରଫରୁ ଏକ ବଣଭୋଜିର ବ୍ୟବସ୍ଥା ହୋଇଥିଲା। ସମସ୍ତ କର୍ମଚାରୀମାନଙ୍କ ଉପସ୍ଥିତିରେ ଜିଲାର ୪ ଜଣ ଅବସରପ୍ରାପ୍ତ ବିଚାର ବିଭାଗ କର୍ମଚାରୀଙ୍କୁ ଜିଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। କର୍ମଚାରୀ ସଙ୍ଗଠନର ପୂର୍ବତନ ସଭାପତିଙ୍କ ଅବସର ଯୋଗୁଁ ସର୍ବସମ୍ମତି କ୍ରମେ ଜିଲା ଅଦାଲତ ସିରସ୍ତାଦାର ଘାସିରାମ ବେହେରାଙ୍କୁ ନୟାଗଡ଼ ଜିଲା ବିଚାର ବିଭାଗୀୟ ସଙ୍ଗଠନର ସଭାପତି ଭାବେ ମନୋନୟନ କରାଯାଇଥିଲା।

# ଭୂମିହୀନଙ୍କୁ ଜମିପଟ୍ଟା, ଯୁବକଙ୍କୁ ରୋଜଗାର କାର୍ଯ୍ୟକ୍ରମ

ବୋଲଗଡ଼,୨୩ା୨(ଡି.ଏନ.ଏ.)

ଭୂମିହୀନଙ୍କ ପାଇଁ ସ୍ଥାୟୀପଟ୍ଟା ଏବଂ ବେକାର ଯୁବକମାନଙ୍କୁ ରୋଜଗାର ଯୋଗାଇଦେବା ଲକ୍ଷ୍ୟ ନେଇ ଭାଜପା ପକ୍ଷରୁ ଶନିବାର ଗେଡିଆପଲ୍ଲୀ ପଞ୍ଚାୟତସ୍ଥ ସାହସପୁର ଗ୍ରାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚାର ସମ୍ପାଦକ ପ୍ରକାଶ ବିଜୁଳିଙ୍କ ଆବାହକତ୍ୱରେ ଗ୍ରାମର ଆଦିବାସୀ ସାହିର ଲୋକମାନେ ଏଥିରେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକମାନଙ୍କୁ ଘର ଯୋଗାଇ ଦିଆଯିବ। ଯେଉଁ ପରିବାର ଭୂମିହୀନ ହୋଇଥିବେ ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ଯୋଗାଇ ଦିଆଯିବାର ଆବଶ୍ୟକତା ମଧ୍ୟ ରହିଛି ବୋଲି ବୈଠକରେ କୁହାଯାଇଥିଲା। ତେଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାଜପା ପକ୍ଷରୁ ଭୂମିହୀନଙ୍କଠାରୁ ଦରଖାସ୍ତ ଫର୍ମ ଗ୍ରହଣ କରାଯାଇଛି । ଯୋଗ୍ୟତା ଓ ଦକ୍ଷତା ଅନୁସାରେ ବେକାର ଯୁବକଙ୍କୁ ମଧ୍ୟ ରୋଜଗାର ଯୋଗାଇବା ନେଇ ଆଗାମୀ ଦିନରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାରେ ସୂଚନା ଦିଆଯାଇଛି।



ଘରଡିହ ପଟ୍ଟା ପାଇଁ ଆବେଦନ କରୁଥିବା ମହିଳାପୁରୁଷମାନେ।

# ଖଣ୍ଡପଡ଼ା ସର୍କଲରେ ବଢ଼ିଚାଲିଛି ଅପରାଧ

ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର)

- ଟେର୍ ପାଉନି ପୋଲିସ
- ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ
- ଲୁଟ୍, ଡକାୟତି ନେଇ ସାଧାରଣରେ ଆତଙ୍କ

ଖଣ୍ଡପଡ଼ା ପୋଲିସ ସର୍କଲରେ ଦିନକୁ ଦିନ ବଢ଼ି ଚାଲିଛି ଅପରାଧୀ ରାଜ । ଏହାକୁ ନେଇ ସାଧାରଣରେ ଆତଙ୍କ ଖେଳିଯାଇଛି। ଏଭଳି ପରିସ୍ଥିତିରେ ଅପରାଧୀଙ୍କୁ ଗିରଫ କରିବା ଦୂରେ ଥାଉ, ସେମାନଙ୍କ ସ୍ଥିତି ଓ ଆଡ୍ଡାର ଟେର୍ ପାଉନି ପୋଲିସ। ତେଣୁ ଖଣ୍ଡପଡା, ଫତେଗଡ, ମାଧପୁର, ପଥରଚକଡ଼ା, କଣ୍ଟିଲୋ, ବାଣପୁର, ଘଣାଶାଳିଆ, ରତନପୁର, କୁମୁଣ୍ଡି, ରାଜକିଆରୀ, ହଟିଆପଲ୍ଲୀ, ସିଧାମୂଳା, ଅକୁରାବନ୍ଧ ଗ୍ରାମ ସମେତ ଆଖପାଖ ଅଞ୍ଚଳର ବାସିନ୍ଦାମାନେ ନିଜର ଧନସମ୍ପଦ ଓ ଜୀବନ ସୁରକ୍ଷାକୁ ନେଇ ଚିନ୍ତିତ ଥିବା ଜଣାପଡ଼ିଛି । ଦିନରାତି ଯେତେବେଳେ ବି ରାସ୍ତାରେ ଲୋକେ ଯାତାୟାତ କଲାବେଳେ ଭୟଭୀତ ଥିବା ଜଣାପଡୁଛି।

ଉଲ୍ଲେଖଯୋଗ୍ୟ, ରାସ୍ତା ଦେଇ ଯାତାୟାତ କରୁଥିବା ବ୍ୟବସାୟୀମାନଙ୍କୁ ମାଉଜର ଆଦି ମାରଣାସ୍ତ୍ର ଦ୍ୱାରା ଆତଙ୍କିତ କରି ଅପରାଧୀ ଓ ଦୁର୍ବୃତ୍ତମାନେ ଲୁଟି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା । ଅପରାଧର ବହୁ ଦୃଷ୍ଟାନ୍ତ ଏଠାରେ ଦେଖିବାକୁ ମିଳେ। ଗତ ୨ ସପ୍ତାହ ତଳେ କଣ୍ଟିଲୋ ଅଞ୍ଚଳରେ କେତେଜଣ ଦୁର୍ବୃତ୍ତ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍ ସହ ତାଙ୍କ ସ୍କୁଟିକୁ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଥିଲା। ତେବେ ପୋଲିସ ବ୍ୟବସାୟୀଙ୍କ ସ୍କୁଟିକୁ କୁମୁଣ୍ଡି ଗ୍ରାମ ନିକଟରୁ ଉଦ୍ଧାର କରିଥିବାବେଳେ ଲୁଟେରାମାନଙ୍କୁ ଠାବ କରିବାରେ ବିଫଳ ହୋଇଛି । ସେହିପରି ଚଳିତ ବର୍ଷ ଫେବୃୟାରୀ ୧୨ ତାରିଖରେ କଟକ ଜିଲା ନରସିଂହପୁର ଅଞ୍ଚଳସ୍ଥ ଖଣ୍ଡପଡ଼ା-ନୟାଗଡ଼ ରାସ୍ତାର କଇଁଥପଲ୍ଲୀ ଗ୍ରାମ ନିକଟରେ ବୋମାମାଡ଼ କରି ଏକ ବେସରକାରୀ ଫାଇନାନ୍ସ କମ୍ପାନୀର ପିକ୍‌ଅପ୍ ଗାଡିରୁ ଲୁଟେରାମାନେ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ୨୦୧୮ ଫେବୃୟାରୀ ୧୬ ତାରିଖ ରାତି୭.୩୦ରେ ଏକ ପିକ୍‌ଅପ୍ ଭ୍ୟାନ ଯୋଗେ ଭୁବନେଶ୍ୱର ଅଞ୍ଚଳର ୨ଜଣ ବ୍ୟବସାୟୀ ଗଣିଆ ନିକଟସ୍ଥ ଗୋରୁହାଟକୁ ଛେଳି କିଣିବା ପାଇଁ ଯାଉଥିଲେ। ଦୁର୍ବୃତ୍ତମାନେ ଘଣାଶାଳିଆ ଗ୍ରାମ ଉପକଣ୍ଠରେ ବ୍ୟବସାୟୀଙ୍କ ଗାଡି ଉପରକୁ ବୋମାମାଡ଼ କରି ନଗଦ ୩ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଥିଲେ । ସେହି ମାସ ୨୧ ତାରିଖ ପୂର୍ବାହ୍ନ ୧୧.୩୦ରେ କଣ୍ଟିଲୋ ଅଞ୍ଚଳର ଯୁବ ବ୍ୟବସାୟୀ ଭୋମେଶ ଅଗ୍ରୱାଲ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଘଣାଶାଳିଆ ଗ୍ରାମ ନିକଟରେ ୨ ଲୁଟେରା ତାଙ୍କ ମୁଣ୍ଡରେ ମାଉଜର୍ ଲଗାଇ ୫ ଲକ୍ଷ ୫୦ହଜାର ଟଙ୍କା ଲୁଟି ନେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଅପରାଧୀଙ୍କ ସମ୍ପର୍କରେ ଟେର୍ ପାଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ୨୦୧୬ ମସିହା ସେପ୍ଟେମ୍ବର ୫ ତାରିଖ ରାତି ପ୍ରାୟ ୧୨.୧୫ରେ କଣ୍ଟିଲୋ ମେଡିକାଲ ଛକ ତଥା ଫାଣ୍ଡିର ଅଳ୍ପ ଦୂରରେ ଥିବା ଭଗବାନଦାସ ଅଗ୍ରୱାଲଙ୍କ ଗୋଦାମ ଘର ଲୁହା ଗ୍ରିଲ୍ ତାଲା ଭାଙ୍ଗି ତାଙ୍କ ବାକ୍ସରେ ଥିବା ନଗଦ ୨ ଲକ୍ଷ ଟଙ୍କା ଓ ବିଭିନ୍ନ ସାମଗ୍ରୀମାନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଲୁଟ୍‌ର ଅନୁସନ୍ଧାନ ସିସି କ୍ୟାମେରା ଫୁଟେଜ୍ ଅନୁସାରେ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅପରାଧୀ ଗିରଫ ହୋଇପାରିନାହାନ୍ତି। ସ୍ଥାନୀୟ ଯାତ୍ରାପଦା ବଜାରସ୍ଥିତ ଏକ ବିଦେଶୀ ମଦ ଦୋକାନରୁ ମଧ୍ୟ ଲକ୍ଷାଧିକ ନଗଦ ଟଙ୍କା ସହ ମଦ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏଥିରେ ମଧ୍ୟ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ତଥାପି ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର ବିଫଳତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ୨୦୧୭ ସେପ୍ଟେମ୍ବର ୧୫ ତାରିଖ ଭୋର ପ୍ରାୟ ୩ଟା ସମୟରେ ବଳରାମ ପ୍ରସାଦ ଗ୍ରାମ ରାସ୍ତା ପାର୍ଶ୍ୱ ତଥା ଅକୁରାବନ୍ଧ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ସନାତନ ଲେଙ୍କାଙ୍କ ଘରେ ୪ଜଣ ଦୁର୍ବୃତ୍ତ ଘରର ମୁଖ୍ୟ ଫାଟକ, ଗ୍ରିଲ୍ ତାଲା ଭାଙ୍ଗି କବାଟ ତାଡି ଘର ମଧ୍ୟରେ ପ୍ରବେଶ କରିଥିଲେ। ଘରମାଲିକ ଲେଙ୍କାବାବୁ ଓ ତାଙ୍କ ପତ୍ନୀଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ନଗଦ ୭୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ । ଏଭଳି ଅନେକ ଆପରାଧିକ ଘଟଣାରେ ବିଫଳ ହୋଇଥିବା ଖଣ୍ଡପଡ଼ା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି । କଣ୍ଟିଲୋ ପୋଲିସ ଫାଣ୍ଡି ଅଧୀନ ବିଭିନ୍ନ ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବାବେଳେ ପୋଲିସର ଏଭଳି ଅପାରଗତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କଣ୍ଟିଲୋ ଫାଣ୍ଡି ଅଧିକାରୀ ରଘୁନାଥ ଷଡ଼ଙ୍ଗୀ ଏ ନେଇ କହିଛନ୍ତି, ନୟାଗଡ ଓ କଟକ ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳସ୍ଥ ସିଧାମୂଳା ସେତୁଦେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଉଛନ୍ତି। ଅନ୍ୟ ଜିଲାରୁ ଆସି ଅପରାଧ ଘଟାଉଥିବାରୁ ଦୁର୍ବୃତ୍ତଙ୍କୁ ଠାବ କରିବାରେ ବିଳମ୍ବ ହେଉଛି । ତେବେ ସନ୍ଦେହ ଘେରକୁ ଅଣାଯାଇ କେତେଜଣଙ୍କୁ ପଚରାଉଚରା ସହ ଅନୁସନ୍ଧାନ ଜାରି ରହିଥିବା ପୋଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି ।



ଈଶ୍ୱର ନାମ ଆଗରେ ଜାତି, ଧର୍ମର ବିଦ୍ୱେଷ ରହିବା ଉଚିତ ନୁହେଁ।

- ଗୁରୁ ନାନକ



## ଏଇ ସପ୍ତାହର କାର୍ଯ୍ୟକ୍ରମ

■ **୨୪ ତାରିଖ (ରବିବାର)**
ପରମ୍ପରା ଅନୁଷ୍ଠାନର ସ୍ୱନକ୍ଷତ୍ର ସାରସ୍ୱତ ସମାରୋହ, ସ୍ଥାନ- ସେବା ସଭାଗୃହ, ପୁରୁଣା ବସ୍‌ଷ୍ଟାଣ୍ଡ, ନୟାଗଡ଼, ସମୟ- ପୂର୍ବାହ୍ନ ୧୦ଟା

■ **୨୫ ତାରିଖ (ସୋମବାର)**
ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ- ବ୍ଲକ କାର୍ଯ୍ୟାଳୟ ପରିସର, ଗଣିଆ, ସମୟ- ପୂର୍ବାହ୍ନ ୧୧ଟା

■ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ- ନୀଳମାଧବ ବିହାର, କଣ୍ଟିଲୋ, ଖଣ୍ଡପଡ଼ା, ସମୟ- ଅପରାହ୍ନ ୪ଟା

## ସଂକ୍ଷେପରେ

### ବେଆଇନ୍ ପଥରଖଣି ଉପରେ ଚଢ଼ାଉ

**ଦଶପଲ୍ଲା,୨୩।୨(ଡି.ଏନ.ଏ.):** ଦଶପଲ୍ଲା ତହସିଲ ଅନ୍ତର୍ଗତ ସ୍ଥାନୀୟ ପୋଇବାଡି ସ୍ଥିତ ମଳିକ ପାହାଡ ଉପରେ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିବା ବେଳେ ୨ଶହ ୫୦ ଟ୍ରିପ୍‌ରୁ ଉର୍ଦ୍ଧ୍ୱ ମେଟାଲ ଓ ଚିପସ୍ ଜବତ କରାଯିବା ସହ ୩ଟି ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏପରିକି ଦୀର୍ଘଦିନ ଧରି ବେଆଇନ ଭାବେ ପାହାଡରେ ପଥରଖଣି ଚଳାଇ ଆସିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।

### ଶ୍ରୀ ରାଧାମାଧବଜୀଉଙ୍କ ୪ର୍ଥ ବାର୍ଷିକ ମହୋତ୍ସବ



**ଗଣିଆ,୨୩।୨(ଡି.ଏନ.ଏ.):** ଗଣିଆ ଗଣିଆ ବ୍ଲକ ମାଳତିପୁଟ ଗ୍ରାମରେ ବିରାଜିତ ଶ୍ରୀ ଶ୍ରୀ ରାଧାମାଧବ ଜୀଉଙ୍କ ୪ର୍ଥ ବାର୍ଷିକ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିନିମିତ୍ତ ଗତ ଗୁରୁବାର ଶୁଭାଧିବାସ, ଶୁକ୍ରବାର ୧୦୮ କଳସ ଯାତ୍ରା,ସୂର୍ଯ୍ୟପୂଜା ଓ ଘୃତଯଜ୍ଞ ଆରମ୍ଭ କରାଯାଇଥିଲା । ଶନିବାର ସକାଳୁ ବିଭିନ୍ନ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଅପରାହ୍ନରେ ଉପସ୍ଥିତ ବହୁ ସାଧୁସନ୍ଥ, ବ୍ରହ୍ମଚାରୀ ଓ ବ୍ରାହ୍ମଣ ମନ୍ଦିରରେ ବିରାଜିତ ଶ୍ରୀ ଶ୍ରୀ ରାଧାମାଧବ ଜୀଉଙ୍କ ପୂଜାର୍ଚ୍ଚନା ପରେ ଘୃତଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶ୍ରୀମଦ୍ ଭାଗବତ ଗୀତା ପାଠ କରାଯାଇଥିଲା। ରବିବାର ପୂର୍ବାହ୍ନରେ ନଗରକୀର୍ତ୍ତନ କରାଯାଇ ଏହି ମହୋତ୍ସବକୁ ଉଦ୍‌ଯାପନ କରାଯିବ ବୋଲି ଗ୍ରାମବାସୀଙ୍କ ତରଫରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ଗତ୨୦୧୫ ମସିହାରେ ମାଳତିପୁଟ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ।

### ସାହି ବୁଲିଲେ ଭାଜପା ନେତ୍ରୀ



**ଭାପୁର,୨୩।୨(ଡି.ଏନ୍.ଏ.):** ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳଙ୍କ ପ୍ରସ୍ତୁତି ଓ ଜନସମ୍ପର୍କ ସେତେ ଜୋର୍ ଧରୁଛି। ବିଜେଡିର ଭୋଟ ବ୍ୟାଙ୍କକୁ ଭେଦ କରି ଭାପୁର ବ୍ଲକରେ ଭାଜପା ନିଜର ସ୍ଥିତି ସୁଦୃଢ଼ କରିବାରେ ଲାଗିଛି। ଶନିବାର ମଧ୍ୟାହ୍ନରେ ଭାଜପାର ମହିଳାନେତ୍ରୀ ଇଂ ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଜିଲା ଉପସଭାପତି ପ୍ରଦୀପ ପଟ୍ଟନାୟକ, ମଣ୍ଡଳ ସଭାପତି ତଥା ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ମନମୋହନ ସାମନ୍ତରାୟ, ଗୋବିନ୍ଦ ଖୁଣ୍ଟିଆ, ସତୁଆ ସାହୁ, ଘନ ନାଏକ ଓ ସନାତନ ମଲିକ ପ୍ରମୁଖ ଯୋଗଦେଇଥିଲେ। ଭାଜପା ନେତାମାନେ ହରିଜନ ବସ୍ତିରେ ସାହି ଲୋକଙ୍କ ସହିତ ଏକତ୍ର ଭୋଜନ କରିଥିଲେ। ନେତ୍ରୀ ଦାଶ ସେମାନଙ୍କ ଦୁଃଖ ସୁଖରେ ସାମିଲ ହୋଇ ଦଳକୁ ମଜଭୁତ କରିବାର ଚେଷ୍ଟା ଚଳାଇଛନ୍ତି।

■ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

# ରାତି ୧୧ଟାରେ ଉଠିବ ମହାଦୀପ

**ନୟାଗଡ଼ ଅଫିସ,୨୩।୨**

### ସାଦା ପୋଷାକରେ ମୁତୟନ ହେବେ ପୋଲିସ କର୍ମଚାରୀ




ଜିଲାପାଳଙ୍କ ସମେତ ଯୋଗ ଦେଇଥିବା ଅନ୍ୟାନ୍ୟ ଅଧିକାରୀମାନେ।

ନୟାଗଡ଼ ଜିଲା ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ମହାଶିବରାତ୍ରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ଡାକବଙ୍ଗଳାଠାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ଉପଜିଲାପାଳ ତଥା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ସାହୁ, ଓଡ଼ଗାଁ ତହସିଲଦାର ପ୍ରମୋଦ କୁମାର ନାୟକ, ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ରାତ୍ର ୧୧ଟାରେ ମହାଦୀପ ଉଠିବ ବୋଲି ବୈଠକରେ ସ୍ଥିର ହୋଇଛି। ମାର୍ଚ୍ଚ ୪ ତାରିଖରେ ମହାଶିବରାତ୍ରି (ଜାଗର) ପଡୁଛି। ଏହି ଅବସରରେ ମନ୍ଦିର ଭୋର ୩ଟାରୁ ଖୋଲାଯାଇ ଠାକୁରଙ୍କ ପହଡ଼ ଭଙ୍ଗାଯିବ। ୪ଟା ମଧ୍ୟରେ ଅବକାଶ ନୀତି ସମାପନ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାରହିବ। ଏହି ସମୟରେ ବୋଲବମ୍ ଭକ୍ତମାନଙ୍କ ପାଇଁ ଜଳ ଲାଗି କରାଯିବାର ସୁଯୋଗ ଦିଆଯିବ ନାହିଁ। ସକାଳ ୭ଟା ୩୦ ମିନିଟରୁ ୧୦ଟା ଯାଏ ମନ୍ଦିର ମଧ୍ୟରେ ସକାଳର ସମସ୍ତ ପୂଜାନୀତି ସମାପନ କରାଯିବ। ଏହାପରେ ସନ୍ଧ୍ୟା ୬ଟା ୩୦ ଯାଏ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ଏକ ଘଣ୍ଟା ମନ୍ଦିର ବନ୍ଦ କରାଯାଇ ଠାକୁରଙ୍କ ପୂଜାନୀତି ସମାପନ କରାଯିବ। ପୁନର୍ବାର ସନ୍ଧ୍ୟା ୭ଟା ୩୦ମିନିଟରୁ ରାତ୍ର ୧୦ଟା ଯାଏ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ୧୦ଟା ୩୦ରେ ଲଡୁବାବାଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ବେଢ଼ା ପରିକ୍ରମା କରିବେ। ଏହା ପରେ ରାତ୍ର ୧୧ଟାରେ ମହାଦୀପ ଉଠିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଠାକୁରଙ୍କ ବେଢ଼ା ପରିକ୍ରମା ସମୟରେ କୌଣସି ଭକ୍ତ ବା ଗୁହାରିଆଙ୍କ ଯେପରି କୌଣସି କ୍ଷତି ନ ହୁଏ ସେଥିପାଇଁ ପ୍ରଶାସନ, ସେବକ ଓ ପୋଲିସ ପକ୍ଷରୁ ଧ୍ୟାନ ଦିଆଯିବ ବୋଲି ସ୍ଥିର ହୋଇଥିଲା। ଯାତ୍ରୀମାନେ ଶାନ୍ତି ଶୃଙ୍ଖଳାର ସହିତ ଠାକୁରଙ୍କ ଦର୍ଶନ କରିବା ପାଇଁ ମନ୍ଦିର ସିଂହଦ୍ୱାରରେ ବ୍ୟାରିକେଡର ବ୍ୟବସ୍ଥା କରାଯିବ। ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ସହିତ ଅସ୍ଥାୟୀ ଭାବେ ୧୦ ଗୋଟି ଶୌଚାଳୟ ନିର୍ମାଣ କରାଯିବ। ଅପରାହ୍ନ ୩ଟାରୁ ଶରଣକୁଳ ଦେଇ ଯାଇଥିବା ୨୧ ନମ୍ବର ରାଜ୍ୟ ରାଜପଥରେ କୌଣସି ଯାନବାହନ ଯାତାୟାତ କରିପାରିବେ ନାହିଁ। ଏହି ସମୟରେ ନୟାଗଡ଼ ଆଡୁ ଆସୁଥିବା ଯାତ୍ରୀମାନେ ଦରପଦା ଛକଠାରୁ ଓ ଓଡ଼ଗାଁ ପଟୁ ଆସୁଥିବା ଯାତ୍ରୀମାନେ ଲକ୍ଷ୍ମୀ ବଜାରଠାରୁ ଚାଲି ଚାଲି ଆସିବେ। ଦରପଦା ଓଡ଼ଗାଁ ରାସ୍ତାରେ ଓ ନୂଆ ଜଗନ୍ନାଥ ସଡ଼କ ଦେଇ ଯାନବାହନଗୁଡ଼ିକ ଚଳାଚଳ କରିବ। ଭକ୍ତମାନଙ୍କ ସୁରକ୍ଷା ସହିତ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ବହୁସଂଖ୍ୟକ ସାଦା ପୋଷାକଧାରୀ ପୋଲିସ ମୁତୟନ ରହିବେ। ଶିବରାତ୍ରି ସମୟରେ ଉପୁଜୁଥିବା ବିଶୃଙ୍ଖଳା ଘଟଣାର ସମାଧାନ ପାଇଁ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ସଭ୍ୟ ସନ୍ନ୍ୟାସୀ ପ୍ରଧାନ, ଭାଗବତ ସେଠୀ, ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ସୁରେଶ ଚନ୍ଦ୍ର ମିଶ୍ର, ସୁବାସ ବରାଡଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ନବଦମ୍ପତିଙ୍କ ଚାରା ବଣ୍ଟନ ସହ ଅଙ୍ଗଦାନ ପାଇଁ ନିଷ୍ପତ୍ତି

**ଗଣିଆ,୨୩।୨(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ଅଞ୍ଚଳରେ ନିଜର ବିବାହ ଭୋଜିରେ ଅତିଥିମାନଙ୍କୁ ଚାରା ବାଣ୍ଟିବା ସହ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇ ଆଦର୍ଶ ସୃଷ୍ଟି କରିଛନ୍ତି ନବଦମ୍ପତି। ନବଦମ୍ପତି ହେଲେ ଗଣିଆ ବ୍ଲକ ବେଲପଡାପାଟଣା ପଞ୍ଚାୟତ ରାଉତପଡା ଗ୍ରାମର ଦେବରାଜ ମହାପାତ୍ରଙ୍କ ସାନପୁଅ ହରପ୍ରସାଦ ମହାପାତ୍ର ଓ କଟକ ଜିଲା ଆଠଗଡ ଅଞ୍ଚଳର ଧରଣୀଧର ମହାପାତ୍ରଙ୍କ ସାନଝିଅ ସୁପ୍ରିୟା ମହାପାତ୍ର। ଶୁକ୍ରବାର ଏହି ଦମ୍ପତିଙ୍କ ବିବାହ ଭୋଜି ଉତ୍ସବରେ ଯୋଗଦେବାକୁ ଆସିଥିବା ସମସ୍ତ ଅତିଥିଙ୍କୁ ଗୋଟିଏ ଲେଖାଏଁ ଫୁଲ ଓ ଫଳଗଛର ଚାରା ବଣ୍ଟନ କରିଥିଲେ। ଅଙ୍ଗଦାନ ଏକ ଜୀବନଦାନ । ଏହାକୁ ଏକ ମହତ୍‌କାର୍ଯ୍ୟ ବୋଲି ଚିନ୍ତା କରି ଏହି ଦମ୍ପତି କଟକସ୍ଥିତ ଲୋକସେବକ ମଣ୍ଡଳ ଅନୁଷ୍ଠାନକୁ ଉଭୟଙ୍କ ଅଙ୍ଗଦାନ ପାଇଁ ସ୍ୱୀକାରପତ୍ର ପ୍ରଦାନ କରିଥିଲେ। ପ୍ରକାଶଥାଉ କି, ହରପ୍ରସାଦ ଜଣେ ସାମାଜିକକର୍ମୀ ଭାବେ ବିଭିନ୍ନ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି । ବିଶେଷକରି ହରପ୍ରସାଦ ଛାତ୍ର ଜୀବନରୁ ରକ୍ତଦାନ, ଭାଷା ଆନ୍ଦୋଳନ ପରି ବହୁ ଉଲ୍ଲେଖନୀୟ କାର୍ଯ୍ୟ କରି ବିଭିନ୍ନ ଜିଲା ତଥା ରାଜ୍ୟ ସ୍ତରରେ ବେଶ୍ ପୁରସ୍କୃତ ହୋଇଛନ୍ତି । ତେବେ ସ୍ୱାମୀଙ୍କର ସମାଜସେବା ମନୋଭାବରେ ସୁପ୍ରିୟା ମଧ୍ୟ ନିଜକୁ ସାମିଲ କରି ବେଶ୍ ଆନନ୍ଦିତ ବୋଲି କହିଛନ୍ତି। ନବଦମ୍ପତିଙ୍କ ଏଭଳି ମହତ୍ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।



ନବଦମ୍ପତି ଜଣେ ଯୁବକଙ୍କୁ ଚାରା ପ୍ରଦାନ କରୁଛନ୍ତି।

■ କୁରାଳ ସମବାୟ ମିନି ବ୍ୟାଙ୍କ ଦୁର୍ନୀତି

# ଜମାକାରୀଙ୍କ ବ୍ୟାଙ୍କ ସମ୍ମୁଖରେ ଧାରଣା ୬ଷ୍ଠ ଦିନରେ

**ଓଡ଼ଗାଁ, ୨୩।୨(ସ୍ୱ.ପ୍ର.)**




ଧାରଣାରେ ବସିଥିବା ଜମାକାରୀଙ୍କ ସହ ଭାଜପା ନେତ୍ରୀ।

### ୭୦୦ ଜମାକାରୀଙ୍କ ୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହଡ଼ପ

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ କୁରାଳ ସେବା ସମବାୟ ସମିତି ଅଧୀନ ମିନି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାୟ ୭୦୦ ଜମାକାରୀଙ୍କ ୬ କୋଟିରୁ ଉର୍ଦ୍ଧ୍ୱ ଜମା ଟଙ୍କା ହଡ଼ପ ଭଳି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଜମାକାରୀଙ୍କୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ନେତା ତଥା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଭୁଆଁ ବୁଲାଇ ଆସିଥିବାରୁ ଜମାକାରୀମାନେ ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ୧୮ ତାରିଖଠାରୁ ଧାରଣା ଦେବା ସହିତ ବ୍ୟାଙ୍କକୁ ଆଦୌ ଖୋଲିବାକୁ ଦେଉନାହାନ୍ତି। ଶନିବାର ଧାରଣା ୬ଷ୍ଠ ଦିବସରେ ପହଞ୍ଚିଛି। ଫଳରେ ସପ୍ତାହ ବ୍ୟାପୀ ସମବାୟ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବା ଯୋଗୁ ଚାଷୀମାନେ ସେମାନଙ୍କ ଧାନ ବିକ୍ରି ଟଙ୍କା ଉଠାଇ ପାରୁନାହାନ୍ତି । ଏପରିସ୍ଥଳେ ସ୍ଥାନୀୟ ବିଧାୟକ ଧାରଣା ସ୍ଥଳରେ ପହଞ୍ଚି କିଛି ସମୟ ପାଇଁ ଆଶ୍ୱାସନା ଦେଇ ଚାଲିଯାଇଥିଲେ। ତେବେ ଏହାକୁ ଧାରଣାରତ ଜମାକାରୀମାନେ ସହଜରେ ଗ୍ରହଣ କରିପାରିନାହାନ୍ତି । ଅନ୍ୟପକ୍ଷେ ଜିଲା କଂଗ୍ରେସ କମିଟି ସଭାପତି ରଞ୍ଜିତ କୁମାର ଦାଶ ଓ ରାଜ୍ୟ ଭାଜପା ମହିଳା କାର୍ଯ୍ୟକାରିଣୀ ସଦସ୍ୟା ଇରାନୀ ରାୟ ମଧ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଜମାକାରୀ ସେମାନଙ୍କ ଜମା ଟଙ୍କା ଫେରି ପାଇବାକୁ ସେ ସବୁମତେ ଉଦ୍ୟମ କରିବେ ବୋଲି ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ କି, ଅଡିଟ ରିପୋର୍ଟ ଦିନେ ଦୁଇ ଦିନ ମଧ୍ୟରେ ଆସିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଜିଲା ଏଆର୍‌ସିଏସ୍ ଗଣମାଧ୍ୟମଙ୍କୁ ସୂଚନା ଦେଇଥିଲେ । ୧୬ ତାରିଖରେ ରାଜ୍ୟ ଅଡିଟର ଜେନେରାଲ କୋ-ଅପରେଟିଭ୍ ସୋସାଇଟିଜ୍, ଭରତ ଚନ୍ଦ୍ର ବେହେରା ୨ଜଣିଆ ସ୍ୱତନ୍ତ୍ର ଅଡିଟ୍ ଟିମ ଗଠନ କରିଥିବା ଜଣାଯାଇଛି । ଫୁଲବାଣୀରୁ ଏସ୍ ସଦାନନ୍ଦ ଏବଂ ବ୍ରହ୍ମପୁରରୁ ନଗେଶ ସାରଥୀ ଏହି ଯୁଗ୍ମ ଅଡିଟ୍ ଟିମ୍‌ରେ ରହିଥିବାବେଳେ ୩୦ଟି ମୁଖ୍ୟ କାର୍ଯ୍ୟ ଦିବସ ମଧ୍ୟରେ ସେମାନେ ଜମାକାରୀଙ୍କ ଜମାଟଙ୍କା, ଅଣ କୃଷିଋଣ, ସ୍ଥାୟୀ ଜମା ଆଦିର ପୁଙ୍ଖାନୁପୁଙ୍ଖ ଭାବେ ଅଡିଟ୍ କରିବେ ବୋଲି ଏଥିରେ ନିର୍ଦ୍ଦେଶ ରହିଛି । ହେଲେ ଏ ପର୍ଯ୍ୟନ୍ତ ଅଡିଟ୍ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଜମାକାରୀମାନେ ଅସନ୍ତୋଷ ପ୍ରକାଶ କରି ସେମାନଙ୍କୁ ଭୁଆଁ ବୁଲାଯାଇଛି ବୋଲି କହିଛନ୍ତି।

### କୁରାଳ ଫାଣ୍ଡି, ବିଟ୍ ହାଉସ୍ ଉଦ୍‌ଘାଟିତ

**ଓଡ଼ଗାଁ, ୨୩।୨(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ସର୍ବ ବୃହତ ଗ୍ରାମ ଭାବେ ପରିଚିତ କୁରାଳ ଗ୍ରାମ ପଞ୍ଚାୟତର ଏକ ଭଡ଼ା ଘରେ ଶନିବାର ପୋଲିସ ଫାଣ୍ଡି ବନାମ ବିଟ୍ ହାଉସ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଅରୁଣ କୁମାର ସାହୁ ଏହାକୁ ଉଦଘାଟନ କରିଥିବାବେଳେ ନୟାଗଡ ଜିଲାପାଳ ଡ. ଏନ୍.ତିରୁମଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ ଓ ଆଦର୍ଶ ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କୁରାଳ ପଞ୍ଚାୟତ ସହିତ ପାଣ୍ଡେରିପଡା, ଗିରିଡିପଲ୍ଲୀ ଓ ସୁନାମୁହିଁ ପଞ୍ଚାୟତର ଗ୍ରାମବାସୀ କୁରାଳ ଫାଣ୍ଡି ଦ୍ୱାରା ଉପକୃତ ହୋଇପାରିବେ। ଆଦର୍ଶ ଥାନା ପର୍ଯ୍ୟନ୍ତ ଆସିବା ବଦଳରେ ଅଭିଯୋଗକାରୀମାନେ ପାଖରେ ଥିବା ଫାଣ୍ଡି ଅଧିକାରୀଙ୍କ ନିକଟରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ । ପ୍ରାଥମିକ ପର୍ଯ୍ୟାୟରେ ଆଦର୍ଶ ଥାନାର ଜଣେ ପୋଲିସ ଅଧିକାରୀଙ୍କୁ ଫାଣ୍ଡି ଦାୟିତ୍ୱ ଦିଆଯାଇଥିବାବେଳେ ଜଣେ ହାବିଲଦାର ଓ ୨ ଜଣ କନ୍‌ଷ୍ଟେବଲ୍‌ଙ୍କୁ ନିଯୁକ୍ତି ଦିଆଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର

**ଗଣିଆ,୨୩।୨(ଡି.ଏନ.ଏ.)**

ଜିଲା ସ୍ୱାସ୍ଥ୍ୟ ସମିତି, ନୟାଗଡ ଆନୁକୂଲ୍ୟରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗଣିଆ ଅଞ୍ଚଳର ୪୩ଜଣ ମାନସିକ ଅନଗ୍ରସର ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍ ସ୍ନିଗ୍ଧାମୟୀ ମହାନ୍ତିଙ୍କ ନେତୃତ୍ୱରେ କଟକ ଏସ୍‌ସିବି ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଶାଶ୍ୱତୀ ସୁଚରିତା ପତି, କ୍ଲିନିକାଲ ଫିଜିଓଲୋଜିଷ୍ଟ ମନୀଷା ଦାଶ, ନୟାଗଡ ଜିଲା ମାନସିକ ରୋଗ ବିଭାଗର କାଉନ୍‌ସିଲର ସନ୍ଧ୍ୟାରାଣୀ ମହାପାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ମଧୁସୂଦନ ଦାଶଙ୍କ ସମେତ ଆଶାକର୍ମୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।




ଜଣେ ରୋଗୀଙ୍କୁ ପରୀକ୍ଷା କରାଯାଉଛି ।

# ନିର୍ମାଣ ହେବାକୁ ଥିବା କୋର୍ଟ ପରିଦର୍ଶନ କଲେ ଜିଲା ଦୌରାଜଜ୍

**ଭାପୁର,୨୩।୨(ଡି.ଏନ୍.ଏ.)**

ଭାପୁର ବ୍ଲକରେ ନିର୍ମାଣ ହେବାକୁ ଥିବା କୋର୍ଟ ପରିସର ବୁଲି ଦେଖିଲେ ନୟାଗଡ଼ ଜିଲା ଦୌରାଜଜ ଗୋପାଳ ଚନ୍ଦ୍ର ପଟ୍ଟନାୟକ। ଶନିବାର ଅପରାହ୍ନରେ ପଟ୍ଟନାୟକଙ୍କ ସହ ରେଜିଷ୍ଟ୍ରାର ନରୋତ୍ତମ ସେଠୀ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବିଡିଓ ଅନ୍ତର୍ଯାମୀ ଦାଶ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବରାଳ ମଧ ଉପସ୍ଥିତ ରହିଥିଲେ। ଏହି କୋର୍ଟ ଭାପୁର କଳାପଥର ବାଇପାସ୍ ରୋଡର ହନୁମାନ ମନ୍ଦିର ସମ୍ମୁଖରେ ନିର୍ମାଣ ହେଉଛି। କୋର୍ଟ ପରିସରରେ ଥିବା ୧୭୨୬ ଗୋଟି କାଜୁ, ୩୫ଟି ଶାଳ, ୧୩୨ଟି ଆକାଶିଆ ଓ ୧୫୦ଟି ଅନ୍ୟାନ୍ୟ ଗଛ କଟାଯିବାର ସମ୍ଭାବନା ରହିଛି। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ କୋର୍ଟର ନିଜସ୍ୱ କୋଠା ଓ କ୍ୱାର୍ଟର୍ସ ନିର୍ମାଣ ହେବ। ଏହି କୋର୍ଟ ନିର୍ମାଣ ହେଲେ ଭାପୁର ବ୍ଲକର ୨ ଲକ୍ଷ ଲୋକଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହୋଇପାରିବ। କୋର୍ଟର ନିର୍ମାଣକାର୍ଯ୍ୟ ଚାଲିବା ସହ ଅସ୍ଥାୟୀ ଭାବେ ଭାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କୋର୍ଟ ଆରମ୍ଭ ହେବ ବୋଲି ଜଣାପଡିଛି। ବିଚାରପତିଙ୍କ ପୋଷ୍ଟିଂ ସରିଲେ ଭାପୁରରେ ଏହି କୋର୍ଟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।



ପରିଦର୍ଶନରେ ଆସିଥିବା ଜିଲା ଦୌରାଜଜ୍ ଓ ଅନ୍ୟମାନେ।

■ ନୟାଗଡ଼ ଏନ୍‌ଏସି ହେଲା ମ୍ୟୁନିସିପାଲିଟି

# ଆଦର୍ଶ ମ୍ୟୁନିସିପାଲିଟିରେ ପରିଣତ କରିବାକୁ ଆହ୍ୱାନ

**ନୟାଗଡ଼ ଅଫିସ,୨୩।୨**

### ଧୁମ୍‌ଧାମରେ ପାଳନ କରାଗଲା ସ୍ୱାଗତ ଉତ୍ସବ




ବିଧାୟକ ଅରୁଣ ସାହୁ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ନୟାଗଡ଼ ଏନ୍‌ଏସି ହୋଇଛି ମ୍ୟୁନିସିପାଲିଟି। ବାଣ, ଆଲୋକ,ଫୁଲ ରୋଷଣିରେ ମ୍ୟୁନିସିପାଲିଟିକୁ ସ୍ୱାଗତ କରାଯାଇଛି। ଦୀର୍ଘ ୬୬ ବର୍ଷ ପରେ ଏନ୍‌ଏସି ମ୍ୟୁନିସିପାଲିଟି ହେବାରୁ ସହରବାସୀଙ୍କ ମନରେ ଉତ୍ସାହ ଭରିଯାଇଛି। ଶନିବାର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ବିଧାୟକ ଅରୁଣ କୁମାର ସାହୁ ଏନ୍‌ଏସି ପତାକାକୁ ଅବତରଣ କରି ପୌରପରିଷଦର ପତାକାକୁ ଉତ୍ତୋଳନ କରିଥିଲେ। ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ଏସି ମ୍ୟୁନିସିପାଲିଟି ହେବାରେ ଯେଉଁ ବ୍ୟକ୍ତି ବିଶେଷମାନଙ୍କର ଅବଦାନ ଥିଲା ସେ ବିଷୟରେ ସ୍ମରଣ କରାଇଥିଲେ। ବିଜୁ ପଟ୍ଟନାୟକ ନୟାଗଡ଼କୁ ଜିଲା ଭାବେ ଉପହାର ଦେଇଥିବା ବେଳେ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଏନ୍‌ଏସିକୁ ପରିବର୍ତ୍ତନ କରି ସହରବାସୀଙ୍କୁ ମ୍ୟୁନିସିପାଲିଟି ଉପହାର ଦେଇଛନ୍ତି। ଏହି ମ୍ୟୁନିସିପାଲିଟିକୁ ଆଦର୍ଶ ଭାବେ ଗଢ଼ି ତୋଳିବା ପାଇଁ ବିଧାୟକ ସାହୁ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସହରବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ମ୍ୟୁନିସିପାଲିଟି ହେବା ଦ୍ୱାରା ନଗର ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ଆସିବ ଓ ଏହାଦ୍ୱାରା ସହରର ଉନ୍ନତି ହେବ ବୋଲି ସେ ପ୍ରକାଶ କରିଥିଲେ। ଗୋଦାବରୀଶ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏନ୍‌ଏସି ମ୍ୟୁନିସିପାଲିଟି ହେବାରେ ପୂର୍ବତନ କାଉନ୍‌ସିଲର ପାରିଷଦବୃନ୍ଦ, କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହଯୋଗ ରହିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଧାୟକ ସାହୁ , ଜିଲାପାଳ ନାୟକ ଓ ମଞ୍ଚାସୀନ ଅତିଥିମାନଙ୍କୁ ୧୫୪ରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପୂର୍ବରୁ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରୁ ଏକ ବିରାଟ ଶୋଭାଯାତ୍ରା ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲା। ପ୍ରକାଶ ଯେ, ନୟାଗଡ଼ ଏନ୍‌ଏସିକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ମାସ ୧୧ ତାରିଖରେ ବିଧିବଦ୍ଧ ଭାବେ ମ୍ୟୁନିସିପାଲିଟି ଘୋଷଣା କରାଯାଇଥିଲା।